# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୩/୨୦୨୩ (୧୮ ପୃଷ୍ଠା) Bhubaneswar, Tuesday, June 13/2023 Page 18 ₹ 7.00

୪୯ଶ ଭାଗ ୧୯୮ ସଂଖ୍ୟା VOLUME 49 ISSUE 198 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul


# କୋୱିନ୍ ତଥ୍ୟ ପ୍ରଘଟ

**କୋଭିଡ-୧୯ ଟିକାକରଣ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ କୋୱିନ୍ ଆପ୍ ଜରିଆରେ ନାମ ପଞ୍ଜୀକରଣ ଉପରେ କେନ୍ଦ୍ର ସରକାର ଜୋର୍ ଦେଉଥିଲେ। ଭାକ୍ସିନ ନେବା ପାଇଁ ଆଧାର, ପାନ୍ କାର୍ଡ ଓ ପାସ୍‌ପୋର୍ଟ ଭଳି ସମ୍ବେଦନଶୀଳ ତଥ୍ୟ ସମ୍ବଳିତ ଦସ୍ତାବିଜ ଦାଖଲକୁ ବାଧ୍ୟତାମୂଳକ କରାଯାଇଥିଲା। ସେତେବେଳେ ଲୋକେ କରୋନା ଭୂତାଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ ନିଜର ନାମ, ଜନ୍ମ ତାରିଖ, ଫୋନ୍ ନମ୍ବର ଆଦି ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରୁଥିଲେ। ସେହି ଡେଟାର ବିବରଣୀ ଏବେ ମେସେଜିଂ ଆପ୍ 'ଟେଲିଗ୍ରାମ୍'ରେ ଉପଲବ୍ଧ। ଏହି ତଥ୍ୟର ଦୁରୁପଯୋଗ ହେବା ଆଶଙ୍କା ଥିବାରୁ ବିବାଦୀୟ ସ୍ଥିତି ଉପୁଜିଛି।**

## କୋଭିଡ୍ ଟିକା ପାଇଁ ଦିଆଯାଇଥିବା ଆଧାର, ପାନ୍ କାର୍ଡ ଡେଟା ସର୍ବସାଧାରଣରେ ପ୍ରକାଶ

ନୂଆଦିଲ୍ଲୀ, ୧୨।୬(ପି.ଟି.)

କୋୱିନ୍ ପ୍ଲାଟ୍‌ଫର୍ମରେ ଦିଆଯାଇଥିବା ଆଧାର ନମ୍ବର, ପାନ୍ କାର୍ଡ ଆଦି ବ୍ୟକ୍ତିଗତ ଡେଟା ସର୍ବସାଧାରଣରେ ପ୍ରଘଟ ହୋଇଛି।




ଭାରତୀୟମାନଙ୍କ ବ୍ୟକ୍ତିଗତ ତଥ୍ୟ ଯଥା ଆଧାର କାର୍ଡ ଓ ପାନ୍ କାର୍ଡ ବିବରଣୀ 'ଟେଲିଗ୍ରାମ୍' ମେସେଜିଂ ଆପ୍‌ରେ ଉପଲବ୍ଧ ହେଉଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖପାତ୍ର ସାକେତ୍ ଗୋଖଲେଙ୍କ ସମେତ କେତେଜଣ ବିରୋଧୀ ଦଳ ନେତା ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗୋଖଲେ ଟେଲିଗ୍ରାମ୍ ଚାଟ୍‌ବୋଟ ସହ ତାଙ୍କ କଥାବାର୍ତ୍ତାକୁ ଟୁଇଟ୍ କରିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି କାର୍ତ୍ତି ଚିଦାମ୍ବରମ୍ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ନାଗରିକଙ୍କ ପ୍ରିଭେସି ପ୍ରସଙ୍ଗକୁ ଅଣଦେଖା କରୁଥିବା ଅଭିଯୋଗ ଆଣି ଏହା ଉପରେ ଜବାବ ମାଗିଛନ୍ତି। କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଡେଟା ପ୍ରଘଟ ବିଷୟ ସ୍ୱୀକାର କରି କହିଛନ୍ତି, ଏହା ପୂର୍ବରୁ ଚୋରି ହୋଇଥିବା ତଥ୍ୟ।

ରିପୋର୍ଟ ଅନୁଯାୟୀ ଟିକାକରଣ ପାଇଁ କୋୱିନ୍ ପୋର୍ଟାଲରେ ମୋବାଇଲ ନମ୍ବର ପଞ୍ଜୀକରଣ ବେଳେ ଟେଲିଗ୍ରାମ୍ ବୋଟ୍ ଭାକ୍ସିନେଶନ ପାଇଁ ବ୍ୟବହୃତ ଆଇଡି କାର୍ଡର ନମ୍ବର ସହ ଟିକା ନେବାକୁ ଥିବା ବ୍ୟକ୍ତିଙ୍କ ଲିଙ୍ଗ, ଜନ୍ମ ବର୍ଷ, ଟିକାକରଣ କେନ୍ଦ୍ରର ନାମ ଏବଂ ସେ ଟିକାର କେଉଁ ଡୋଜ୍ ନେଉଛନ୍ତି, ତାହା ପ୍ରଘଟ କରିଦେଉଥିଲା। ☞ ପୃଷ୍ଠା-୪

# ବିକିଦେଲେ କିନ୍ତୁ ଟାଟା ପାରୁନି

## ବିଦ୍ୟୁତ୍ ବିଭ୍ରାଟକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ତାଗିଦ୍

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ରାଜ୍ୟବାସୀଙ୍କୁ ଉନ୍ନତମାନର ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଇଦେବା ପାଇଁ ଘରୋଇ କମ୍ପାନୀକୁ ଭରସା କରାଯାଉଛି। ଘରୋଇ ସଂସ୍ଥା ରିଲାଏନ୍ସ ଏନର୍ଜି ଲୁଟ୍ କରି ଛାଡ଼ି ଚାଲିଯିବା ପରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଏବେ ରାଜ୍ୟର ବିଦ୍ୟୁତ୍ ବଣ୍ଟନ ଭାର ଟାଟା ପାୱାର ହାତକୁ ଟେକି ଦେଇଛନ୍ତି। ରିଲାଏନ୍ସଠାରୁ ଧୋକା ଖାଇବା ପରେ ଓଇଆରସି ୨୦୨୦ ଜୁନ୍ ୧ରେ ଟାଟା ପାୱାରକୁ ସେସୁ ଏବଂ ୨୦୨୧ ଜାନୁୟାରୀ ପହିଲାରେ ୱେସ୍‌କୋ ଓ ସାଉଥ୍‌କୋକୁ ଚଳାଇବାକୁ ଅନୁମତି ଦେଇଛନ୍ତି। ବିଦ୍ୟୁତ୍ କାଟକୁ ଦେଖିଲେ ଟାଟା ପାୱାର ମଧ୍ୟ ହାତ ଟେକି ଦେଇ ବସିଛି। ଗରମଠାରୁ ବଳିଯାଇଛି ଅଘୋଷିତ ବିଦ୍ୟୁତ୍ କାଟ। ଗ୍ରାମାଞ୍ଚଳ କଥା ଦୂରେ ଥାଉ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଉନ୍ନତମାନର ବିଜୁଳି ମିଳିବା ସମ୍ଭବ ହୋଇପାରୁନି। ଉପଭୋକ୍ତାଙ୍କୁ ପୂର୍ବଭଳି ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ଭଳି ସମସ୍ୟାରେ ଘାଣ୍ଟି ହେବାକୁ ପଡୁଛି। ଘରୋଇ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି। ସ୍ମାର୍ଟ ମିଟର ଲଗାଇବା, ବିଲ୍ ଆଦାୟରେ ବ୍ୟସ୍ତ ଥିବା ଏହି ଘରୋଇ କମ୍ପାନୀ ବିଦ୍ୟୁତ୍ ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଶିକାର ହେଲେ ଯାତ୍ରୀ








'ଧରିତ୍ରୀ'ର ୫୦ ବର୍ଷ ପାଳନ ଉପଲକ୍ଷେ ସୋମବାର ଯାଜପୁର ରୋଡ୍ ସଂସ୍କୃତି ଭବନରେ ଆୟୋଜିତ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ଆଲୋଚନାଚକ୍ର ଅବସରରେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ, ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଅଧ୍ୟାପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାଶଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସୂର୍ଯ୍ୟକାନ୍ତ ଖିଲାର, ପ୍ରିୟାଂଶୁ ରଞ୍ଜନ ନାୟକ, ବିକାଶ ପରିଡ଼ା, ଶାନ୍ତା କୁମାରୀ ନନ୍ଦ, ସୌଭାଗ୍ୟଲକ୍ଷ୍ମୀ କର, କବିତା ରଣା, ଦେବରାଜ ନାୟକ ଏବଂ ସମ୍ବର୍ଦ୍ଧିତ ଖବରଦାତା ପ୍ରଦୀପ୍ତ ପୃଷ୍ଟି।

# ଜନମତ ଜାଗ୍ରତ କରାଇବାରେ ଗଣମାଧ୍ୟମର ଭୂମିକା ଅନନ୍ୟ


କାର୍ଯ୍ୟକ୍ରମ ଅବସରରେ ବ୍ୟାସନଗରବାସୀଙ୍କ ପକ୍ଷରୁ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯାଉଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବୀ ଓ ଜନସାଧାରଣ।



ମୁଖ୍ୟ ଅତିଥି ଆକାଶ ଦାସ ନାୟକ ଉଦ୍‌ବୋଧନ ଦେଉଛନ୍ତି।

ଯାଜପୁର ଅଫିସ/ଯାଜପୁର ରୋଡ୍(ଡି.ଏନ୍.ଏ.),୧୨।୬

ଗଣମାଧ୍ୟମ ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଯୁବପିଢ଼ିକୁ ଉଚିତ ମାର୍ଗଦର୍ଶନ କରିପାରିବ। କେବଳ ଗଣତନ୍ତ୍ର ନୁହେଁ, ଦୁନିଆକୁ ଆଗକୁ ନେବାରେ ଜନସାଧାରଣଙ୍କ ମଧ୍ୟରେ ମତ ଜାଗ୍ରତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ଓଡ଼ିଶା ସରକାରଙ୍କ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଆକାଶ ଦାସ ନାୟକ କହିଛନ୍ତି। ଆସନ୍ତା ନଭେମ୍ବର ୨୪ରେ ଧରିତ୍ରୀ ୫୦ ବର୍ଷରେ ପଦାର୍ପଣ କରିବା ପରିପ୍ରେକ୍ଷୀରେ ସୋମବାର ଯାଜପୁର ଜିଲା ବ୍ୟାସନଗର ସହରରେ ଅନୁଷ୍ଠିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ଆଜି ଗଣମାଧ୍ୟମ କେବଳ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ରହିନାହିଁ, ମତକୁ ଜଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଦକ୍ଷିଣ ଆଫ୍ରିକାରେ ମହାତ୍ମା ଗାନ୍ଧୀ ଉଠାଇଥିବା ସ୍ୱର ଏବଂ ଭିଏତ୍‌ନାମ୍ ଉପରେ ଆମେରିକାର ବର୍ବରତା ବନ୍ଦ ହେବା ପଛରେ ଗଣମାଧ୍ୟମ କିଭଳି ବଡ଼ ଭୂମିକା ନେଇଥିଲା ତାହା ଉପରେ ସେ ଆଲୋକପାତ କରିଛନ୍ତି। ଆଜିର ସ୍ଥିତିରେ ଯୁବପିଢ଼ି ନିଜଶକ୍ତି ଜାଣିବା ଦରକାର। ଉଚିତ ମାର୍ଗରେ ଯୁବଶକ୍ତି ପରିଚାଳିତ ହେଲେ ସାମାଜିକ ପରିବର୍ତ୍ତନ ଆସିପାରିବ ବୋଲି ନାୟକ କହିଛନ୍ତି। ଖବରକାଗଜକୁ ସମ୍ପୂର୍ଣ୍ଣ ମୂଲ୍ୟ ଦେଇ କିଣିପାରିଲେ ଜଣେ ନିରପେକ୍ଷ ଖବର ପାଇବ ବୋଲି ସେ କହିଛନ୍ତି। ଗଣତନ୍ତ୍ର ସମ୍ପର୍କରେ କହିବାକୁ ଯାଇ ସେ କହିଛନ୍ତି, ଆଜିର ସମୟରେ ଏହା ଆଘାତପ୍ରାପ୍ତ, ବିକ୍ଷିପ୍ତ। ଅନେକ ଭାବନ୍ତି ଭୋଟ ଦେଇଦେଲେ ଦାୟିତ୍ୱ ସରିଗଲା, ଭୋଟ ଦେବାକୁ ଅନେକେ ମଧ୍ୟ ଯାଆନ୍ତିନାହିଁ। ସେହିଦିନଟିକୁ ଛୁଟିଦିନ ବୋଲି ଭାବିଥାନ୍ତି। ସୁସ୍ଥ ଗଣତନ୍ତ୍ର ପାଇଁ ନାଗରିକ ଦାୟିତ୍ୱବାନ ହେବା ଦରକାର ଏବଂ ଭୋଟ ନ ଦେଲେ ସେହି ବ୍ୟକ୍ତିଙ୍କର ସମାଲୋଚନା କରିବାର ଅଧିକାର ନାହିଁ ବୋଲି ନାୟକ କହିଛନ୍ତି।

ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଆସନ୍ତା ନଭେମ୍ବର ୨୪ରେ ଧରିତ୍ରୀ ତା'ର ୫୦ ବର୍ଷ ଆରମ୍ଭ କରିବ। ସେଥିପାଇଁ ଆମେ ଧରିତ୍ରୀ ତରଫରୁ ଓଡ଼ିଶାର ପ୍ରତ୍ୟେକ ଜିଲାରେ ଯୁବପିଢ଼ିଙ୍କୁ ସାମିଲ କରି 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ବିଷୟରେ ଆଲୋଚନା କରିବାକୁ ଚାହୁଁଛୁ, ଯାହାଦ୍ୱାରା ଏ ଦେଶର ଭବିଷ୍ୟତକୁ କିଭଳି ଭାବେ ଗଢ଼ିବେ ସେନେଇ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେବ। ଧରିତ୍ରୀ ୫୦ ବର୍ଷ ଖାଲି ତିଷ୍ଠିକରି ରହିନି, ବରଂ ଗୋଟିଏ ଶକ୍ତିଶାଳୀ ସ୍ୱର ଭାବେ ରହିଛି ବୋଲି ସମ୍ପାଦକ ସତପଥୀ କହିଛନ୍ତି। ସେହିପରି ଖବରଦାତା ବନ୍ଧୁମାନଙ୍କ ନିଷ୍ଠା, ସଂଯମ ଆଚରଣ, ସାଧୁତା, ନିରପେକ୍ଷତା ଓ ସାମାଜିକ ପ୍ରତିବଦ୍ଧତା ରହିଲେ ଗଣମାଧ୍ୟମ ଲୋକମାନଙ୍କ ବିଶ୍ୱାସଭାଜନ ହୋଇପାରିବ ବୋଲି ସେ କହିଛନ୍ତି। ବ୍ୟାସନଗର ସ୍ୱୟଂଶାସିତ କଲେଜର ଇଂଲିଶ ବିଭାଗ ଅଧ୍ୟାପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଣତନ୍ତ୍ରର ଐତିହାସିକ ପୃଷ୍ଠଭୂମି, ଗଣମାଧ୍ୟମ ଓ ଯୁବଶକ୍ତି ଉପରେ ଆଲୋଚନା କରିଛନ୍ତି। ଧରିତ୍ରୀର ଯାଜପୁର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରାଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୁତିମୟୀ ଲତାଶା ମାଝି ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଅତିଥିମାନଙ୍କ ସହ ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ମା'ବିରଜା ଏବଂ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକଙ୍କ ପରିଚାଳନାରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ମେ' ୨୩ରେ ରଗଡ଼ି ସରକାରୀ ପଲିଟେକ୍‌ନିକ କଲେଜରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ମେକାନିକାଲ ବିଭାଗର ୪ର୍ଥ ସେମିଷ୍ଟର ଛାତ୍ର ସୂର୍ଯ୍ୟକାନ୍ତ ଖିଲାର ପ୍ରଥମ, ମାଇନିଂ ବିଭାଗର ୬ଷ୍ଠ ସେମିଷ୍ଟର ଛାତ୍ର ପ୍ରିୟାଂଶୁ ରଞ୍ଜନ ନାଗ ଦ୍ୱିତୀୟ ଓ ମେଟେରୋଲୋଜି ବିଭାଗର ଚତୁର୍ଥ ସେମିଷ୍ଟର ଛାତ୍ର ବିକାଶ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ସେହିପରି ଗତ ଜୁନ୍ ୬ରେ ବିଞ୍ଝାରପୁର ବରୁଣେଶ୍ୱର ମହାବିଦ୍ୟାଳୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଶାନ୍ତା କୁମାରୀ ନନ୍ଦ ପ୍ରଥମ, ଏନ୍‌ସି କଲେଜର ଛାତ୍ରୀ କବିତା ରଣା ଓ ବରୁଣେଶ୍ୱର କଲେଜର ଛାତ୍ରୀ ସୌଭାଗ୍ୟଲକ୍ଷ୍ମୀ କର ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଏନ୍‌ସି କଲେଜର ଛାତ୍ର ଦେବରାଜ ନାୟକ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ସେହିପରି ଧରିତ୍ରୀର ଚଣ୍ଡିଖୋଲ ଖବରଦାତା ପ୍ରଦୀପ୍ତି ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବ୍ୟାସନଗରବାସୀଙ୍କ ପକ୍ଷରୁ ଶ୍ରମିକ ନେତା ମାୟାଧର ନାୟକ, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ବିବେକାନନ୍ଦ ମହାନ୍ତି, ପ୍ରଫୁଲ୍ଲ ନାୟକ, ସଂଯୁକ୍ତା ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ପ୍ରମୁଖ ଧରିତ୍ରୀର ସମ୍ପାଦକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ରାଘୁଜୀ ଗୋସାଇଁଙ୍କ ଏକ ଫଟୋଚିତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ନାଗରିକ ସମ୍ବର୍ଦ୍ଧନା ଦେଇଥିଲେ। ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୁତିମୟୀ ଲତାଶା ମାଝିଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

# କ୍ରିକେଟ ଖେଳ ବେଳେ ଗୁଳିକାଣ୍ଡ

## ଅଳ୍ପକେ ବର୍ତ୍ତିଲେ ଯୁବକ, ୩ ଅଭିଯୁକ୍ତ ଫେରାର

ବିଶ୍ରା,୧୨।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବିଶ୍ରା ମିନି ଷ୍ଟାଡିୟମରେ କ୍ରିକେଟ ଖେଳକୁ ନେଇ ସୋମବାର ଗୁଳିକାଣ୍ଡ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ବିଶ୍ରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି।

ସୂଚନା ଅନୁସାରେ, ସୋମବାର ସକାଳେ ବିଶ୍ରା ମିନି ଷ୍ଟାଡିୟମରେ କ୍ରିକେଟ ମ୍ୟାଚ୍ ହେଉଥିଲା। ଆର୍.ଏସ୍. ଇଂରାଜୀ ସ୍କୁଲ ନିକଟରେ ରହୁଥିବା ଜରେଇକେଲା ନିବାସୀ ବିକି ସିଂ ମ୍ୟାଚ୍ ଦେଖିବା ପାଇଁ ଯାଇଥିଲେ। ସେଠାରେ ୩ଜଣ ଯୁବକ ଓ ବିକିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ସନ୍ଧ୍ୟାରେ ଉକ୍ତ ଯୁବକମାନେ ପୁଣି ସେଠାକୁ ଆସି ବିକିଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ଗୋଟିଏ ଗୁଳି କାନ୍ଥ ଏବଂ ଅନ୍ୟଟି ରାସ୍ତାରେ ବାଜିବାରୁ ସୌଭାଗ୍ୟବଶତଃ ବିକି ବର୍ତ୍ତିଯାଇଥିଲେ। ପରେ ଉକ୍ତ ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବିଶ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ପାଟ୍ରୋଲିଂକୁ କଡ଼ାକଡି କରିଛି। ଉକ୍ତ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ କହିଛି।

# ପଦୋନ୍ନତି ପ୍ରକ୍ରିୟାକୁ ପ୍ରାଥମିକ ଶିକ୍ଷକଙ୍କ ବିରୋଧ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକଙ୍କ ପାଇଁ ଓଟିଇଟି(୧) ଓ (୨)ର ଆବଶ୍ୟକତା ନ ଥିବାବେଳେ ଗ୍ରାଜୁଏଟ୍ ଶିକ୍ଷକମାନେ ପଦୋନ୍ନତି ପାଇବାରୁ ବଞ୍ଚିତ ହୋଇଥିବା ଅଲ୍ ଓଡ଼ିଶା ଏସ୍‌ସିଏସ୍‌ଟି ଶିକ୍ଷକ କଲ୍ୟାଣ ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସଂଘ ସଭାପତି ବଂଶୀଧର ନାଇକଙ୍କ କହିବାନୁସାରେ, ୨୦୧୯ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଏଲିମେଣ୍ଟାରୀ କ୍ୟାଡର ନିୟମ ପରିବର୍ତ୍ତନ କରାଯାଇଥିଲା। ଏହି ପରିବର୍ତ୍ତିତ ନିୟମାନୁଯାୟୀ, ୨୦୧୧ ମସିହା ପୂର୍ବରୁ ନିଯୁକ୍ତ ତଥା ବିଏ ଓ ବିଏସ୍‌ସି ପାସ୍ କରିଥିବା ଶିକ୍ଷକମାନଙ୍କୁ ବରିଷ୍ଠତା ଭିତ୍ତିରେ ଲେଭଲ-୪ ଗ୍ରାଜୁଏଟ୍ ଶିକ୍ଷକ ଭାବେ ପଦୋନ୍ନତି ପ୍ରଦାନ କରାଯାଇଥିଲା। ଏହି ଶିକ୍ଷକ ଓଟିଇଟି-୨ରେ ଉନ୍ନିତ ହୋଇ ନ ଥିବାରୁ ସେମାନଙ୍କୁ ଲେଭଲ୍-୩ ହେଡ୍‌ମାଷ୍ଟର ପଦୋନ୍ନତିରୁ ବଞ୍ଚିତ କରାଯାଇଛି। ଏହାକୁ ମହାସଂଘ ପକ୍ଷରୁ ବିରୋଧ କରାଯିବା ସହ ପୁନର୍ବିଚାର ପାଇଁ ଦାବି କରାଯାଇଛି।

# ମୁହଁରେ କଳାପଟି ବାନ୍ଧି ବେସରକାରୀ ଅଧ୍ୟାପକଙ୍କ ପ୍ରତିବାଦ

**ଭୁବନେଶ୍ୱର,୧୨।୬(ବ୍ୟୁରୋ):** ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ୨୦୦୮ ମସିହା ପରବର୍ତ୍ତୀ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ପାଇଁ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ପ୍ରାୟ ବର୍ଷ ଧରି ସଂଘ ପକ୍ଷରୁ ସ୍ଥାନୀୟ ଲୋୟର ପିଏମ୍‌ଜିରେ ଧାରଣା ଜାରି ରହିଥିବାବେଳେ ଆନ୍ଦୋଳନକାରୀମାନେ ସୋମବାର ମୁହଁରେ କଳାପଟି ବାନ୍ଧି ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ କହିବାନୁସାରେ ଦୀର୍ଘ ଦିନ ଧରି ଅଧ୍ୟାପକ ଓ କର୍ମଚାରୀ ଆନ୍ଦୋଳନ ଚଳାଇଆସୁଛନ୍ତି। ୧୦ରୁ ଅଧିକ ମହାସମାବେଶ, ଖବରଦାତା ସମ୍ମିଳନୀ, ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ, କଳବ୍ୟାଜ୍ ପରିଧାନ ପୂର୍ବକ ପ୍ରତିବାଦ, ଗୁରୁ ଦିବସକୁ କଳାଦିବସ ରୂପେ ପାଳନ ପୂର୍ବକ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ମାତ୍ର କୌଣସି ଫଳ ମିଳିନାହିଁ। ତେଣୁ ଆଗାମୀ ଦିନରେ ସଂଘ ଆଇନଅମାନ୍ୟ ଆନ୍ଦୋଳନ କରିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ୨୦୦୮ ମସିହା ପରବର୍ତ୍ତୀ ଅଧ୍ୟାପକ ଓ କର୍ମଚାରୀମାନେ ମୁହଁରେ କଳାପଟି ବାନ୍ଧି ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ରୂପାନ୍ତରଣ ହେବ କାନ୍ତକବିଙ୍କ ଜନ୍ମପୀଠ

**୫-ଟି ସଚିବଙ୍କ ଭଦ୍ରକ ଗସ୍ତ**

- ଚାଷୀ, ଜଳସେଚନ ସମସ୍ୟାକୁ ଗୁରୁତ୍ୱ
- ଆଖୁଆପଦାରେ ନିର୍ମାଣ ହେବ ବ୍ୟାରେଜ

ଚାନ୍ଦବାଲି/ବାସୁଦେବପୁର/ଧାମନଗର/ଭଣ୍ଡାରିପୋଖରୀ, ୧୨।୬ (ଡି.ଏନ.ଏ./ସ୍ୱ.ପ୍ର.)

୫-ଟି ସଚିବ ଭି. କେ. ପାଣ୍ଡିଆନ ଭଦ୍ରକ ଗସ୍ତ ଅବସରରେ ସୋମବାର ଦ୍ୱିତୀୟ ଦିନରେ ଚାନ୍ଦବାଲି, ବାସୁଦେବପୁର, ଧାମନଗର ଓ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମପୀଠର ରୂପାନ୍ତରଣ କରାଯିବା ନେଇ ସେ ଘୋଷଣା କରିଛନ୍ତି।

ପ୍ରଥମେ ମନ୍ତେଇ ନଦୀର ବାଂଶଡ଼ା ପୋଲ, ଚାନ୍ଦବାଲି ଇନ୍‌ଡୋର ଷ୍ଟାଡିୟମ ଓ ମେଗା ପାନୀୟଜଳ ପ୍ରକଳ୍ପ, ଚାନ୍ଦବାଲି ନାବିକ ପ୍ରଶିକ୍ଷଣ କେନ୍ଦ୍ର, ପର୍ଯ୍ୟଟନ ଜେଟି ଆଦି ୯ ସ୍ଥାନରେ ସମୀକ୍ଷା କରିଥିଲେ। ମା' କାଳୀଙ୍କୁ ଦର୍ଶନ ସହ କାଳୀପଡ଼ିଆରେ ଆୟୋଜିତ ମହିଳା ସମାବେଶରେ ଯୋଗଦେଇ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଠାରୁ ବାସୁଦେବପୁରର ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ, ବାସୁଦେବପୁର ଡାକ୍ତରଖାନା ପରିଦର୍ଶନ କରିଥିଲେ। ଅନୁଷ୍ଠିତ ସଭାରେ ଯୋଗଦେଇ ଜଳସେଚନ ଓ ଚାଷୀଙ୍କ ସମସ୍ୟାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଏଥିସହ ଅଞ୍ଚଳର ଧର୍ମାନୁଷ୍ଠାନର ଉନ୍ନତୀକରଣ ପାଇଁ ୭ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ ବୋଲି ସେ କହିଥିଲେ। ପରେ ମନ୍ଦାରୀସ୍ଥିତ ୫-ଟି ରୂପାନ୍ତରିତ ସ୍କୁଲ, ରକ୍ତତୀର୍ଥ ଇରମଠାରେ ଶହୀଦ ସମାଧିପୀଠ ଓ ସ୍ମୃତିସ୍ତମ୍ଭ ପରିଦର୍ଶନ କରିଥିଲେ। ସେଠାରେ ଶହୀଦଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ କରି ପୀଠର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପରେ ଧାମନଗରରେ ନିର୍ମାଣାଧୀନ ଇନ୍‌ଡୋର ଷ୍ଟାଡିୟମ, ସମନ୍ୱିତ ଭିତ୍ତିଭୂମି ପ୍ରତିଷ୍ଠାନ (ଆଇଆଇସି) ଜରାନିବାସ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମପୀଠ ଏହି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକ ତାଳପଦାର ଉଚ୍ଚକୋଟୀର ରୂପାନ୍ତରୀକରଣ କରାଯିବା ନେଇ ଘୋଷଣା କରିଛନ୍ତି। ଶେଷରେ ଭଣ୍ଡାରିପୋଖରୀରେ ମିଶନ ଶକ୍ତି ଷ୍ଟଲକୁ ବୁଲି ଦେଖିଥିଲେ। କେନ୍ଦୁଆପଦା ଓ ମଞ୍ଜୁରୀରୋଡ୍ ରେଳ ଓଭରବ୍ରିଜ କରାଯିବ। ଏଥିସହ ଆଖୁଆପଦାସ୍ଥିତ ବୈତରଣୀ ନଦୀ ଉପରେ ଯଥାଶୀଘ୍ର ବ୍ୟାରେଜ୍ ନିର୍ମାଣ ହେବ ଏବଂ ଏଥିନିମନ୍ତେ ୪ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯିବ ବୋଲି କହିଥିଲେ। ୫-ଟି ସଚିବଙ୍କ ଗସ୍ତ ସମୟରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନାଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ବାସୁଦେବପୁରରେ ସିଡିଏମ୍‌ଓଙ୍କ ସହ ଆଲୋଚନା କରୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ସଭାସ୍ଥଳରେ ଅସୁସ୍ଥ ହୋଇପଡ଼ିଲେ ୫ ମହିଳା

ବାସୁଦେବପୁର, ୧୨।୬ (ଡି.ଏନ.ଏ.)

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତ ପରିପ୍ରେକ୍ଷୀରେ ସୋମବାର ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପଡ଼ିଆରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମିଶନ ଶକ୍ତି ମହିଳାମାନଙ୍କୁ ନେଇ ସଭା ଚାଲିଥିଲା। ଏହି ସମୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ କାରଣରୁ ୫ଜଣ ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଶୁ ଚିକିତ୍ସା ପରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି। ସଭା ସ୍ଥଳରେ ଏକ ବୃହତ୍ ଟେଣ୍ଟ ସହ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ତେବେ ପ୍ରବଳ ଖରା ଓ ଗୁଳୁଗୁଳିରେ ଦୀର୍ଘସମୟ ଧରି ମହିଳାମାନେ ଅପେକ୍ଷା କରିଥିଲେ। ଖରା ସହି ନ ପାରି ମହିଳାମାନେ ଅସୁସ୍ଥ ହୋଇପଡ଼ିଥିବା ବାସୁଦେବପୁର ଡାକ୍ତରଖାନା ସୂତ୍ରରୁ ପ୍ରକାଶ।




# ୧୯ରୁ ଯୁକ୍ତ ୩ ନାମଲେଖା ଆବେଦନ

- ୬ ପର୍ଯ୍ୟାୟରେ ହେବ ନାମଲେଖା
- ଜୁଲାଇ ୧୪ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ +୩ କଳା, ବିଜ୍ଞାନ, ବାଣିଜ୍ୟ ଓ ସେଲ୍ଫ ଫାଇନାନ୍ସିଂରେ ନାମଲେଖା ପାଇଁ ଆସନ୍ତା ୧୯ ତାରିଖରୁ ଆବେଦନ ଆରମ୍ଭ ହେବ। ସେହିପରି କଟକସ୍ଥିତ ନ୍ୟାଶନାଲ ଲ' ୟୁନିଭର୍ସିଟିର ଆଇନରେ ସ୍ନାତକ ଓ ୩ଟି ଅନୁଷ୍ଠାନରେ ୪ ବର୍ଷିଆ ବିଏ.ବିଏଡ୍ ବା ବିଏସ୍‌ସି. ବିଏଡ୍‌ରେ ନାମଲେଖା ପାଇଁ ଆବେଦନ ମଧ୍ୟ ସାମ୍‌ସ ଇ-ଆଡ୍‌ମିଶନ ଜରିଆରେ ହେବ। ସାମ୍‌ସ ପୋର୍ଟାଲ www.samsodisha.gov.in ଜରିଆରେ ଛାତ୍ରୀଛାତ୍ର ଉକ୍ତଦିନ ଅପରାହ୍ନ ୨ଟାରୁ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ଜୁଲାଇ ୪ ରାତି ୧୧ଟା ୪୫ ଧାର୍ଯ୍ୟ କରାଯାଇଛି। ତେବେ ଜୁନ୍ ୨୧ରୁ ଜୁଲାଇ ୭ ମଧ୍ୟରେ ଛାତ୍ରୀଛାତ୍ରମାନେ ଆବେଦନ ତଥ୍ୟରେ ପରିବର୍ତ୍ତନ କରିପାରିବେ। କଟ୍‌ଅଫ୍ ମାର୍କ ଅନୁସାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧୪ ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ଜୁଲାଇ ୧୪ରୁ ୧୮ ମଧ୍ୟରେ ଅନ୍‌ଲାଇନ୍ ଦେୟ ପୈଠ କରିବେ ଓ ୧୫ ତାରିଖ କିମ୍ବା ୧୭ରୁ ୧୯ ଜୁଲାଇ ମଧ୍ୟରେ ନାମ ଲେଖାଇବା ପାଇଁ ଚୟନ କରିଥିବା କଲେଜରେ ପହଞ୍ଚି ରିପୋର୍ଟିଂ, ଡକ୍ୟୁମେଣ୍ଟ ଭେରିଫିକେଶନ ଆଦି ପ୍ରକ୍ରିୟା ସାରିବେ। ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ସଂକ୍ରାନ୍ତରେ କଲେଜ କର୍ତ୍ତୃପକ୍ଷ ଇ-ସ୍ପେସ୍‌ରେ ତଥ୍ୟ ରଖିବେ। ସେହିପରି ୨ୟ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୨୭ ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ଜୁଲାଇ ୨୭ରୁ ଅଗଷ୍ଟ ୧ ମଧ୍ୟରେ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ଦେୟ ପୈଠ କରିବେ। ଜୁଲାଇ ୨୯ ବା ୩୧ରୁ ଅଗଷ୍ଟ ୨ ମଧ୍ୟରେ ବାଛିଥିବା କଲେଜରେ ପହଞ୍ଚି ରିପୋର୍ଟିଂ ସାରିବେ। ଅଗଷ୍ଟ ୯ରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ସମ୍ପୃକ୍ତ ଛାତ୍ରୀଛାତ୍ର ଅଗଷ୍ଟ ୧୩ ତାରିଖ ସୁଦ୍ଧା ଅନ୍‌ଲାଇନ ଦେୟ ପୈଠ କରି ୧୦ରୁ ୧୪ ତାରିଖ ମଧ୍ୟରେ ଚୟନ କରିଥିବା କଲେଜରେ ପହଞ୍ଚି ସମସ୍ତ ପ୍ରକ୍ରିୟା ସାରିବେ। ଅଗଷ୍ଟ ୨୧ରେ ଚତୁର୍ଥ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୧ରୁ ୨୪ ତାରିଖ ମଧ୍ୟରେ ଦେୟ ପୈଠ କରିବା ସହ ୨୨ରୁ ୨୫ ତାରିଖ ମଧ୍ୟରେ ନିଜ କଲେଜରେ ଉପସ୍ଥିତ ରହି ନାମଲେଖା ପ୍ରକ୍ରିୟା ସାରିବେ। ସେପ୍ଟେମ୍ବର ୧ରେ ପଞ୍ଚମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇବ ଓ ୪ ତାରିଖ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଦେୟ ପୈଠ କରି ୨ରୁ ୫ ତାରିଖ ମଧ୍ୟରେ କଲେଜରେ ପହଞ୍ଚି ନାମଲେଖା ସଂକ୍ରାନ୍ତ ସମସ୍ତ ପ୍ରକ୍ରିୟା ସାରିବେ। ସେହିଭଳି ସେପ୍ଟେମ୍ବର ୧୩ରେ ଷଷ୍ଠ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ର ୧୩ରୁ ୧୬ ମଧ୍ୟରେ ଦେୟ ପୈଠ କରିବେ ଓ ୧୪ରୁ ୧୬ ତାରିଖ ମଧ୍ୟରେ କଲେଜରେ ପହଞ୍ଚି ଅନ୍ୟାନ୍ୟ ପ୍ରକ୍ରିୟା ପୂରଣ କରିବେ। ପ୍ରତ୍ୟେକ ଡିଗ୍ରୀ କଲେଜ କର୍ତ୍ତୃପକ୍ଷ ନିଜ କଲେଜରେ ନାମଲେଖାଇଥିବା ଛାତ୍ରୀଛାତ୍ରଙ୍କ ବିବରଣୀ ସହ ଖାଲିପଡ଼ିଥିବା ଆସନ ସମ୍ପର୍କରେ ଇ-ସ୍ପେସ୍‌ରେ ସୂଚନା ଦେବେ।

ସୂଚନାଯୋଗ୍ୟ, ୨୦୨୩-୨୪ ଶିକ୍ଷାବର୍ଷରେ ୧୦୪୨ କଲେଜର ୨ ଲକ୍ଷ ୭୦ହଜାର ୩୪୭ ସିଟ୍‌ରେ ନାମଲେଖା ହେବ। କଳା ବିଭାଗରେ ୧,୫୧,୯୦୨, ଫିଜିକାଲ ସାଇନ୍ସରେ ୪୬,୧୩୯, ବାୟୋଲୋଜିକାଲ ସାଇନ୍ସରେ ୨୮,୬୯୨, ବାଣିଜ୍ୟରେ ୩୨,୩୮୦, ସେଲ୍ଫ ଫାଇନାନ୍ସିଂରେ ୨,୦୮୬ ଓ ସଂସ୍କୃତରେ ୯,୧୪୮ ସିଟ୍ ରହିଛି।

# ଡ୍ରାଇଭରଙ୍କ ଦୁର୍ଘଟଣାଜନିତ ମୃତ୍ୟୁରେ ପରିବାରକୁ ମିଳିବ ୪ ଲକ୍ଷ

**ଗଠନ ହେଲା ଓଡ଼ିଶା ମୋଟର ଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ବୋର୍ଡ**

- ଗୁରୁତର ଆଘାତ ଲାଗିଲେ ୮୦ ହଜାର, ଅପଙ୍ଗ ହେଲେ ଦେଢ଼ ଲକ୍ଷ
- ସ୍ୱାଭାବିକ ମୃତ୍ୟୁ ଘଟିଲେ ମିଳିବ ୨ ଲକ୍ଷ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ଡ୍ରାଇଭରମାନଙ୍କ ଦାବି ପୂରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ଯୋଜନା-୨୦୨୩ର ଅନୁମୋଦନ ଏବଂ କଲ୍ୟାଣ ବୋର୍ଡ ଗଠନକୁ ସୋମବାର ସ୍ୱୀକୃତି ପ୍ରଦାନ କରିଛନ୍ତି। ସୋମବାର ସନ୍ଧ୍ୟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଯୋଜନାକୁ ଶୁଭାରମ୍ଭ କରି ପରିବହନ ମନ୍ତ୍ରୀ ଟୁକୁନି ସାହୁ ମୋଟରଯାନ ଚାଳକ ସଂଘର କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ମୋଟରଯାନ ଡ୍ରାଇଭର ଏବଂ ଅନ୍ୟାନ୍ୟ ମୋଟରଯାନ କର୍ମଚାରୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବୋର୍ଡକୁ ପ୍ରାରମ୍ଭିକ ଭାବେ ଅନୁଦାନ ପ୍ରଦାନ କରାଯିବ। ପରବର୍ତ୍ତୀ ସମୟରେ ବୋର୍ଡ ପଞ୍ଜୀକରଣ ଶୁଳ୍କ, ଯାନ ମାଲିକଙ୍କ ଅବଦାନ ଏବଂ ଅନ୍ୟାନ୍ୟ ଉତ୍ସରୁ ପାଣ୍ଠି ସଂଗ୍ରହ କରି ଏହି ଯୋଜନାକୁ ପରିଚାଳନା କରିବ ବୋଲି ସେ କହିଛନ୍ତି।

ଏହି ଯୋଜନାରେ ଦୁର୍ଘଟଣାଜନିତ ଡ୍ରାଇଭର/କର୍ମଚାରୀଙ୍କ ମୃତ୍ୟୁ ହେଲେ ସେ କ୍ଷେତ୍ରରେ ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କ ପାଇଁ ୪ ଲକ୍ଷ ଟଙ୍କା ସହାୟତା ରାଶି ସରକାର ପ୍ରଦାନ କରିବେ। ଦୁର୍ଘଟଣାରେ ଅତିଗଭୀର ଆଘାତ ହେଲେ ସେ କ୍ଷେତ୍ରରେ ୮୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ସେହିପରି ସ୍ଥାୟୀ ଭାବେ ଅକ୍ଷମତା ପାଇଁ ଡ୍ରାଇଭର କିମ୍ବା କର୍ମଚାରୀଙ୍କ ପାଇଁ ଦେଢ଼ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏଥି ସହିତ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନର ବ୍ୟବସ୍ଥା ରହିଛି। ମୋଟରଯାନ ଡ୍ରାଇଭର ଓ କର୍ମଚାରୀମାନେ ମଧ୍ୟ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା ଆଦିରେ ଯୋଗ୍ୟତା ଅନୁଯାୟୀ ଅନ୍ତର୍ଭୁକ୍ତ ହେବେ। ଏଥିପାଇଁ ଗଠିତ ହେବାକୁ ଥିବା କଲ୍ୟାଣ ବୋର୍ଡରେ ସରକାରୀ ସଦସ୍ୟଙ୍କ ସହିତ ମୋଟରଯାନ ଡ୍ରାଇଭର/କର୍ମଚାରୀମାନଙ୍କ ପ୍ରତିନିଧି ସଦସ୍ୟ ରହିବେ। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ମୋଟରଯାନ ଡ୍ରାଇଭର ଓ କର୍ମଚାରୀ ଉପକୃତ ହେବେ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଉପସ୍ଥିତ ଡ୍ରାଇଭର/କର୍ମଚାରୀ ସଂଘର କମକର୍ତ୍ତାଙ୍କୁ ସୂଚନା ଦେଇଛନ୍ତି। ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ସରକାରଙ୍କ ଏହି ନିଷ୍ପତ୍ତିରେ କିନ୍ତୁ ସଂଘ କାର୍ଯ୍ୟକର୍ତ୍ତାମାନେ ସେତେଟା ଖୁସି ନାହାନ୍ତି। କେନ୍ଦ୍ରାପଡ଼ା ଜିଲା ସଂଘର ଜଣେ ସଦସ୍ୟ କହିଛନ୍ତି, ୯ଟି ଦାବିରୁ ସରକାର ଗୋଟିଏ ହେଲେ ମାନି ନାହାନ୍ତି। ଡ୍ରାଇଭରଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ସରକାର ୪ ଲକ୍ଷ ଟଙ୍କା ଦେବେ ବୋଲି କହିଛନ୍ତି, ହେଲେ ରାଜ୍ୟରେ ଆମର ମୋଟ୍ ୬ ହଜାର ଡ୍ରାଇଭର ଭାଇ ଅଛନ୍ତି। ଆମେମାନେ ଯଦି ୧୦୦ ଟଙ୍କା ଲେଖା ଆଦାୟ କରିବୁ, ତେବେ ମୃତକଙ୍କ ପରିବାରକୁ ସଂଘ ୬ ଲକ୍ଷ ଟଙ୍କା ଦେଇପାରିବ। ଡ୍ରାଇଭରଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଆମର ଦାବି ରହିଥିଲା। ସେମାନେ ଅତି କମ୍‌ରେ ୫ ଲକ୍ଷ ଦେଇପାରି ଥାଆନ୍ତେ। ହେଲେ ସରକାର ଆମ କଥା କିଛି ଶୁଣିନାହାନ୍ତି। ଏନେଇ ସଂଘ ପକ୍ଷରୁ ଭୁବନେଶ୍ୱରଠାରେ ଏକ ବୈଠକ ବସି ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଡ୍ରାଇଭର ସଂଘ ମୋଟ୍ ୯ଟି ଦାବିକୁ ନେଇ ରାସ୍ତାକୁ ଓହ୍ଲାଇଥିଲା। ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବାରମ୍ବାର ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଥିବାବେଳେ ସେମାନଙ୍କ ସମସ୍ୟା ସମାଧାନ ଲାଗି ପ୍ରତିଶ୍ରୁତି ଦିଆଯାଇଥିଲା।

# ସମ୍ବଲପୁରରେ ୪୬.୧ ଡିଗ୍ରୀ

**ଗ୍ରୀଷ୍ମ ପ୍ରବାହରୁ ୧୭ ଯାଏ ନିସ୍ତାର ନାହିଁ**

**ଭୁବନେଶ୍ୱର, ୧୨।୬(ବ୍ୟୁରୋ):** ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଗୁଳୁଗୁଳି ଅଣନିଃଶ୍ୱାସୀ କରିଛି। ସକାଳ ୮ଟା ବେଳକୁ ପାରଦ ୩୮ ଡିଗ୍ରୀ ସେଲସିୟସରୁ ଟପି ଟପି ଯାଉଛି। ପୂର୍ବାହ୍ନ ୧୨ଟା ବେଳକୁ ୪୦ ପାର କରି ଯାଉଛି। ମଧ୍ୟାହ୍ନରେ ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀ ସେଲସିୟସକୁ ଟପି ଯାଇଛି। ସମ୍ବଲପୁର ଚଳିତବର୍ଷ ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୬.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସ୍ଥାନୀୟ ତାପମାତ୍ରା ହିସାବରେ ୨୦ ବର୍ଷର ରେକର୍ଡ ଭାଙ୍ଗିଛି। ୨୦୦୩ରେ ଏଠାରେ ୪୬ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ରାଜ୍ୟର ୩ଟି ସହର ୪୫ ଡିଗ୍ରୀ ଉପରେ ରହିଥିବା ବେଳେ ୭ଟି ସହରର ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସୋମବାର ହୀରାକୁଦର ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୫, ବରଗଡ଼ ୪୪.୯, ଭୁବନେଶ୍ୱର ୪୪.୩, ବଲାଙ୍ଗୀର ୪୪, ବୌଦ୍ଧ ୪୪, ଟିଟିଲାଗଡ଼ ୪୪, ନୟାଗଡ଼ ୪୪, ତାଳଚେର ୪୪, ଅନୁଗୋଳ ୪୩.୯, ଝାରସୁଗୁଡ଼ା ୪୩.୪, ରାଉରକେଲା ୪୩.୨, ଢେଙ୍କାନାଳ ୪୩.୨, କଟକ ୪୩.୨, ନୂଆପଡ଼ା ୪୩.୨, ଫୁଲବାଣୀ ୪୧.୫, ଭଦ୍ରକ ୪୧.୫, ରାୟଗଡ଼ା ୪୧.୫, ଭବାନୀପାଟଣା ୪୧, ମାଲକାନଗିରି ୪୧, କେନ୍ଦୁଝର ୪୦.୮, ଦେବଗଡ଼ ୪୦.୨, ବାରିପଦା ୪୦.୨, ପାରଳାଖେମୁଣ୍ଡି ୪୦ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ଯାଏ ରାଜ୍ୟର ଅଧିକାଂଶ ଭାଗରେ ପ୍ରବଳ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ) ଜାରି ରହିବ। ଜିଲାପାଳମାନଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥିସହିତ ଝଡ଼ବର୍ଷାରେ ହେଉଥିବା କ୍ଷତି ବିଷୟରେ ତୁରନ୍ତ ସରକାରଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୪୨ ପୌର ସଂସ୍ଥା ପାଇଁ ୧୮୩ କୋଟି ଅନୁମୋଦନ

**ମୁକ୍ତା ଯୋଜନା**

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ(ମୁକ୍ତା) ଯୋଜନାରେ ରାଜ୍ୟର ୧୦ଟି ଜିଲାରେ ଥିବା ୪୨ଟି ପୌରାଞ୍ଚଳ ପାଇଁ ୧୮୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେହି ଜିଲାଗୁଡିକ ହେଲା ଗଞ୍ଜାମ, ଗଜପତି, କଳାହାଣ୍ଡି, ନୂଆପଡା, କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି, କନ୍ଧମାଳ ଏବଂ ବୌଦ୍ଧ । ମୁକ୍ତା ଯୋଜନା ଅଧୀନରେ ଉକ୍ତ ପୌରାଞ୍ଚଳର ସମସ୍ତ ୱାର୍ଡର ବିକାଶ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ମୁକ୍ତା ଯୋଜନା ଅଧିନରେ କାର୍ଯ୍ୟକାରୀ ହେବାକୁ ଥିବା ସମସ୍ତ ଅନୁମୋଦିତ କାର୍ଯ୍ୟକ୍ରମ ମିଶନ ଶକ୍ତି ଗ୍ରୁପ ଦ୍ୱାରା କାର୍ଯ୍ୟକାରୀ ହେବ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜୁନ ୯ ତାରିଖରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ୪୨ଟି ପୌର ସଂସ୍ଥାର ଜନପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ସହରାଞ୍ଚଳର ଗରିବ ଶ୍ରମିକ ଓ ଅନ୍ୟ ରାଜ୍ୟକୁ ଚାଲିଯାଉଥିବା ଶ୍ରମିକମାନଙ୍କୁ ନିଯୁକ୍ତି ଦେବାକୁ ଏହି ଯୋଜନା ୨୦୨୦ ଏପ୍ରିଲ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା।

# ଲାଞ୍ଚ ନେଇ କନିଷ୍ଠ ଯନ୍ତ୍ରୀ ଗିରଫ

ନୂଆପଡ଼ା ଅଫିସ/ଖଡ଼ିଆଳ, ୧୨।୬(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ଦେବ ଚନ୍ଦନ ରାଉତ ସୋମବାର ଭିଜିଲାନ୍ସ ଦ୍ୱାରା ଧରାପଡ଼ିଛନ୍ତି। ତାଙ୍କୁ ଗିରଫ କରି ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ଖଡିଆଳ ଏନ୍‌ଏସି ୧୨ ନମ୍ବର ୱାର୍ଡର ସୁରୁଜ ରାଉତଙ୍କ ନାଁରେ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିଥିଲା। ଏହାର ଶେଷ ବିଲ୍ କରିବା ପାଇଁ ହିତାଧିକାରୀ କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ବାରମ୍ବାର ନେହୁରା ହୋଇଥିଲେ। ଏଥିପାଇଁ ଯନ୍ତ୍ରୀ ସୁରୁଜଙ୍କୁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସୁରୁଜ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ସୋମବାର ହିତାଧିକାରୀଙ୍କ ପୁଅ ପ୍ରେମାନନ୍ଦ ରାଉତ ଖଡିଆଳର ପୁରୁପଡା ପେଟ୍ରୋଲ ପମ୍ପ ହାଉସ ନିକଟରେ ଯନ୍ତ୍ରୀଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଉଥିଲେ। ଏହି ସମୟରେ ପୂର୍ବରୁ ଜଗିରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ଥିବା ୨୦ଟି ୫ଶହ ଟଙ୍କିଆ ନୋଟ ଜବତ ହୋଇଛି। କୋରାପୁଟ ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଛି। ଏ ନେଇ ଭିଜିଲାନ୍ସ ଏକ ମାମଲା (ନଂ.୧୭/୨୩) ରୁଜୁ କରିଛି।



ଗିରଫ କନିଷ୍ଠ ଯନ୍ତ୍ରୀ ଦେବ ଚନ୍ଦନ ରାଉତ।

# ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**



ପ୍ରଦୀପ କୁମାର ଚନ୍ଦ୍ରକାର

ନୂଆପଡ଼ା ଅଫିସ,୧୨।୬

ଭବାନୀପାଟଣା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କୋମନା ଶାଖା ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପ୍ରଦୀପ କୁମାର ଚନ୍ଦ୍ରକାରଙ୍କ ଘରେ ସୋମବାର ଭିଜିଲାନ୍ସ ଚଢାଉ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ନେଇ ଭବାନୀପାଟଣା ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଟିମ୍ କୋମନା ଶାଖା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସମେତ ବେଲଟୁକୁରିସ୍ଥିତ ୩ଟି ସ୍ଥାନରେ ଏକକାଳୀନ ଚଢାଉ କରାଯାଇଛି। ଚନ୍ଦ୍ରକାରଙ୍କୁ ଭବାନୀପାଟଣା ଭିଜିଲାନ୍ସ କୋର୍ଟକୁ ନିଆଯାଇଛି।

ପ୍ରାପ୍ତ ସୂଚନା ଅନୁସାରେ ବେଲଟୁକୁରି ଗାଁର ପ୍ରଦୀପ ଚନ୍ଦ୍ରକାର ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ କୋର୍ଟରେ ଏକ ମାମଲା ରୁଜୁ ହେବା ସହ ଚନ୍ଦ୍ରକାରଙ୍କ ନାମରେ ୱାରେଣ୍ଟ ଜାରି କରି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଉକ୍ତ ନିର୍ଦ୍ଦେଶ ଆଧାରରେ ଚନ୍ଦ୍ରକାରଙ୍କ ଗାଁ ବେଲଟୁକୁରିରେ ଥିବା ୨ ମହଲା କୋଠା, ୩ ହଜାର ବର୍ଗଫୁଟର ଏକ କୋଠା, ନୂତନ ଭାବେ ନିର୍ମାଣାଧୀନ କୋଠା ଓ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କୋମନା ଶାଖା କାର୍ଯ୍ୟାଳୟରେ ଏକକାଳୀନ ୪ଟି ସ୍ଥାନରେ ଚଢାଉ କରାଯାଇଛି। ଚନ୍ଦ୍ରକାରଙ୍କଠାରୁ ଗୋଟେ ଚାରିଚକିଆ କାର୍, ଗୋଟିଏ ଟ୍ରାକ୍ଟର, ଗୋଟେ ବାଇକ୍ ଜବତ କରାଯାଇଛି। ବର୍ତ୍ତମାନ ତଦନ୍ତ ଚାଲିଛି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଆକଳନ କରାଯାଇ ନାହିଁ। କୋଠା, ଜମି ପ୍ଲଟଗୁଡିକର ମାପ ଓ ମୂଲ୍ୟାଙ୍କନ ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ ଦ୍ୱାରା ପରିଚାଳିତ ହେଉଛି। ବ୍ୟାଙ୍କ ଓ ଡାକ ଜମା ଏବଂ ବୀମା ନୀତିରେ ବିନିଯୋଗ ଉପରେ ତଦନ୍ତ ଚାଲିଛି। କୋରାପୁଟ ଭିଜିଲାନ୍ସ ଡିଏସ୍‌ପିଙ୍କ ନେତୃତ୍ୱରେ ମାଲକାନଗିରି, କଳାହାଣ୍ଡି ଓ ନୂଆପଡା ଜିଲା ଭିଜିଲାନ୍ସ ବିଭାଗ ୩ଜଣ ଡିଏସ୍‌ପି ଓ ୩ଜଣ ଇନ୍ସପେକ୍ଟର ଏବଂ ଭିଜିଲାନ୍ସ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଚଢ଼ାଉ କରିଛି।



**ଆଜିର ମନ୍ତବ୍ୟ**

"ଯୋଗାଣ ଶୃଙ୍ଖଳରେ ବାଧା, ଦୀର୍ଘମିଆଦୀ ଋଣ ସଙ୍କଟ ଏବଂ ଇନ୍ଧନ, ଖାଦ୍ୟ ଓ ସାର ନିରାପତ୍ତା ଉପରେ ଚାପ କାରଣରୁ ବିଶ୍ୱ ଅର୍ଥନୀତି ସୁଧୁରିବାର ସମ୍ଭାବନା କ୍ଷୀଣ ହୋଇଛି।

– ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋରଡ଼େ ବୋବାଏ ବଣି**
**ସଉତୁଣୀ ଠେଇଁ ପକାଇଦେଲି**
**ଗୁହ କୁଳୁକୁଞ୍ଚା ପାଣି।**

ଦୁଇ ସଉତୁଣୀଙ୍କ ମଧ୍ୟରେ ଅହିନକୁଳ ସମ୍ପର୍କ ରହିଥାଏ। ସଉତୁଣୀ ଥିଲେ ଘରେ କଳହର ବାତାବରଣ ସୃଷ୍ଟି ହୁଏ। ପାଟିରେ ବିଷ୍ଠା କୁଳୁକୁଞ୍ଚା କରେ ପଛକେ, ସଉତୁଣୀ ଦେହରେ କିନ୍ତୁ ମଇଳା ପଡୁ ଭଳି କେହି କାହାକୁ ଦେଖି ସହି ନ ପାରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କେଡ଼େ ମଜା**
**ପାକୁଆ ପାଟିକି ଚାଉଳ ଭଜା।**

ସାଧାରଣତଃ ବୟସ ଅତ୍ୟଧିକ ହୋଇଗଲେ ଦାନ୍ତ ଝଡ଼ି ଯାଇଥାଏ। ଫଳରେ ଟାଣ ବା କଠିନ ଜିନିଷ ଚୋବେଇବା ଅସମ୍ଭବ ହୋଇଯାଇଥାଏ। ଚାଉଳ ଭଜା ବା ମୁଢ଼ି ଭଳି ଖାଦ୍ୟ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହୁଥିବା ସ୍ଥଳେ ପାକୁଆ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି ପରିହାସଭରା ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ପିଇଓଙ୍କୁ ତାଲା ପକାଇଲେ ସରପଞ୍ଚ



- କୌଣସି ଅଫିସ ରେକର୍ଡ ମାଗିଲେ ଦେଉନାହାନ୍ତି
- ଗ୍ରାମସଭା ନିଷ୍ପତ୍ତିକୁ ଉପେକ୍ଷା କରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରୁଛନ୍ତି
- ସରପଞ୍ଚ କୌଣସି ସରକାରୀ ଗାଇଡ୍‌ଲାଇନ ମାନୁନାହାନ୍ତି

ବୈପାରିଗୁଡ଼ା,୧୨।୬ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ା ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଛି। ସୋମବାର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଗୋକୁଳ ବିହାରୀ କାଡ୍ରାକାଙ୍କୁ ସରପଞ୍ଚ ତାଲା ପକାଇ ଦେଇଥିଲେ। ସେ ଅଫିସ୍‌ରେ ବସିଥିବା ବେଳେ ସରପଞ୍ଚ ସୂର୍ଯ୍ୟମଣି ନାୟକ ତାଙ୍କର କେତେକ ସମର୍ଥକଙ୍କ ସହ ସେଠାରେ ପହଞ୍ଚି ବାହାରପଟୁ ତାଲା ପକାଇ ଦେଇଥିଲେ। ଏହି ଖବର ପାଇବା ପରେ ବିଡିଓ ସେଠାରେ ପହଞ୍ଚି ସମ୍ପୃକ୍ତ ପିଇଓଙ୍କୁ ଉଦ୍ଧାର କରିଥିଲେ। ପିଇଓ ମନଇଚ୍ଛା କାର୍ଯ୍ୟ କରୁଥିବା, ଗ୍ରାମସଭା ନିଷ୍ପତ୍ତିକୁ ଉପେକ୍ଷା କରି ନିଜ ଇଚ୍ଛାରେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ନେଇ ସରପଞ୍ଚ ଅଭିଯୋଗ କରିଛନ୍ତି। ତାଙ୍କୁ କୌଣସ ଅଫିସ୍ ରେକର୍ଡ ମାଗିଲେ ଦେଖାଉ ନାହାନ୍ତି, ବାର୍ଦ୍ଧକ୍ୟ ଭତ୍ତା ରେଜିଷ୍ଟ୍ରର ମଧ ଦେଖାଉନାହାନ୍ତି, ତାଙ୍କ ଅନୁପସ୍ଥିତିରେ ଭତ୍ତା ଟଙ୍କା ବାଣ୍ଟିବା ଦାୟିତ୍ୱ ସରପଞ୍ଚଙ୍କୁ ଦେବା ବଦଳରେ ଯୋଗାଣ ସହାୟକଙ୍କୁ ଦେଉଛନ୍ତି ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି। ଏ ନେଇ ପିଇଓ କାଡ୍ରକାଙ୍କୁ ପଚାରିବାରୁ ସେ ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ସରପଞ୍ଚ କୌଣସି ସରକାରୀ ଗାଇଡ୍‌ଲାଇନ ମାନୁ ନ ଥିବା ସେ କହିଛନ୍ତି। ସୋମବାରର ଘଟଣା ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପିଇଓ ପ୍ରକାଶ କରିଛନ୍ତି।

# ସର୍ବଧର୍ମ ପ୍ରାର୍ଥନା, ଶ୍ରଦ୍ଧାଞ୍ଜଳି ସଭା

ବାହାନଗା,୧୨।୬(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଗତ ୨ ତାରିଖରେ ଘଟିଥିବା ଭୟଙ୍କର ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ଓ ଏକାଦଶାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାହାନଗା, ସୋର ଓ ବାଲେଶ୍ୱର ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରବିବାର ଦଶାହ ଅବସରରେ ଅନେକ ଲୋକ ମୁଣ୍ଡନ ହୋଇଥିବା ବେଳେ ସୋମବାର ଏକାଦଶାହରେ ସର୍ବଧର୍ମ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗ ଦେଇଥିଲେ। ଏଥିରେ ଶରତ ଚନ୍ଦ୍ର ରାଜ ସଭାପତିତ୍ୱ କରିଥିଲା ବେଳେ ମଞ୍ଚ ସଂଯୋଜନା କରିଥିଲେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ମହାପାତ୍ର। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଜେନା, ନୀଳାମ୍ବର ମହାଳିକ, ଶିଶିର ଅଗସ୍ତି, ମଧୁସୂଦନ ଶିଅଳ, ନାରାୟଣ ପଣ୍ଡା, ଜୟୀରାମ ଦାସ, ରବୀନ୍ଦ୍ର ଜେନା, ବ୍ୟୋମକେଶ ରାୟ, ତାପସ ପରିଡ଼ା, ଶୁଭେନ୍ଦୁ ମଙ୍ଗରାଜ, ସଞ୍ଜୀବ ମଲ୍ଲିକ, ଭ୍ରମରବର ନାୟକ, ଫକୀର୍ ଚରଣ ଦାସ, ଛାୟା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମୃତ ରେଳଯାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବାହାନଗା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ, ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ, ଅଖଣ୍ଡ ଗାୟତ୍ରୀ ମନ୍ତ୍ର ଜପ, ସାମୂହିକ ବେଦପାଠ, ଦୀପଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ସ୍ମୃତିଚାରଣ



ସର୍ବଧର୍ମ ପ୍ରାର୍ଥନା ସଭାରେ ଉପସ୍ଥିତ ଅତିଥିମାନେ।

# ଶକ୍ତି ମନ୍ତ୍ରୀଙ୍କ ସଭାରେ ପାୱାର କଟ୍

ବାହାନଗା/ବାଲେଶ୍ୱର ଅଫିସ,୧୨।୬(ଡି.ଏନ୍.ଏ.)

ରାଜ୍ୟରେ ବିଦ୍ୟୁତ୍ କାଟ ହେଉନାହିଁ ବୋଲି ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ଦୃଢ଼ୋକ୍ତି ପ୍ରକାଶ କରୁଥିବା ବେଳେ ସେ ନିଜେ ଉପସ୍ଥିତ ଥିବା ଏକ ସଭାରେ ବିଦ୍ୟୁତ୍ କାଟ୍ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ପ୍ରସଙ୍ଗକୁ ନେଇ ରାଜନୀତି ଜୋର ଧରିଛି। ବାଲେଶ୍ୱର ଜିଲା ବାହାନଗାଠାରେ ମୃତ ରେଳଯାତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଯୋଗଦେଇଥିଲେ। ସଭାକାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ବିଦ୍ୟୁତ୍ କାଟ ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ କରେଣ୍ଟ ଆସି ନ ଥିଲା। ଏହି ସମୟରେ ଜେନେରେଟର ବ୍ୟବହାର କରାଯାଇଥିଲା। ଶକ୍ତିମନ୍ତ୍ରୀ ସଭା କାର୍ଯ୍ୟକ୍ରମ ସାରି ଯିବା ସମୟରେ କରେଣ୍ଟ ଆସିଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ଶକ୍ତିମନ୍ତ୍ରୀଙ୍କ ମତାମତ ଜାଣିବାକୁ ଚାହିଁଥିଲେ ମଧ୍ୟ ସେ କିଛି ଉତ୍ତର ନ ଦେଇ ଚାଲିଯାଇଥିଲେ। ପାୱାର କଟ୍ ସମ୍ପର୍କରେ ବାହାନଗା ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ପଚାରିବାରୁ ସୋର ଗ୍ରୀଡ୍‌ରୁ ଲାଇନ୍ ଟ୍ରିପ୍ ହୋଇଯାଇଥିଲା । ଫଳରେ ୪୫ ମିନିଟ୍ ବିଦ୍ୟୁତ୍ କଟିଥିଲା। କୌଣସି ଉଦ୍ଦେଶ୍ୟ ରଖି ବିଦ୍ୟୁତ୍ କାଟ୍ ହୋଇ ନ ଥିଲା ବୋଲି ସେ କହିଛନ୍ତି।

# ବିମାନ ଯାତ୍ରାରେ ଜଳବାୟୁ ପରିବର୍ତ୍ତନ ବାଧକ

ଲଣ୍ଡନ, ୧୨।୬



ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାଣୀ ଜଗତ ପ୍ରଭାବିତ ହେବା ସହ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। କେବଳ ଏତିକି ନୁହେଁ, କ୍ଲାଇମେଟ୍ ଚେଞ୍ଜ ବିମାନଯାତ୍ରାରେ ମଧ୍ୟ ବାଧକ ସାଜିଲାଣି। ବ୍ରିଟେନ୍‌ସ୍ଥିତ ୟୁନିଭର୍ସିଟି ଅଫ୍ ରିଡିଂର ଗବେଷକଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁସାରେ, ଜଳବାୟୁ ପରିବର୍ତ୍ତନ ଯୋଗୁ ଆକାଶ ପଥରେ କ୍ଲିନ୍-ଏୟାର ଟର୍ବୁଲାନ୍ସ ତିଆରି ହୋଇଥାଏ, ଯାହାକି ବିମାନ ଉଡ଼ାଣରେ ବାଧା ସୃଷ୍ଟି କରିଥାଏ।

ଜଳବାୟୁ ପରିବର୍ତ୍ତନ ହେତୁ ସୃଷ୍ଟ କ୍ଲିନ୍-ଏୟାର ଟର୍ବୁଲାନ୍ସର ମାତ୍ରା ପ୍ରତ୍ୟେକ ରିଜିୟନ୍‌ରେ ବଢ଼ିଥିବା ଗବେଷକମାନେ ଲକ୍ଷ୍ୟ କରିଛନ୍ତି। ଅଧ୍ୟୟନ ସମ୍ପର୍କିତ ବିସ୍ତୃତ ବିବରଣୀ ଜିଓଫିଜିକାଲ ରିସର୍ଚ୍ଚ ଲେଟର୍ସ ଜର୍ନାଲରେ ପ୍ରଦାନ କରାଯାଇଛି। ଉତ୍ତର ଆଟଲାଣ୍ଟିକ୍ ବିଶ୍ୱର ସବୁଠୁ ବ୍ୟସ୍ତବହୁଳ ଆକାଶମାର୍ଗ। ୧୯୭୯ରେ ୧୭.୭ ଘଣ୍ଟା ଏବଂ ୨୦୨୦ରେ ୨୭.୪ ଘଣ୍ଟା ମଧ୍ୟରେ ବଡ଼ଧରଣର ଟର୍ବୁଲାନ୍ସ ମାତ୍ରା ୫୫% ବୃଦ୍ଧି ପାଇଛି। ସେହିପରି ୭୦.୦ରୁ ୯୬.୧ ଘଣ୍ଟା ମଧ୍ୟରେ ମଧ୍ୟମଧରଣର ଟର୍ବୁଲାନ୍ସ ମାତ୍ରା ୩୭% ବଢ଼ିଥିବାବେଳେ ସାଧାରଣ ବା କମ୍ ପ୍ରଭାବୀ ଟର୍ବୁଲାନ୍ସ ମାତ୍ରା ୪୬୬.୫ରୁ ୫୪୬.୮ ଘଣ୍ଟାରେ ୧୭% ବଢ଼ିଥିବା ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହିପରି ଭାବେ କ୍ରମାଗତ ଟର୍ବୁଲାନ୍ସ ବଢ଼ିବାର ମୁଖ୍ୟ କାରଣ ଜଳବାୟୁ ପରିବର୍ତ୍ତନ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁ ନିଷ୍କ୍ରିୟ ଅଙ୍ଗାରକାମ୍ଳରୁ କ୍ଲିନ୍-ଏୟାର ଟର୍ବୁଲାନ୍ସ ସୃଷ୍ଟି ହୋଇଥାଏ। ଫଳରେ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୁଏ। ଏଥିଲାଗି ବିମାନ ଦୁର୍ଘଟଣା ଆଶଙ୍କା ମଧ୍ୟ ବଢ଼ିଯାଏ। ଗତ ୪୦ ବର୍ଷ ତୁଳନାରେ ବର୍ତ୍ତମାନ ଟର୍ବୁଲାନ୍ସ ମାତ୍ରା ବଢ଼ିଛି। ଆଗକୁ ସମାନ ସ୍ଥିତି ରହିଲେ ଲୋକଙ୍କ ପକ୍ଷେ ବିମାନଯାତ୍ରା କରିବା ଜଟିଳ ହୋଇପଡ଼ିବ। ଏପ୍ରକାର ସମସ୍ୟାକୁ ଏଡ଼ାଇବା ଲାଗି ଟର୍ବୁଲାନ୍ସ ଫୋରକାଷ୍ଟିଂ ପାଇଁ ଯୋଜନା ପ୍ରସ୍ତୁତ କରିବା ଜରୁରୀ ବୋଲି ୟୁନିଭର୍ସିଟି ଅଫ୍ ରିଡିଂର ଆଟମୋସ୍ଫିଅରିକ୍ ସାଇଣ୍ଟିଷ୍ଟ ପ୍ରଫେସର ପଲ ୱିଲିୟମ୍ସ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## କୋୱିନ୍ ତଥ୍ୟ...

ଲିକ୍ କୋୱିନ୍ ଡେଟାବେସ୍‌ରୁ ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରୁଥିବା ଟେଲିଗ୍ରାମ ବୋଟ୍‌ର ଡେଭେଲପରମାନେ ତାକୁ ବନ୍ଦ କରିଦେଇଛନ୍ତି। ମାଲାୟାଲମ୍ ଖବରକାଗଜ 'ମନୋରମା'ରେ ଏସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଡେଭେଲପରମାନେ ଏଭଳି ପଦକ୍ଷେପ ନେଇଛନ୍ତି। କୋୱିନ୍ ଆପ୍ ସ୍କ୍ରିନ୍‌ଶଟ୍‌ର ତଥ୍ୟ ଲିକ୍‌ରେ ଅସଙ୍ଗତି ଦେଖାଦେଇଥିବା ସରକାରୀ ଅଧିକାରୀମାନେ ମଧ ଜାଣିବାକୁ ପାଇଛନ୍ତି। କୋୱିନ୍ ଆପ୍ ହ୍ୟାକିଂ ଅଭିଯୋଗକୁ ସେମାନେ ଖଣ୍ଡନ କରିବା ସହ ଅନଧିକୃତ ଭାବେ ଏହି ଆପ୍ ଆକ୍ସେସ୍ ହୋଇଛି କି ନାହିଁ ତାହାର ତଦନ୍ତ କରାଯାଉଛି ବୋଲି କହିଛନ୍ତି। ମାଲାୟାଲମ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଡେଟା ଲିକ୍‌ର ଶିକାର ହୋଇଥିବା ଲୋକଙ୍କ ମଧ୍ୟରୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଅନ୍ୟତମ। ଭୂଷଣଙ୍କ ଫୋନ୍ ନମ୍ବରକୁ ଟେଲିଗ୍ରାମ୍ ଆପ୍‌ରେ ଏଣ୍ଟର କରାଇଲେ, ଆଧାର ନମ୍ବରର ଶେଷ ୪ଟି ଅଙ୍କ ସହ ଜନ୍ମ ତାରିଖ ସ୍ୱତଃ ପ୍ରକାଶ ପାଇଯାଉଛି। ତାଙ୍କ ସ୍ତ୍ରୀ ତଥା ଉତ୍ତରାଖଣ୍ଡ ବିଧାୟିକା ରିତୁ ଖଣ୍ଡୁରୀଙ୍କର ମଧ ଅନୁରୂପ ଭାବେ ତଥ୍ୟ ପ୍ରଘଟ ହେଉଛି। ବ୍ୟକ୍ତିଗତ ତଥ୍ୟ ଲିକ୍‌ର ଶିକାର ହୋଇଥିବା ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି, କୋୱିନ୍ ହାଇପାୱାର ପ୍ୟାନେଲର ଅଧକ୍ଷ ରାମସେବକ ଶର୍ମା, କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍, ଟିଏମ୍‌ସି ନେତା ଡେରେକ୍ ଓ'ବ୍ରିଏନ୍, ସାମ୍ବାଦିକ ରାଜଦୀପ୍ ସର୍‌ଦେଶାଇ, ବର୍ଖା ଦତ୍ତ ପ୍ରମୁଖ। ରିପୋର୍ଟ ଅନୁଯାୟୀ ୨୦୨୧ରେ କୋୱିନ୍ ପୋର୍ଟାଲ ହ୍ୟାକ୍ ହୋଇଥିଲା। ଫଳରେ ୧୫ କୋଟି ଲୋକଙ୍କ ଡେଟାବେସ୍ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ତେବେ ଉକ୍ତ ଅଭିଯୋଗକୁ ସାଇବର ସିକ୍ୟୁରିଟି ଗବେଷକମାନେ ଖଣ୍ଡନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍.ଏସ୍. ଶର୍ମା ଗତ ଜାନୁୟାରୀରେ କହିଥିଲେ, କୋୱିନ୍‌ରେ ଅତ୍ୟାଧୁନିକ ସୁରକ୍ଷା ଭିତ୍ତିଭୂମି ରହିଛି, ଯାହା କେବେ ସୁରକ୍ଷା ଉଲ୍ଲଂଘନର ସମ୍ମୁଖୀନ ହେବ ନାହିଁ। ଆମ ନାଗରିକମାନଙ୍କ ଡେଟା ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ସେ କହିଥିଲେ।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି, କୋୱିନ୍ ଆପ୍ କିମ୍ବା ଡେଟାବେସ୍‌ରୁ ସିଧାସଳଖ ତଥ୍ୟ ପ୍ରଘଟ ହୋଇ ନାହିଁ। ଏହା ପୁରୁଣା ଡେଟା, ଯାହାକି ପୂର୍ବରୁ ଚୋରି ହୋଇଥାଇପାରେ। ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍‌ଟି-ଇନ୍) ତୁରନ୍ତ ଏହାର ଜବାବ ଦେବା ସହ ଘଟଣାର ସମୀକ୍ଷା କରୁଥିବା ଆଇଟି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

### ବିଚାର ବିଭାଗୀୟ ତଦନ୍ତ ଦାବିକଲା କଂଗ୍ରେସ

କୋୱିନ୍ ପ୍ଲାଟ୍‌ଫର୍ମରେ ଭାରତୀୟମାନଙ୍କ ଡେଟା ଲିକ୍ ହୋଇଥିବାରୁ ସେମାନଙ୍କ ପ୍ରିଭେସି ପ୍ରତି ବିପଦ ସୃଷ୍ଟି ହୋଇଥିବା ଦର୍ଶାଇ ଏହାର ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ଦାବି କରିଛି କଂଗ୍ରେସ। କଂଗ୍ରେସ ସାଧାରଣ ସମ୍ପାଦକ (ସଙ୍ଗଠନ) କେ.ସି. ବେଣୁଗୋପାଳ କହିଛନ୍ତି, ସରକାରଙ୍କ ଦାୟିତ୍ୱ ହେଉଛି ନାଗରିକଙ୍କ ପ୍ରିଭେସିକୁ ସୁରକ୍ଷା ଦେବା। ଏଥିସହ ଯେଉଁ ତଥ୍ୟ ଆଉ ଆବଶ୍ୟକ ନୁହେଁ ତାକୁ ମଧ ସରକାର ନଷ୍ଟ କରିଦେବା ଜରୁରୀ। କୋୱିନ୍ ଜରିଆରେ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ପରିଚାଳନା ଦିଗରେ କେନ୍ଦ୍ର କିଛି ପଦକ୍ଷେପ ନେଇନାହିଁ। ଏହି ସରକାର ଉପରେ କୌଣସି ନାଗରିକ ଭରସା କରିପାରିବେ ନାହିଁ। କେନ୍ଦ୍ର ଏହାର ନ୍ୟାୟିକ ତଦନ୍ତ କରାଉ ବୋଲି ବେଣୁଗୋପାଳ ଦାବି କରିଛନ୍ତି।

## ବିକିଦେଲେ କିନ୍ତୁ...

ଯୋଗାଣରେ ଫେଲ୍ ମାରିଛି ବୋଲି ବିଦ୍ୟୁତ୍ ଶ୍ରମିକ ମହାସଂଘ ଅଭିଯୋଗ କରିଛି। ବିଦ୍ୟୁତ୍ ବିଭ୍ରାଟକୁ ନେଇ ସମଗ୍ର ରାଜ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସୋମବାର ଲୋକସେବା ଭବନରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ସିଇଓଙ୍କୁ ଡାକି ତାଗିଦ୍ କରିଛନ୍ତି। ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ଏବଂ ଶୀଘ୍ର ପୁନରୁଦ୍ଧାର ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଡିସକମ୍‌ଗୁଡ଼ିକ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିବ, ଏହାଦ୍ୱାରା ବିଦ୍ୟୁତ୍ ବିଭ୍ରାଟ ହେବାର ଆଶଙ୍କା ରହିଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି। ବିଜ୍‌ନେସ୍ ଆସୋସିଏଟ୍ସ ଦ୍ୱାରା ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ଡିସକମ୍ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଚଳାଇବା ଆବଶ୍ୟକ। ପର୍ଯ୍ୟାପ୍ତ ମାନବସମ୍ବଳ ଏବଂ ଉପକରଣ ଯଥା ପୋଲ୍ ଇରେକ୍ଟର/ ପୋଲ୍ ମାଷ୍ଟର, ଡିଜି ସେଟ୍, ଇନଫ୍ଲେଟେବଲ୍ ଟାୱାର ଲାଇଟ୍ ଇତ୍ୟାଦି କାର୍ଯ୍ୟ ପାଇଁ ପାଳିରେ ଡ୍ୟୁଟି କରିବା ଆବଶ୍ୟକ। ବଣ୍ଟନକମ୍ପାନୀରେ ରହିଥିବା ଡିଭିଜନ, ସବ୍‌ଡିଭିଜନଏବଂ ସେକ୍ସନଗୁଡ଼ିକର କାର୍ଯ୍ୟଦକ୍ଷତା ନିୟମିତ ଭାବେ ତଦାରଖ କରାଯିବା ସହ ବ୍ୟବସ୍ଥାରେ ଥିବା ଅକ୍ଷମତାକୁ ଦୂର କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ସମସ୍ୟା ଥିଲେ ଉପଭୋକ୍ତାଙ୍କୁ ଆଗୁଆ ସୂଚନା ଦେବା ଦରକାର। ତେବେ ଏଭଳି ପରିସ୍ଥିତିକୁ ଏଡ଼ାଇବା ସହ ସର୍ବନିମ୍ନ ସ୍ତରକୁ ହ୍ରାସ କରାଯିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି।

ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, ପ୍ରାକ୍ ମୌସୁମୀ ଗଛ କାଟିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶକ୍ତି ବିଭାଗ ଡିସକମ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛି; ଯାହାଦ୍ୱାରା ବାତ୍ୟା ଓ କାଳବୈଶାଖୀଜନିତ କ୍ଷୟକ୍ଷତିକୁ କମ୍ କରାଯାଇପାରିବ। ଉପକୂଳବର୍ତ୍ତୀ ଅଞ୍ଚଳରେ ଉନ୍ନତମାନର ଇନସ୍ୟୁଲେଟର ଲଗାଇବା ଏବଂ କ୍ଷତିଗ୍ରସ୍ତ ଇନସ୍ୟୁଲେଟରଗୁଡ଼ିକୁ ବଦଳାଇବାକୁ ଡିସକମ୍‌ଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ପ୍ରବଳ ଗରମ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ଯୋଜନା ଅନୁଯାୟୀ ବିଭିନ୍ନ କାର୍ଯ୍ୟକଳାପକୁ ସୁନିଶ୍ଚିତ କରିବାକୁ ଡିସକମ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଆସନ୍ତା ୧୫ ବର୍ଷର ବିଦ୍ୟୁତ୍ ଚାହିଦା ଅଭିବୃଦ୍ଧି ଓ ଶିଳ୍ପାୟନ ପାଇଁ ଦୀର୍ଘମିଆଦୀ ଟ୍ରାନ୍ସମିଶନ୍ ଆଣ୍ଡ ଡିଷ୍ଟ୍ରିବ୍ୟୁଶନ୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ଓପିଟିସିଏଲ୍ ଓ ବଣ୍ଟନ କମ୍ପାନୀଗୁଡ଼ିକୁ ପରାମର୍ଶ ଦିଆଯାଇଛି। ବାର୍ଷିକ କ୍ୟାପେକ୍ସ ଯୋଜନା ପରିବର୍ତ୍ତେ ଡିସକମ୍‌ମାନଙ୍କୁ ୩ରୁ ୫ ବର୍ଷ ପାଇଁ କ୍ୟାପେକ୍ସ ପ୍ଲାନ୍ ଦାଖଲ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଭୁବନେଶ୍ୱର, କଟକ, ପୁରୀ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଆଦି ମହାନଗର ନିଗମ ଓ ପୌରାଞ୍ଚଳ ଆଦି ସମେତ ଗ୍ରାମାଞ୍ଚଳରେ ମଧ ଲୋଡ୍ ଅଭିବୃଦ୍ଧିକୁ ପୂରଣ କରିବା ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ଡିସକମ୍‌ଗୁଡ଼ିକୁ ପରାମର୍ଶ ଦିଆଯାଇଛି।

ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ମାନବ ସମ୍ବଳ ଏବଂ ସାମଗ୍ରୀ ସଂଗ୍ରହ ବିଷୟରେ ବଣ୍ଟନ କମ୍ପାନୀ ସିଇଓମାନେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ସୋସିଆଲ ମିଡିଆରେ ଗ୍ରାହକଙ୍କ ଅଭିଯୋଗର ଉତ୍ତର ଦେବା ପାଇଁ ନିୟୋଜିତ କଷ୍ଟମର କଲ୍ ସେଣ୍ଟର ଏବଂ ଉତ୍ସର୍ଗୀକୃତ ଟିମ୍‌ର କ୍ଷମତା ବୃଦ୍ଧି କରାଯାଇଛି। ତେବେ ଭିତ୍ତିଭୂମି ଉନ୍ନତି ପାଇଁ କ୍ୟାପେକ୍ସ ପ୍ରସ୍ତାବ ଅନୁମୋଦନରେ ବିଳମ୍ବ ହେଉଥିବା ସିଇଓମାନେ ବୈଠକରେ ଅବଗତ କରାଇଥିଲେ। କ୍ୟାପେକ୍ସ ଯୋଜନା ଅଧୀନରେ ବିଭିନ୍ନ ସିଷ୍ଟମ୍ ଉନ୍ନତି କାର୍ଯ୍ୟ କରିବାକୁ ଦିଆଯାଇଥିବା ପ୍ରସ୍ତାବକୁ ଓଇଆରସି ଏହାକୁ ତତ୍ପରତାର ସହ ଆବଶ୍ୟକ ଅନୁମୋଦନ କରିବା ପାଇଁ ଅନୁରୋଧ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହୋତ୍ସବ ଅବସରରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ସୁନିଶ୍ଚିତ କରିବାକୁ ଡିସକମ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଓଇଆର୍‌ସିର ନିର୍ଦ୍ଦେଶକ(ନିୟାମକ), ଡିସକମ୍ ମୁଖ୍ୟ ନିର୍ବାହୀ ଅଧିକାରୀ ଏବଂ ମୁଖ୍ୟ ଅପରେଟିଂ ଅଫିସର, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଏବଂ ନିର୍ଦ୍ଦେଶକ (ଫାଇନାନ୍ସ ଓ କର୍ପୋରେଟ୍ ବ୍ୟାପାର) ପ୍ରମୁଖ ଯୋଗଦେଇଥିଲେ।

### ବିଦ୍ୟୁତ୍ ଯୋଗାଣ ସ୍ପେଶାଲ ଡ୍ରାଇଭ ପାଇଁ ୭,୭୦୦ କ୍ଷେତ୍ର କର୍ମଚାରୀ ନିୟୋଜିତ: ଟିପିସିଓଡିଏଲ୍

ଭୁବନେଶ୍ୱର,୧୨।୬(ବ୍ୟୁରୋ): ବିଦ୍ୟୁତ୍ କାଟକୁ ନେଇ ସମାଲୋଚିତ ହେବା ପରେ ସୋମବାର ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିସିଓଡିଏଲ୍)ପକ୍ଷରୁ ସ୍ପେଶାଲ ଡ୍ରାଇଭ ନେଇ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି, ଖରାଦିନେ ବିଦ୍ୟୁତ୍ ଯୋଗାଣକୁ ନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ସ୍ୱତନ୍ତ୍ର ପଦକ୍ଷେପ ନେଇଛି। ଏଥିପାଇଁ ୭ ହଜାର ୭୦୦ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରାତିରେ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ ଆସ୍କା ଲାଇଟ ନିୟୋଜିତ କରାଯାଇଛି। କାଳବୈଶାଖୀ ଯୋଗୁ ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା ପାଇଁ କର୍ମଚାରୀମାନେ ଅକ୍ଳାନ୍ତ ଉଦ୍ୟମ ଜାରି ରଖିଛନ୍ତି। ଏହି ପୁନରୁଦ୍ଧାର କାର୍ଯ୍ୟକୁ ପାୱାର ସିଷ୍ଟମ ସେଣ୍ଟର ଦ୍ୱାରା ତଦାରଖ କରାଯାଉଛି। ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତାହାକୁ ଦୂର କରାଯିବ। ମୁଖ୍ୟ ଶାସନ ସଚିବଙ୍କ ସହ ହୋଇଥିବା ବୈଠକରେ ଟିପିସିଓଡିଏଲ୍ ସିଇଓ ଅରବିନ୍ଦ ସିଂ ଏହି ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**: ଆଜି ଦ୍ୱାଦଶଚନ୍ଦ୍ର ହେତୁ ବିଭିନ୍ନ କାମରେ ଖର୍ଚ୍ଚଣି ବୃଦ୍ଧି ମାନସିକ ଅସ୍ଥିରତା ସୃଷ୍ଟି କରିବ। ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପରିବାରରେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁଙ୍କ ସହ ଭ୍ରମଣ ସୁଯୋଗ ଲାଭକରି ସାମୟିକ ଖୁସି ଅନୁଭବ କରିବେ।

**ବୃଷ**: ଆପଣଙ୍କ ଦୃଢ଼ୋକ୍ତିକୁ କର୍ମକ୍ଷେତ୍ରରେ ଅନ୍ୟ କର୍ମଚାରୀମାନେ ଅସ୍ୱୀକାର କରିପାରନ୍ତି। ଅବଶ୍ୟ ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ କୌଣସି ପ୍ରତିରୋଧ ରହିବ ନାହିଁ। କିନ୍ତୁ ପୂର୍ବ ବିବାଦକୁ ନେଇ କଚେରି ମାମଲା ଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଭଲ ନଚେତ୍ ପଶ୍ଚାତେ ଅନୁତାପ କରିପାରନ୍ତି।

**ମିଥୁନ**: ଅସମର୍ଥିତ ସୂତ୍ରରୁ ଅନ୍ୟମାନଙ୍କ କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି। ଅଫିସ୍ କାମରେ ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ କେତେକ କାମ କରିବାକୁ ବାଧ୍ୟ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷତି ନ ହେଲେ ମଧ ବିଶେଷ ଲାଭ ନ ହୋଇପାରେ। ନିଜ ଅବହେଳା ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଆଶଙ୍କା ଦେଖାଦେବ।

**କର୍କଟ**: କାମ ଚାପରେ ବ୍ୟସ୍ତତା ବଢ଼ିଯାଇପାରେ। ପଦୋନ୍ନତି କେତେକାଂଶରେ ମାନସିକ ସ୍ଥିତିକୁ ସନ୍ତୁଳିତ କରି ରଖିବାରେ ସାହାଯ୍ୟ କରିବ। ନୂତନ ସ୍ଥାନରେ କୌଣସି ବ୍ୟକ୍ତି ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାକୁ ଚେଷ୍ଟା କରିପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ**: କୌଣସି ନୂତନ ଯୋଜନା କିମ୍ବା ଦୂରଯାତ୍ରା ସକାଶେ ମନ ବଳାଇପାରନ୍ତି। ବନ୍ଧୁମାନେ ନିଜ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ଚେଷ୍ଟା ଚଳାଇବେ। ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ପାଇବା ପାଇଁ ଚିନ୍ତା କରିବେ। ଜମିଜମା, ବାଣିଜ୍ୟ, ନିର୍ମାଣ କ୍ଷେତ୍ର ଓ ବନ୍ଧୁ ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସୁଫଳ ପାଇବେ।

**କନ୍ୟା**: ଆଜି ଅଫିସ୍‌ରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଖରାପ ନ ହେଲେ ମଧ ବିଶେଷ ଭଲ ରହିବ ନାହିଁ। ଆତ୍ମୀୟସ୍ୱଜନ ବିଭିନ୍ନ ଆଳ ଦେଖାଇ ଆପଣଙ୍କୁ ଅସହଯୋଗ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମତାନ୍ତର ସୃଷ୍ଟିର ଆଶଙ୍କା ରହିଛି।

**ତୁଳା**: ଗତକାଲିର ଚିନ୍ତାନୁଯାୟୀ ଆଜିର କାମଗୁଡ଼ିକୁ ଯଥା ସମୟରେ ସମ୍ପନ୍ନ କରିପାରିବେ। କେବଳ ଲୋଭନୀୟ ପ୍ରତିଶ୍ରୁତି ଦେଇ ଉତ୍ତେଜନାପୂର୍ଣ୍ଣ ବାତାବରଣକୁ ହାଲୁକା କରିପାରିବେ। ପରିବାରରେ ପିଲାମାନଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ।

**ବିଛା**: ନିଜ ଲୋକଙ୍କ ବୈମାତୃକ ମନୋଭବ ଅଶାନ୍ତିର କାରଣ ପାଲଟିବ। ଆଖି ଆଗରେ ପ୍ରିୟ ବସ୍ତୁଟି ଅନ୍ୟକୁ ଆପଣେଇବାର ଦେଖି ମନ ବିଦ୍ରୋହୀ ହୋଇପାରେ। କୌଣସି ଆନୁଷ୍ଠାନିକ କାମ ସକାଶେ ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଆଶ୍ୱସ୍ତି ଲାଭ କରିବେ। ବ୍ୟବସାୟ, ପରିବହନ ତଥା କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ।

**ଧନୁ**: ଆଜି ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ ପାଇ କାମ ହାସଲ କରିବେ। ସଂଗଠନ, ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତିର ସାମ୍ନା କରିବେ। ଅନ୍ୟମାନଙ୍କ ସହ ପ୍ରତିଯୋଗିତା ମନୋଭାବରୁ ଅସନ୍ତୁଷ୍ଟ ରହିବେ। କଚେରି ମାମଲା ନେଇ ବ୍ୟସ୍ତତା ବଢ଼ିବ କିନ୍ତୁ କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରୁ ସୁନାମ ମିଳିବ।

**ମକର**: ଆଜି କୌଶଳପୂର୍ଣ୍ଣ କଥା ଓ ସାଧାରଣ ତ୍ୟାଗ ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ରପ୍ତାନି ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। କିନ୍ତୁ ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ**: କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପାରିବାରିକ ସ୍ତରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ**: କର୍ମକ୍ଷେତ୍ରରେ ଯୋଜନା ମୁତାବକ ସଫଳତା ପାଇବେ। ଯେତେ ଭଲ କାମ କଲେ ମଧ ରେବତୀ ନକ୍ଷତ୍ର ସକାଶେ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଅଫିସ୍‌ରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ।

ଆଜି ଆଷାଢ଼ କୃଷ୍ଣପକ୍ଷର ଅନବସର ଦଶମୀ ମଙ୍ଗଳବାର, ଜୁନ୍ ୧୩ ତାରିଖ, ଚକାବିଜେ, ଦଶମୂଳ ନୈବେଦ୍ୟ। ରାଶି ନକ୍ଷତ୍ର-ଦିବା ଘ.୦୧।୩୩ମି. ପର୍ଯ୍ୟନ୍ତ ରେବତୀ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୧ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୪ ଗତେ, ଘ.୧୨।୧୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୪ ଗତେ, ଘ.୦୪।୪୩ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଜୁନ୍, ୨୦୨୩



# ୨୯ ଯାଏ ଚାଲିବ ପଛୁଆବର୍ଗଙ୍କ ସାମାଜିକ, ଶିକ୍ଷାଗତ ଅନଲାଇନ୍ ସର୍ଭେ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ଓଡିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ତତ୍ତ୍ୱାବଧାନରେ ହେଉଥିବା ରାଜ୍ୟର ପଛୁଆବର୍ଗ ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କିତ ଅନଲାଇନ୍ ସର୍ଭେ ଚଳିତ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ପୁନଶ୍ଚ ପଛୁଆ ବର୍ଗ ଆୟୋଗଙ୍କ ପତ୍ର ସଂଖ୍ୟା ୧୨୨୮ ଦ୍ୱାରା ସମସ୍ତ ବିଭାଗୀୟ ମୁଖ୍ୟ, ସମସ୍ତ ଜିଲାପାଳ ଓ ନଗରପାଳିକା ଆୟୁକ୍ତମାନଙ୍କୁ ସେମାନଙ୍କ ଅଧିନରେ ଥିବା ସମସ୍ତ ପଛୁଆବର୍ଗ କର୍ମଚାରୀଙ୍କ ପଞ୍ଜିକରଣ ନିମନ୍ତେ ଅନୁରୋଧ କରାଯାଇଛି। ଏତଦବ୍ୟତୀତ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରମାନଙ୍କୁ ଅଧ୍ୟୟନରତ ପଛୁଆବର୍ଗ ଛାତ୍ରୀଛାତ୍ର ଏବଂ କାର୍ଯ୍ୟରତ ପଛୁଆବର୍ଗ କର୍ମଚାରୀଙ୍କ ପଞ୍ଜିକରଣ ନିମନ୍ତେ ଅନୁରୋଧ କରାଯାଇଅଛି । ଏହି ଅନଲାଇନ୍ ସର୍ଭେର ଲାଭ ଉଠାଇବା ପାଇଁ ସମସ୍ତ ପଛୁଆ ବର୍ଗର ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି। ସେମାନେ ଅନଲାଇନ୍ https://oscbcapi.odisha.gov.inରେ ଅଥବା 'ମୋ ସେବା କେନ୍ଦ୍ର'କୁ ଯାଇ ନିଜ ନିଜର ତଥ୍ୟ ପ୍ରଦାନ କରି ଏହି ସର୍ଭେକୁ ସଫଳ କରିବାକୁ ପଛୁଆ ବର୍ଗ ଆୟୋଗ ଅନୁରୋଧ କରିଛନ୍ତି।

# ଅଂଶୁଘାତ: ଜମିରେ ଟଳିପଡ଼ିଲେ ବୃଦ୍ଧ

ଦିଗପହଣ୍ଡି,୧୨।୬ (ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡିରେ ସୋମବାର ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ କରାଯାଇଛି। ପ୍ରବଳ ଗରମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ବ୍ଲକ ଅନ୍ତର୍ଗତ ଭ୍ରମରପୁର ଗ୍ରାମର ଜଣେ ବୃଦ୍ଧଙ୍କ ସୋମବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ଓଡିଆସାହି ବାସିନ୍ଦା ଗୋପାଳ ସାହୁ (୬୭)। ଗୋପାଳ ଘାସ କାଟିବାକୁ ଯାଇଥିବା ବେଳେ ପ୍ରଚଣ୍ଡ ଖରାରେ ଚାଷଜମିରେ ଟଳି ପଡିଥିବା ଜଣାପଡିଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ଦିଲୀପ କୁମାର ହୋତା ଏ ସମ୍ପର୍କରେ ଦିଗପହଣ୍ଡି ତହସିଲଦାର ଏବଂ କେ. ନୂଆଗାଁ ଥାନା ଆଇଆଇସିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅଂଶୁଘାତ ମୃତ୍ୟୁ ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶ ଯେ, ଗୋପାଳ ପୂର୍ବାହ୍ନ ପ୍ରାୟ ୧୧ ଟାରେ ଗାଇ ପାଇଁ ଘାସ ଆଣିବାକୁ ଜମିକୁ ଯାଇଥିଲେ। ଅପରାହ୍ନ ସାଢେ ୨ଟା ଯାଏ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଜମିରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା।

# ୨୭୧.୭ କୋଟିର ବଜେଟ୍‌କୁ ଅନୁମୋଦନ

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

- ରଥଯାତ୍ରା, ସ୍ନାନ ପୂର୍ଣ୍ଣିମା ପାଇଁ ୧୬. ୬୨ କୋଟିର ବ୍ୟୟ ଅଟକଳ
- ଆୟ ବୃଦ୍ଧି ଉପରେ ଗୁରୁତ୍ୱ, ଡିଜିଟାଲ ପେମେଣ୍ଟରେ ଦେଇହେବ ଦାନ
- ୧୫ ସୁଦ୍ଧା ସରିବ ବାହ୍ୟ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ

ପୁରୀ ଅଫିସ,୧୨।୬


ବୈଠକରେ ଗଜପତି ମହାରାଜା ଏବଂ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଉ ମାତ୍ର ଏକ ସପ୍ତାହ ବାକି ଥିବାବେଳେ ସୋମବାର ନୀଳାଦ୍ରି ଭକ୍ତ ନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣକାଳୀନ ବଜେଟ୍ ପାରିତ ହୋଇଥିବାବେଳେ ଆୟର ସୂତ୍ର ବଢାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ଆଲୋଚନା ହୋଇଛି। ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ ୨୭୧ କୋଟି ୭ଲକ୍ଷ ଟଙ୍କାର ବଜେଟ୍ ପାରିତ ହୋଇଛି। ଖର୍ଚ୍ଚ ଅଟକଳ ରହିଛି ୨୬୧ କୋଟି ୧୬ଲକ୍ଷ ଟଙ୍କା। ସେହିଭଳି ୮କୋଟି ଟଙ୍କାର ବଳକା ବଜେଟ ରହିଛି। ୟୁନିଫର୍ମ ପଲିସିରେ ଶ୍ରୀମନ୍ଦିର ଜମିଜମା ବିକ୍ରି କରି ଆୟ ବୃଦ୍ଧି ସହ ରାଜ୍ୟରେ ଥିବା ୨୦୦ରୁ ଅଧିକ ପଥରଖଣି, ଅନ୍‌ଲାଇନ ବ୍ୟବସ୍ଥାରେ ଫୋନ୍ ପେ ଏବଂ ପେଟିଏମ୍ ସହ ଅନୁବନ୍ଧିତ କରାଯାଇ କ୍ୟୁଆର୍ କୋଡ୍ ସ୍କାନ ବ୍ୟବସ୍ଥା କରାଯିବ। ସେହିପରି ଅଧିକ ହୁଣ୍ଡି ସ୍ଥାପନ କରାଯାଇ ଶ୍ରୀମନ୍ଦିର ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

ଦୁଇଟି ପର୍ଯ୍ୟାୟରେ ଶେଷ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବଜେଟ ଓ ପରେ ରଥଯାତ୍ରା ନୀତି ଉପରେ ଆଲୋଚନା ସହ କିଭଳି ଉତ୍ତମ ସମନ୍ୱୟରେ ସେବାୟତମାନେ ଶୃଙ୍ଖଳିତ ଭାବେ ରଥଯାତ୍ରା ସମ୍ପନ୍ନ କରିବେ ସେ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ଆୟ ବୃଦ୍ଧି ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି। କେବଳ ହୁଣ୍ଡିରେ ନୁହେଁ ଏବେ ଭକ୍ତମାନେ ସିଧାସଳଖ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ଶ୍ରୀମନ୍ଦିର ପ୍ରଶାସନକୁ ଦାନ ଦେଇପାରିବେ। ସ୍କାନ୍ ଓ କୋଡ୍ ମାଧ୍ୟମରେ ଭକ୍ତମାନେ ଦାନ ଦେଇପାରିବାର ବ୍ୟବସ୍ଥା ହେଉଛି। ରଥଯାତ୍ରା ଓ ସ୍ନାନ ପୂର୍ଣ୍ଣିମା ପାଇଁ ୧୬ କୋଟି ୬୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଆଗତ ହୋଇଥିବା ବଜେଟରେ ସେବାୟତଙ୍କ ପରିବାରର ସଦସ୍ୟଙ୍କ ପାଇଁ ୫କୋଟି ଟଙ୍କାର ସ୍ୱାସ୍ଥ୍ୟବୀମା, ସେବକ ଆବାସ ଯୋଜନାରେ ୩.୫୦ କୋଟି, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ପାଇଁ ୫କୋଟି, କର୍ପସ ଫଣ୍ଡରେ ୫୮ କୋଟି ଟଙ୍କା ଜମା କରାଯିବ। ବିଭିନ୍ନ ଜିଲାରେ ଥିବା ଖଣିରୁ ୩୦ କୋଟି, ହୁଣ୍ଡି ଓ ଡୋନେଶନ୍ ବାବଦରେ ୩୬ କୋଟି, କର୍ପସ ଫଣ୍ଡ ସୁଧରୁ ୬୦ କୋଟି, ଜମି ଅଧିଗ୍ରହଣ ଓ ଜମି ବିକ୍ରିବଟା ବାବଦରେ ୫୦ କୋଟି ଟଙ୍କା ଆୟ କରାଯାଇଛି। ତେବେ ଚଳିତ ଆର୍ଥିକ ବର୍ଷରେ ୨୭୧ କୋଟି ୭ ଲକ୍ଷ ଟଙ୍କାର ବଜେଟକୁ ଅନୁମୋଦନ ମିଳିଥିବା ବେଳେ ପ୍ରାୟ ୮ କୋଟି ୯୧ ଲକ୍ଷ ଟଙ୍କାର ବଳକା ବଜେଟ ହୋଇଛି। ପୂର୍ବରୁ ଏହା ୨୬୨ କୋଟି ୫୪ ଲକ୍ଷ ରହିଥିବା ବେଳେ ରାଜ୍ୟ ସରକାରଙ୍କୁ ଆଉ ୮କୋଟି ଟଙ୍କାର ଅନୁଦାନ ମଗାଯାଇ ସମୁଦାୟ ବଜେଟ ୨୭୧ କୋଟି ଟଙ୍କା କରାଯାଇଛି। ତେବେ ଚଳିତ ବର୍ଷ ବଳକା ବଜେଟ ହୋଇଥିବାରୁ ମୁଖ୍ୟ ପ୍ରଶାସକ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବୈଠକରେ ପରିକ୍ରମା ପ୍ରକଳ୍ପ ନେଇ ଠିକା ସଂସ୍ଥା ଟାଟାକୁ ଡକାଯାଇ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ରଥଯାତ୍ରା ପୂର୍ବରୁ ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ସାରିବା ଏକ ପ୍ରମୁଖ ଚ୍ୟାଲେଞ୍ଜ ଥିବାବେଳେ ବାହ୍ୟ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦୁଇଦିନ ଭିତରେ ସରିବ। ବାହ୍ୟ ପରିକ୍ରମା ପ୍ରକଳ୍ପର ୬ ମିଟର ପରିଧି ମଧ୍ୟରେ ଭକ୍ତ ଓ ସେବାୟତଙ୍କ ପ୍ରବେଶ ନେଇ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ରଥଯାତ୍ରା ସମୟରେ ଅସୁବିଧା ସୃଷ୍ଟି ହୋଇପାରେ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କହିଛନ୍ତି। ପଶ୍ଚିମ, ଦକ୍ଷିଣ ଓ ଉତ୍ତର ଦ୍ୱାରରେ କାର୍ଯ୍ୟ ଶେଷ ନେଇ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ପରିଚାଳନା କମିଟିର ସଦସ୍ୟ ସନ୍ଦେହ ପ୍ରକାଶ କରିଛନ୍ତି। ତେବେ ଆସନ୍ତା ୧୫ ତାରିଖ ସୁଦ୍ଧା ଶ୍ରଦ୍ଧାଳୁଙ୍କ ପାଇଁ ସର୍ବନିମ୍ନ ସୁବିଧା ଶେଷ କରି ହସ୍ତାନ୍ତର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉପମୁଖ୍ୟ ପ୍ରଶାସନ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନଓ୍ୱର ବିଶାଳ ସିଂହ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ପରିଚାଳନା କମିଟି ସଦସ୍ୟ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କ ନାଁରେ ମାମଲା

## ନିର୍ଯ୍ୟାତନା ଅଭିଯୋଗ ଆଣିଲେ ଗାୟିକା

କଟକ ଅଫିସ,୧୨।୬


ସୌରିନ୍ ଭଟ୍ଟ

କେତୋଟି ଓଡ଼ିଆ ଚଳଚ୍ଚିତ୍ରର ଲୋକପ୍ରିୟ ଗୀତରେ କଣ୍ଠଦାନ କରିଥିବା ବଲିଉଡ୍ ଗାୟକ ସୌରିନ୍ ଭଟ୍ଟଙ୍କ ନାଁରେ କଟକ ମହିଳା ଥାନାରେ ସୋମବାର ଅଭିଯୋଗ ହୋଇଛି। ସେ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଶୋଷଣ, ପ୍ରତାରଣା କରିବା, ନିର୍ଯ୍ୟାତନା ଦେଇଥିବା ନେଇ ଜଣେ ଓଡ଼ିଆ ଗାୟିକା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ଦଫା ୩୭୬, ୪୯୩, ୩୪୧, ୨୯୪, ୪୧୭, ୫୦୬ରେ ଏକ ମାମଲା(ନଂ.୭୮/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁସାରେ, ୨୦୧୫ରେ କଟକ କଲେଜ ଛକସ୍ଥିତ ଏକ ବ୍ୟାଙ୍କରେ ଯୁବତୀ ଜଣଙ୍କ ଚାକିରି କରିବାବେଳେ ସୌରିନଙ୍କ ସହ ବନ୍ଧୁତା ହୋଇଥିଲା। ସୌରିନ ଉକ୍ତ ବ୍ୟାଙ୍କକୁ ମଧ୍ୟ ଯିବାଆସିବା କରୁଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୭ରେ ଯୁବତୀ ଜଣଙ୍କ ମୁମ୍ବାଇର ଏକ ବ୍ୟାଙ୍କରେ ଚାକିରି କରିଥିଲେ। ସେଠାରେ ସୌରିନଙ୍କ ସହ ଭଲ ବନ୍ଧୁତା ହୋଇଥିଲା। ଦୁହିଁଙ୍କ ମଧ୍ୟରେ ବନ୍ଧୁତା ବଢ଼ିବା ସହ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ସୌରିନ୍ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ସୌରିନଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସୌରିନ ବିବାହିତ ଓ ତାଙ୍କର ଏକ ପିଲା ଥିବା ସମ୍ପୃକ୍ତା ଯୁବତୀ ଜାଣିବାକୁ ପାଇଥିଲେ। ସେହିଦିନଠାରୁ ସେ ତାଙ୍କଠାରୁ ଦୂରେଇବାକୁ ଆରମ୍ଭ କରିଥିଲେ। ହେଲେ ସୌରିନ ଉଭୟଙ୍କ ମଧ୍ୟରେ ଥିବା ଅନ୍ତରଙ୍ଗ ମୁହୂର୍ତ୍ତର କିଛି ଫଟୋ, ଭିଡିଓ ନିଜ ପାଖରେ ରଖିଥିଲେ ଯାହାକୁ ନେଇ ସେ ଯୁବତୀଙ୍କୁ ବ୍ଲାକମେଲିଂ କରିବା ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। କେବଳ ଏହି ଯୁବତୀ ନୁହନ୍ତି, ଆଉ ଜଣେ ଯୁବତୀ ମଧ୍ୟ ସୌରିନଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି। ଏ ବାବଦରେ ଯୁବତୀ ଜଣଙ୍କ ଜାଣିବା ପରେ ତା'ର ପ୍ରମାଣ ମଧ୍ୟ ନିଜ ପାଖରେ ରଖିଛନ୍ତି। ତେବେ ସେ ସିଡିଏରେ ରହୁଥିବାବେଳେ ସୌରିନ ସେଠାକୁ ଆସି ଧମକାଇଥିଲେ। ଯୁବତୀଙ୍କ ମାଆଙ୍କୁ ମଧ୍ୟ ଧମକ ଦେଇ କହିଥିଲେ, ତୁମେ ଏ ବିଷୟରେ କାହାକୁ କହିଲେ ତୁମ ପରିବାରର ସମସ୍ତଙ୍କୁ ମାରିଦେବି। ଏହାପରେ ଲୋକଲଜ୍ଜାକୁ ଡରି ଯୁବତୀ କାହାକୁ କିଛି କହୁ ନ ଥିଲେ। ଫଳରେ ବାରମ୍ବାର ସୌରିନ ତାଙ୍କୁ ହଇରାଣ କରୁଥିଲେ। ଏପରି କି ବିଭିନ୍ନ ପର୍ଯ୍ୟାୟରେ ସୌରିନ୍ ୬ରୁ ୭ ଲକ୍ଷ ଟଙ୍କା ଯୁବତୀଙ୍କଠାରୁ ନେଇଛନ୍ତି। କିଛିଦିନ ତଳେ ଏନେଇ ଏକ ଫଇସଲା କରିବାକୁ ଯୁବତୀ ଚାହିଁଥିଲେ। ହେଲେ ସୌରିନ ଏଥିରେ ରାଜି ନ ହେବା ସହ କାରରୁ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ତେଣୁ ଜଗତପୁର ଥାନାରେ ଏତଲା ଦେବାକୁ ଯାଇଥିଲି। ହେଲେ ସେମାନେ ମହିଳା ଥାନାରେ ଅଭିଯୋଗ କରିବାକୁ କହିଥିଲେ। ପରେ ମହିଳା ଥାନାରେ ଅଭିଯୋଗ କରିଛି। ଏ ସମ୍ପର୍କରେ ଡିସିପି ପିନାକ ମିଶ୍ର କହିଛନ୍ତି, ଏତଲାରେ ଥିବା ଅଭିଯୋଗ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ସୌରିନ୍‌ଙ୍କୁ ଜେରା ପାଇଁ ଥାନାକୁ ଡକାଯିବ।

# ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

- ଘରୁ ମିଳିଲା ୧୧.୭୩ ଲକ୍ଷ ଟଙ୍କା, ପିଲାଙ୍କ ପଢ଼ାରେ କୋଟିଏ ଖର୍ଚ୍ଚ
- ବହୁ ମହଲା ବିଶିଷ୍ଟ କୋଠା, ଭୁବନେଶ୍ୱର-କଟକରେ ୭ ପ୍ଲଟ୍ ଠାବ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)


ବିକାଶ ଚନ୍ଦ୍ର ଭୂୟାଁ

ସରକାରୀ କ୍ଷମତାର ଦୁରୁପଯୋଗ କରି ସରକାରୀ କର୍ମଚାରୀ ବେଆଇନ ଭାବେ ଠୁଳ କରୁଛନ୍ତି ପୁଳା ପୁଳା ସମ୍ପତ୍ତି। ଏପରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି କଟକ ଜିଲା ସଦର ବ୍ଲକର ସହକାରୀ ଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କ। ଭିଜିଲାନ୍ସର ୩ଟି ଟିମ୍ ଏକକାଳୀନ ୪ ସ୍ଥାନରେ ସୋମବାର ଚଢ଼ାଉ କରିଛି। ଚଢ଼ାଉ ହୋଇଥିବା ସ୍ଥାନ ମଧ୍ୟରେ ବିକାଶଙ୍କ କଟକ ସଦର ବ୍ଲକସ୍ଥିତ ଅଫିସ ଚାମ୍ବର, ନରସିଂପୁର ଥାନା ଅନ୍ତର୍ଗତ ଲେହେଙ୍ଗା ଗ୍ରାମସ୍ଥିତ ପୈତୃକ ଘର ଓ ଭୁବନେଶ୍ୱର ଚକେଇସିଆଣିରେ ଥିବା ସମ୍ପର୍କୀୟଙ୍କ ଘର ଆଦି ରହିଛି। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ୩ଜଣ ଡିଏସ୍‌ପି, ୪ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।

ସନ୍ଧ୍ୟାସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବିକାଶଙ୍କ ନାଁରେ ଭୁବନେଶ୍ୱର ସୌଭାଗ୍ୟ ନଗରରେ ୩୫୭୨ ବର୍ଗଫୁଟ୍‌ରେ ଥିବା ଗୋଟିଏ ବହୁମହଲା ବିଶିଷ୍ଟ କୋଠା, ଭୁବନେଶ୍ୱର ଓ କଟକରେ ୭ଟି ପ୍ଲଟ୍ ଠାବ ହୋଇଛି। ସେହିପରି ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ସୁନା-ରୁପା ଅଳଙ୍କାର, ୧୩.୪୦ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ଏବଂ ୧୧.୭୩ ଲକ୍ଷ ନଗଦ ଟଙ୍କା ଓ ଘରୋଇ ଉପକରଣ ଠାବ କରିଛି ଭିଜିଲାନ୍ସ। ଅନ୍ୟପକ୍ଷରେ ଆଉଏକ ବେନାମୀ ସମ୍ପତ୍ତି ମଧ୍ୟ ଠାବ ହୋଇଛି। ବମିଖାଲସ୍ଥିତ ପ୍ଲଟ୍ ନଂ.୪୪/୧୨୨୩ରେ ଥିବା ଏକ ଦୁଇ ମହଲା କୋଠା ବିକାଶଙ୍କ ଜଣେ ସମ୍ପର୍କୀୟଙ୍କ ନାଁରେ ରେଜିଷ୍ଟର ହୋଇଥିବା ଜଣାପଡିଛି। ଏଥିସହ ପୁଅ ଓ ଝିଅଙ୍କୁ ଇଞ୍ଜିନିୟରିଂ ଓ ଡାକ୍ତରୀ ପଢ଼ାଇବା ପାଇଁ ବିକାଶ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସେପଟେ ବିକାଶ କ୍ରିପ୍ଟୋ କରେନ୍ସି (ଡିଜିଟାଲ ମୁଦ୍ରା)ରେ ମଧ୍ୟ ନିବେଶ କରିଥିବା ସୂଚନା ଦିଆଯାଇଛି। ଏହି ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାବେଳେ ବିକାଶଙ୍କୁ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଚଢ଼ାଉ ବେଳେ ସୌଭାଗ୍ୟ ନଗରସ୍ଥିତ ଆଲିସାନ୍ ଘରେ ଇଣ୍ଟେରିୟର କାର୍ଯ୍ୟ ଦେଖି ଭିଜିଲାନ୍ସ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଥିଲା।



“ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ– ତୁମର କର୍ମ ଏକ ଉତ୍ସର୍ଗ–ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। **–ଶ୍ରୀଅରବିନ୍ଦ**



# ଶିକାର ହେଲେ ଯାତ୍ରୀ

ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାର ଖୋଳତାଡ଼ ଚାଲିଛି ବୋଲି କୁହାଯାଉଛି। ୨ ଜୁନ୍‌ରେ ଘଟିଥିବା ସେହି ଭୟଙ୍କର ଦୁର୍ଘଟଣା ପରେ ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ରେଳଗାଡ଼ିଜନିତ ଛୋଟବଡ଼ ଦୁର୍ଘଟଣା ଲାଗି ରହିଛି। ଏଥିରୁ ବୁଝାପଡୁଛି ଯେ ପୂର୍ବରୁ ମଧ୍ୟ ଏହିଭଳି କ୍ଷୁଦ୍ର ଓ ମଧ୍ୟମ ଧରଣର ଦୁର୍ଘଟଣା ସବୁବେଳେ ଲାଗି ରହିଆସୁଛି। ଏବେ ମନେହେଉଛି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ ହେବା ପରେ ଏହିସବୁ ଦୁର୍ଘଟଣା ପଦାକୁ ଆସୁଛି ଓ ଜନସାଧାରଣ ତାହା ଜାଣିପାରୁଛନ୍ତି। ଯାତ୍ରୀଙ୍କ ସୁରକ୍ଷାକୁ ଭାରତୀୟ ରେଳପଥ ବାରମ୍ବାର ଅଣଦେଖା କରୁଥିବାରୁ ବାହାନଗା ଭଳି ଅଘଟଣ ଘଟିଲା ବୋଲି ଚାରିଆଡ଼େ ଆଲୋଚନା ହେଉଛି। କିନ୍ତୁ ଅନ୍ୟ ଯେଉଁ ପ୍ରସଙ୍ଗଟି କମ୍ ଆଲୋଚିତ ହୋଇଛି ତାହା ହେଲା ଟ୍ରେନ୍ ଭିତରେ ଯାତ୍ରୀଙ୍କ ଅସମ୍ଭାଳ ଭିଡ଼। ବାହାନଗା ଦୁର୍ଘଟଣାରେ ଦୁଇଟି ଯାତ୍ରୀବାହୀ ରେଳଗାଡ଼ିର ୫ଟି ବଗିରେ ଯେଉଁମାନଙ୍କ ଅଧିକ ମୃତ୍ୟୁ ଘଟିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଦୁଇଟି ବିନା ସଂରକ୍ଷଣ ବଗିରେ ଥିବା ଲୋକ ବୋଲି ଜଣାପଡ଼ିଛି। ଭାରତର ଜନସଂଖ୍ୟା ଦେଖିଲେ ୧୪୦ କୋଟିରୁ ଊର୍ଦ୍ଧ୍ୱ। ୨୦୨୧–୨୨ ଆର୍ଥିକ ବର୍ଷର ସୂଚନା ଅନୁଯାୟୀ ଭାରତୀୟ ରେଳପଥରେ ଦୈନିକ ୨ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଯାତ୍ରୀ ଯାତାୟାତ କରିଥାଆନ୍ତି। ଏଥିସହିତ ୨୦୩.୮୮ ମିଲିୟନ ଟନ୍ ମାଲ୍ ପରିବହନ କରାଯାଇପାରୁଛି। କେବଳ ଯାତ୍ରୀବାହୀ ଗାଡ଼ିକୁ ଦେଖିଲେ ଯଦି ଦୈନନ୍ଦିନ ଯାତ୍ରା କରୁଥିବା ସଂଖ୍ୟାର ମାତ୍ର ୨୦ ପ୍ରତିଶତ ବିନା ସଂରକ୍ଷଣ ଏବଂ ବିନା ଟିକେଟରେ ଯାତାୟାତ କରୁଛନ୍ତି, ତେବେ ସେହି ସଂଖ୍ୟା ଦୈନିକ ୪୦ ଲକ୍ଷରୁ ଅଧିକ ହେବ। ଏଭଳି ବରାଟକାୟ ସଂଖ୍ୟାର ଯାତ୍ରୀଙ୍କ ଏକ ଅଂଶ ଯେତେବେଳେ କୌଣସି ଦୁର୍ଘଟଣାର ସମ୍ମୁଖୀନ ହେଉଛି, ସେତେବେଳେ ତାଙ୍କର କିଛି ଆତାପତ୍ତା ପାଇବା କଷ୍ଟକର କିମ୍ବା ଅସମ୍ଭବ। ଯଦି ଉପରଲିଖିତ ତଥ୍ୟ ଅନୁଯାୟୀ ବାର୍ଷିକ ହିସାବ କରାଯାଏ ତେବେ ୭୦୦ କୋଟିରୁ ଊର୍ଦ୍ଧ୍ୱ ଯାତ୍ରୀ ଭାରତୀୟ ରେଳଗାଡ଼ିରେ ଯିବାଆସିବା କରୁଛନ୍ତି। ଗତ ୫୦ ବର୍ଷ ମଧ୍ୟରେ ରେଳଯାତ୍ରୀଙ୍କ ସଂଖ୍ୟା ତିନି ଗୁଣାରୁ ଅଧିକ ହୋଇଛି। କିନ୍ତୁ ସେହି ଅନୁଯାୟୀ ଭିତ୍ତିଭୂମିର ବୃଦ୍ଧି କରାଯାଇପାରି ନାହିଁ। ଫଳରେ ବଗିଗୁଡ଼ିକରେ ଯାତ୍ରୀମାନେ ଖୁନ୍ଦାଖୁନ୍ଦି ହୋଇ ଯାଇଥାଆନ୍ତି। ଏହା ବିଶେଷକରି ସାଧାରଣ ବଗିରେ ଅଧିକ ମାତ୍ରାରେ ଦୃଷ୍ଟିଗୋଚର ହୋଇଥାଏ। ବାହାନଗା ରେଳ ଦୁର୍ଘଟଣାକୁ ଦେଖିଲେ ଯେଉଁମାନଙ୍କ ମୃତ୍ୟୁ ଘଟିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣ ବଗିର ଯାତ୍ରୀ ଥିବା କୁହାଯାଉଛି। ସେଥିରେ ଅନେକେ ବିନା ଟିକେଟଧାରୀ ରହିଥାଇପାରନ୍ତି। ଏହି ଟ୍ରେନତ୍ରୟ ଦୁର୍ଘଟଣାରେ ଯେଉଁମାନଙ୍କ ପ୍ରାଣ ଯାଇଛି ସେମାନଙ୍କ ମଧ୍ୟରୁ ଅନେକଙ୍କ ମୁହଁ ଚିହ୍ନା ପଡୁ ନ ଥିବା ବେଳେ ନାମ ମଧ୍ୟ ଜଣାପଡୁ ନାହିଁ। ସେଭଳି କ୍ଷେତ୍ରରେ ମୃତକଙ୍କ ପରିବାର କିଭଳି ଉପଯୁକ୍ତ ଅନୁକମ୍ପାମୂଳକ ସହାୟତା ପାଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଭାବେ ଭାରତ ଗର୍ବ କରୁଥିଲେ ମଧ୍ୟ ଏହାର ଲୋକମାନେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରୁନାହାନ୍ତି। ସେଥିପାଇଁ ଚାକିରି ବା କାର୍ଯ୍ୟ ଅନ୍ୱେଷଣରେ ଅସଂଖ୍ୟ ଲୋକ ପ୍ରତ୍ୟହ ଦେଶର ବିଭିନ୍ନ ପ୍ରାନ୍ତକୁ ଯିବାଆସିବା କରିଥାଆନ୍ତି। ଅପେକ୍ଷାକୃତ ଭାବେ ଦୂର ସ୍ଥାନ ଯାତ୍ରା ଲାଗି ଟ୍ରେନ୍ ଟିକେଟ ଶସ୍ତା ହେଉଥିବାରୁ ସେମାନେ ଏହି ମାଧ୍ୟମକୁ ବାଛିଥାଆନ୍ତି। ଆଉ ଏକ ପରିସଂଖ୍ୟାନ କହୁଛି, ପ୍ରତି ୭ ଜଣରେ ୬ ଜଣ ଅଣସଂରକ୍ଷିତ ଟିକେଟ କରିଥାଆନ୍ତି। ପୁଣି ବିନା ଟିକେଟରେ ଅତି ଦୟନୀୟ ଭାବେ ଲୋକେ ଯାଉଥିବାର ଦେଖିବାକୁ ମିଳେ। ସରକାରୀ ତଥ୍ୟ ଅନୁଯାୟୀ ବାହାନଗା ରେଳ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାରେରୁ ଊର୍ଦ୍ଧ୍ୱ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ସମସ୍ତେ ଜାଣନ୍ତି ବାସ୍ତବତାଠାରୁ ଏହି ସଂଖ୍ୟା ବହୁଦୂରରେ। ଯେଉଁମାନଙ୍କ ନାମ ଓ ଠିକଣା ମିଳିଛି ସେମାନଙ୍କ ବିଷୟରେ ଜଣାପଡ଼ିଛି। କିନ୍ତୁ ଅନେକ ଆହତଙ୍କୁ ହସ୍ପିଟାଲ ନିଆଯିବା ପରେ ସେମାନଙ୍କ ବିଷୟରେ ତଥ୍ୟ ମିଳୁଥିବା ବେଳେ ଶବାଗାରରେ ଥିବା ମୃତଦେହକୁ ସମ୍ପର୍କୀୟମାନେ ଚିହ୍ନିବା ପରେ ସେମାନଙ୍କ ବିଷୟରେ ଯାହା କିଛି ସୂଚନା ପଦାକୁ ଆସିଛି। କହିବାକୁ ଗଲେ ଦୁର୍ଘଟଣା ପରେ ସଂରକ୍ଷିତ ବଗିରେ ଯାତ୍ରୀଙ୍କୁ ଗଣିବା ସମ୍ଭବ ହେଉଥିବା ବେଳେ ଅଣସଂରକ୍ଷିତ ବଗିରେ ସେହି ସୁବିଧା ମିଳିପାରି ନ ଥାଏ।

କୋଭିଡ୍–୧୯ ବେଳେ ହୋଇଥିବା ଲକ୍‌ଡାଉନ୍ ଓ ଶଟ୍‌ଡାଉନଜନିତ ଦୁଃଖର ସର୍ବାଧିକ ଶିକାର ହୋଇଥିଲେ ପ୍ରବାସୀ ଶ୍ରମିକ। ଅଚାନକ ଟ୍ରେନ୍‌ଗୁଡ଼ିକୁ ବାତିଲ କରିଦିଆଯିବା ଦ୍ୱାରା ଗୋଟେ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଥିବା ଲୋକ ସ୍ୱସ୍ଥାନକୁ ଫେରିଯିବା ପାଇଁ ଉଦ୍‌ବିକଳ ହୋଇଥିଲେ। ଚାଲିଚାଲି ବାଟରେ ଯାଉଥିବା ବେଳେ ଅନେକ ହଜାର ଲୋକଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଯେଉଁମାନଙ୍କ ଜୀବନ ଚାଲିଗଲା ସେମାନଙ୍କ ନାମ ଦୁନିଆରୁ ସବୁ ଦିନ ପାଇଁ ହଜିଗଲା। ପ୍ରଶାସନିକ ଅସହଯୋଗ ସେତେବେଳେ ପ୍ରବାସୀମାନଙ୍କୁ କିଭଳି କଲବଲ କରିଥିଲା ତାହା ଅନେକଙ୍କ ମନରେ ତାଜା ହୋଇ ରହିଥିବ। ଏବେ ବାହାନଗା ଦୁର୍ଘଟଣା ପରେ ପୁନଶ୍ଚ ପ୍ରବାସୀ ଶ୍ରମିକଙ୍କ କଥା ଉଠିଛି। ବିଶେଷକରି ଶାଲିମାର–ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସରେ କୋଲକାତାରୁ ଚେନ୍ନାଇ ଯାଉଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକ ଦିନ ମଜୁରିଆ ଓ ଶ୍ରମିକ ରହିଥିବା ଜଣାପଡ଼ିଛି। ଏଭଳି ସ୍ଥଳେ ଭାରତୀୟ ରେଳପଥ ଏହାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଦରକାର। ବହୁତ ବର୍ଷ ଧରି ଶୁଣି ଆସୁଛୁ ଯେ, ଭାରତୀୟ ରେଳପଥ ତା'ର ଭିତ୍ତିଭୂମି ସୁଦୃଢ଼ କରୁଛି। ବେଳା ପଡ଼ିଲେ ସତ୍ୟ ପରିସ୍ଥିତି ଜଣାପଡ଼େ। ବାହାନଗା ଜଣାଇଦେଲା ଯେ, ଉପରଠାଉରିଆ ଭାବେ ଏବଂ କେବଳ ରାଜନୈତିକ ସୁବିଧା ନେବା ସକାଶେ ଗୋଟିଏ ପରେ ଗୋଟିଏ 'ବନ୍ଦେ ଭାରତ' ରେଳଗାଡ଼ି ଆରମ୍ଭ କରିଦେଉଥିବା ସରକାର ତାହାର ମୌଳିକ ଦାୟିତ୍ୱ ତୁଲାଉ ନାହିଁ। ଶିକାର ହେଲେ ଏକ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | 9 | | |
| 8 | | | 6 | | 9 | | | |
| 3 | | | | | | | 1 | |
| | 8 | | 2 | | | | 3 | 9 |
| 7 | 9 | | | | | | 2 | |
| | 1 | | | | | 6 | | |
| | 3 | | 7 | | | 5 | | |
| 2 | | | | 6 | | 7 | | |
| | | 6 | | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 8 | 9 | 2 | 7 | 1 | 4 |
| 1 | 7 | 9 | 6 | 3 | 4 | 8 | 2 | 5 |
| 8 | 4 | 2 | 5 | 1 | 7 | 3 | 9 | 6 |
| 3 | 9 | 1 | 4 | 5 | 6 | 2 | 7 | 8 |
| 6 | 2 | 5 | 7 | 8 | 9 | 4 | 3 | 1 |
| 7 | 8 | 4 | 1 | 2 | 3 | 6 | 5 | 9 |
| 2 | 5 | 7 | 9 | 4 | 8 | 1 | 6 | 3 |
| 9 | 3 | 8 | 2 | 6 | 1 | 5 | 4 | 7 |
| 4 | 1 | 6 | 3 | 7 | 5 | 9 | 8 | 2 |

ଗତକାଲିର ଉତ୍ତର



# ବିଦ୍ୟାଳୟ ପାଠ୍ୟକ୍ରମରେ କୃଷି

ଡି. ଶୁଭମ୍

ଶିକ୍ଷା ମଣିଷକୁ ଅଭେଦ୍ୟ ଭିତରେ ନୂତନତାର ସନ୍ଧାନ ଦିଏ। ଆମକୁ ଜିଜ୍ଞାସୁ ବନାଏ। ଆମ ଭିତରେ ସୃଜନଶୀଳତାର ବିକାଶ କରେ। ଠିକ୍ ଆଉ ଭୁଲ୍ ଭିତରେ ତାରତମ୍ୟକୁ ଦର୍ଶାଏ। ସମାଜରେ ନିଜକୁ ସଠିକ ଭାବରେ ପ୍ରତିପାଦନ କରିବାର ମାର୍ଗ ବତାଇଥାଏ। ମୋଟ ଉପରେ କହିବାକୁ ଗଲେ ଶିକ୍ଷା ଆମ ଜୀବନ ସୁଧାରିବାରେ ମଙ୍ଗ ଧରେ, ମାର୍ଗଦର୍ଶକ ସାଜେ। ଆମେ ଛୋଟରୁ ବଡ଼ ହେବା ଭିତରେ ଅନେକ ଶିକ୍ଷା ଗ୍ରହଣ କରୁ। ପ୍ରଥମରୁ ପରିବାରରୁ ଶିକ୍ଷା ପାଇବା ପରେ ବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁ। ଶିକ୍ଷାର ଅନ୍ତ ନ ଥାଏ। ଜୀବନରେ ପାଠପଢ଼ାର ଶେଷ ନ ଥାଏ। ମଣିଷ ବଞ୍ଚିଥିବା ଯାଏଁ ସବୁ ସମୟରେ ଜ୍ଞାନ ଆହରଣ କରୁଥାଏ। ତେବେ ଏ ଶିକ୍ଷା ଆମ ଜୀବନରେ କେତେ ବଡ଼ ଭୂମିକା ନିଭାଉଛି, ତାହା ବିଶ୍ଳେଷଣ କରିବାର ସମୟ ଆସିଛି। ଏକବିଂଶ ଶତାବ୍ଦୀର ପାଦଦେଶରେ ଆଜିର ମନୁଷ୍ୟସମାଜ ସ୍ୱାର୍ଥତାର ବଶବର୍ତ୍ତୀ ହୋଇଛି। ନିଜର ଲାଳସାକୁ ଚରିତାର୍ଥ କରିବାକୁ ଅନେକ କିଛି କୁକର୍ମ କରିବାକୁ ପଛାଉ ନାହିଁ। କଥାରେ ଅଛି 'ଅଳ୍ପବିଦ୍ୟା ଭୟଙ୍କରୀ'। ସତରେ ସେହି ଅଳ୍ପ ବିଦ୍ୟା ଭିତରେ କେବେ ଦିବ୍ୟ ସନ୍ତୋଷକୁ ଦେଖିହୁଏ ନାହିଁ। ନା ଥାଏ ଶ୍ରଦ୍ଧା, ନା ଥାଏ କିଛି ଜାଣିବାର ଅଦମ୍ୟ ଇଚ୍ଛା। ଆଜିର ସମାଜରେ ଶିକ୍ଷାକୁ ଗୁରୁତ୍ୱର ସହ ନିଆଯାଉ ନାହିଁ। ପରୀକ୍ଷାରେ ପାସ୍ କରି ଡିଗ୍ରୀ ହାସଲ କରିଦେଲେ ଶିକ୍ଷାର ଅନ୍ତ ଘଟିଲାପରି ମନେହୁଏ।

ଆମେ ବିଦ୍ୟାଳୟରେ ଗଣିତ, ମାତୃଭାଷାଠାରୁ ଆରମ୍ଭ କରି ଇତିହାସ, ଭୂଗୋଳଯାଏ ଅନେକ ବିଷୟ ପଢୁ। ଏହା ନିଃସନ୍ଦେହ ଯେ ଏସବୁ ଆମ ଭବିଷ୍ୟତରେ ଉପଯୋଗୀ ଭାବରେ ଗ୍ରହଣ କରାଯାଏ। କିନ୍ତୁ ଆଜି ଆମେ ଖାଦ୍ୟ ଖାଇବାର ସ୍ୱପ୍ନ ଯାହା ପାଇଁ ଦେଖୁଛେ, ଯାହା ପାଇଁ ଜିଇବାର ସୁନେଲି ସ୍ୱପ୍ନ ଦେଖୁଛେ ତାହାକୁ ଭୁଲିଯାଉଛୁ। ଏ ସ୍ୱପ୍ନର ନାୟକ ହେଉଛି ଚାଷୀ ଆଉ ଏ ସ୍ୱପ୍ନ ହେଉଛି ଚାଷ। ଭାରତ ଆଜି କୃଷି କ୍ଷେତ୍ରରେ ଆଶାତୀତ ବୃଦ୍ଧି କରିଥିବା ବେଳେ ଓଡ଼ିଶାରେ ମଧ୍ୟ କୃଷିର ଭୂମିକା ଅତୁଳନୀୟ। ଆମ ରାଜ୍ୟ ଓଡ଼ିଶା– କୃଷି ଆଉ କୃଷକର ରାଜ୍ୟ। ଚାଷୀ ଆମର ଶ୍ୟାମଳ କ୍ଷେତରେ ସୁନାର ମହକ ବିଞ୍ଚେ। ଉର୍ବର ମାଟିର ରଙ୍ଗିନ୍ ଝଲକ ଦେଇ ଚାଷ କ୍ଷେତ୍ରରେ ବେଶ୍ ସଫଳତା ପାଇଛି ଓଡ଼ିଶା। କୃଷି କର୍ମଣ ପୁରସ୍କାର ହେଉ ଅବା ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟ– ସବୁଥିରେ ଓଡ଼ିଶାର ନାଁ ଆଗରେ ଥାଏ। ଆମେ ଦେଖୁଥିବା ଅନେକ ସଭା ସମିତିରେ ଏ ଚାଷୀ ଭାଇମାନଙ୍କ ଗୁଣଗାନ କରୁ। ଆମ ଦେଶରେ ଚାଷର କଥା ବିଷୟରେ କହୁ। କିନ୍ତୁ ଥରେ ଭାବନ୍ତୁ ଏ ଚାଷ କରିବାକୁ କେତେ ଜଣ ଆଗ୍ରହୀ ? କରୋନା ମହାମାରୀ ଆସିବା ପରେ ଯେବେ କିଛିଟା ଦାଦନ ବନ୍ଦ ହୋଇଗଲା, ସେବେ ଲୋକଙ୍କ ମୁଣ୍ଡରେ ଏ ଚାଷ ନିଶା ପଶିଲା। ତେବେ ଏ ଚାଷର କଥା ପିଲାବେଳୁ କ'ଣ ପାଇଁ ଆମେ ଶିଖିବାନି। ଯେବେ ଛୋଟ ପିଲାଟିଏ କିଛି ଭୁଲ୍ କରେ, ଘରେ କୁହନ୍ତି ପାଠ ନ ପଢ଼ିଲେ ଆମ ଜମିରେ ଚାଷ କରିବୁ, ନ ହେଲେ ଗାଈ ଚରେଇବୁ। ଏ କଥାକୁ ଶୁଣିଲେ ମନେହୁଏ ସତେ ଯେମିତି ଚାଷ ଏକ ନିମ୍ନସ୍ତରର କାର୍ଯ୍ୟ। ଜଣେ ପାଠପଢୁଆ ପିଲା କ'ଣ ଚାଷ କରୁନି ? ତେବେ ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା ଆଦିରେ ସ୍ୱତନ୍ତ୍ର ଶିକ୍ଷା ଦେଉଥିବା ବେଳେ କେବେ ନିଜ ପିଲାକୁ ନେଇ କ୍ଷେତକୁ ଯିବାର ନଜର ଦେଖିବାକୁ ମିଳେନି। ଯଦିବା ମିଳେ ତାହା କ୍ୱଚିତ୍। ଏମିତିକି ବିଦ୍ୟାଳୟଗୁଡ଼ିକରେ ଏହାକୁ ପ୍ରାଥମିକତା ଦିଆଯାଏନି। ଆମେ ବିଦ୍ୟାଳୟରେ ପିଲାଙ୍କୁ ସଂସ୍କାର ଦେଉ। ଚରିତ୍ର ଗଠନ କରିବାର କଥା କହୁ। କିନ୍ତୁ ସେମାନଙ୍କ ଭିତରେ ଦକ୍ଷତା ବିକାଶ କରିବାକୁ ବି ଯୋଜନା ପ୍ରସ୍ତୁତ ହେଉ। କେବଳ ନାଚ, ଗୀତ, ଭାଷଣ, ଚିତ୍ରାଙ୍କନ ନୁହେଁ ବରଂ କୃଷି ଶିକ୍ଷାକୁ ପ୍ରାଥମିକତା ଦିଆଯାଇ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯାଉ। ପିଲା ଛୋଟ ବେଳୁ କୃଷି କ'ଣ ଜାଣୁ। ଚାଷ ଜମିକୁ ଯାଉ। ଚାଷୀଙ୍କ ସହ ମିଶୁ। ଚାଷ କରିବାର କୌଶଳ ବି ଜାଣୁ। ଆମ ମାଟି ବି କଥା କହିପାରେ, ସେ ସ୍ୱତନ୍ତ୍ରତାକୁ ଅନୁଭବ କରୁ।



ଆମ ରାଜ୍ୟରେ କୃଷିର ଇତିହାସ କଥା କେବଳ ବିଜ୍ଞାପନ କି ଭାଷଣ ନୁହେଁ, ବରଂ ସବୁ ବିଦ୍ୟାଳୟର ପିଲାମାନେ ଜାଣନ୍ତୁ। କୃଷି ଶିକ୍ଷାକୁ ବ୍ୟାପକ କରିବାକୁ ଯୋଜନା ହେଉ। ବିଦ୍ୟାଳୟଗୁଡ଼ିକରେ ସ୍ୱତନ୍ତ୍ର କ୍ଲାସର ବ୍ୟବସ୍ଥା ହେଉ; ଯେଉଁଥିରେ ପିଲାମାନଙ୍କୁ ବିଭିନ୍ନ ଶସ୍ୟଜାତୀୟ ଫସଲ, ଡାଲିଜାତୀୟ ଫସଲ, ଅର୍ଥକରୀ ଫସଲ ତଥା ଫୁଲ, ଫଳ ଓ ପନିପରିବା ବିଷୟରେ ସମ୍ୟକ୍ ଧାରଣା ଦିଆଯାଉ। ସବୁକିଛି ନ ହେଉ ପଛେ ପିଲାମାନେ ଚାଷର କୌଶଳ ବିଷୟରେ ଛୋଟବେଳୁ ଜାଣିବା ଆବଶ୍ୟକ। ପିଲାମାନଙ୍କ ଭିତରେ ଏକ ନୂତନ ସ୍ପୃହା ଜାଗ୍ରତ କରି ସେମାନଙ୍କୁ ସପ୍ତାହରେ ଥରେ ବିଦ୍ୟାଳୟ ନିକଟସ୍ଥ ଚାଷଜମିକୁ ବୁଲାଇବାକୁ ନିଆଯାଉ। ପିଲାଟିଏ ଯେବେ ଧାନ ରୋଇବାକୁ ଆଖି ଆଗରେ ଦେଖିବ, ସେବେ ତା' ମନ ଭିତରେ ଅଫୁରନ୍ତ ଆନନ୍ଦ ଖେଳିଯିବ। ସେ ଜାଣିପାରିବ ଚାଷର ମହତ୍ତ୍ୱକୁ। ଏପରିକି ଜୈବିକ କୃଷି କରୁଥିବା ଚାଷୀମାନଙ୍କୁ ବିଦ୍ୟାଳୟକୁ ଡାକି ସେମାନଙ୍କ ସହ ପିଲାମାନଙ୍କର ଏକ ମତ ବିନିମୟ କାର୍ଯ୍ୟକ୍ରମର ସୁଯୋଗ ରହୁ। ଚାଷୀ ବି ନିଜ ଜ୍ଞାନ ବାଣ୍ଟିବ ଆଉ ଅପରପଟେ ପିଲାମାନେ ଏହାର କୌଶଳ ଶିଖିବେ। ଏବେ କୃଷିକ୍ଷେତ୍ରରେ ଅନେକ ଜ୍ଞାନକୌଶଳ ବ୍ୟବହାର କରାଗଲାଣି। ଅନେକ ଉଦ୍ୟୋଗୀ ଚାଷ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଲେଣି। ସେମାନଙ୍କ ଫାର୍ମକୁ ଥରେ ଥରେ ପିଲାମାନଙ୍କୁ ନିଆଯାଉ। ପିଲାଙ୍କୁ ବଣଭୋଜି କାର୍ଯ୍ୟକ୍ରମରେ କୃଷିଫାର୍ମରେ ବୁଲିବାକୁ ସୁଯୋଗ ଦିଆଯାଉ। ପିଲା ଜାଣିବେ ସମନ୍ୱିତ କୃଷିର ମହକ। ଗୋଟିଏ ସ୍ଥାନରେ ମାଛ, ଶସ୍ୟ, ଗୋପାଳନ ଓ କୁକୁଡ଼ା ପାଳନକୁ ଦେଖି ପିଲାଙ୍କ ଭିତରେ କୃଷି ପାଇଁ ଆଦର ବଢ଼ିବ। କୃଷିକୁ କଷ୍ଟ ନୁହେଁ, ବରଂ ସାମାଜିକ ଜୀବନଧାରା ସହ ଯୋଡ଼ିବାର ଏକ ପ୍ରୟାସ ଆରମ୍ଭ ହେଉ। ଆଜି ଆମେ ବୁଝିପାରୁଛୁ ଚାଷର ମହାନତା କ'ଣ। ତେବେ ଏସବୁ ଛୋଟ ବେଳୁ ହେଲେ ପିଲା ବଡ଼ ହେଲେ ଚାକିରି କରୁ, କିନ୍ତୁ ଚାଷ ପାଇଁ ଆଦର ନକମୁ।

ଅଭିଭାବକମାନେ ବି ଏ ଦିଗରେ ଯତ୍ନବାନ୍ ହେବା ଆବଶ୍ୟକ। ପିଲାଙ୍କ ଭିତରେ ସବୁ ପ୍ରକାର ଦକ୍ଷତାର ବିକାଶ କରାଇବାରେ କେବଳ ବିଦ୍ୟାଳୟ ନୁହେଁ, ବରଂ ମା'ବାପାମାନଙ୍କର ବଡ଼ ଭୂମିକା ରହିଛି। ଯେବେ ପିଲା ନିଜ ଗାଁ ଜମିରେ ଫଳନ୍ତି ବୃକ୍ଷ ଦେଖିବେ, ସେମାନେ ନିଶ୍ଚୟ ପୁନର୍ବାର ସେଠାକୁ ଯିବାକୁ ମନ ବଳାଇବେ। ପିଲାମାନଙ୍କ ଦ୍ୱାରା ବିଦ୍ୟାଳୟରେ କୃଷି ପାଇଁ ସଚେତନା ବୃଦ୍ଧି କରାଯାଉ। ଆମ ରାଜ୍ୟର ଚାଷର ବିବରଣୀକୁ ପିଲାଙ୍କ ପ୍ରଶ୍ନପତ୍ରରେ ସ୍ଥାନ ଦିଆଯାଉ। ପିଲାଙ୍କୁ ପନିପରିବା ହେଉ କି ଫୁଲ ଗଛ ବିଦ୍ୟାଳୟ ହତା ଭିତରେ ଲଗାଇବାର ସୁଯୋଗ ଦିଆଯାଉ। ସେମାନେ ନିଜେ ଖତସାର ଆଉ ପାଣିଦେଇ ଯେବେ ଗଛଟି ବଢ଼ି ଫଳ ଧରିବ, ଦେଖିବେ ସେମାନଙ୍କ ଖୁସି ଆପଣ ନିଜେ ବାରିପାରିବେ। ସରକାରଙ୍କ ଦ୍ୱାରା ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ କରାଯିବାକୁ ଯୋଜନା ପ୍ରସ୍ତୁତ ହେଉ।

ନିକଟରେ ମହାରାଷ୍ଟ୍ର ସରକାରଙ୍କ ଦ୍ୱାରା ଏ ଦିଗରେ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରେଣୀ– ପ୍ରଥମରୁ ପଞ୍ଚମ, ଷଷ୍ଠରୁ ଅଷ୍ଟମ, ନବମ ଓ ଦଶମର ବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଛି। କୃଷିର ଗୁରୁତ୍ୱ, ଉପଯୋଗିତା, ଭବିଷ୍ୟତରେ କୃଷିରେ କ୍ୟାରିଅର କରିବାର ସମସ୍ତ ତଥ୍ୟକୁ ଉପସ୍ଥାପନର ଯୋଜନା କରାଯାଇଛି।

ଆମ ରାଜ୍ୟରେ ବିଦ୍ୟାଳୟ ଶ୍ରେଣୀଗୃହରେ ଏହାକୁ ଅନ୍ତର୍ଭୁକ୍ତ କରାଯାଉ। ପିଲାଙ୍କୁ କେବଳ ବିଦ୍ୟାଳୟ ନୁହେଁ, ଅଭିଭାବକମାନେ ମଧ୍ୟ ଏଥିପାଇଁ ଦୃଷ୍ଟି ଦିଅନ୍ତୁ। ଚାଷର ବିଭିନ୍ନ କାର୍ଯ୍ୟକ୍ରମକୁ ଟିଭିରେ ପିଲାଙ୍କୁ ଦେଖାନ୍ତୁ। ଖବରକାଗଜରେ କୃଷି ପୃଷ୍ଠାକୁ ପିଲାଙ୍କୁ ପଢ଼ାଇବାକୁ ଦିଅନ୍ତୁ। ଚାଷ କେବଳ ଅଫିସର କି ଚାଷୀଙ୍କ ପାଇଁ ନୁହେଁ, ଏହା ସବୁ ବର୍ଗର, ସବୁ ଶ୍ରେଣୀର ଲୋକଙ୍କ ପାଇଁ ଏକ ଅମୃତ ତତ୍ତ୍ୱର ନିଦର୍ଶନ।

**କୃଷି ସ୍ନାତକୋତ୍ତର, ମୃତ୍ତିକା ବିଜ୍ଞାନ, ସୋଆ, ଭୁବନେଶ୍ୱର**



# ବିଶ୍ୱାସର ହତ୍ୟା ଅପରାଧ ନୁହେଁ କି

ଉତ୍କଳିକା ଦାଶ

ବିଶ୍ୱାସ ଶବ୍ଦଟି ଅଦୃଶ୍ୟ ହେଲେ ମଧ୍ୟ ଏହାର କ୍ଷମତା ଜଣଙ୍କୁ ଅନେକଙ୍କ ସହ ବାନ୍ଧି ରଖିବାରେ ଥାଏ। ମନୁଷ୍ୟ, ମନୁଷ୍ୟ ସହ ଏବଂ ମନୁଷ୍ୟ ସହ ଅନ୍ୟ ଜୀବମାନଙ୍କୁ ମଧ୍ୟ ଏକାଠି ରଖିବାରେ ସହାୟକ ହୋଇଥାଏ। ବୋଧହୁଏ ଏହା ନଥିଲେ ଶୃଙ୍ଖଳିତ ସମ୍ପର୍କଟିଏ ଗଢ଼ା ସମ୍ଭବ ହୋଇ ପାରିନଥା'ନ୍ତା। ପ୍ରତ୍ୟେକ ବ୍ୟକ୍ତି ବା ଜୀବମାନଙ୍କ ଏହା ସ୍ୱଭାବ ପ୍ରକ୍ରିୟା। ଯାହା ସାହାଯ୍ୟରେ ତୋଳାହୁଏ ସୁନ୍ଦର ସମ୍ପର୍କ। ମା', ବାପା, ସନ୍ତାନ ସନ୍ତତି, ବନ୍ଧୁ, ପଡ଼ିଶା ଏପରିକି ରାଜ୍ୟ ଓ ରାଷ୍ଟ୍ର ମଧ୍ୟରେ ଥାଏ ବିଶ୍ୱାସର ଡୋର। ଯେତେଦିନ ପର୍ଯ୍ୟନ୍ତ ଏ ରଜ୍ଜୁଟି ଦୃଢ଼ ହୋଇ ରହିଥିବ, ସେତେଦିନ ପର୍ଯ୍ୟନ୍ତ ସମ୍ପର୍କଟି ସୁରକ୍ଷିତ ରହିଥିବ। ଆଉ ଯେବେ ଏହା ଦୁର୍ବଳ ହୋଇଯିବ, ସେବେଠାରୁ କବର ନେଇଯିବ ବିଶ୍ୱାସରେ ସୃଷ୍ଟ ସୁନ୍ଦର ସମ୍ପର୍କ। ବିଶ୍ୱାସକୁ ସୁଦୃଢ଼ କରିବାକୁ ହେଲେ ଜଣଙ୍କୁ ନୁହେଁ ଉଭୟ ପକ୍ଷଙ୍କୁ ସମାନ ଭାବେ ସଜାଗ ରହିବାକୁ ପଡ଼େ। ନଚେତ୍ କେତେବେଳେ ଯେ ଏହା ଛିଡ଼ିଯାଏ ତାହା ଜ୍ଞାତ ବାହାରେ। ପରସ୍ପର ପ୍ରତି ଭରସା, ସଚ୍ଚୋଟତା ଓ ଅହିଂସା ଗୁଣରେ ଗଢ଼ା ବିଶ୍ୱାସକୁ କୌଣସି ମାପକାଠିରେ ମାପିବା ସମ୍ଭବ ନୁହେଁ। ବରଂ ପରସ୍ପର ପ୍ରତି ଥିବା ସମ୍ମାନବୋଧ ଓ କର୍ତ୍ତବ୍ୟନିଷ୍ଠା ଜଣାଇଦିଏ ସେମାନଙ୍କ ଦୃଢ଼ ସମ୍ପର୍କକୁ। ସାମ୍ପ୍ରତିକ ସ୍ଥିତିରେ କିନ୍ତୁ ଏହି ଶବ୍ଦର ଅବକ୍ଷୟ ହୋଇ ଚାଲିଛି। ସେଥିପାଇଁ ତ ନିମିଷକେ ତୁଟି ଯାଉଛି ସମ୍ପର୍କଟି। ବେଳେବେଳେ ଉଭୟ ପକ୍ଷ କରୁଥିବା ବେଳେ ଅଧିକାଂଶ ବିଶ୍ୱାସର ହତ୍ୟା ଏକପାଖିଆ ହୋଇଥାଏ। ଏହି ଏକ ପକ୍ଷର ବିଶ୍ୱାସଘାତ ଅନ୍ୟପକ୍ଷକୁ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ କରିପକାଏ, ଯାହା ଏବେ ଆମ ସମାଜରେ ଘଟୁଛି। ଜଣଙ୍କ ବିଶ୍ୱାସରେ ବିଷ ଦେଇ ଜଣେ ଖୁସି ହେଉଥିବା ବେଳେ, ପ୍ରତାରଣା ପାଇଁ ଅନ୍ୟ ଜଣେ ଛଟପଟ ହୋଇ ନିଜ ଜୀବନ ହାରିବାକୁ ବି ପଛାଏ ନାହିଁ। ତେବେ ବିଶ୍ୱାସକୁ ଆଘାତ କରାଯାଉଥିବା ଭଳି କାର୍ଯ୍ୟ ଅପରାଧ ନୁହେଁ କି? ଜଣକୁ ଶାରୀରିକ ଓ ମାନସିକ ରୂପେ ଦୁର୍ବଳ ହେବାକୁ ବାଧ କରାଉଥିବା ବ୍ୟକ୍ତି ଜଣକ ଅପରାଧୀ ନୁହେଁ କି? ଶାରୀରିକ ରୂପେ ଯଦି ଜଣେ ଅନ୍ୟଜଣକୁ ଆଘାତ କରେ ସେଥିପାଇଁ ଦଣ୍ଡବିଧାନ ରହିଛି। କିନ୍ତୁ ମାନସିକ ରୂପେ ଦିଆଯାଉଥିବା ଯନ୍ତ୍ରଣା ଦଣ୍ଡବିଧାନ ରହିଥିବା ସତ୍ତ୍ୱେ ମଧ୍ୟ ଅନେକ ସମୟରେ ପ୍ରମାଣ ନ ଥିବାରୁ ଦୋଷୀ ଉପରେ କୌଣସି କାର୍ଯ୍ୟକାରୀ ହେଉନଥିବାର ଜଣାଯାଏ। ତେବେ ଶାରୀରିକ କ୍ଷତି ଯଦି ଅପରାଧ ହୁଏ। ମାନସିକ କ୍ଷତି ଅପରାଧ ଅନ୍ତର୍ଭୁକ୍ତ ନୁହେଁ କି ବୋଲି ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସମ୍ପ୍ରତି ବିଶ୍ୱାସ ସହ ଖେଳିବା ଏକ ମୁଖ୍ୟ ଖେଳ ସାଜିଛି। ଯେତେ ଲୋକଙ୍କ ଭାବାବେଗକୁ ଆଘାତ କରିପାରିବା, ଆମେ ସେତେ ମହାନ୍ ରୂପେ ନିଜର ବାହାଦୁରି ମାରିପାରିବା। ଅତୀତରେ ଆମ ସମାଜରେ ମୁଖ୍ୟତଃ ସମସ୍ତଙ୍କ ଭାବାବେଗକୁ ପ୍ରାଧାନ୍ୟ ଦିଆଯାଉଥିଲା। କାହା ମନରେ ସାମାନ୍ୟତମ କଷ୍ଟ ନ ଲାଗିବା ପାଇଁ ସମସ୍ତେ ତତ୍ପର ଥିଲେ। କିନ୍ତୁ ଆଧୁନିକ ସମାଜରେ ତାହାର ବ୍ୟତିକ୍ରମ ହେଉଛି। ଯଦି କାହାକୁ ହରାଇବାର ଅଛି, ତେବେ ପ୍ରଥମେ ତା' ମନରେ ବିଶ୍ୱାସ ଜନ୍ମାଯାଉଛି ଯେ ତାଙ୍କ ପରି ହିତାକାଂକ୍ଷୀ ପାଇଁ ଦୁନିଆରେ ଆଉ କେହି ନାହାନ୍ତି। ଆଉ ସେତକ ଜିତିଗଲା ପରେ ତା' ବିଶ୍ୱାସରେ ବିଷ ଦେଇ ଚିରଦିନ ପାଇଁ ତାଙ୍କୁ ପଙ୍ଗୁ କରିଦିଆଯାଉଛି। ଆଉ କେହି କେହି ଏହି ଦୁଃଖକୁ ସହି ନ ପାରି ପ୍ରାଣ ହାରି ଦେଇଥିବା ଦୃଷ୍ଟାନ୍ତ ବି ଅନେକ ରହିଛି। ଆମ ସମାଜରେ ଏବେବି ଅନେକ ଲୋକ ଅଛନ୍ତି, ଯେଉଁମାନେ ଏହାର ଶିକାର ହେଉଛନ୍ତି। ସେମାନେ ଲୋକଲଜ୍ଜା ଭୟରେ ହେଉ କି ସେ ବ୍ୟକ୍ତିଙ୍କୁ ନିଜର ଭାବି କୌଣସି କାର୍ଯ୍ୟାନୁଷ୍ଠାନ ନିଅନ୍ତି ନାହିଁ। ଏହାଦ୍ୱାରା ବିଶ୍ୱାସହନ୍ତାର ଅଧିକ ସାହସ ବଢ଼ିଥାଏ ପୁନର୍ବାର ଏପରି କରିବାକୁ। ଏବେ କିନ୍ତୁ ସମୟ ସଚେତନତାର ରହିଛି, ଏଭଳି ଭୟଙ୍କର ବ୍ୟକ୍ତିଙ୍କୁ ନିକଟରୁ ଦୂରେଇ ରହିବାକୁ।



ଯେଉଁଠି ବିଶ୍ୱାସର ହତ୍ୟା ହୁଏ ସେପଟେ ସୃଷ୍ଟି ହୁଏ ଘୃଣା, ଆଉ ଘୃଣାରୁ ଜାତ ହୁଏ ଅପରାଧ। ସେ ଶାରୀରିକ ରୂପେ ହେଉ ଅବା ମାନସିକ ରୂପେ ହେଉ। ସେହି ବିଶ୍ୱାସଟିକୁ ହତ୍ୟା କରି ତ ସମାଜରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରାଯାଉଛି। ସ୍ୱାମୀ, ସ୍ତ୍ରୀ, ସନ୍ତାନ, ପ୍ରେମିକ, ପ୍ରେମିକା କେଉଁଠି ବି ଅନୁଭୂତ ହେଉନାହିଁ ଏ ବିଶ୍ୱାସ ଶବ୍ଦଟି। ପ୍ରତ୍ୟହ ଗଣମାଧ୍ୟମରେ ଖବର ପ୍ରଚାର ପ୍ରସାର ହେଉଛି ଏହିଭଳି କାହାଣୀ। ଅଧିକ ଦୁଃଖ ଲାଗେ ଯେତେବେଳେ ଆମେ ନିଜକୁ ଶିକ୍ଷିତ ଓ ସଭ୍ୟ ରୂପେ ପ୍ରମାଣିତ କରିସାରିବା ପରେ ବି ଏପ୍ରକାର ଘୃଣ୍ୟ କାର୍ଯ୍ୟ କରି ବାଃ ବାଃ ନେଉଛନ୍ତି।

ଗତ କିଛିଦିନ ତଳେ ଜଣେ ବାନ୍ଧବୀଙ୍କ ସହ ଦେଖା ହୋଇଥିଲା। ଉଦାସୀନତାରେ ପରିପୂର୍ଣ୍ଣ ମୁଖମଣ୍ଡଳରେ ସ୍ପଷ୍ଟ ବାରି ହୋଇପଡୁଥିଲା ତା' ଅନ୍ତର ବ୍ୟଥା। କାରଣ ପଚାରିବା ସତ୍ତ୍ୱେ ବି ସେ ଚୁପ୍ ରହି ଆହୁରି ଗମ୍ଭୀର ହୋଇଯାଉଥିଲା। ଶେଷରେ କହିଲା– ସେ ଯାହାକୁ ଆତ୍ମୀୟ ରୂପରେ ଭାବୁଥିଲା। ସମସ୍ତ ସୁଖ, ଦୁଃଖ ତା' ସହ ବାଣ୍ଟୁଥିଲା। ସେ ବ୍ୟକ୍ତି ଜଣଙ୍କ ତା' ସରଳ ଓ ଭଲପାଇବାର ଲାଭ ଉଠାଇ ସାରିବା ପରେ ତା'ଠୁ ଦୂରେଇ ଯାଇଥିଲା ଏବଂ ସମସ୍ତ ପ୍ରକାର ଯୋଗାଯୋଗରୁ ବିଚ୍ଛିନ୍ନ କରି ଦେଇଥିଲା। ଏବେ ବାନ୍ଧବୀ ଜଣଙ୍କ ଏତେ ମର୍ମାହତ ହୋଇପଡ଼ିଥିଲେ ଯେ, ଦିନକୁ ଦିନ ଭାଙ୍ଗିପଡ଼ିଥିଲେ ଅନ୍ତରେ ଅନ୍ତରେ। ଆହୁରି ମଧ୍ୟ କହିଲେ ତାଙ୍କର ଏହି ଅବ୍ୟକ୍ତ ବେଦନା ଏତେ କଷ୍ଟମୟ ହୋଇଥିଲା ଯେ, ଅନେକ ସମୟରେ ଜୀବନ ହାରିବାର ପ୍ରୟାସ ମଧ୍ୟ କରିଥିଲେ। ସୌଭାଗ୍ୟବଶତଃ ସେ ବର୍ତ୍ତି ଯାଇଥିଲେ। କିନ୍ତୁ ସେ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ଛଳନା ତାଙ୍କୁ ମାନସିକ ରୂପେ ପଙ୍ଗୁ କରି ଦେଇଥିଲା। ଏହିପରି ଅନେକ ଲୋକ ଆମ ସମାଜରେ ଅଛନ୍ତି, ଯେଉଁମାନେ ଅନ୍ୟର ସରଳତାରେ ହେଉ ଅବା ଭଲପାଇବାରେ ପୂର୍ଣ୍ଣ ଫାଇଦା ଉଠାଇବା ପରେ ସେମାନଙ୍କ ସହ ଛଳନା କରି ତଳିତକାନ୍ତ କରିପକାନ୍ତି। ତେଣୁ ଏପ୍ରକାର ବ୍ୟକ୍ତିଙ୍କଠାରୁ ଯଥାସମ୍ଭବ ଦୂରତା ରଖିବା ଜରୁରୀ।

ବିଶ୍ୱାସର ହତ୍ୟା କୌଣସି ଅପରାଧଠାରୁ ଊଣା ନୁହେଁ। କିନ୍ତୁ ନ୍ୟାୟାଳୟରେ ପ୍ରତି ଅପରାଧ ପାଇଁ ପ୍ରମାଣର ଆବଶ୍ୟକତା ରହୁଛି। ବିନା ପ୍ରମାଣରେ ଦୋଷୀ ଦଣ୍ଡ ପାଇପାରିବ ନାହିଁ। କୌଣସି ବସ୍ତୁ ବା ଶାରୀରିକ ରୂପେ ଆଘାତ ହେଲେ ସିନା ପ୍ରମାଣ ରହିବ। ମାନସିକ ରୂପେ ମିଳିଥିବା ଯନ୍ତ୍ରଣାର ପ୍ରମାଣ ବା କ'ଣ ରହିବ! ସେଥିପାଇଁ ଭଗବାନଙ୍କ ଭରସାରେ ଛାଡ଼ିଦିଆଯାଏ ଦୋଷୀକୁ କିନ୍ତୁ ପ୍ରକୃତରେ ଯଦି ବିଶ୍ୱାସରେ ବିଷ ଦେଉଥିବା ବ୍ୟକ୍ତିମାନଙ୍କୁ ଉଚିତ୍ ଦଣ୍ଡ ମିଳନ୍ତା, ତେବେ ଏହା ଅନେକ ଲୋକଙ୍କୁ ନ୍ୟାୟ ପାଇବାରେ ସହାୟକ ହେବା ସହ କେହି କାହାର ବିଶ୍ୱାସକୁ ହତ୍ୟା କରିବା ପାଇଁ ଭୟ ମଧ୍ୟ କରନ୍ତେ। ଏଥିନିମନ୍ତେ ସମସ୍ତେ ସଜାଗ ହେଲେ ସମାଜରୁ ଏହି ଛଳନାକାରୀଙ୍କର ପତନ ହେବ। ସମାଜର ବିଶ୍ୱାସଘାତ ଶବ୍ଦର ମଧ୍ୟ ବିଲୋପ ହୋଇପାରିବ।

**ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା**
**ମୋ: ୭୦୦୮୫୫୯୬୯୩**

## ଏଇ ଭାରତରେ

ପେଟ୍ ବଟଲକୁ ରିସାଇକେଲ କରି ସେଥିରୁ କରଡ଼ା ଏବଂ ପରେ ବିଭିନ୍ନ ପ୍ରକାର ଉତ୍ପାଦ ତିଆରି କରୁଛନ୍ତି ତାମିଲନାଡୁର ପିତା–ପୁତ୍ର ଯୋଡ଼ି। କେ. ଶଙ୍କର ଓ ତାଙ୍କ ପୁଅ ସେନ୍ଥିଲ ଶ୍ରୀ ରେଙ୍ଗା ପଲିମର କମ୍ପାନୀ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପେଟ୍ ବଟଲକୁ ରିସାଇକେଲ କରି ସେଥିରୁ ଜ୍ୟାକେଟ, ଟି–ଶାର୍ଟ, ବ୍ଲେଜର ଏବଂ ବଟମ ଆଦି ପ୍ରସ୍ତୁତ କରାଯାଉଛି। ଏହି କମ୍ପାନୀରେ ଦିନକୁ ୧୫ ଲକ୍ଷ ବଟଲ ରିସାଇକେଲ ହେଉଛି। ସେମାନେ ପ୍ରସ୍ତୁତ କରୁଥିବା ପୋଷାକରେ ବ୍ରାଣ୍ଡ ରଖିଛନ୍ତି ଇକୋଲାଇନ। ୮ଟି ପେଟ୍ ବଟଲରେ ଗୋଟିଏ ଟି–ଶାର୍ଟ, ୨୦ଟିରେ ଗୋଟିଏ ଜ୍ୟାକେଟ ଓ ୩୦ଟି ବଟଲରେ ଗୋଟିଏ ବ୍ଲେଜର ତିଆରି କରାଯାଇପାରୁଛି। ବାପ–ପୁଅ ତିନି ଦଶନ୍ଧି ଧରି ଦେଶ ଓ ଦେଶ ବାହାରେ ବିଭିନ୍ନ ରିସାଇକେଲ ସଂସ୍ଥା ସହ ଜଡ଼ିତ ହେବାପରେ ଶେଷରେ ପ୍ଲାଷ୍ଟିକ ବର୍ଜ୍ୟର ସମାଧାନ ଲାଗି ଏହି ଉପାୟ ଆପଣାଇଛନ୍ତି। ୨୦୦୮ରେ ସେମାନେ ପ୍ରଥମେ ରେଙ୍ଗା ପଲିମର ପ୍ରତିଷ୍ଠା କରିଥିଲେ। ଏବେ ଏହା ୧୦୦ କୋଟି ଟଙ୍କା କାରବାର କରୁଛି। କେ. ଶଙ୍କର ଆଇଆଇଟିରୁ ଡିଗ୍ରୀ ହାସଲ କରିଛନ୍ତି ଓ ପୁଅ ସାଧାରଣ ଡିଗ୍ରୀ କରି ପିତାଙ୍କ ସହ କାର୍ଯ୍ୟ କରୁଛନ୍ତି। ଉତ୍ପାଦର ମୂଲ୍ୟ ୫୦୦ରୁ ୬୦୦୦ ଟଙ୍କା ଯାଏ ରଖାଯାଇଛି। ସେମାନେ ମାସକୁ ୨୦,୦୦୦ ଅର୍ଡର ପାଉଛନ୍ତି। ପେଟ୍ ବଟଲ ସଂଗ୍ରହ କରିବା ପାଇଁ ସେମାନେ ୫୦,୦୦୦ ବର୍ଜ୍ୟଗୋଟାଳିଙ୍କୁ ଆନ୍ଧ୍ରପ୍ରଦେଶ, କେରଳ, କର୍ନାଟକ, ତାମିଲନାଡୁ ଓ ପୁଡୁଚେରୀରେ ନିୟୋଜିତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଜୁନ୍ ୧୯୯୮**

- ଦକ୍ଷିଣ ଆସାମର ବାରାକ ଉପତ୍ୟକା ଇଲାକାରେ ବନ୍ୟା ଏବଂ ମାଟି ଅତଡ଼ା ଧସି ୧୭ ଜଣଙ୍କ ମୃତ୍ୟୁ।
- ବିଭିନ୍ନ ସ୍ତରରୁ ସମାଲୋଚିତ ହେବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୟୁରିଆର ବର୍ଦ୍ଧିତ ମୂଲ୍ୟ ପ୍ରତ୍ୟାହୃତ।
- ବିମାନ ଚଳାଚଳକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ପାକିସ୍ତାନ ଏବଂ ଦୁବାଇ ମଧ୍ୟରେ ନୂତନ ଚୁକ୍ତି ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେକୁ ବେଆଇନ କରାଯାଉ

ମହାଶୟ,

ବର୍ତ୍ତମାନ ବିବାହ ଋତୁ। ବର ଶୋଭାଯାତ୍ରାରେ ଡିଜେର ବୁକୁଫଟା ଶବ୍ଦ ଅସହ୍ୟ ହୋଇପଡୁଛି। ନିକଟରେ ଜଣେ ବର ବିବାହ ବେଦୀରେ ହାତଗଣ୍ଠି ପଡିବା ପରେ ଡିଜେ ଶବ୍ଦରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଶୁଣିବାକୁ ମିଳିଥିଲା। କିଛିଦିନ ତଳେ ନୀଳଗିରି ନିକଟରେ ଏକ ବ୍ରୟଲର ଫାର୍ମ ଦେଇ ବରଯାତ୍ରୀ ଶୋଭାଯାତ୍ରା ଯାଉଥିଲା। ଡିଜେ ଶବ୍ଦରେ ବ୍ରୟଲର କୁକୁଡା ଉଡ଼ିବାକୁ ଆରମ୍ଭ କଲେ। ଫାର୍ମ ମାଲିକ ଡିଜେ ବନ୍ଦ କରିବା ପାଇଁ ଅନୁରୋଧ କଲେ କେହି ଶୁଣିଲେ ନାହିଁ। ବର ବାହାରିଗଲା ପରେ ଫାର୍ମ ମାଲିକ ଦେଖିଲେ ୭୦ କୁକୁଡା ମରି ପଡ଼ିଛନ୍ତି। କଥା ଥାନାକୁ ଗଲା ବର ପିତା ୭୦ କୁକୁଡାର ଦୁଇଗୁଣ ଦାମ୍ ଦେଇ କେସ୍ ରଫାଦଫା କଲେ।

**–କହ୍ନେଇ ଚରଣ ନନ୍ଦୀ, ସଆନ୍ତା, ଶେରଗଡ, ବାଲେଶ୍ୱର**

## ଚିରନ୍ତନୀ

ଉପହାସେ କର ଯେହୁ
ମାନବର କ୍ଷୁଦ୍ର ଆବିଷ୍କାର
ଜଡ଼ରୂପୀ ହେ ଆକାଶ !
ଘେନାକର ମୋର ନମସ୍କାର।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୩ ଜୁନ୍, ୨୦୨୩

## ବିଦ୍ୟୁତ ଆଘାତରେ ବସ୍ ହେଲପର୍ ମୃତ

**ପୁରୀ ଅଫିସ :** ପୁରୀ ବସ୍‌ଷ୍ଟାଣ୍ଡରେ ସୋମବାର ବିଦ୍ୟୁତ ଆଘାତରେ ଜଣେ ବସ୍ ହେଲ୍‌ପର୍‌ଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲା ମାହାଙ୍ଗା ଓଲକଣାର ମନୋଜ ରାଉତ (୩୨)। ସେ ଡଲ୍‌ଫିନ (ନଂ. ଓଡି ୦୫ ବିକେ ୭୧୬୫) ନାମକ ଏକ ବସ୍‌ରେ ହେଲ୍ପର ଭାବେ କାର୍ଯ୍ୟରତ ଥିଲେ। ସୋମବାର ବସ୍‌ଷ୍ଟାଣ୍ଡରେ ମନୋଜ ଉକ୍ତ ବସ ଉପରେ ଚଢ଼ି ଯାତ୍ରୀଙ୍କ ଲଗେଜ ରଖୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡ଼ିଥିଲେ। ବସ୍‌ଷ୍ଟାଣ୍ଡରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ।



## ସଂକ୍ଷେପରେ

### ୫୦ ପ୍ରତିଶତ କମ୍ ଦରରେ ଜାତୀୟକରଣ ପାଠ୍ୟପୁସ୍ତକ

ଭୁବନେଶ୍ୱର,୧୨।୬(ବ୍ୟୁରୋ): ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପ୍ରତ୍ୟେକ ଜାତୀୟକରଣ ପାଠ୍ୟପୁସ୍ତକ ୫୦ ପ୍ରତିଶତ କମ ଦରରେ ବିକ୍ରି କରାଯାଉଛି। ରାଜ୍ୟର ବିଭିନ୍ନ ଜିଲାରେ ମୋଟ ୬୪ଟି ବିକ୍ରୟ କେନ୍ଦ୍ରରେ ଏହା ଉପଲବ୍ଧ ହେଉଛି। ସୋମବାର ଠାରୁ ଏହାର ବିକ୍ରୟ ଆରମ୍ଭ ହୋଇଛି। ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ପାଠ୍ୟପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ ନିର୍ଦ୍ଦେଶକଙ୍କୁ ୦୬୭୪-୨୩୮୦୮୭୧ ଏବଂ ୨୩୮୦୮୭୨ ନମ୍ବରରେ ଜଣାଇବାକୁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ଇଚ୍ଛୁକ ବିଦ୍ୟାର୍ଥୀ, ଅଭିଭାବକ କେବଳ ଗୋଟିଏ ସେଟ ପୁସ୍ତକ କ୍ରୟ କରିପାରିବେ ବୋଲି କୁହାଯାଇଛି।

### ଶିଶୁଶ୍ରମ ନିରୋଧ ପାଇଁ ସଚେତନତା

ଭୁବନେଶ୍ୱର,୧୨।୬(ବ୍ୟୁରୋ): ଶିଶୁକୁ ଶ୍ରମିକ ଭାବେ ଖଟାଇବା ଦଣ୍ଡନୀୟ ଅପରାଧ। ଶିଶୁମାନଙ୍କୁ ସୁସ୍ଥ ବାତାବରଣ ଯୋଗାଇ ଦେବା ଓ ଶିକ୍ଷାକୁ ସୁନିଶ୍ଚିତ କରାଇବା ଜରୁରୀ ବୋଲି ସିସିଡବ୍ଲ୍ୟୁଡି ଓ ଆକ୍ସନ୍‌ଏଡ୍ ପକ୍ଷରୁ ଆୟୋଜିତ ବିଶ୍ୱ ଶିଶୁଶ୍ରମ ନିରୋଧ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ନୀଳଚକ୍ର ନଗରରେ ଆୟୋଜିତ ଅତିଥି ଭାବରେ ସିସିଡବ୍ଲ୍ୟୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଯୋଗ ଦେଇ ଶିଶୁଶ୍ରମିକ ଆଇନ ଓ ଶିକ୍ଷା ଅଧିକାର ଆଇନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବସ୍ତିର ମାନବ ଶୃଙ୍ଖଳ ଓ ଶପଥପାଠ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମକୁ ରେଣୁବାଳା ସାହୁ, ସବିତା ରାଉତ, ଶିବ ସାହୁ, ସରସ୍ୱତୀ ପରିଡା, ସୁଚରିତା ବେହେରା ଓ ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ ଜେଲ

ନିମାପଡ଼ା,୧୨।୬(ଡି.ଏନ୍.ଏ.): ନିମାପଡ଼ାର ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ ସୋମବାର ଏକ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସେ ହେଲେ ନିମାପଡ଼ା ଥାନା ମଣିଜଙ୍ଗ ଗ୍ରାମର କୈଳାସ ବେହେରା। ତାଙ୍କୁ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସୂଚନା ମୁତାବକ, ଗତ ୨୦୧୭ ଫେବୃୟାରୀ ୨ରେ ମଣିଜଙ୍ଗପାଟଣା ଗ୍ରାମର କୈଳାସ ମୁଗ କିଆରିରେ ଗୋରୁ ଚରାଇ ଫସଲ ନଷ୍ଟ କରିଥିଲେ। ଏହାକୁ କେନ୍ଦ୍ର କରି କୈଳାସ ଏବଂ ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କୈଳାସ ଓ ତାଙ୍କ ପୁଅ ମିଶି ଦୁର୍ଯ୍ୟୋଧନଙ୍କ ମୁଣ୍ଡକୁ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଫେବୃୟାରୀ ୨୪ରେ ଦୁର୍ଯ୍ୟୋଧନଙ୍କ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ କୈଳାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ୍‌ରେ ଆସିଥିଲେ। ସୋମବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ କୈଳାସ କୋର୍ଟରେ ହାଜର ଥିଲେ। ଏହାପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

# ୧୪ ସିସି କ୍ୟାମେରା ଅଚଳ, ୨୯ ଅଧା କାମ କରୁନି

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ସହରର ସୁରକ୍ଷା ଓ ଟ୍ରାଫିକ ପରିଚାଳନା ପାଇଁ ଭୁବନେଶ୍ୱରର ବିଭିନ୍ନ ପଏଣ୍ଟରେ ସିସି କ୍ୟାମେରା ରହିଛି। ହେଲେ ରକ୍ଷଣାବେକ୍ଷଣ ଅଭାବରୁ କେତେକ ସ୍ଥାନରେ ଏହା ମାସ ମାସ ଧରି ଅଚଳ ହୋଇପଡିଥିଲେ ମଧ୍ୟ ଆବଶ୍ୟକ ମରାମତି କରାଯାଉ ନାହିଁ କି ନୂଆ ଲଗାଯାଉ ନାହିଁ। ସ୍ମାର୍ଟ ସିଟିରେ ସ୍ମାର୍ଟ ତଦାରଖ ନିମନ୍ତେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କମିଶନରେଟ ପୋଲିସ ପକ୍ଷରୁ ବହୁ କୋଟି ଟଙ୍କା ବ୍ୟୟରେ ୧୪୭ ସ୍ଥାନରେ ୫୭୧ଟି ସିସି କ୍ୟାମେରା ଲଗାଯାଇଛି। ଏଥିମଧ୍ୟରୁ



ସିସିଟିଭି ଉପରେ ଚଢ଼େଇ ବସା।

ଏସ୍‌ଭିଡିଏସ୍ (ସ୍ପିଡ୍ ଭାଓଲେଶନ୍ ଡିଟେକ୍ଟିଭ୍ ସିଷ୍ଟମ) ଓ ଟିଭିଡିଏସ୍ (ଟ୍ରାଫିକ ଭାଓଲେଶନ୍ ଡିଟେକ୍ଟିଭ ସିଷ୍ଟମ୍) ଲାଗି ୩୨ଟି ସ୍ଥାନରେ ୩୧୨ଟି କ୍ୟାମେରା ଲଗାଯାଇଛି। ତେବେ ୫୫୭ଟି କ୍ୟାମେରା କାର୍ଯ୍ୟ କରୁଥିବାବେଳେ ୧୪ଟି ଅଚଳ ହୋଇପଡିରହିଛି। ସେହିପରି ୨୯ଟି ସ୍ଥାନରେ ଲାଗି ଥିବା ଟିଭିଡିଏସ୍ କ୍ୟାମେରାଗୁଡିକର କେତେବେଳେ ଲିଙ୍କ୍ ମିଳୁନାହିଁ ତ ଆଉ କେତେକ ସ୍ଥାନରେ ରକ୍ଷଣାବେକ୍ଷଣ ଅଭାବରୁ କ୍ୟାମେରା ଉପରେ ଓ ତା'ଚାରିପାଖେ ଗଛ ଲତା

**ସ୍ମାର୍ଟ ସିଟିରେ ସ୍ମାର୍ଟ ବ୍ୟବସ୍ଥା ଏମିତି**

ମାଡ଼ିଯିବା ସହ ପକ୍ଷୀମାନେ ବସା ବାନ୍ଧିଥିବା ଦେଖିବାକୁ ମିଳୁଛି।

ଏନେଇ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି, ସିସି କ୍ୟାମେରା ମାଧ୍ୟମରେ ସହରର ଟ୍ରାଫିକ ବ୍ୟବସ୍ଥାକୁ ପରିଚାଳନା କରାଯାଉଛି। ଟିଭିଡିଏସ୍ ଓ ଏସ୍‌ଭିଡିଏସ୍ ଦ୍ୱାରା ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଇ ଇ-ଚାଲାଣ କଟାଯାଉଛି। କିନ୍ତୁ କେତେକ ସ୍ଥାନରେ ସିସି କ୍ୟାମେରାଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡିରହିଛି। ଖୁବ୍‌ଶୀଘ୍ର ସେଗୁଡିକର ମରାମତି କରାଯିବା ସହ ଆଉ କେତେକ ସ୍ଥାନରେ ଅଚଳ ସିସି କ୍ୟାମେରାକୁ ହଟାଇ ନୂଆ ଲଗାଯିବ।

# ହାତୀଆସୁଣିରେ ପୁଣି ବୁଲିଲା ଦନ୍ତା

ଭୁବନେଶ୍ୱର,୧୨।୬(ବ୍ୟୁରୋ)

**୨୦ଦିନରେ ୩ଥର, ଭୟରେ ଅଞ୍ଚଳବାସୀ**

ସୋମବାର ରାତିରେ ପୁଣି ଭରତପୁର ଜଙ୍ଗଲ ପାଚେରି ଡେଇଁ ସହର ଭିତରକୁ ଏକ ଦନ୍ତା ହାତୀ ପଶି ଆସିଥିଲା। ମୈତ୍ରୀ ବିହାର ଅନ୍ତର୍ଗତ ସାଲିଆ ସାହିର ହାତୀଆସୁଣିରେ ପଶି ବହୁ ସମୟ ଧରି ବୁଲାବୁଲି କରିଥିଲା। କାହାର କୌଣସି କ୍ଷତି କରି ନ ଥିଲେ ମଧ୍ୟ ଲୋକଙ୍କ ଘର ଆଗରେ ଚଳପ୍ରଚଳ କରୁଥିବାରୁ ରାତି ଅଧରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। କାଳେ ଦନ୍ତା ଘର ଭାଙ୍ଗି ଦେବ, ଆକ୍ରମଣ କରିବ, ସେହି ଭୟରେ ଯିଏ ଯୁଆଡେ ପାରିଲେ ଧାଇଁଥିଲେ। କିଏ ରାସ୍ତା ଉପରେ ତ ଆଉ କିଏ ପାଟି କରି ହାତୀ ଘଉଡାକୁ ଚେଷ୍ଟା କରିଥିଲେ। ହେଲେ ହାତୀ ନ ଯିବାରୁ ଖବର ପାଇ ବନବିଭାଗ ପହଞ୍ଚି ହାତୀକୁ ଜଙ୍ଗଲ ଆଡକୁ ଘଉଡାଇ ଦେଇଥିଲା। ୨୦ଦିନ ମଧ୍ୟରେ ହାତୀଟି ୩ଥର ଆସିଥିବାରୁ ଲୋକମାନେ ଉକ୍ତ ପାଚେରୀ ଉଚ୍ଚତାକୁ ବଢାଇବାକୁ ଦାବି କରିଛନ୍ତି। ଅନ୍ୟପଟେ ରେଞ୍ଜ ଅଫସର କହିଛନ୍ତି, ହାତୀ ବାରମ୍ବାର ଆସୁଥିବାରୁ ସୁରକ୍ଷା ପାଇଁ ସେଠାରେ କର୍ମଚାରୀ ନିୟୋଜିତ ରହିବା ସହ ପାଟ୍ରୋଲିଂ କଡାକଡି କରାଯିବ। ପ୍ରବଳ ଖରା ହେଉଥିବାରୁ ପାଣି ପାଇଁ ହୁଏତ ଜନବସତି ଅଞ୍ଚଳକୁ ହାତୀ ଚାଲି ଆସୁଛନ୍ତି। ତେଣୁ ଜଙ୍ଗଲ ଭିତରେ କେତେକ ସ୍ଥାନରେ ପାଣିର ବ୍ୟବସ୍ଥା କରାଯାଇଛି। ଜଙ୍ଗଲରେ ଆହୁରି ଅଧିକ ସ୍ଥାନରେ ପାଣିର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାମ ବନ୍ଦ ନିର୍ଦ୍ଦେଶ ଦେଲା ଏନ୍‌ଜିଟି

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

**ଶିଖରଚଣ୍ଡୀ ପାହାଡ଼ ଗଛକଟା ପ୍ରସଙ୍ଗ**

ଭୁବନେଶ୍ୱର ନିକଟସ୍ଥ ଶିଖରଚଣ୍ଡୀ ପାହାଡ଼ରେ ଗଛକଟା ପ୍ରସଙ୍ଗରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଛାଟ ବାଜିଛି। ଜୁଲାଇ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣି ନ ହେବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ନ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସିସିଏଫ୍‌ଙ୍କ ଅଧ୍ୟକ୍ଷତାରେ ଏକ ୪ଜଣିଆ କମିଟି ଗଠନ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସପ୍ତାହ ମଧ୍ୟରେ ଘଟଣାସ୍ଥଳ ପରିଦର୍ଶନ କରି ଷ୍ଟେକ୍ ହୋଲ୍ଡରଙ୍କ ସହ ଆଲୋଚନା କରିବା ସହ ୩ ସପ୍ତାହ ମଧ୍ୟରେ ଟ୍ରିବ୍ୟୁନାଲଙ୍କ ନିକଟରେ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ ପାଇଁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱରକୁ ପାଣି ଯୋଗାଣ କରିବା ପାଇଁ ଶିଖରଚଣ୍ଡୀ ପାହାଡ଼ରେ ଏକ ବିଶାଳ ପାଣି ଟାଙ୍କି ନିର୍ମାଣ କରିବା ନେଇ କାମ ଚାଲିଛି। ଏଥିପାଇଁ ବୁଲ୍‌ଡୋଜର ସହାୟତାରେ ପଥର ଫଟାଇ ପାହାଡ଼ ସଫା କରାଯାଉଛି। ତବେ ଏହି ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଲୋକେ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବଘାଟ ପର୍ବତମାଳାର ଅଂଶ ବିଶେଷ ଥିବା ଏହି ପାହାଡ଼ ଜୈବ ବିବିଧତାରେ ପରିପୂର୍ଣ୍ଣ। ବାଣୀବିହାର ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ, କେବଳ ଶିଖରଚଣ୍ଡୀ ପାହାଡରେ ୨୨୦ ପ୍ରକାରର ଔଷଧୀୟ ବୃକ୍ଷ ସହ ଅନେକ ଜୀବଜନ୍ତୁ ଥିବା ଦର୍ଶାଯାଇଥିଲା। ପାହାଡ଼ ନଷ୍ଟ ସହ ଏସବୁ ଅବକ୍ଷୟ ହେଉଥିବା ଅଭିଯୋଗ ଆଣି ଲୋକେ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାର ଶୁଣାଣି କରି କାମ ବନ୍ଦ ରଖିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି।



ଶିଖରଚଣ୍ଡୀ ପାହାଡ଼ର ଫାଇଲ ଫଟୋ।




ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ସୋମବାର ଅନୁଷ୍ଠିତ 'ଷଷ୍ଠ ଗୀତାଞ୍ଜଳି ପ୍ରତିଭା ସମ୍ମାନ' କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

# କୃତୀ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ସମ୍ମାନିତ

ଭୁବନେଶ୍ୱର, ୧୨।୬ (ବ୍ୟୁରୋ)

**ଗୀତାଞ୍ଜଳି ପ୍ରତିଭା ସମ୍ମାନ**

ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ 'ଷଷ୍ଠ ଗୀତାଞ୍ଜଳି ପ୍ରତିଭା ସମ୍ମାନ' ସୋମବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ଟ୍ରଷ୍ଟର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଏହି ପୁରସ୍କାର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ। ସମ୍ମାନିତ ଅତିଥି ଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଟ୍ରଷ୍ଟ ଉପଦେଷ୍ଟା ବିଧୁଭୂଷଣ ପଟ୍ଟନାୟକ, ସାମାଜିକ କର୍ମୀ ସୁଚିସ୍ମିତା ପୃଷ୍ଟି, ମାର୍କଫେଡ୍‌ର ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ଉତ୍କଳିକା ଅଧ୍ୟକ୍ଷା ଦେବସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଲିଅନ୍ତା ଓ ବାଲିପାଟଣାର ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ 'ଷଷ୍ଠ ଗୀତାଞ୍ଜଳି ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି ଶିକ୍ଷୟିତ୍ରୀଶିକ୍ଷକଙ୍କୁ 'ପଞ୍ଚମ ଆଦର୍ଶ ଗୀତାଞ୍ଜଳି ଶିକ୍ଷକ ସମ୍ମାନ' ଏବଂ ଭଲ ପ୍ରଦର୍ଶନ କରିଥିବା ବିଦ୍ୟାଳୟକୁ 'ପଞ୍ଚମ ଆଦର୍ଶ ବିଦ୍ୟାଳୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭୋଜିତ ପଣ୍ଡା, ଦୀନବନ୍ଧୁ ଭୋଇ ପରିଚାଳନା କରିଥିବାବେଳେ ବିଶ୍ୱଜିତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମିଳନୀ'ର ରଜ ଉତ୍ସବରେ ହେବ ମୋଗଲ ତାମ୍‌ସା

ଭୁବନେଶ୍ୱର,୧୨।୬(ବ୍ୟୁରୋ): ସାଂସ୍କୃତିକ ଅନୁଷ୍ଠାନ 'ମିଳନୀ' ପକ୍ଷରୁ ଆସନ୍ତା ୧୬ ତାରିଖରେ ରଜ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଓଡ଼ିଶାର ସର୍ବପୁରାତନ ତଥା ହିନ୍ଦୁ ଏବଂ ମୁସଲିମ୍ ସମ୍ପ୍ରଦାୟ ମଧ୍ୟରେ ମୈତ୍ରୀ ଓ ସଂହତିର ବାର୍ତ୍ତା ବହନ କରୁଥିବା ଅଷ୍ଟାଦଶ ଶତାବ୍ଦୀର କବିତା ଗ୍ରନ୍ଥ ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ଲୋକକଳା 'ମୋଗଲ ତାମ୍‌ସା' ଅନୁଷ୍ଠିତ ହେବ। ଭଦ୍ରକରେ ତତ୍କାଳୀନ ପ୍ରଚଳିତ ଓଡ଼ିଆ, ବେଙ୍ଗଲୀ, ଫାର୍ସୀ, ହିନ୍ଦୀ ଆଦି ଭାଷାରେ ରଚିତ ଅମର କୃତି ଲୀଳା ଯାତ୍ରା ସୌଦାଗରୀ ବିଲୁପ୍ତ ହୋଇଥିବାବେଳେ ପ୍ରୋତ୍ସାହନ ଅଭାବରୁ 'ମୋଗଲ ତାମ୍‌ସା' ବିଲୁପ୍ତ ପ୍ରାୟ। ଭଦ୍ରକର ମନମୋହନ ସଙ୍ଗୀତ ପରିଷଦ ଆନୁକୂଲ୍ୟରେ ସୂଚନା ଭବନରେ ଏହା ଆୟୋଜିତ ହେବ ବୋଲି ମିଳନୀର ସଭାପତି ଯୁଗଳକିଶୋର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ସୁପାରି ମଧ୍ୟସ୍ଥ ଗିରଫ, କାର୍ ଜବତ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

- ବିବାଦୀୟ ଜମିରେ ଦୋକାନ ଭାଙ୍ଗି ଲୁଟ୍ ଘଟଣା
- ଗିରଫଦାରି ସଂଖ୍ୟା ୨୫କୁ ବୃଦ୍ଧି

ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତି ଅଧରେ ଜେସିବି ଲଗାଇ ଦୋକାନ ଭାଙ୍ଗି ଲୁଟ୍ ଘଟଣାରେ ଫେରାର ଥିବା ଆଉ ଜଣେ ବାଉନ୍‌ସର ତଥା ସୁପାରି ମଧ୍ୟସ୍ଥଙ୍କୁ ନୟାପଲ୍ଲୀ ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିଜେବି ନଗରରେ ରହୁଥିବା ପୁରୀ ଜିଲା ଗୋପ ଥାନା ଅଞ୍ଚଳର ବଳରାମ ବେହେରା ଓରଫ ଲୁଲୁ (୩୬)। ତାଙ୍କଠାରୁ ଗୋଟିଏ କାର୍ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବଳରାମ ଏହି ମାମଲାରେ ୩ ଲକ୍ଷ ଟଙ୍କା ନେବା ସହ ସୁପାରୀ ମଧ୍ୟସ୍ଥ ଭାବେ ରାଘବଙ୍କ ସହ ଯୋଗାଯୋଗ କରି ବାଉନ୍‌ସର ଠିକ୍ କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ଉପରୋକ୍ତ ମାମଲାକୁ ମିଶାଇ ମୋଟ ୪ ଗୋଟି ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ବାରମ୍ବାର ଆପରାଧିକ କାର୍ଯ୍ୟାକଳାପରେ ସମ୍ପୃକ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ପଦକ୍ଷେପ ନିଆଯାଉଛି। ତେବେ ଏହି ମାମଲାରେ ବାଉନ୍‌ସର ଗ୍ୟାଙ୍ଗ୍ ରାଘବ ଜେନାଙ୍କ ସମେତ ମୋଟ ୨୫ଜଣ ଗିରଫ ହୋଇ ସାରିଲେଣି। ଏବେବି ଅନେକ ଅଭିଯୁକ୍ତ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନା ନିକଟରେ ଥିବା ବିବାଦୀୟ ପ୍ଲଟ୍ ନଂ.୧୪୭୦ରେ ଥିବା ୨ଟି ଦୋକାନକୁ ଭାଙ୍ଗିବାକୁ ମାଲିକ ରଞ୍ଜିତ ଦାସପୁରିଆ ଅଭିଯୁକ୍ତଙ୍କୁ ସୁପାରି ଦେଇଥିଲେ। ଗତ ମାର୍ଚ୍ଚ ୨୪ ବିଳମ୍ବିତ ରାତିରେ ରାଘବଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବାଉନ୍‌ସର ବସ୍, ଜେସିବି ଓ ବାଇକ୍‌ରେ ଆସି ଦୋକାନକୁ ଭାଙ୍ଗିଦେବା ସହ ବହୁ ଟଙ୍କାର ଜିନିଷ ଚୋରିକରି ନେଇଥିଲେ। ଏନେଇ ପୋଲିସ ୪ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବାର୍‌ରେ ଗଣ୍ଡଗୋଳ, ୫ରୁ ଊର୍ଦ୍ଧ୍ୱ ଆହତ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

**ବାଉନ୍‌ସରଙ୍କ ନାମରେ ପୁଣି ଆସିଲା ଅଭିଯୋଗ**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ଅଞ୍ଚଳରେ ଥିବା ଏକ ବାର୍‌ରେ ରବିବାର ବିଳମ୍ବିତ ରାତିରେ ଗଣ୍ଡଗୋଳ ହୋଇଛି। ବାର୍‌ର କର୍ମଚାରୀ ଓ ଗ୍ରାହକଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ମାରପିଟ୍ ହୋଇଛି। କାର୍ଯ୍ୟରତ ବାଉନ୍‌ସରମାନେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ସହ ତାଙ୍କ ପୁରୁଷ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସମ୍ପୃକ୍ତା ଯୁବତୀ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ବାଉନ୍‌ସରମାନେ ଅମାନୁଷିକ ଭାବେ ଆକ୍ରମଣ କରିବାରୁ ତାଙ୍କ ଗୋଡ଼ ଓ ପିଠିରେ ଆଘାତ ଲାଗିବା ସହ ପୁରୁଷ ବନ୍ଧୁଙ୍କ ମୁଣ୍ଡରେ ୧୦ରୁ ଅଧିକ ଷ୍ଟିଚ୍ ପଡ଼ିଥିବା ଯୁବତୀ ଅଭିଯୋଗ କରିଛନ୍ତି। ଗୁରୁତର ଆହତ ଯୁବକଜଣଙ୍କ ସ୍ଥାନୀୟ ଅଞ୍ଚଳରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷେ ବାର୍ ପକ୍ଷରୁ ମଧ୍ୟ ଉକ୍ତ ଯୁବତୀଙ୍କ ବନ୍ଧୁଙ୍କ ନାମରେ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଉଭୟ ଗୋଷ୍ଠୀର ୫ରୁ ଅଧିକ ଆହତ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଚନ୍ଦ୍ରଶେଖରପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିବା ସହ ବାର୍ ସିସିଟିଭି ଫୁଟେଜକୁ ଯାଞ୍ଚ କରି ଘଟଣାର ସତ୍ୟାସତ୍ୟ ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପ୍ରୟାସ ଚଳାଇଛି।

# ଶିକ୍ଷାଗତ ଯୋଗ୍ୟତା ଆଧାରରେ ଦରମା ଦାବି




ବୈଠକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କର୍ମକର୍ତ୍ତା।

ଭୁବନେଶ୍ୱର,୧୧।୬(ବ୍ୟୁରୋ)

**ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର କାର୍ଯ୍ୟକାରିଣୀ ବୈଠକ**

ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅଧିକାରୀମାନେ ନିଜ ଦରମାରେ ବିସଙ୍ଗତି ତଥା ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ଉପଲବ୍ଧ ହେଉ ନ ଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ରାଜ୍ୟ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ଦାବି ପୂରଣ ହୋଇ ନ ଥିବା ବୈଠକରେ ମତପ୍ରକାଶ ପାଇଛି। ଶିକ୍ଷାଗତ ଯୋଗ୍ୟତା ଆଧାରରେ ଅଧିକାରୀଙ୍କୁ ଦରମା ପ୍ରଦାନ କରାଯାଉ ଓ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ରଖିବା ପାଇଁ ଦାବି ରଖାଯାଇଛି। ସଂଘର ରାଜ୍ୟ ସଭାପତି ସୁବାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ କମଳକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ନାରାୟଣ ସାହୁ, ଧର୍ମେନ୍ଦ୍ର ସାହୁ, ତ୍ରିପତି ଶେଖର ସାହୁ, ଉଗ୍ରସେନ ଗୌଡ଼, ମହିଳା ସଂଗଠିକା ଅନୀତା ମହାନ୍ତି ଓ ରାଜେଶ୍ୱରୀ ହାତୀ ପ୍ରମୁଖ ଯୋଗଦେଇଥିଲେ।

# ବର୍ଷା ପୂର୍ବରୁ ଡ୍ରେନ୍ କାମ ସାରିବାକୁ ତାଗିଦ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

- ୭ଦିନ ମଧ୍ୟରେ ସଫା ନ ହେଲେ ଏଜେନ୍ସି ବିରୋଧରେ କାର୍ଯ୍ୟାନୁଷ୍ଠାନ
- ମୁକୁଳା ଡ୍ରେନ୍ ପାର୍ଶ୍ୱରେ ନିର୍ମାଣ ହେବ ବ୍ୟାରିକେଡ୍

ଚଳିତବର୍ଷ ପ୍ରଖର ରୌଦ୍ରତାପ ହେଉଥିବା ବେଳେ ମୌସୁମୀ ମଧ୍ୟ ବିଳମ୍ବରେ ଓଡ଼ିଶା ଛୁଇଁବାର ରହିଛି। ତେବେ ବର୍ଷା ଦିନେ ରାଜଧାନୀରେ ଡ୍ରେନ୍ ସମସ୍ୟା, ଜଳମଗ୍ନ ଅଞ୍ଚଳ ଆଦି ବିଭିନ୍ନ ସମସ୍ୟା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ଚିନ୍ତାର କାରଣ ପାଲଟିଥାଏ। ତେଣୁ ମୌସୁମୀ ବର୍ଷା ଆସିବା ପୂର୍ବରୁ ତୁରନ୍ତ ଡ୍ରେନ୍ ସଫା କାମ ସାରିବାକୁ ତାଗିଦ କରିଛନ୍ତି ବିଏମ୍‌ସି କର୍ତ୍ତୃପକ୍ଷ। ଆସନ୍ତା ୭ଦିନ ମଧ୍ୟରେ ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ମୁଖ୍ୟ ଡ୍ରେନ ସହ ଶାଖା ଡ୍ରେନ୍‌ଗୁଡିକ ସଫା କରିବାକୁ ସମସ୍ତ ଏଜେନ୍ସିଙ୍କୁ ମେୟର ସୁଲୋଚନା ଦାସ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ବିଏମ୍‌ସି ମୁଖ୍ୟାଳୟ ପରିସରସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏକ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। କେତେକ ୱାର୍ଡରେ ଶତପ୍ରତିଶତ ଡ୍ରେନ ସଫା ହୋଇସାରି ଥିବାବେଳେ କେତେକ ୱାର୍ଡରେ ୯୦ ଓ ଆଉ କେତେକ ୱାର୍ଡରେ ୬୦ରୁ ୮୦ ପ୍ରତିଶତ ଡ୍ରେନ୍ ସଫା ହୋଇସାରିଛି। ବାକିଥିବା ଡ୍ରେନଗୁଡିକୁ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଏମ୍‌ସି ଅଞ୍ଚଳରେ ୭୭କିଲୋମିଟର ବିଶିଷ୍ଟ ୧୦ଟି ମୁଖ୍ୟ ଡ୍ରେନ୍ ରହିଛି। ସେହିପରି ମହାନଗର ନିଗମ ଅଞ୍ଚଳର ବିଭିନ୍ନ ୱାର୍ଡରେ ପ୍ରାୟ ୯୨୫ କିଲୋମିଟର ଶାଖା ଡ୍ରେନ ରହିଛି। ସେଗୁଡିକ ମଧ୍ୟରୁ ଅନେକ ସଫା ହୋଇସାରିଛି। ବାକିଥିବା ଡ୍ରେନଗୁଡିକରୁ ପଙ୍କୋଦ୍ଧାର କରିବା ସହ ବାହାରୁଥିବା ପଙ୍କକୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ମଧ୍ୟ ମେୟର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୭ଦିନ ମଧ୍ୟରେ ଡ୍ରେନ ସଫା ନ କଲେ ସମ୍ପୃକ୍ତ ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ବ୍ୟାରିକେଡ୍ ହୋଇ ନ ଥିବା ଡ୍ରେନ୍ ପାର୍ଶ୍ୱରେ ବ୍ୟାରିକେଡ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ଆସୁଥିବାରୁ ଡ୍ରେନ୍ ସମେତ ପରିମଳ ବ୍ୟବସ୍ଥାରେ ମଧ୍ୟ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଭୁବନେଶ୍ୱରରେ ୫୭ଟି ରଥ ବାହାରିବା ପାଇଁ ନିଷ୍ପତ୍ତି ହୋଇଛି। ସେଥିପାଇଁ ଡ୍ରେନ ସହ ପରିମଳ ବ୍ୟବସ୍ଥାରେ ଯେପରି କୌଣସି ବ୍ୟତିକ୍ରମ ନ ହୁଏ, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ କୁହାଯାଇଛି। ମଙ୍ଗଳବାରଠାରୁ କେଉଁ ୱାର୍ଡରେ କେତେ କିଲୋମିଟର ଡ୍ରେନ ଓ ରାସ୍ତା ରହିଛି, ତାହାକୁ ମାପିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରତ୍ୟେକ ୱାର୍ଡର କର୍ପୋରେଟର, ସମ୍ପୃକ୍ତ ଏଜେନ୍ସି ଏବଂ ସାନିଟାରି ଇନ୍ସପେକ୍ଟର ମିଳିତ ଭାବେ ଏହି ମାପ କରିବେ। ଦୁଇ ଦିନ ମଧ୍ୟରେ ରାସ୍ତା ଓ ଡ୍ରେନ ମାପ ଶେଷ କରିବାକୁ ନିଷ୍ପତ୍ତି ହୋଇଛି। ମୌସୁମୀ ଆସିବା ପୂର୍ବରୁ ଜାତୀୟ ରାଜପଥ ପ୍ରାଧିକରଣ ଓ ବିଏମ୍‌ସି ତୁରନ୍ତ କାମ ଶେଷ କରିବା ପାଇଁ ପଦକ୍ଷେପ ନେଇଥିବାବେଳେ ପୂର୍ତ୍ତ ବିଭାଗ କାର୍ଯ୍ୟ କରିବାରେ ବିଳମ୍ବ କରୁଛି। ତେଣୁ ବିଏମ୍‌ସିର କାମ ଶେଷହେବା ପରେ ଆବଶ୍ୟକ ପଡ଼ିଲେ ବିଏମ୍‌ସି ଡ୍ରେନ୍ ସଫେଇ କାର୍ଯ୍ୟରେ ପୂର୍ତ୍ତ ବିଭାଗକୁ ସହାୟତା କରିବ ବୋଲି ମେୟର କହିଛନ୍ତି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କଅଁର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ଓ ଶୁଭେନ୍ଦୁ କୁମାର ସାହୁ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ କର୍ପୋରେଟର, ଡେପୁଟି କମିଶନର, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଇଞ୍ଜିନିୟର, ଏଜେନ୍ସିର କର୍ମକର୍ତ୍ତା ଉପସ୍ଥିତ ଥିଲେ।


ସୋମବାର କାଳବୈଶାଖୀ ପ୍ରଭାବରେ ବକ୍ସିବଜାରସ୍ଥିତ ଓଡ଼ିଶା ନାରୀ ସେବା ସଦନ ରାସ୍ତାପାର୍ଶ୍ୱରେ ଗଛ ଉପୁଡି ଏକ ପିକ୍ଅପ୍ ଭ୍ୟାନ୍ ଉପରେ ପଡିଛି।


ବର୍ଷା ପବନ ଯୋଗୁ ଅନ୍ଧାରରେ ବାଦାମବାଡ଼ି ଅଞ୍ଚଳ।


ଗଛ ପଡ଼ି ବକ୍ସିବଜାର ଗୋପବନ୍ଧୁ ପାର୍କ ପାଚେରି ଭାଙ୍ଗିଯାଇଛି।

# ରାସ୍ତାରେ ଗଛ ଉପୁଡିଲା, ବିଦ୍ୟୁତ୍ ତାର ଛିଣ୍ଡିଲା

## କଟକରେ କାଳବୈଶାଖୀ ତାଣ୍ଡବ

କଟକ ଅଫିସ, ୧୨।୬

କଟକ ସହରରେ ସୋମବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଖୁବ୍ ଜୋରରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଅନେକ ସ୍ଥାନରେ ଗଛ ଭାଙ୍ଗି ପଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ସୋମବାର ମଧ୍ୟାହ୍ନରେ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିଲା। ରାତି ପ୍ରାୟ ୭ଟାରେ ହଠାତ୍ ଖୁବ୍ଜୋର୍ରେ ପବନ ବହିବା ସାଙ୍ଗକୁ ଘଡ଼ଘଡି ସହ ବର୍ଷା ହୋଇଥିଲା। ଝଡତୋଫାନରେ ସହରର ଅନେକ ସ୍ଥାନରେ ଗଛ ଉପୁଡି ପଡିଥିବା ଦେଖିବାକୁ ମିଳିଥିଲା। ଗଛ ଉପୁଡି ବକ୍ସିବଜାରସ୍ଥିତ ଗୋପବନ୍ଧୁ ପାର୍କ ପାଚେରି ଭାଙ୍ଗିଯାଇଛି। ସେହିପରି ବକ୍ସିବଜାରସ୍ଥିତ ଓଡ଼ିଶା ନାରୀ ସେବା ସଦନ ରାସ୍ତାପାର୍ଶ୍ୱରେ ଗଛ ଉପୁଡି ଏକ ପିକ୍ଅପ୍ ଭ୍ୟାନ୍ ଉପରେ ପଡିଛି। ମାତାମଠ ରିଂରୋଡ୍ ରାସ୍ତାରେ ଗଛ ପଡି ରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଯୋବ୍ରା, ଗୋପାଳପୁର, ଲିଙ୍କ୍ରୋଡ, ହରିପୁର, ଦୋଳମୁଣ୍ଡାଇ ଭଳି ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ଏଥିଯୋଗୁ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ପ୍ରଶାସନ ପକ୍ଷରୁ ରାସ୍ତାରୁ ଗଛଗୁଡିକ ସଫା କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।


ମାତାମଠ ରିଂରୋଡ୍ ଅଞ୍ଚଳରେ ନଇଁ ପଡିଥିବା ବିଦ୍ୟୁତ୍ ଖୁଣ୍ଟ।


ମାତାମଠ ରିଂରୋଡ୍ରେ ଗଛ ପଡି ରାସ୍ତା ଅବରୋଧ।

## ସଂକ୍ଷେପରେ

### ଅଙ୍ଗନୱାଡି କେନ୍ଦ୍ରର ଶିଳାନ୍ୟାସ

କଟକ ସଦର,୧୨।୬(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ଆୟତ୍ତପୁର ପଞ୍ଚାୟତ କେଶପୁର ଗ୍ରାମରେ ସୋମବାର ଏକ ଅଙ୍ଗନୱାଡି କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ କରାଯାଇଛି। ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳି ଓ ସରପଞ୍ଚ ରାକେଶ ବେହେରା ଏହାର ଶିଳାନ୍ୟାସ କରିଥିଲେ। କେଶରୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସମିତି ସଭ୍ୟା ମାନସୀ ମଲ୍ଲିକ, ଆମ୍ବାର ସଭାପତି ରଜନୀକାନ୍ତ ସାହୁ, ଜିଲା ବିଜେଡି ଉପସଭାପତି ସମର ବେହେରା, ଆୟତ୍ତପୁର ପଞ୍ଚାୟତ ବିଜେଡି ସଭାପତି ରତିକାନ୍ତ ଜେନା ଓ କନିଷ୍ଠ ଯନ୍ତ୍ରୀ ସୌମ୍ୟା ସୁଚରିତା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାହାନଗା ରେଳ ଦୁର୍ଘଟଣା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ,୧୨।୬: ଭାରତୀୟ ଶିକ୍ଷା ସମାଜ ପକ୍ଷରୁ ବାହାନଗା ରେଳ ଦୁର୍ଘଟଣା ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅନୁଷ୍ଠାନର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ଅଧକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ତଥା ବାହାରୁ ଶିକ୍ଷାବିତ୍ ଓ ସାମାଜିକକର୍ମୀ ଯୋଗଦେଇଥିଲେ। ଏଥିସହ ଆହତ ବ୍ୟକ୍ତିମାନଙ୍କ ଆରୋଗ୍ୟ କାମନା କରିଥିଲେ। ପ୍ରଫେସର ସୁରେନ୍ଦ୍ର ମୋହନ ପାଣି, ବିମଳ ଚନ୍ଦ୍ର ସ୍ୱାଇଁ, ରଶ୍ମି ରଞ୍ଜନ ନାଥ, ବ୍ରଜକିଶୋର ନାୟକ, କାର୍ତ୍ତିକ ଚନ୍ଦ୍ର ବରାଳ, ଗୀତାରାଣୀ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ମାଟ୍ରିକ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଚୌଦ୍ୱାର,୧୨।୬(ଡି.ଏନ୍.ଏ.)- ଚୌଦ୍ୱାର ରୋଟାରୀ କ୍ଲବ ପକ୍ଷରୁ ମେଧା ସମ୍ବର୍ଦ୍ଧନା ଉତ୍ସବ ସୋମବାର ସାଇବିହାରସ୍ଥିତ ରୋଟାରୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ତଥା ରୋଟାରିଆନ କ୍ଷୀତିନ୍ଦ୍ର ନାଥ କାନୁନ୍ଗୋଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ, ଅନ୍ୟ ଅତିଥି ଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ରୋଟାରିଆନ ମନୋରଞ୍ଜନ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ସଞ୍ଜୀତ୍ ଜେନା, ଶରତ ଚନ୍ଦ୍ର ଖୁଣ୍ଟିଆ, ବିଶ୍ୱ କଲ୍ୟାଣ ଦାସ, ପ୍ରତାପ ଚନ୍ଦ୍ର ଶତପଥୀ, ସୁକାନ୍ତ କୁମାର ମହାନ୍ତି, ସରିତା ଦାସ, ରବୀନ୍ଦ୍ର କୁମାର ସାହୁ, ଗୌତମ କୁମାର ଆଚାର୍ଯ୍ୟ,ଭାସ୍କର ରାଉତ ଓ ସହଦେବ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ‘ସାହିତ୍ୟ ସମାଜକୁ ପରିବର୍ତ୍ତନ କରେ’


ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ,୧୨।୬

## ସାରସ୍ୱତ କବିତା ଆସର

ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦ ପକ୍ଷରୁ ଏକ କବିତା ଆସର ଜଗତପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆସରକୁ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ ଉଦ୍ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ କବି ଉଦୟ କେଶରୀ ବର୍ମା ଯୋଗଦେଇ ସାହିତ୍ୟ ସମାଜକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଡ. ବସନ୍ତ କୁମାରୀ ନନ୍ଦ ଓ ଗୀତାଞ୍ଜଳି ପୃଷ୍ଟିଙ୍କ ସଂଯୋଜନାରେ କବି ଉତ୍ତମ ଚରଣ ପ୍ରଧାନ, ସଚ୍ଚିଦାନନ୍ଦ କର, ଶୁନି ଦାଶ, ଦେବେନ୍ଦ୍ର ନାଥ ସାହୁ, ଅମୂଲ୍ୟ କୁମାର ବେହେରା, ସୁରେନ୍ଦ୍ର କୁମାର ମହାପାତ୍ର, ଅରୁଣ କୁମାର ଅଗ୍ରୱାଲ ପ୍ରମୁଖ କବିତା ପାଠ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ, ଆଦିତ୍ୟ ରଞ୍ଜନ ଦାଶ ଅତିଥି ପରିଚୟ ଓ ମହେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ବ୍ଲକ ଅଧିକାରୀଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରାଯାଉ

କଟକ ସଦର,୧୨।୬(ଡି.ଏନ୍.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସଦର ବ୍ଲକର ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କ ଘରେ ସୋମବାର ଭିଜିଲାନ୍ସ ଚଢ଼ାଉ କରିଥିଲା। ଗତ ୪ ବର୍ଷ ଧରି ତାଙ୍କୁ ଯେଉଁମାନେ ରାଜନୈତିକ ସୁରକ୍ଷା ଦେଇଆସୁଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ସୋମବାର ୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଦାବି କରିଛନ୍ତି। ଉକ୍ତ ବ୍ଲକ କାର୍ଯ୍ୟାଳୟର ଅନ୍ୟ ଯନ୍ତ୍ରୀ, ଅଧିକାରୀ ଓ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ଦୁର୍ନୀତିର ମୂଳ ଚେରକୁ ଖୋଜିବା ପାଇଁ ସେଠୀ କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ବରିଷ୍ଠ ସହକାରୀ ଯନ୍ତ୍ରୀ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ କିପରି କନିଷ୍ଠ ସହକାରୀ ଯନ୍ତ୍ରୀଙ୍କୁ ସବୁ ଦାୟିତ୍ୱ ଦେଇଥିଲା ତାହାକୁ ନେଇ ସେଠୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, ମୁଁ ଏଠାକୁ ଆସିବା ପୂର୍ବରୁ ଭୂୟାଁ ଭାରପ୍ରାପ୍ତ ନିର୍ବାହୀଯନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ତେଣୁ ମୁଁ ଏହା ଉପରେ କିଛି କହିପାରିବି ନାହିଁ। ଏହି ସମ୍ମିଳନୀରେ ବନ ବିହାରୀ ମୁଦୁଲି, ମାନସ ରଞ୍ଜନ ପତି, ଅଶୋକ ମହାନ୍ତି, ଅନିଲ ମହାପାତ୍ର, ପଣ୍ଡିତ ସୁଧାଂଶୁ ଶେଖର ପଣ୍ଡା, କୃଷକ ନେତା ଦେବୀ ପ୍ରସାଦ ପତି ଓ ଗାନ୍ଧୀ ଗୁରୁ ଦାସ ଉପସ୍ଥିତ ଥିଲେ।

# ୩ ବନ୍ଧୁକ, ୧୨ ଗୁଳି ଜବତ: ୨ ଗିରଫ

ମଙ୍ଗୁଳି-ଜଗତପୁର,୧୨।୬(ଡି.ଏନ୍.ଏ.)



ଜଗତପୁର ଥାନା ଅଧୀନ ସାତବାଟିଆ କେନାଲ ରୋଡ ନିକଟରୁ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ସଦର ଥାନା ଅଧୀନ ଚାନ୍ଦୋଳ ଗ୍ରାମର ବିଜୟ ନାୟକ(୪୭) ଓ ଜଗତ୍ସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳ ଗ୍ରାମର ରାଜା ଓରଫ ଦିବ୍ୟରଞ୍ଜନ ସେଠୀ(୩୦)। ସେମାନଙ୍କ ନିକଟରୁ ୩ଟି ବନ୍ଧୁକ,୧୨ଟି ଗୁଳି, ଦୁଇଟି ମୋବାଇଲ ଓ ଏକ ସ୍କୁଟି(ନଂ.ଓଡ଼ି୦୫ଏଏଚ୍-୭୬୫୧) ଜବତ କରାଯାଇଥିବା ନେଇ ଜଗତପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି।

ଅତିରିକ୍ତ ଡିସିପିଙ୍କ କହିବାନୁଯାୟୀ, ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ଦ୍ୱୟ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ସାଙ୍ଗରେ ବନ୍ଧୁକ ନେଇ ଏକ ସ୍କୁଟିରେ କେନ୍ଦ୍ରାପଡାରୁ ଜଗତ୍ପୁର ଅଭିମୁଖେ ଆସୁଥିଲେ। ଖବରପାଇ ଜଗତପୁର ଥାନାଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ସହ ୭ ଜଣିଆ ପୋଲିସ ଟିମ୍ ସାତବାଟିଆ କେନାଲ ରୋଡ ନିକଟରେ ସ୍କୁଟିକୁ ଅଟକାଇ ଉଭୟଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ସେମାନଙ୍କ ନିକଟରୁ ବନ୍ଧୁକ ଓ ଗୁଳି ମିଳିଥିଲା। ପଚରାଉଚରା କରାଯିବାରୁ ସେମାନେ ବନ୍ଧୁକ ରଖିବା ସମ୍ପର୍କିତ କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୮୧/୨୩)ରୁଜୁ କରିବା ସହ ଉଭୟଙ୍କୁ ଗିରଫ କରିଥିଲା। ଅଧିକ ତଦନ୍ତ ପରେ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ଜଣାପଡିବ। ପୂର୍ବରୁ ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ବିଜୟଙ୍କ ନାଁରେ କେନ୍ଦ୍ରାପଡ଼ା ଥାନାରେ ୨ଟି, ପାଟକୁରା ଓ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ରାଜାଙ୍କ ନାଁରେ ଜଗତପୁର ଥାନାରେ ଦୁଇଟି ଓ ଜଗତ୍ସିଂହପୁର ଥାନାରେ ଗୋଟିଏ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜୋନ୍-୫ ଏସିପି କୃଷ୍ଣ ସେଠି ଓ ଜଗତପୁର ଥାନାଧିକାରୀ ମେହେର ଉପସ୍ଥିତ ଥିଲେ।

# ଜେପିଏନ୍ ସଂସ୍ଥାର କାର୍ଯ୍ୟକୁ ନେଇ ଅସନ୍ତୋଷ

## ସିଏମ୍ସି ଏଷ୍ଟାବ୍ଲିଶ୍ମେଣ୍ଟ ସ୍ଥାୟୀ କମିଟି ବୈଠକ

କଟକ ଅଫିସ, ୧୨।୬

କଟକସ୍ଥିତ ବିଜୁ ଭବନ ପରିସରରେ କଟକ ମହାନଗର ନିଗମ(ସିଏମ୍ସି)ର ଏଷ୍ଟାବ୍ଲିଶମେଣ୍ଟ ସ୍ଥାୟୀ କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗନ୍ନାଥ ପ୍ରସାଦ ନର୍ସରୀ (ଜେପିଏନ୍) ନାମକ ବାହ୍ୟ ସଂସ୍ଥାର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ କାଉନ୍ସିଲ ବୈଠକରେ ସମସ୍ତ କର୍ପୋରେଟରଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିଲା ଯେ, ଗୋଟିଏ ମାସ ମଧ୍ୟରେ ଜେପିଏନ୍ ସଂସ୍ଥା ସମସ୍ତ କର୍ମଚାରୀଙ୍କୁ ଠିକ୍ ଭାବେ ଦରମା, ଇପିଏଫ୍, ଇଏସ୍ଆଇ ପ୍ରଭୃତି ନ ଦେଲେ ତାହାର ଟେଣ୍ଡର ବାତିଲ କରାଯିବ। ହେଲେ ଇତିମଧ୍ୟରେ ବୈଠକକୁ ୩ ମାସ ବିତିବାକୁ ବସିଥିବାବେଳେ ଉକ୍ତ ସଂସ୍ଥା କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିନାହିଁ। ତେଣୁ ଉକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବୈଠକରେ କର୍ପୋରେଟରମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ସଂସ୍ଥାକୁ କର୍ତ୍ତୃପକ୍ଷ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଆଗୁଆ ଟଙ୍କା ପଇଠ କରୁଥିବା ଅଭିଯୋଗ ହୋଇଥିଲା। ବହୁ ଅସ୍ଥାୟୀ କର୍ମଚାରୀ ଠିକ୍ ଭାବେ ଦରମା ପାଉ ନ ଥିବାରୁ ସେମାନେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଛି। ତେଣୁ ଉକ୍ତ ସଂସ୍ଥା ବିରୋଧରେ କର୍ତ୍ତୃପକ୍ଷ ଦୃଢ଼ ପଦକ୍ଷେପ ନେବାକୁ କର୍ପୋରେଟରମାନେ ଦାବି କରିଥିଲେ। ଉକ୍ତ ସଂସ୍ଥା କେତେଜଣଙ୍କୁ ଦରମା, ଇପିଏଫ୍ ଏବଂ ଇଏସ୍ଆଇ ଦେଉଛି ତାହାର ତାଲିକା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। କମିଟି ଅଧକ୍ଷା ପୂର୍ଣ୍ଣିମା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କର୍ପୋରେଟର ଜେ. କାମେଶ୍ୱର ରାଓ, ଲକ୍ଷ୍ମୀଧର ବେହେରା, ପ୍ରିୟମ୍ବଦା ସ୍ୱାଇଁ, ମିନା ସାହୁ, ମମତା ନାୟକ ଓ ରାକେଶ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ‘ମାନବବାଦୀ ସ୍ରଷ୍ଟା ଥିଲେ ନନ୍ଦକିଶୋର’

କଟକ ଅଫିସ,୧୨।୬

ଶିଶୁ ସାହିତ୍ୟିକ, ଗୀତିକବି ତଥା ଆଦର୍ଶ ଶିକ୍ଷକ ନନ୍ଦକିଶୋର ସାମଲ ଜଣେ ମାନବବାଦୀ ସ୍ରଷ୍ଟା ଥିଲେ। ତାଙ୍କ ସୃଷ୍ଟିରେ ପଲ୍ଲୀ ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ନନ୍ଦକିଶୋର ସାମଲ ସ୍ମୃତିନ୍ୟାସର ମିଳିତ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ନନ୍ଦକିଶୋର ସାମଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ମହେଶ୍ୱର ମହାନ୍ତି ଏହାକୁ ଉଦ୍ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଯୋଗଦେଇ କହିଥିଲେ, ନନ୍ଦକିଶୋରଙ୍କ ସୃଷ୍ଟି ସମ୍ଭାର ସରଳ ଓ ଶିଶୁ ଉପଯୋଗୀ ହୋଇଥିବାରୁ ତାହା ଲୋକପ୍ରିୟତା ଅର୍ଜନ କରିଛି। ମୁଖ୍ୟବକ୍ତା ଡ. ବିଜୟାନନ୍ଦ ସିଂହ ଜଣେ ଶିଶୁବତ୍ସଳ କବି ଭାବେ ନନ୍ଦକିଶୋରଙ୍କୁ ବର୍ଣ୍ଣନା କରି ପଲ୍ଲୀ ଜୀବନର ନିଛକ ରୂପକାର ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ସୁନାମଣି ରାଉତ ବିବରଣୀ ପାଠ, ଡ. ବୈଜୟନ୍ତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ଓ ଆଦର୍ଶ ଶିକ୍ଷକ ଭାଗବତ ପ୍ରଧାନଙ୍କୁ ନନ୍ଦକିଶୋର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଓ ସୁକୁମାର ସାମଲ ସ୍ୱରଚିତ କବିତା ପାଠ କରିଥିଲେ। ଆଦିତ୍ୟ ପ୍ରତାପ ଧଳଙ୍କ ଅଧକ୍ଷତାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ସିଂହଭୂମିର ସତ୍ୟପ୍ରକାଶ କର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ତପନ ସ୍ୱାଇଁଙ୍କ ଲିଖିତ ପୁସ୍ତକ ‘ଗପ ହେଲେ ବି ସତ’ ଉନ୍ମୋଚିତ ହୋଇଥିଲା। ସଂଯୁକ୍ତା ବେହେରା ଓ ଗୀତାଞ୍ଜଳି ପୃଷ୍ଟି ମାନପତ୍ର ପାଠ କରିଥିଲେ। ପ୍ରଦୀପ୍ତ କୁମାର ସାମଲ, ନଳିନୀପ୍ରଭା ନାୟକ ଓ ବିଜୟ କୁମାର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।


ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ବୋଲଗଡ଼,୧୨।୬(ଡି.ଏନ୍.ଏ.):** ପୋଖରୀରେ ବୁଡ଼ିଯିବାରୁ ସୋମବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗଡ଼ଭିତର ପ୍ରଧାନ ସାହିର ସାବିତ୍ରୀ ଫତେସିଂ(୬୦)। ସୂଚନା ମୁତାବକ, ସୋମବାର ସକାଳେ ସାବିତ୍ରୀ ନିକଟସ୍ଥ ଘନିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ପୋଖରୀରେ ସେ ଭାସୁଥିବା ଦେଖି ଜଣେ ନାବାଳକ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସାବିତ୍ରୀଙ୍କୁ ପୋଖରୀରୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଲଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### 'ମିଳନୀ'ର ରଜ ଉତ୍ସବରେ ହେବ ମୋଗଲ ତାମ୍‌ସା

**ଭୁବନେଶ୍ୱର,୧୨।୬(ବ୍ୟୁରୋ):** ସାଂସ୍କୃତିକ ଅନୁଷ୍ଠାନ 'ମିଳନୀ' ପକ୍ଷରୁ ଆସନ୍ତା ୧୬ ତାରିଖରେ ରଜ ଉତ୍ସବ ପାଳନ କରାଯିବ। ଏହି ଅବସରରେ ଓଡ଼ିଶାର ସର୍ବପୁରାତନ ତଥା ହିନ୍ଦୁ ଏବଂ ମୁସଲିମ୍ ସମ୍ପ୍ରଦାୟ ମଧରେ ମୈତ୍ରୀ ଓ ସଂହତିର ବାର୍ତ୍ତା ବହନ କରୁଥିବା ଅଷ୍ଟାଦଶ ଶତାବ୍ଦୀର କବିତା ଗ୍ରନ୍ଥ ବଂଶୀବଲ୍ଲଭ ଗୋସ୍ୱାମୀଙ୍କ ରଚିତ ଲୋକକଳା 'ମୋଗଲ ତାମ୍‌ସା' ଅନୁଷ୍ଠିତ ହେବ। ଭଦ୍ରକରେ ତତ୍କାଳୀନ ପ୍ରଚଳିତ ଓଡ଼ିଆ, ବେଙ୍ଗଲୀ, ଫାର୍ସୀ, ହିନ୍ଦୀ ଆଦି ଭାଷାରେ ରଚିତ ଅମର କୃତି ଲୀଳା ଯାତ୍ରା ସୌଦାଗରୀ ବିଲୁପ୍ତ ହୋଇଥିବାବେଳେ ପ୍ରୋତ୍ସାହନ ଅଭାବରୁ 'ମୋଗଲ ତାମ୍‌ସା' ବିଲୁପ୍ତ ପ୍ରାୟ। ଭଦ୍ରକର ମନମୋହନ ସଙ୍ଗୀତ ପରିଷଦ ଆନୁକୂଲ୍ୟରେ ସୂଚନା ଭବନରେ ଏହା ଆୟୋଜିତ ହେବ ବୋଲି ମିଳନୀର ସଭାପତି ଯୁଗଳକିଶୋର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ୧୪ରେ ଲୋକକଳା ଦିବସ, ରଜ ମହୋତ୍ସବ

**ଭୁବନେଶ୍ୱର, ୧୨।୬ (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟର ଲୁପ୍ତପ୍ରାୟ କଳା ସଂସ୍କୃତିର ପୁନରୁଦ୍ଧାର ପ୍ରଚାର ପ୍ରସାର ଓ କଳାକାରଙ୍କୁ ପ୍ରୋତ୍ସାହନ ନିମନ୍ତେ ଜୁନ ୧୪କୁ ଲୋକକଳା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ସଂସ୍କୃତି ଭବନ ପରିସରରେ ଲୋକକଳା ଦିବସ ଓ ରଜ ମହୋତ୍ସବ ପାଳନ କରାଯିବ। ଚଳିତବର୍ଷ ପ୍ରଥମଥର ପାଇଁ ଲୋକକଳା ଦିବସକୁ ରାଜ୍ୟବ୍ୟାପୀ ବ୍ଲକ, ଜିଲା, ନଗର ଏବଂ ରାଜ୍ୟସ୍ତରରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମର ଉଦ୍‌ଘାଟନ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା କରାଯିବ। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଅତିଥିମାନଙ୍କ ମଧରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପୂର୍ବଶତ୍ରୁତାରୁ ଦେଉଳିରେ ବୋମାମାଡ଼

- ୩ ଭାଇ ଆହତ, ଥାନାରେ ମାମଲା
- ପୂର୍ବରୁ ପ୍ରଦୀପଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା

**ବେଗୁନିଆ,୧୨।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ରବିବାର ରାତିରେ ପୂର୍ବଶତ୍ରୁତାରୁ ବୋମାମାଡ଼ ହୋଇଛି। ଏଥିରେ ଗୋଟିଏ ପରିବାରର ୩ଭାଇ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ମହେଶ୍ୱର ବଳିୟାରସିଂହ, ଦୈତାରୀ ଓ ଜୟକୃଷ୍ଣ। ସ୍ଥାନୀୟ ପରିଛଳ ସ୍ୱାସ୍ଥକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ଅଢେଇ ମାସପରେ ଗ୍ରାମରେ ପୁଣି ଅଶାନ୍ତି ସୃଷ୍ଟି ହୋଇଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ମହେଶ୍ୱରଙ୍କ ଅଭିଯୋଗକ୍ରମେ ସୋମବାର ଥାନାରେ ଏକ ମାମଲା (ନଂ.୧୮୮/୨୩)ରୁଜୁ ହୋଇଛି। ଅନ୍ୟପକ୍ଷରେ ବଳିୟାରସିଂଙ୍କ ପରିବାରର କେତେଜଣ ସଦସ୍ୟ ଘରେ ପଶି ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ପାର୍ବତୀ ବେହେରାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା(ନଂ.୧୮୯/୨୩)ରୁଜୁ ହୋଇଛି।

ସୂଚନା ମୁତାବକ, ଉପରୋକ୍ତ ୩ ଭାଇ ରବିବାର ରାତିରେ ଘରେ ଶୋଇଥିବା ବେଳେ ହଠାତ୍ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ଫଳରେ ୩ ଭାଇ ଉଠିଯିବା ସହ କେହି ଜଣେ ଯୁବକ ଛାତ ଉପରେ ରହି ସେମାନଙ୍କ ଉପରକୁ ବୋମା ଫିଙ୍ଗୁଥିବା ଦେଖିଥିଲେ। ବୋମାମାଡ଼ରେ ୩ ଭାଇ ଆହତ ହୋଇଥିବା ବେଳେ ଯୁବକ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ କେତେଜଣ ଗ୍ରାମବାସୀ ପହଞ୍ଚି ୩ ଭାଇଙ୍କୁ ଚିକିତ୍ସା ପାଇଁ ପରିଛଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ସୂଚନାଥାଉ କି, ଗତ ମାର୍ଚ୍ଚ ୨୨ରେ ଗ୍ରାମର ପ୍ରଦୀପ ବଳିୟାରସିଂହ (୨୩) ଙ୍କୁ ନିକଟ ଏକ ନିଛାଟିଆ ପଡିଆକୁ ବଳପୂର୍ବକ ଟେକି ନେଇ ୧୦ରୁ ୧୫ ଜଣ ମହିଳା ଓ ପୁରୁଷ ସଂଘବଦ୍ଧ ଆକ୍ରମଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଗ୍ରାମରେ ଉତ୍ତେଜନା ଦେଖାଦେବା ସହ ଗାଡ଼ି ଓ ଘର ପୋଡ଼ି ଆଦି ବହୁ ଘଟଣା ଘଟିଥିଲା। ସେହିପରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସମର୍ଥକମାନେ ବେଗୁନିଆ ଥାନା ସମ୍ମୁଖରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ଓ ବ୍ଲକ ପ୍ରଶାସନ ପହଞ୍ଚି ସମସ୍ତ ଦାବିକୁ ୧୫ଦିନ ମଧ୍ୟରେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୮୪/୨୩) ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଏହି ଘଟଣାରେ ୫ରୁ ୬ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁନାହିଁ, ଫଳରେ ସେମାନେ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ଉପୁଜାଉଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି, ଘଟଣାର ସତ୍ୟତା ଉପରେ ତଦନ୍ତ କରାଯାଉଛି। ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

# ବ୍ୟାଙ୍କ ଘେରିଲା ଶ୍ରମିକ କଂଗ୍ରେସ



ବ୍ୟାଙ୍କ ଅଧିକାରୀଙ୍କ ସହ ଅଂଶୀଦାରମାନେ ଆଲୋଚନା କରୁଛନ୍ତି।

**ଜଟଣୀ,୧୨।୬(ଡି.ଏନ୍.ଏ.)**

ଅଂଶୀଦାରଙ୍କ ପ୍ରାପ୍ୟ ପାଇବା ଦାବିରେ ସୋମବାର ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳଠାରେ ଥିବା ଅର୍ବାନ ବ୍ୟାଙ୍କ ଘେରାଉ କରାଯାଇଥିଲା। ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଘେରାଉ ହୋଇଥିଲା। ଅଂଶୀଦାରଙ୍କ ଲାଭାଂଶ ୨୦୧୪ରୁ ପ୍ରଦାନ କରା ନ ଯିବା ଜବାବରେ ସେତେବେଳେ ଅର୍ବାନ ବ୍ୟାଙ୍କ ଡାଇରେକ୍ଟର କହିଥିଲେ, ୨୦୧୪ରୁ ଭୋଟ ହୋଇନି ତେଣୁ ପରିଷଦ ଭଙ୍ଗ ହୋଇଯାଇଛି। ପୁନର୍ବାର ଭୋଟ ହେଲେ ନୂତନ ପରିଷଦ ବସିବାର ୨୪ ଘଣ୍ଟାରେ ଲାଭାଂଶ ଦିଆଯିବ। ଆନ୍ଦୋଳନ ହେବାରୁ ଗତ ମାସରେ ଅର୍ବାନ ବ୍ୟାଙ୍କର ମୁଖ୍ୟ ଘୋଷଣା କରିଥିଲେ ଯେ, ୨୦୧୪ରୁ ୨୦୨୩ ପର୍ଯ୍ୟନ୍ତ ଲାଭାଂଶ ଜୁନ୍ ଆରମ୍ଭରୁ ଦିଆଯିବ। ଅଂଶୀଦାରମାନେ ଏକ ଫର୍ମ ମାଧ୍ୟମରେ ଆବେଦନ କରିବେ। ତେବେ କାହାର କେତେ ଲାଭାଂଶ ଅଛି ତାହା ନ ଜଣାଇ ୧୮ ହଜାର ଅଂଶୀଦାରଙ୍କୁ ଆସିବାକୁ କାହିଁକି କୁହାଯାଉଛି ବୋଲି ସହ ସଂଯୋଜକ ସ୍ୱାଧୀନ ସୁନୀଲ ଭଞ୍ଜ ବ୍ୟାଙ୍କ୍ ମ୍ୟାନେଜରଙ୍କୁ ପ୍ରଶ୍ନ କରିବା ସହିତ ସେଭିଂ ଖାତାରେ ଲାଭାଂଶ ଲିପିବଦ୍ଧ କରିବାକୁ ଦାବି କରିଥିଲେ। କାର୍ଯ୍ୟରତ ବ୍ୟାଙ୍କ ମ୍ୟାନେଜର ମୁଖ୍ୟ ଅଧିକାରୀଙ୍କ ସହ ଆଲୋଚନା କରି ଲାଭାଂଶକୁ ସେଭିଂ ଖାତାରେ ଲିପିବଦ୍ଧ କରିବା ସହିତ ଦୁଇମାସ ଭିତରେ ସମସ୍ତ ଅଂଶୀଦାରଙ୍କୁ ମେସେଜ ମାଧ୍ୟମରେ ତାଙ୍କର କେତେ ଅର୍ଥ ଲାଭାଂଶ ମିଳିବ ଜଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁବ୍ରତ ପଣ୍ଡା, ଏ.ଶ୍ରୀନିବାସ ରାଓ, ଶରତ ପଣ୍ଡା, ଭି.ଏସ.ପ୍ରସାଦ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଗୋପାଳ ଦାସ, ଅକ୍ଷୟ ପ୍ରଧାନ, ରୁନି ବେହେରା, ଅର୍ପିତା ମହାନ୍ତି, ପି.ଜାନକୀ, ବିଜୟଲକ୍ଷ୍ମୀ ଦାଶ, ରାକେଶ ଘଡ଼େଇଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ ଅଂଶୀଦାର ଘେରାଉରେ ସାମିଲ ହୋଇଥିଲେ ବୋଲି ମିଡିଆ ସେଲ୍‌ର ମୁଖ୍ୟ ତଥା ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତି ସୂଚନା ଦେଇଛନ୍ତି।

# ବୁଣାକାରଙ୍କ ଦକ୍ଷତା ବିକାଶ ତାଲିମ ଶିବିର



ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ବୁଣାକାର ଓ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୨।୬**

ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିଧାନ କରିବେ ସାତ୍ତ୍ୱିକ ପାଟ। ଏଥିଲାଗି ବେଗୁନିଆ ବ୍ଲକ ରାଉତପଡ଼ାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ନୂତନ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ ଚାଲିଛି ରେଶମ ବସ୍ତ୍ର। ରେଶମ ପୋକ ନ ମାରି ମହାପ୍ରଭୁଙ୍କ ପାଇଁ ଏହି ପାଟବସ୍ତ୍ର ପ୍ରସ୍ତୁତ କରାଯାଉଛି। ରାଉତପଡାର ବୁଣାକାର ଗୋପୀନାଥ ଦାସଙ୍କ ପରିବାର ଏହି ପାଟବସ୍ତ୍ର ପ୍ରସ୍ତୁତ କରିଛନ୍ତି। ପୂର୍ବରୁ ଏହି ଗୀତଗୋବିନ୍ଦ ପାଟ ପ୍ରସ୍ତୁତ ପାଇଁ ୪ରୁ ୬ଲକ୍ଷ ପର୍ଯ୍ୟନ୍ତ ପୋକ ମାରି ସୂତା ବାହାର କରାଯାଇ ବସ୍ତ୍ର ବୁଣା ହେଉଥିଲା। ଏବେ ପୋକ ନ ମାରି ରେଶମ ବସ୍ତ୍ର ପ୍ରସ୍ତୁତ ହେଉଛି।

ତେବେ ପାଟବସ୍ତ୍ରକୁ ଆହୁରି ସରସ, ସୁନ୍ଦର ଲାଗି ବୟନଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାରଠାରୁ ସପ୍ତାହ ବ୍ୟାପୀ ବୁଣାକାରଙ୍କ ଦକ୍ଷତା ବିକାଶ ନିମନ୍ତେ ଅହିଂସା ରେଶମ ସୂତାର ରଙ୍ଗ ଓ ବାନ୍ଧ ପ୍ରସ୍ତୁତି ନିମନ୍ତେ ରାଉତପଡାଠାରେ ଏକ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ କେନ୍ଦ୍ରକୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ୧୦ଜଣ ବୁଣାକାରଙ୍କୁ ପ୍ରାୟ ୮ଦିନ ମଧ୍ୟରେ ତାଲିମ ପ୍ରଦାନ କରାଯିବ। ତାଲିମ ଦେବା ଲାଗି ରାୟପୁରରୁ ଜଣେ ବୁଣାକାର ଆସିଛନ୍ତି ବୋଲି ଗୋପୀନାଥ କହିଛନ୍ତି। ଏହି ଅବସରରେ ଜିଲାପାଳ ଚକ୍ରବର୍ତ୍ତୀ ରାଉତପଡାର ତନ୍ତୁବାୟ ସେବା ସମିତି ପରିଦର୍ଶନ କରିଥିଲେ। ସମିତି ଦ୍ୱାରା ଚାଲିଥିବା ତନ୍ତ ବୁଣା କାମ, ସ୍ଥାନୀୟ ବଜାର ଉପଲବ୍ଧତା ଉପରେ ପଚାରି ବୁଝିଥିଲେ। ଗାଁ ପରିଦର୍ଶନ କରି ବୁଣାକାରଙ୍କ ସହ ଭାବ ଆଦାନ ପ୍ରଦାନ କରିଥିଲେ। ପରେ ଗୋପୀନାଥଙ୍କ ଘରେ ମହାପ୍ରଭୁଙ୍କ ପାଇଁ ଚାଲିଥିବା ସୂତାଲୁଗା, ପାଟବସ୍ତ୍ର ବୁଣା କାମ ଦେଖିଥିଲେ। ଜୟଦେବ ଗୀତଗୋବିନ୍ଦ ପାଟ ବୁଣାକାମ ଦେଖି ବିମୋହିତ ହୋଇଥିଲେ। ଉଦ୍‌ଘାଟନ ସମୟରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି କାଣ୍ଡି, ସହକାରୀ ନିବନ୍ଧକ ବୟନଶିଳ୍ପ ସୁରେଶ ଚନ୍ଦ୍ର ସାହୁ, ବୟନଶିଳ୍ପ ନିରୀକ୍ଷକ ଦୁଃଖବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଲିଆବାଡ଼ିରୁ ଯୁବକଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ଭାଇ

**ଖୋର୍ଦ୍ଧା ଅଫିସ,୧୨।୬**

ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ଭାଲିଆବାଡ଼ି ଅଙ୍ଗନୱାଡି କେନ୍ଦ୍ର ନିକଟରୁ ସୋମବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ନୟାଗଡ଼ ଜିଲା ଇଟମାଟି ଥାନା ଅଞ୍ଚଳର ଭରତ ନାୟକ(୨୮)। ତେବେ ଭରତଙ୍କୁ ହତ୍ୟା କରାଯାଇଛି ବୋଲି ବଡ଼ଭାଇ ସୁରଥ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଭରତ ଭାଲିଆବାଡ଼ି ନିକଟ ବସ୍ତିରେ ରହି ଗତ ଦୁଇବର୍ଷ ହେବ ଜଣେ ଠିକାଦାରଙ୍କ ପାଖରେ ମିସ୍ତ୍ରୀ କାମ କରୁଥିଲେ। ସୋମବାର ଅପରାହ୍ନ ୪ଟା ୨୦ରେ ଏକ ନମ୍ବରରୁ ଫୋନ ଆସିଥିଲା ତୁମ ଭାଇ ଦୁର୍ଘଟଣାଗ୍ରସ୍ତ ହୋଇ ଅଙ୍ଗନୱାଡି କେନ୍ଦ୍ର ବାରଣ୍ଡାରେ ପଡିଛନ୍ତି। ଖବରପାଇ ସୁରଥ ପରିବାର ସହ ପହଞ୍ଚିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭରତ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ବାମ ହାତରେ କ୍ଷତଚିହ୍ନ ରହିଛି। ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସରେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧାନ କଲେ, ଭରତଙ୍କୁ ହତ୍ୟା କରାଯାଇଛି ବୋଲି ସୁରଥ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛି। ତେବେ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

# ମିଶନ ଶକ୍ତିର ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଜଟଣୀ,୧୨।୬(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳସ୍ଥିତ ଟାଉନ ହଲ୍(ସ୍ରଷ୍ଟା)ପରିସରରେ ମିଶନ ଶକ୍ତି ମହିଳାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତିର ସହାୟତା ଓ ସୁବିଧା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାଙ୍କରୁ ଋଣ ନେଇ କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ଆଲୋଚନା ସହ ସଚେତନ କରାଯାଇଥିଲା। ଜଟଣୀ ସିଡିପିଓ ବନ୍ଦନା କୁମାରୀ ଦେବୀ, ସେଣ୍ଟ୍ରାଲ ବ୍ୟାଙ୍କ ଶାଖା ପରିଚାଳକ ଲଡୁକିଶୋର ଚାନ୍ଦ, ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ମାନସ ଶବର, ମମତା ଯୋଜନା ପ୍ରକଳ୍ପ ସହାୟକ ମନୋରଞ୍ଜନ ଲେଙ୍କା, ବିଏଲ୍ଏଫ୍ ସମ୍ପାଦିକା କାଦମ୍ବିନୀ ମହାନ୍ତି, ବିଏଲ୍ଏଫ୍ ସଭାନେତ୍ରୀ ବିଦ୍ୟୁଲତା ବେହେରା, ପ୍ରକଳ୍ପ ସଂଯୋଜକ ସନ୍ତୋଷ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ୮ଟି ପଞ୍ଚାୟତ ଓ ଜଟଣୀ ପୌରାଞ୍ଚଳର ୪ଶହରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚୁପଲ୍ଲୀ ପଞ୍ଚାୟତର ମା'ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ କିପରି ଫୁଲ ଓ ପନିପରିବା ଚାଷକରି ଉଦାହରଣ ସୃଷ୍ଟି କରିଛନ୍ତି ସେ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁଷ୍ପାଞ୍ଜଳି ଜେନା, ମମତା ପାତ୍ର, ସଞ୍ଜୁକ୍ତା ସୁନ୍ଦରାୟ, ନମିତା ପାଳ ପ୍ରମୁଖ ନିଜ ଗୋଷ୍ଠୀର ସଫଳତା ଓ ଅନୁଭୂତି ସମ୍ପର୍କରେ କହିଥିଲେ। ବିଏଲ୍ଏଫ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଡ଼ ମାରି ମୋବାଇଲ ଛଡ଼ାଇନେଇ ୨ ଯୁବକ ଗିରଫ

**ଯାଁଳା,୧୨।୬(ଡି.ଏନ୍.ଏ.)**

ଯୁବକଙ୍କୁ ମାଡ଼ ମାରି ମୋବାଇଲ ଫୋନ ଓ ଟଙ୍କା ଛଡ଼ାଇନେବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ସୋମବାର ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ହରପୁର ଗ୍ରାମର କିଶୋର ସିଂହ (୨୩) ଓ ମଳୟ ଦଳେଇ (୨୬)। ଏମାନଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ ହୋଇଛି। ସୂଚନା ମୁତାବକ, ଗତ ୭ ତାରିଖରେ ରଞ୍ଜିତ୍ ବେହେରା ଏବଂ ତାଙ୍କର ଜଣେ ବନ୍ଧୁ ହରପୁର ଗ୍ରାମର । ଏକ ପୋଖରୀ ନିକଟରେ ବସି କଥା ହେଉଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ସେଠାରେ ପହଞ୍ଚି ପାଖରେ ଥିବା ମୂଲ୍ୟବାନ ସାମଗ୍ରୀ ଦେବାକୁ ସେମାନଙ୍କୁ କହିଥିଲେ। ରଞ୍ଜିତ୍ ଓ ତାଙ୍କ ବନ୍ଧୁ ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ମାଡ଼ ମାରିବା ସହିତ ଦୁଇଟି ମୋବାଇଲ ଫୋନ ଏବଂ ମନି ପର୍ସ ଛଡାଇନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

# ୨୬ରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିର ପ୍ରବେଶ



## ନନପଡ଼ାରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପନ୍ନ

**ନିରାକାରପୁର,୧୨।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ବଡ଼ବଜାର ନିକଟ ନନପଡ଼ା ଗ୍ରାମଠାରେ ୫୪ଫୁଟ୍ ଉଚ୍ଚର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସମେତ ମହାଲକ୍ଷ୍ମୀ, ମା' ବିମଳା, ଧବଳେଶ୍ୱରଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଆସନ୍ତା ୨୬ତାରିଖରୁ ୬ଦିନ ବ୍ୟାପୀ ମନ୍ଦିର ପରିସରରେ ଦେବଯଜ୍ଞ ଅନୁଷ୍ଠିତ ହେବ। ପରେ ଶ୍ରୀଜୀଉଙ୍କ ପ୍ରାଣ ପ୍ରତିଷ୍ଠା ଓ ନୂତନ ମନ୍ଦିର ପ୍ରତିଷ୍ଠା ପରେ ଦେବଦେବୀମାନେ ରତ୍ନସିଂହାସନକୁ ବିଜେ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ମନ୍ଦିର ଟ୍ରଷ୍ଟ ସଭାପତି ଆଇନଜୀବୀ ଶକ୍ତିଶଙ୍କର ମିଶ୍ରଙ୍କ ପୌରୋହିତ୍ୟରେ ଉକ୍ତ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀଉଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ କିପରି ଶାନ୍ତିଶୃଙ୍ଖଳାର ସହ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟି ଉପସଭାପତି ମୀନକେତନ ବେହେରା, କୋଷାଧ୍ୟକ୍ଷ ସୁରେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପ୍ରସନ୍ନ ନନ୍ଦ, ସଦସ୍ୟ ସତ୍ୟବାଦୀ ବଳବନ୍ତରାୟ, ଅଦ୍ୱୈତ ପାଇକରାୟ, ରମାକାନ୍ତ ପୁରୋହିତ, ବିରଞ୍ଚି ତ୍ରିପାଠୀ, ଅଶୋକ ଦାଶ, ପ୍ରଫୁଲ୍ଲ ବାରିକ, ଦ ମାଧବ ପାଇକରାୟ, ଶୁଭମ ଦାଶଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଖବରଦାତାମାନେ ଉପସ୍ଥିତ ରହି ମତ ରଖିଥିଲେ। ରମାନାଥ ଦାଶ ଧନ୍ୟବାଦ ଦେଇଥିଲେ।

# ମତ୍ସ୍ୟଜୀବୀଙ୍କ ଜୀବିକା ଛଡ଼ାଇ ନେଇଛି ଘେରି

**ଖୋର୍ଦ୍ଧା ଅଫିସ,୧୨।୬**



- ସଙ୍କୁଚିତ ହୋଇପଡୁଛି ଚିଲିକା
- ଜାଲ, ଫାଶରେ ସୌନ୍ଦର୍ଯ୍ୟ ହରାଉଛି
- ପ୍ରତିଯୋଗିତାରୁ ଜୀବିକା ହରାଇଲେ

ନୀଳାମ୍ବୁ ଚିଲିକା ବିପଦ ଆଡ଼କୁ ମୁହାଁଉଛି। ଜୈବ ବିବିଧତା ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ସ୍ଥାନୀୟ ମତ୍ସଜୀବୀଙ୍କ ଭାତହାଣ୍ଡି, ପ୍ରାକୃତିକ ନୈସର୍ଗିକ ସୌନ୍ଦର୍ଯ୍ୟରଗନ୍ତାଘର ହେଉଛି ଚିଲିକା। ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ କଳାରାବରେ ଫାଟି ପଡେ ଏହାର ପରିବେଶ। ୨ଶହରୁ ଉର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ମଧ ବିଭୋର କରିଥାଏ। ବିବିଧତା ଭରା ଚିଲିକାର ମଙ୍ଗଳାଯୋଡି ବିଦେଶାଗତ ପକ୍ଷୀଙ୍କ ଭୂସ୍ୱର୍ଗ ପାଲଟିଥିବା ବେଳେ ନଳବଣ ଅଭୟାରଣ୍ୟ ଭାବେ ମାନ୍ୟତାଲାଭ କରିଛି। ତେବେ ଏବେ ବେଆଇନ ଚିଙ୍ଗୁଡି ଘେରି ପକ୍ଷୀଙ୍କ ଜୀବନ ନେଉଛି। ଯେତିକି ଘେରି ଉଚ୍ଛେଦ କରାଯାଉଛି, ପୁଣି ସେହି ତୁଳନାରେ ବଢିଚାଲିଛି। ଭାରତର ପ୍ରଥମ ଅନ୍ତର୍ଜାତୀୟ ଆଦ୍ରଭୂମି ତଥା ରାମସା ସ୍ଥଳୀଭାବେ ୧୯୮୧ରେ ମାନ୍ୟତା ପାଇଛି। ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ଚିଲିକା ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ୨୬୭ ପ୍ରଜାତିର ମାଛ, ୩୫ ପ୍ରଜାତିର କଙ୍କଡା ଏବଂ ୩୧ ପ୍ରଜାତିର ଚିଙ୍ଗୁଡି ରେକର୍ଡ କରାଯାଇଛି। ମତ୍ସଜୀବୀଙ୍କ ସାମାଜିକ, ସଂସ୍କୃତି, ଅର୍ଥନୈତିକ, ସ୍ୱାରୋଜଗାର ଏହି ହ୍ରଦ ସହିତ ଜଡ଼ିତ। ସମୟକ୍ରମେ ଅଣ ମତ୍ସ୍ୟଜୀବୀ ମଧ ଚିଲିକାକୁ ପଶିବା ଦ୍ୱାରା ମତ୍ସ୍ୟଜୀବୀଙ୍କ ସହ ପ୍ରତିଯୋଗିତା ତୀବ୍ରତର ହେବାକୁ ଲାଗିଲା। ଫଳରେ ମାଛଧରା ପ୍ରକ୍ରିୟାରେ ପରିବର୍ତ୍ତନ ଆସିଲା। ଛୋଟ ଜାଲ, ଫାଶ, ଡଙ୍ଗା ବହୁଳ ବ୍ୟବହାର, ମାଛଧରା ଋତୁରେ ମାଛମରା ଆଦି ଯୋଗୁ ମତ୍ସ୍ୟ ସମ୍ପଦ ହ୍ରାସ ପାଇବାରେ ଲାଗିଲା। ବହୁବିଧ କାରଣରୁ ଚିଲିକାର ଜୈବ ବିବଧତା ଉପରେ ପ୍ରଭାବ ପକାଇଥିବା ବେଳେ ଏକ ପ୍ରମୁଖ ସମସ୍ୟା ମୁଣ୍ଡ ଟେକିଥିଲା, ତାହା ଚିଙ୍ଗୁଡି ଘେରି। ଯାହା ମତ୍ସ ସମ୍ପଦ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ହ୍ରଦ ମଧ୍ୟରେ ଏକର ଏକର ବ୍ୟାପ୍ତ ଜାଲ ବିଛାଇ ବିସ୍ତୃତ ଅଞ୍ଚଳରେ ଚିଙ୍ଗୁଡି ଚାଷ। ଏହା ଦ୍ୱାରା ମତ୍ସଜୀବୀ ରୋଜଗାର ହରାଇବା ସହ ମତ୍ସ ଉତ୍ପାଦନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଛି। ସ୍ଥାନୀୟ ମତ୍ସ୍ୟଜୀବୀ ଏବଂ ପ୍ରଭାବଶାଳୀ ଚୁଙ୍ଗୁଡି ଚାଷୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇ ନିରନ୍ତର ସଂଘର୍ଷ ଲାଗି ରହିଛି। ଚିଙ୍ଗୁଡି ମାଫିଆଙ୍କ ପାଇଁ ଏହା ପୁଞ୍ଜି ବୃଦ୍ଧିର ଏକ ଉତ୍କୃଷ୍ଟ ମାଧ୍ୟମ ପାଲଟିଥିବା ପାରମ୍ପରିକ ମତ୍ସଜୀବୀ ନିଜର ଜୀବିକା ବଞ୍ଚାଇବା ପାଇଁ ସଂଗ୍ରାମ କରୁଛନ୍ତି।

ସୂଚନାଥାଉ କି, ୧୯୯୯ ମସିହାରେ ସୋରଣ ଠାରେ ମତ୍ସ୍ୟଜୀବୀ ଓ ଅଣ ମତ୍ସଜୀବୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଗୁଳିରେ ୪ଜଣଙ୍କ ଜୀବନ ଯାଇଥିଲା। ୧୦ହଜାରରୁ ଉର୍ଦ୍ଧ୍ୱ ମତ୍ସଜୀବୀ ଏକତ୍ର ଭାବେ ଚିଲିକାର ଉତ୍ତର ଓ କେନ୍ଦ୍ରୀୟ କ୍ଷେତ୍ର ଅଞ୍ଚଳରୁ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଚିଙ୍ଗୁଡି ଘେରିକୁ ଭାଙ୍ଗିଥିଲେ। ୧୯୯୩ ମସିହାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଫେସର ଘନଶ୍ୟାମ ଦାସଙ୍କ ରିପୋର୍ଟ ଅନୁସାରେ ପାରମ୍ପରିକ ମତ୍ସ୍ୟ ଉତ୍ସ ଚିଙ୍ଗୁଡି ଚାଷରେ ରୂପାନ୍ତରିତ ହୋଇଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରିଥିଲେ। ପରେ ୧୯୯୬ ମସିହାରେ ଚିଲିକାରେ ଏକ କିମି ବ୍ୟାପ୍ତ ଚିଙ୍ଗୁଡି ଘେରି ମୁକ୍ତ ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ମତ୍ସଜୀବୀମାନେ ପୂର୍ବରୁ ସରକାରଙ୍କ ଠାରୁ ପଟ୍ଟାସୂତ୍ରରେ ନେଇଥିବା ଚିଲିକା ଜମିକୁ ଚିଙ୍ଗୁଡି ଚାଷୀମାନେ ସେମାନଙ୍କ ଠାରୁ ନେଇ ଚିଙ୍ଗୁଡି ପସରା ମେଲାଇ ଚାଲିଛନ୍ତି। ପ୍ରଶାସନର ଉଦ୍ୟମ ସତ୍ତ୍ୱେ ଚିଲିକା ସମ୍ପୂର୍ଣ୍ଣ ଘେରିମୁକ୍ତ ହୋଇପାରୁନାହିଁ। ୧୯୯୧ ମସିହାରେ ଏହି ହ୍ରଦର ସଂରକ୍ଷଣ ତଥା ସମୁଚିତ ବିକାଶ ଉଦ୍ଦେଶ୍ୟରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଆନୁକୂଲ୍ୟରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସ୍ଥାପିତ ହୋଇଥିଲା। ତେବେ ଚିଲିକାର ସୁରକ୍ଷା ଦିଗରେ ସିଡିଏ ସ୍ଥାଣୁ ପାଲଟିଛି ବୋଲ ଚର୍ଚ୍ଚା ହେଉଛି।

## ଏମାନେ ଯାହା କୁହନ୍ତି...

"ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରେ ବେଆଇନ ଭାବେ ଗଢ଼ିଉଠିଥିବା ଘେରିକୁ ଉଚ୍ଛେଦ କରାଯାଉଛି। ଚିଲିକାରେ ଘେରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଚିଲିକା ତହସିଲଦାର କେତେଜଣଙ୍କ ବିରୋଧରେ ଥାନାରେ ଏତଲା ମଧ ଦେଇଛନ୍ତି। ଏଥିସହିତ ଚିଲିକାରେ ପାଟ୍ରୋଲିଂ କରାଯାଉଛି। ଚିଲିକାର ପରିବେଶ ସୁଧାରିବା ପାଇଁ ପ୍ରୟାସ ଜାରି ରହିଛି। ଜନସାଧାରଣ ମଧ ସହଯୋଗର ହାତ ବଢ଼ାଇବା ଆବଶ୍ୟକ।

**- ଦୀପ୍ତିରଞ୍ଜନ ସେଠୀ, ଖୋର୍ଦ୍ଧା ଉପଜିଲାପାଳ**

"୩ ଦଶନ୍ଧି ଧରି ଚିଲିକାକୁ ଘେରିମୁକ୍ତି ଲାଗି ଚାଲିଥିବା ପ୍ରକ୍ରିୟା ଏବେ ବି ଜାରି ରହିଛି। ତେବେ ସବୁ ଚେଷ୍ଟା ସତ୍ତ୍ୱେ ଚିଲିକା ଘେରି ମୁକ୍ତ ହୋଇପାରୁନାହିଁ। ବେଆଇନ ଚିଙ୍ଗୁଡି ଘେରି, ନଳଘାସ ଓ ରାଜଦଳ ଚିଲିକାର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ଘେରି କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

## ସଂକ୍ଷେପରେ

### ଯୁକ୍ତ ୨ କଳାରେ ମିତୁନ୍ ଦାଶ କଲେଜ ଟପ୍ପର



ସାକ୍ଷୀଗୋପାଳ, ୧୨।୬ (ଡି.ଏନ୍.ଏ.) ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ୨ କଳା ଫଳ ପ୍ରକାଶ ପାଇଛି। ପୁରୀ ଜିଲା ସାକ୍ଷୀଗୋପାଳ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଛାତ୍ରୀ ମିତୁନ୍ ଦାଶ ୪୯୦ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟରେ ମୋଟ ୪୯୧ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୦୫ ଜଣ ଓ ତୃତୀୟ ଶ୍ରେଣୀରେ ୨୩୦ ଜଣ ପାସ୍ କରିଛନ୍ତି। ମହାବିଦ୍ୟାଳୟର ପାସ୍ ହାର ଚଳିତବର୍ଷ ୯୧% ରହିଛି। ମିତୁନ୍ ବାଲିସାହି ଚନ୍ଦ୍ରକୋଟର ସ୍ୱର୍ଗତ ପିତା ପ୍ରଶାନ୍ତ ଦାଶ ଓ ମାତା ସୁକାନ୍ତି ଦାଶଙ୍କ ଜ୍ୟେଷ୍ଠା କନ୍ୟା। ବାପ ଛେଉଣ୍ଡ ମିତୁନ୍‌କୁ ମା’ ଦିନ ମଜୁରିଆ କାମ କରି ପଢ଼ାଇଛନ୍ତି। ସେ ପିଲାଟି ଦିନରୁ ଭଲ ପାଠ ପଢ଼ିବା ସହ ସ୍କୁଲସ୍ତରରୁ କଲେଜ ପର୍ଯ୍ୟନ୍ତ ବିଭିନ୍ନସ୍ତରରେ ସୃଜନାତ୍ମକ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରି ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। କଲେଜରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସଫଳତା ପଛରେ ନିଜର ଅକ୍ଳାନ୍ତ ପରିଶ୍ରମର ମୂଲ୍ୟ ମିଳିଥିବାବେଳେ ପରିବାରବର୍ଗ, ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ଶିକ୍ଷା ଲାଭ କରୁଥିବା ଶିକ୍ଷାନୁଷ୍ଠାନର ଶିକ୍ଷକ ରବିନାରାୟଣ ମହାନ୍ତିଙ୍କୁ ଏହାର ଶ୍ରେୟ ଦେଇଛନ୍ତି।

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

#### ୩ ଜଣଙ୍କ ନାମରେ ମାମଲା

ନିମାପଡ଼ା,୧୨।୬(ଡି.ଏନ୍.ଏ.)- ନିମାପଡ଼ା ଥାନା ଅଧୀନ ହରିଶିପୁର ଗ୍ରାମର କବିତା ଜେନାଙ୍କୁ ୩ ଜଣ ଗଣ୍ଡଗୋଳକାରୀ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ନେଇ ସେ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ବିଗୁଲ ମହାନ୍ତି, ଲିପୁନା ମହାନ୍ତି, ମାଗା ମହାନ୍ତିଙ୍କ ନାମରେ ନଂ. ୧୯୪/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉକ୍ତ ୩ ଜଣଙ୍କୁ ତୁରନ୍ତ ଗିରଫ କରିବାକୁ କବିତା ପୋଲିସ ପାଖରେ ଦାବି କରିଛନ୍ତି। ସୂଚନା ମୁତାବକ, ୩ ଜଣ ଗଣ୍ଡଗୋଳକାରୀ କବିତାଙ୍କ ଘର ସାମ୍ନାରେ ଭଡ଼ାରେ ରୁହନ୍ତି। ସେମାନେ କୌଣସି କାରଣରୁ କବିତା ଓ ତାଙ୍କ ପରିବାରକୁ ବାରମ୍ବାର ଉଦ୍ଦେଶ୍ୟମୂଳକ ଭାବେ ଗାଳିଗୁଲଜ କରିବା ସହ ହଇରାଣ ହରକତ କରୁଥିଲେ। ରବିବାର ସେମାନେ କ୍ରୋଧାନ୍ୱିତ ହୋଇ କବିତାଙ୍କ ଘର ସମ୍ମୁଖରେ ଥିବା ବିଭିନ୍ନ ଗଛଗୁଡ଼ିକୁ ଭାଙ୍ଗି ଓପାଡି ଦେଇଥିଲେ। ଏଥିରେ ପ୍ରତିବାଦ କରିବାକୁ ସେମାନେ କବିତାଙ୍କୁ ଧମକଚମକ ଦେବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ।

### ଜମିବାଡ଼ିକୁ କେନ୍ଦ୍ରକରି ଫାଙ୍କା ଗୁଳିଚାଳନା, ୨ ଗିରଫ

ନିମାପଡ଼ା,୧୨।୬(ଡି.ଏନ୍.ଏ.)- ଜମି ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ଫାଙ୍କା ଗୁଳି ଚାଳନା କରି ଆତଙ୍କ ସୃଷ୍ଟି କରିଥିବାରୁ ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାରିଛକ ଥାନା ଅଧୀନ ବ୍ରହ୍ମକୁଣ୍ଡି ଗ୍ରାମର ଦେବୀ ପ୍ରସାଦ ବାରିକ୍ ଓ ତାଙ୍କ ପୁଅ ଗିଟୁ ବାରିକ୍। ଏନେଇ ପୋଲିସ ୧୧ ଜଣ ଗଣ୍ଡଗୋଳକାରୀଙ୍କ ବିରୋଧରେ ପୃଥକ୍ ପୃଥକ୍ ୨ଟି ମାମଲା (କେସ୍ ନଂ. ୬୭/୨୩ ଓ ୬୮/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗଣ୍ଡଗୋଳରେ ବ୍ୟବହୃତ ଗୋଟିଏ ବନ୍ଧୁକକୁ ପୋଲିସ ଜବତ କରିଛି। ସୂଚନା ମୁତାବକ, ନିମାପଡ଼ା ବ୍ଲକ ଅଧୀନ ଚାରିଛକ ବଜାରଠାରେ ଜମି ବିବାଦକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ବାପା, ପୁଅ ଫାଙ୍କା ଗୁଳିଚାଳନା କରିଥିଲେ। ଫଳରେ ଘଟଣାସ୍ଥଳରେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ବେଗୁନିଆ ଗ୍ରାମର ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ଗଣ୍ଡଗୋଳକାରୀ ବାପା, ପୁଅଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗୋଷ୍ଠୀର ଦେବୀ ପ୍ରସାଦ, ବିଲସାହି ଗ୍ରାମର ଗଦାଧର ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ସୁଲୋଚନା ସ୍ୱାଇଁ, ବେଜେସ ସ୍ୱାଇଁ, ଚକରୋଡ଼ା ଗ୍ରାମର କଳ୍ପନା ମହାନ୍ତି ପ୍ରମୁଖଙ୍କ ସମେତ ମୋଟ ୯ଜଣ ଆକ୍ରମଣକାରୀଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଗଣ୍ଡଗୋଳକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ କହିଛନ୍ତି।

# ୪ ଦଫା ଦାବି ନେଇ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଅନଶନ

ପିପିଲି,୧୨।୬(ଡି.ଏନ୍.ଏ./ସ୍ୱ.ପ୍ର.)

**ତହସିଲଦାରଙ୍କ ସହ ଡେଲାଙ୍ଗ- ପିପିଲି ଜନକଲ୍ୟାଣ ମଞ୍ଚର ଆଲୋଚନା**




ଡେଲାଙ୍ଗ- ପିପିଲି ଜନକଲ୍ୟାଣ ମଞ୍ଚ ପକ୍ଷରୁ ଅନଶନ ଚାଲିଛି ।

ରାଜ୍ୟରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଯାହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଠିକ୍ ଏହି ସମୟରେ ପିପିଲି ବିଦ୍ୟୁତ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ ଭଳି ଅନେକ ସମସ୍ୟା ଜନସାଧାରଣଙ୍କୁ କଷ୍ଟ ଦେଉଛି। ତେଣୁ ପିପିଲିରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଡେଲାଙ୍ଗ ପିପିଲି ଜନ କଲ୍ୟାଣ ମଞ୍ଚ ପକ୍ଷରୁ ପିପିଲିସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ସୋମବାର ଆମରଣ ଅନଶନରେ ବସି ରହିଛନ୍ତି। ମଞ୍ଚର ଆବାହକ ରାଧାମୋହନଙ୍କ ନେତୃତ୍ୱରେ ଉପଦେଷ୍ଟା ଜନ୍ମେଜୟ ଜେନା, ସୁଜିତ୍ ପରିଡା, ଅରୁଣ ବାରିକ, ରବି ସ୍ୱାଇଁ, ସୁରେଶ ମହାରଣା, କିଶୋର ଜେନା, ମହେଶ୍ୱର ଜେନା, ବାପି ବେହେରା, ରାଜା ସ୍ୱାଇଁ, ସୁକାନ୍ତ ସ୍ୱାଇଁଙ୍କ ସମେତ ୫୦ରୁ ଅଧିକ ସମର୍ଥକ ଅନଶନରେ ବସିଛନ୍ତି। ୪ଦଫା ଦାବିରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ଯାଏ ମଞ୍ଚ ପକ୍ଷରୁ ଅନଶନ ଚାଲୁ ରହିବା ପାଇଁ ଡାକରା ଦିଆଯାଇଛି। ୪ଦଫା ଦାବିରେ ପିପିଲିରେ ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ଦିଘାଳଠାରୁ ଆସୁଥିବା ୩୩କେଭି ଲାଇନକୁ ପିପିଲି ପାଇଁ ଅସୁବିଧା ହେଉଥିବାରୁ ଦୁର୍ଗାଦାସପୁର ୦ଣଠଣା ଗ୍ରୀଡ୍‌ରୁ ପିପିଲିକୁ ବିଦ୍ୟୁତ ସଂଯୋଗ କରାଯାଉ। ପିପିଲି ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଓ ଜେଇମାନେ ପିପିଲିରେ ରହୁ ନ ଥିବାରୁ ଅଭିଯୋଗ ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସେମାନେ ପିପିଲିର ସରକାରୀ ବାସଭବନରେ ରୁହନ୍ତୁ। କମ୍ପାନୀର କର୍ମଚାରୀମାନେ ମନଇଚ୍ଛା ଫାଇନ କାଟିବାରୁ ବରତି ରହିବା ଆଦି ଦାବି ରହିଛି।

ଖବରପାଇ ତହସିଲଦାର ପୁନମ ମହାପାତ୍ର, ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ପିପିଲି ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ବିପିନି କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଅନଶନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହିତ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ଆନ୍ଦୋଳନକାରୀଙ୍କ ସର୍ତ୍ତ ପୂରଣ ନହେବା ଯାଏ ଅନଶନରେ ବସିବେ ବୋଲି ଆବାହକ ରାଧାମୋହନ କହିଛନ୍ତି। ଅନ୍ୟପଟେ ଏସ୍‌ଡିଓ ସାହୁ କହିଛନ୍ତି, ଆମେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ। କାଳବୈଶାଖୀର କ୍ଷତିଗ୍ରସ୍ତରେ ମରାମତି କାର୍ଯ୍ୟ ପାଇଁ ବିଦ୍ୟୁତ୍ କାଟ ହେଉଛି। ମରାମତି କାର୍ଯ୍ୟ ସାରିବାକୁ ଆଉ୧୦ଦିନ ସମୟ ଲାଗିବ। ତା’ପରେ ପିପିଲିରେ ବିଦ୍ୟୁତ୍ କାଟ ସମସ୍ୟା ଆଉ ହେବ ନାହିଁ। ଏ ସମ୍ପର୍କରେ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ସରକାର ୦ଣଠଣା ଗ୍ରୀଡ୍‌ରୁ ପିପିଲିକୁ ବିଦ୍ୟୁତ ସଂଯୋଗ ପାଇଁ ଆସନ୍ତା ମାର୍ଚ୍ଚ ୨୪ତାରିଖ ସମୟ ନେଇଛନ୍ତି। ଯେତେ ଶୀଘ୍ର କାମ ଆରମ୍ଭ କରିବାକୁ ଆମେ ଚେଷ୍ଟା ଜାରି ରଖିବୁ ବୋଲି ସେ କହିଛନ୍ତି। ଅନ୍ୟପଟେ ଏହି ସମାନ ଅଭିଯୋଗ କରି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ରାଜ୍ୟ ବିଦ୍ୟୁତ୍ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖି ପିପିଲି-ଡେଲାଙ୍ଗ ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ। ଖବରପାଇ ସନ୍ଧ୍ୟା ସାଢେ ୭ଟାରେ ବିଦ୍ୟୁତ୍ ବିଭାଗର ସୁପେରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ସ୍ୱପ୍ନସରିତ ମିଶ୍ର, ନିମାପଡ଼ା ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ବିଶ୍ୱରଞ୍ଜନ ବେହେରା, ପିପିଲି ଉପଖଣ୍ଡ ଅଧିକାରୀ ବିପିନ କୁମାର ସାହୁ, ପିପିଲି ଏସଡିଓ ଦେବଦତ୍ତ ବରାଳ ପ୍ରମୁଖ ପହଞ୍ଚି ଅନଶନକାରୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରି ସମାଧାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହାର ହୋଇଥିଲା।



ପୁରୀ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ୍ ଆର୍ଟ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଆୟୋଜିତ ବାଲୁକାକଳା ଶିବିରରେ ପିଲାମାନେ ବାଲୁକାକଳା ତିଆରି କରୁଛନ୍ତି।

## କ୍ଲଷ୍ଟରସ୍ତରୀୟ ଜନଭାଗୀଦାରି କାର୍ଯ୍ୟକ୍ରମ

ପିପିଲି,୧୨।୬(ଡି.ଏନ୍.ଏ.)

ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ କ୍ଲଷ୍ଟର ସ୍ତରୀୟ ଜନଭାଗୀଦାରି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଲା ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଦକ୍ଷତା ସୁନିଶ୍ଚିତ କରିବା। ଏହି ଯୋଜନାକୁ ସଫଳ କରିବା ପାଇଁ ଶିଶୁମାନଙ୍କ ପିତାମାତା, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା ଓ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ଏହି ପରିପ୍ରେକ୍ଷୀରେ ଗୋବିନ୍ଦପୁର କ୍ଲଷ୍ଟରର ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲଠାରେ ସିଆରସିସି ଚିନ୍ତାମଣି ଓଝାଙ୍କ ତତ୍ତ୍ୱାବଧାନରେ ଜନଭାଗୀଦାରି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରଥମେ ଏ ସମ୍ବନ୍ଧରେ ଶପଥ ପାଠ କରାଯାଇଥିଲା। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁଛନ୍ଦା ମିଶ୍ର, ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ବାସନ୍ତୀ ତ୍ରିପାଠୀ, ପ୍ରଭାତୀ ମାର୍ଥା, ରଶ୍ମିରେଖା ନାୟକ, ଉମେଶ ଚନ୍ଦ୍ର ନାୟକ, ସଞ୍ଜିବ ରଥ ପ୍ରମୁଖ ଯୋଗଦେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇଥିଲେ। ଶେଷରେ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ, ପ୍ଲା କାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଜନସଚେତନ କରାଯାଇଥିଲା।

## ତିନିରଥର ବେଦି ନିର୍ମାଣ ଆରମ୍ଭ



ରୂପକାର ସେବକମାନେ ରଥ ପ୍ରଭାରେ ଖୋଦେଇ କରୁଛନ୍ତି ।

ପୁରୀ ଅଫିସ, ୧୨।୬:

**ରଥଖଳାରୁ ...**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ମାତ୍ର ୭ଦିନ ଥିବାବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ‘ପ୍ରଭା’ ନିର୍ମାଣ ସରିବା ସହ ଆଗଆଣି ଏବଂ ପଛଆଣି ଦୁଇଟି ଲେଖାଏ ‘କତରା’ ଫିଟିଙ୍ଗ ହେବା ପରେ ସୋମବାର ‘ବେଦି’ ନିର୍ମାଣ ଆରମ୍ଭ ହୋଇଛି। ରଥ ଚାରିପାର୍ଶ୍ୱରେ ପଟା ବାଡ଼ିଆ ସହ ତିନିରଥର ଆଗଆଣି, ପଛଆଣି ଡମକ ମଝିରେ ପାଞ୍ଚୋଟି ଲେଖାଏ ‘ଜଗତପୃଷ୍ଠ ଶେଣି’ ପକାଯାଉଛି। ଏହି ବେଦିର ପରିସରକୁ ବୃଦ୍ଧି କରିବା ପାଇଁ ଜଗତପୃଷ୍ଠ ଶେଣୀ ଉଭୟ ପାର୍ଶ୍ୱର ଚାରିନାହାକା ଏବଂ ଚଉଦନାହାକାରେ ତିନୋଟି ଲେଖାଏ ‘ବାହୁଟ ଫାଳିଆ’ ସାତ, ଦେଢ଼ ସାଇଜର ଚଉପଟ ଫାଳି ପଟା ବାଡ଼ିଆଯାଇଛି। ଏହାପରେ ସମ୍ମୁଖ ଭାଗକୁ ଛାଡ଼ି ତିନି ପାର୍ଶ୍ୱରେ ‘ଗାଇଆଳ ମାଳ’ ପଟାବାଡ଼ିଆ ପରେ ବେଦି ନିର୍ମାଣ ପୂର୍ଣାଙ୍ଗ ହେବ। ତିନିରଥର ୨୦ଫୁଟର ଆଠକୋଣି ବିଶିଷ୍ଟ ଦୁଇଟି ଲେଖାଏ ‘ଘୋଡ଼ା ଈଶ’ ନିର୍ମାଣ ସରିଛି। ଏଥିସହ ତିନିରଥ ପାଇଁ ୪ଟି ଲେଖାଏ ‘ଧ୍ୱଜବତା’ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। (ଏହି ‘ଧ୍ୱଜ ବତା’ ଦୁଆରବେଢ଼ାକୁ ଟାଣି ଧରିବା ପାଇଁ ପ୍ରଥମ ଭୂଇଁ ଅଗ୍ରଭାଗ ଦ୍ୱିତୀୟ ଭୂଇଁ ଶେଣିରେ ସେଟିଙ୍ଗ ହେବ)

ସୋମବାର ତାଳଧ୍ୱଜ ରଥର ମୁଖ୍ୟ ରୂପକାର ସେବକ ପ୍ରଭାରେ ରୂପ ଖୋଦେଇ ପୂର୍ବରୁ ମାହାର୍ଦ୍ଧ ରଖି ଅନୁକୂଳ ପୂଜା କରିଥିଲେ। ପରେ ରୂପକାର ସେବକମାନେ ତିନିରଥର ପ୍ରଭା ଉପର ଭାଗରେ ରାହୁ ରୂପ ଚିତ୍ର ସହ ପ୍ରଭା ନିମ୍ନ ଭାଗ ଦୁଇ ପାର୍ଶ୍ୱରେ ମଗର ମୁଖ ଚିତ୍ର ଆଙ୍କି ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଏଥିସହ ତିନି ରଥର ଆସୁଆରୀରେ ରୂପକାର ସେବକମାନେ ସିଂହ ବିରାଳ, ଗଜ ବିରାଳ, ନର ବିରଳ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବଦେବୀଙ୍କ ରୂପରଙ୍ଗ ଚିତ୍ର ସହ ହଂସପଟା, କନ୍ୟା ପଟା, ଓଲଟ ଶୁଆ, ସଖୀ, ଇତ୍ୟାଦିର ରଙ୍ଗ କାର୍ଯ୍ୟ ସହ ଦୁଆରବେଢ଼ା ରୂପ ଚିତ୍ର ଏବଂ ରଥ ବାହ୍ୟ ପାର୍ଶ୍ୱ ଗୁଜ, ଚକ ଇତ୍ୟାଦିରେ ରଙ୍ଗ ଚିତ୍ର ଜାରି ରଖିଛନ୍ତି। ଦୋଳବେଦି କମାର ଶାଳରେ ଓଝା ସେବକମାନେ କଣ୍ଟା ନିର୍ମାଣ ସହ, ଚାର ବନ୍ଧା ପାଇଁ ଭୋଇସେବକମାନଙ୍କ ପାଇଁ କଟୁରି ନିର୍ମାଣ କରୁଛନ୍ତି। ଦରଜି ସେବକମାନେ ତିନିରଥର ବତା କନାରେ ଲେସ୍ ଫିଟିଂ ସହ ଦୁଆରବେଢ଼ା କନାରେ ସିଲଭର ଫୁଲ, ଲେସ୍ ସିଲାଇ କାର୍ଯ୍ୟ ଜାରି ରଖିଛନ୍ତି।

## ଶିଶୁ ଶ୍ରମିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ




ସମାରୋହରେ ମଞ୍ଚାସୀନ ବିଚାରପତି ଓ ଅନ୍ୟ ଅତିଥିଗଣ।

ନିମାପଡ଼ା,୧୨।୬(ଡି.ଏନ୍.ଏ.)

ନିମାପଡ଼ା କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ସୋମବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଭାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ) ଲୋକନାଥ ସାହୁ, ଜେଏମ୍‌ଏଫ୍‌ସି- ୧ ମିଲନ ଡାଣ୍ଡି, ସରକାରୀ ଆଇନଜୀବୀ ପ୍ରବୋଧ ପରିଡ଼ା, ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଶ୍ରମିକଙ୍କ ସୁରକ୍ଷା ପାଇଁ ପ୍ରଚଳିତ ଆଇନର ବିଭିନ୍ନ ଦିଗ, ଆଇନକୁ କଡ଼ାକଡ଼ି ଭାବେ ପାଳନ, ଲୋକମାନେ ଶିଶୁଙ୍କୁ ଶିଶୁ ଶ୍ରମିକର ବ୍ୟବସ୍ଥାରୁ ନିବୃତ୍ତ ରଖିବା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ ଜେଲ

ନିମାପଡ଼ା,୧୨।୬(ଡି.ଏନ୍.ଏ.)

ନିମାପଡ଼ାର ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ ସୋମବାର ଏକ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ନିମାପଡ଼ା ଥାନା କେସ ନଂ. ୩୯/୧୨, ଜିଆର୍ କେସ ନଂ. ୧୨୭/୧୭, କୋର୍ଟରେ ଏସ୍‌ଟି କେସ୍ ନଂ. ୪୭/୧୭, ଦଫା ୩୦୪ରେ ଉକ୍ତ ଥାନା ମଣିଜଙ୍ଗ ଗ୍ରାମର କୈଳାସ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି।

ସୂଚନା ମୁତାବକ, ଗତ ୨୦୧୭ ଫେବୃଆରୀ ୨ରେ ମଣିଜଙ୍ଗପାଟଣା ଗ୍ରାମର କୈଳାସ ମୁଗ କିଆରିରେ ଗୋରୁ ଚରାଇ ଫସଲ ନଷ୍ଟ କରିଥିଲେ। ଏହାକୁ କେନ୍ଦ୍ର କରି କୈଳାସ ଏବଂ ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ କୈଳାସ ଓ ତାଙ୍କ ପୁଅ ମିଶି ଦୁର୍ଯ୍ୟୋଧନଙ୍କ ମୁଣ୍ଡକୁ ଏକ କାଠ ଫାଳିଆରେ ଅତର୍କିତ ଆକ୍ରମଣ କରିଥିଲେ। ସେହିବର୍ଷ ଫେବୃଆରୀ ୨୪ରେ ଦୁର୍ଯ୍ୟୋଧନଙ୍କ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ଭାଇ କାହ୍ନୁଚରଣ ବେହେରା ସେତେବେଳେ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଥିରେ କୈଳାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ୍‌ରେ ଆସିଥିଲେ ମଧ୍ୟ କୋର୍ଟରେ ମାମଲା ଚାଲିଥିଲା। ଏନେଇ କୋର୍ଟ ସୋମବାର ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ରାୟ ପ୍ରକାଶ ବେଳେ ଅଭିଯୁକ୍ତ କୈଳାସ କୋର୍ଟରେ ହାଜର ଥିଲେ। ଏହାପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଅତିରିକ୍ତ ପିପି ସୀତାକାନ୍ତ ଦାସ ଏହି ମାମଲା ପରିଚାଳନା କରୁଥିଲେ।

## ମା’ ଜାଗୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ଡେଲାଙ୍ଗ,୧୨।୬(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର କଲ୍ୟାଣପୁର ଗ୍ରାମର ଆରାଧ୍ୟଦେବୀ ମା’ ଜାଗୁଳାଇଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ସ୍ଥାପନ ଉତ୍ସବ ୪ ଦିନ ବ୍ୟାପି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୁରୋଧା ପଣ୍ଡିତ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ସାଥୀ ସୋମନାଥ ମିଶ୍ର, ମଦନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ରଥ ପ୍ରାୟ ୧୦ଜଣ ପୁରୋହିତଙ୍କ ତତ୍ତ୍ୱାବଧାନରେ ଗତ ଶୁକ୍ରବାର ଅଙ୍କୁରାରୋପଣ ଓ ମୂର୍ତ୍ତି ଗର୍ଭଧାନ ଯଥାରୀତି ସମ୍ପନ୍ନ ହୋଇଥିଲା। ୧୧୦ ଜଣ କଳସଧାରୀ ଶନିବାର ଦୟାନଦୀରୁ ଜଳ ନେଇ ଯଥାବିଧି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଧାନାଧିବାସୀ, ଅଗ୍ନିପୂଜା ଆଦି କାର୍ଯ୍ୟ ସମ୍ପାଦନ ହୋଇଥିଲା। ରବିବାର ସୂର୍ଯ୍ୟପୂଜା ଗୋପୂଜା, ଦେବତା ସ୍ନାନ, ମନ୍ଦିର ସ୍ନାନ, ଚଣ୍ଡୀପାଠ, ବେଢ଼ା ପାର୍ଶ୍ୱ ଦେବଦେବୀଙ୍କ ମହାସ୍ନାନ ଯଥାବିଧି ହୋଇଥିଲା। ଗ୍ରାମର ସୁରଥ ପ୍ରଧାନ ଏବଂ ସ୍ତ୍ରୀ ଭାରତୀ ପ୍ରଧାନ କର୍ତ୍ତାକର୍ତ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ଭଜନ କରାଯାଇଥିଲା। ମହାଯଜ୍ଞର ଅନ୍ତିମ ଦିବସ ସୋମବାର ପ୍ରାତଃରେ ସୂର୍ଯ୍ୟପୂଜା ଦେବଦେବୀଙ୍କ ଆହୁତି, ମନ୍ଦିର ପ୍ରତିଷ୍ଠା ଓ ମନ୍ଦିର ପ୍ରବେଶ ରୀତିନୀତି ଅନୁଯାୟୀ ସମାପନ ହୋଇ ଗୋଧୂଳି ଲଗ୍ନରେ ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁଙ୍କ ସମେତ ଗ୍ରାମବାସୀ ମା’ ଜାଗୁଳାଇଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ବୈରାଗୀ ଜେନା, ଜିଲାପରିଷଦ ଧରଣୀଧର ସାହୁ, ପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ଦିର ପ୍ରତିଷ୍ଠା ଅବସରରେ କୀର୍ତ୍ତନ କରାଯାଉଛି ।

## ‘ଶିକ୍ଷାରେ ସାମାଜିକ ସମତା ଦିଗରେ ଜାତୀୟ ଶିକ୍ଷାନୀତି ବାଧକ ହେବ’

ପୁରୀ ଅଫିସ, ୧୨।୬:

ବିଗତ ଛଅ ଦଶନ୍ଧି ମଧ୍ୟରେ ଶିକ୍ଷାକ୍ଷେତ୍ରରେ ସାମାଜିକ ସମତା ଓ ନ୍ୟାୟ ପାଇଁ ହେଉଥିବା ଲଢେଇକୁ ଆଗକୁ ନେବାରେ ଜାତୀୟ ଶିକ୍ଷାନୀତି ମୁଖ୍ୟ ପ୍ରତିବନ୍ଧକ ଭାବେ ଛିଡ଼ା ହେବ ବୋଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ପ୍ରଫେସର ରାଜୀବ ରାୟ ମତ ରଖିଛନ୍ତି। ୟୁଥ୍ ହଷ୍ଟେଲରେ ସୋମବାର ପ୍ରଗତିଶୀଳ ଶିକ୍ଷକ ଫୋରମ୍ ପକ୍ଷରୁ ‘ସ୍ୱାଧୀନତାର ୭୫ ବର୍ଷ ପ୍ରେକ୍ଷାପଟରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଏହାର ପ୍ରଭାବ’ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ପ୍ରଫେସର ରାୟ କହିଲେ ଯେ, ଜାତିଗତ ବୈଷମ୍ୟ, ପଶ୍ଚାତପଦତା ଦୃଷ୍ଟିରୁ ବିଭିନ୍ନ ସାମାଜିକ ବର୍ଗ ଏବଂ ଅଞ୍ଚଳର ବିକାଶ ଦିଗରେ ଶିକ୍ଷା ହେଉଛି ଏକ ପ୍ରମୁଖ ସାଧନ। ଶିକ୍ଷାନୀତି ଓ ଯୋଜନା ସାମାଜିକ ନ୍ୟାୟ ଓ ସମତା ହାସଲ ଦିଗରେ କାର୍ଯ୍ୟକାରୀ ନ ହେଲେ ଦେଶରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷାରେ କର୍ପୋରେଟ ସ୍ୱାର୍ଥ ସାଧନ କରିବ ଓ ଗରିବ ବର୍ଗର ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରିବ। ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

ବଢ଼ିଥିଲେ ମଧ୍ୟ କ୍ରମାଗତ ଭାବେ ଶିକ୍ଷା ପାଇଁ ବ୍ୟୟବରାଦ ହ୍ରାସ ପାଇବାରେ ଲାଗିଛି। ଗ୍ରାମାଞ୍ଚଳ ଓ ପଛୁଆ ଅଞ୍ଚଳରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଢାଞ୍ଚାଗତ ବିକାଶ ନିମ୍ନ ସ୍ତରରେ ଥିବାବେଳେ ଜାତୀୟ ଶିକ୍ଷାନୀତି ସୁପାରିସ ଆଧାରରେ ମାନ୍ୟତା ନିର୍ଦ୍ଧାରଣ ହେଲେ ତୁଳନାତ୍ମକ ଭାବେ ଉନ୍ନତ ଅନୁଷ୍ଠାନଗୁଡ଼ିକରେ ନାମଲେଖା ହାର ବଢ଼ିବ। ଗ୍ରାମାଞ୍ଚଳ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ କେବଳ ଦୟନୀୟ ସ୍ଥିତିକୁ ଠେଲି ହୋଇଯିବ ନାହିଁ ବରଂ ଆର୍ଥିକ ଭାବେ ଦୁର୍ବଳ ସ୍ଥିତିରେ ଥିବା ଗ୍ରାମାଞ୍ଚଳ ପିଲାଙ୍କ ଉଚ୍ଚଶିକ୍ଷାରେ ଡୋର ବନ୍ଧା ହେବ। ଘରୋଇ ଏବଂ ବ୍ୟବସାୟିକ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟର କୌଣସି ସମୟରେ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ ବିକଳ୍ପ ହୋଇପାରିବ ନାହିଁ ବୋଲି ପ୍ରଫେସର ରାୟ ମତ ଦେଇଛନ୍ତି। ଏହି ଅଧିବେଶନରେ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ।

ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନ୍ୟ ଏକ ଅଧିବେଶନରେ ଆଲୋଚକ ଭାବେ ଯୋଗଦେଇ ପ୍ରାଧ୍ୟାପକ ଜେନା କହିଲେ ଯେ, ବ୍ୟାପକ ବିଚାରବିମର୍ଷ ଓ ସଂସଦର ବିନା ଅନୁମୋଦନରେ ଗୃହୀତ ଜାତୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକ ଅଗଣତାନ୍ତ୍ରିକ ଏବଂ ଅସାମ୍ବିଧାନିକ ପଦକ୍ଷେପ। ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ଦଲିଲରେ ୧୦ ବର୍ଷ ପୂର୍ବେ ପ୍ରଣିତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ଉପରେ ପଦେ ହେଲେ ଉଲ୍ଲେଖ ନାହିଁ କି ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇନାହିଁ। ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ମୌଳିକ ଅଧିକାର ଦେବା ସହ ମାଗଣା ଓ ବାଧ୍ୟତାମୂଳକ ବିଦ୍ୟାଳୟ ଶିକ୍ଷାକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କଲେ ହିଁ ଦେଶର ସମସ୍ତ ନାଗରିକ ସର୍ବନିମ୍ନ ସାଧାରଣ ଶିକ୍ଷା ପାଇପାରିବେ ବୋଲି ସେ କହିଛନ୍ତି। ଗରିବ ଓ ପଛୁଆ ବର୍ଗର ପିଲାଙ୍କୁ ସାର୍ବଜନୀନ ଶିକ୍ଷାରୁ ବଞ୍ଚିତ କରିବା ପାଇଁ ଜାତୀୟ ଶିକ୍ଷା ନୀତିରେ ଷଷ୍ଠଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ପାଇଁ ଗୁରୁତ୍ୱ ପ୍ରଦାନ ଏକ ଶଠତା। ଅନ୍‌ଲାଇନ ଶିକ୍ଷା ଓ ମୁକ୍ତ ବିଦ୍ୟାଳୟ କେବେ ବି ଆନୁଷ୍ଠାନିକ ଶିକ୍ଷାର ବିକଳ୍ପ ନୁହେଁ। ଶିକ୍ଷାର ବ୍ୟବସାୟୀକରଣ ଓ ଘରୋଇକରଣ ଉପରେ ଆକ୍ରମଣାତ୍ମକ ଢଙ୍ଗରେ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଉଦ୍‌ଯାପନୀ ଅଧିବେଶନରେ ଶିକ୍ଷକ ନେତା ପ୍ରକାଶ ଚନ୍ଦ୍ର ମହାନ୍ତି, ଅକ୍ଷୟ କୁମାର ମିଶ୍ର, ଶଙ୍କର ସୁବୁଦ୍ଧି, ସୁକାନ୍ତ କୁମାର ବେହେରା, ଅଶୋକ କୁମାର ମହାନ୍ତି ଓ ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୬।୨୦୨୩

| | |
|---|---|
| ୯୧,୨୩୫ ଟଙ୍କା | |
| ସୁନା | ୬.୩୫୦ ଗ୍ରାମ୍ |
| ରୁପା | ୬.୫୦୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଇକୋ ବ୍ୟାଙ୍କ ପକ୍ଷରୁ ନିଯୁକ୍ତି ମେଳା, ରେଳ ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ସାମ୍ବିଧାନିକ ପାଠଚକ୍ର, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଭୌମ୍ୟ ନଗର ହାଟ ବ୍ୟବସାୟୀ ସଂଘର ବାର୍ଷିକ ସାଧାରଣ ସଭା, ଗଣେଶ ମଣ୍ଡପ, ୟୁନିଟ୍-୪ ମାର୍କେଟ, ପୂର୍ବାହ୍ନ ୧୧ଟା ୩୦।

କଟକ
- ଜି-୨୦ ଶିକ୍ଷା କାର୍ଯ୍ୟକାରୀ ଗୋଷ୍ଠୀ ଆନୁକୂଲ୍ୟରେ ଜନ ଭାଗିଦାରୀ କାର୍ଯ୍ୟକ୍ରମ, କେନ୍ଦ୍ରୀୟ ବିଦ୍ୟାଳୟ-୧, ସିଡିଏ,ସକାଳ ୮ଟା ୩୦।

# ଆଜି ଚକାବିଜେ ହେବେ ମହାପ୍ରଭୁ

ପୁରୀ ଅଫିସ,୧୨।୬

ଆଷାଢ଼ କୃଷ୍ଣ ଦଶମୀ ତିଥିରେ ମଙ୍ଗଳବାର ଅଣସର ଗୃହରେ ଚକାବିଜେ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିବେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନଙ୍କ ଦ୍ୱାରା ଏହି ଗୁପ୍ତ ନୀତି ସମ୍ପାଦନ ହେବ।

ସୂଚନାଯୋଗ୍ୟ, ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ରାଜବୈଦ୍ୟଙ୍କ ପରାମର୍ଶକ୍ରମେ ଦଇତାପତି ଓ ପତିମହାପାତ୍ର ସେବକମାନେ ଅଣସର ପିଣ୍ଡିରେ ଦାରୁଦିଅଁଙ୍କ ଗୁପ୍ତ ସେବା କରୁଛନ୍ତି। ପରମ୍ପରା ଅନୁଯାୟୀ, ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗି ହୋଇଥିଲା। ଷଷ୍ଠୀରୁ ନବମୀ ତିଥି ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ତେବେ ଦଶମୀ ତିଥିରେ ମହାପ୍ରଭୁ ସାମାନ୍ୟ ସୁସ୍ଥ ଅନୁଭବ କରିଥିବାରୁ ଚକାବିଜେ ନୀତି ଅନୁଷ୍ଠିତ ହେବ। ଦଇତାପତି ସେବକମାନେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇବେ। ସେହିପରି ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିରକୁ ପଠାଯିବ। ଏକାଦଶୀ ତିଥିରେ ଜ୍ୱର ପୀଡ଼ିତ ଦାରୁବିଗ୍ରହଙ୍କୁ ଏହି ଦଶମୂଳ ଲାଗି ହେବ। ଏହାପରେ ଶ୍ରୀବିଗ୍ରହ ସମ୍ପୂର୍ଣ୍ଣ ସୁସ୍ଥ ହୁଅନ୍ତି ବୋଲି ବିଶ୍ୱାସ ରହିଛି।

## ଦାରୁଦିଅଁଙ୍କ ନିମନ୍ତେ ଆସିଲା ଅଣସର ଭାର



ପୁରୀ ଅଫିସ, ୧୨।୬

ପବିତ୍ର ସ୍ନାନପୂର୍ଣ୍ଣିମାରେ ଚତୁର୍ଦ୍ଧାବିଗ୍ରହ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ଅଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଦଇତାପତି ସେବକମାନେ ଅଣସର ପିଣ୍ଡିରେ ଅନ୍ଧକାର ମଧ୍ୟରେ ଗୁପ୍ତ ସେବା ଜାରି ରଖିଛନ୍ତି। ରାଜବୈଦ୍ୟଙ୍କ ପରାମର୍ଶ କ୍ରମେ ଶ୍ରୀବିଗ୍ରହମାନଙ୍କ ଉପଚାର ଚାଲିଛି। ଏହି ପରିପ୍ରେକ୍ଷୀରେ ଅଣସରର ନବମ ଦିବସରେ ସୋମବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅଣସର ଭାର ଶ୍ରୀମନ୍ଦିରକୁ ଆସିଛି। ହାତୀଆଖଡ଼ା ମଠର ଶାଖା କାକଟପୁରସ୍ଥିତ ବିଶ୍ୱାମିତ୍ର ଆଶ୍ରମରୁ ଏହି ଅଣସର ଭାର ଶ୍ରୀମନ୍ଦିରକୁ ପଠାଯାଇଛି। ଭାରରେ ଆମ୍ବ, ପଣସ, ସପୁରି, ନଡ଼ିଆ, ଖଜୁରିକୋଳି, ଜାମୁକୋଳି, ସେଓ, ଡାଳିମ୍ବ, କମଳା ଆଦି ବିଭିନ୍ନ ପ୍ରକାର ଫଳ ରହିଛି। କେଉଁ ଆବାହନ କାଳରୁ ଅଣସର ସମୟରେ ମହାପ୍ରଭୁଙ୍କ ନିମନ୍ତେ ମଠ ପକ୍ଷରୁ ଫଳଭାର ପଠାଯାଉଥିବା ମଠର ମହନ୍ତ ସୁଖରାମ ଦାସ ମହାରାଜ କହିଛନ୍ତି। ଶ୍ରୀମନ୍ଦିର ପୂଜାପଣ୍ଡା ସେବକ କାଶୀନାଥ ପୂଜାପଣ୍ଡାଙ୍କ ତତ୍ତ୍ୱାବଧାନରେ ଫଳଭାର ଶ୍ରୀମନ୍ଦିରକୁ ପଠାଯାଇଥିବା ସୂଚନା ମିଳିଛି।

## ଅଂଶୁଘାତରେ ୩ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

କଣାସ/ନିଶ୍ଚିନ୍ତକୋଇଲି,୧୨।୬(ସ୍ୱ.ପ୍ର.)/: ପୁରୀ ଓ କଟକ ଜିଲାରେ ୩ଜଣ ଚାଷୀଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ପୁରୀ କଣାସ ଥାନା ଅଧୀନ ଗଡ଼ବଡ଼ପୁଟ ଗ୍ରାମର ଅରକ୍ଷିତ ପାଲଟାସିଂ (୬୩)। ଅନ୍ୟଦୁଇଜଣ ହେଲେ କଟକ ଜିଲା ସାଲେପୁର ଥାନା ସୁଦୁଖଣ୍ଡ ପଞ୍ଚାୟତ ଅନ୍ତର୍ଗତ ସମିତଙ୍ଗା ଗ୍ରାମର ପବିତ୍ର ଶଥପଥି (୩୫)ଓ ଧନେଶ୍ୱର ବାରିକ (୭୦)। ସୂଚନାନୁସାରେ, କଣାସର ଅରକ୍ଷିତ ସୋମବସକାଳ ୯ଟାରେ ନିଜ ଜମିକୁ ଧାନ ବୁଣିବାକୁ ଯାଇଥିଲେ। ସେ ଧାନ ବୁଣି ସାରିବା ପରେ ୧୦ଟାବେଳେ ଟ୍ରାକ୍ଟର ଦ୍ୱାରା ବୁଣାଧାନକୁ ମାଟି ମଡାଇବାକୁ ଯାଇଥିଲେ। ପରେ ଟ୍ରାକ୍ଟର ଡ୍ରାଇଭର ତାଙ୍କୁ ଅଚେତ ଅବସ୍ଥାରେ ବିଲରେ ପଡିଥିବା ଦେଖିଥିଲେ। ସେ ତୁରନ୍ତ ଅରକ୍ଷିତଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ନେଇ ପରିବାର ଲୋକଙ୍କ ଖବର ଦେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରୁ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦରୁ ଜଣାପଡିଥିଲା। ପରେ ଖୋର୍ଦ୍ଧା ଥାନା ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକ ମୃତଦେହକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରିଥିଲେ। ସେହିପରି ସାଲେପୁର ସମିତଙ୍ଗା ଗ୍ରାମର ପବିତ୍ର ଓ ଧନେଶ୍ୱର ସୋମବାର ମଧ୍ୟାହ୍ନରେ ବିଲରୁ ଚାଷ କାର୍ଯ୍ୟ ସାରି ଫେରୁଥିବାବେଳେ ସେମାନେ ଗୁରୁତର ହୋଇପଡିଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ସେମାନଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଏନେଇ ନିଶିନ୍ତକୋଇଲି ଥାନାକୁ ଖବର ଦିଆଯାଇଥିଲା। ପରେ କିଶୋର ନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଉଭୟଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ୧୧ତମ ରଜ ପ୍ରତିଭା ଉତ୍ସବରେ ଜଣେ ଶିଳ୍ପୀ ନୃତ୍ୟ ପରିବେଷଣ କରୁଛନ୍ତି।

## ପିଲାଙ୍କୁ ମିଳିବ ମୋ ଡାଏରୀ, ବିଦ୍ୟାଳୟକୁ ଏକାଡେମିକ୍ କ୍ୟାଲେଣ୍ଡର

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଏସ୍ଏସ୍ଡି ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ 'ମୋ ଡାଏରୀ' ମିଳିବ। ସେହିପରି ପ୍ରତି ବିଦ୍ୟାଳୟକୁ ଏକାଡେମିକ୍ କ୍ୟାଲେଣ୍ଡର ପ୍ରଦାନ କରାଯିବ। ଡାଏରୀର ବ୍ୟବହାର ନିମନ୍ତେ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବେ। ନିଜ ଦେଶ, ରାଜ୍ୟ, ଜିଲା ଓ ସହରର ନାମ ଆଦି ଏଥିରେ ଉଲ୍ଲେଖ କରିବେ। ସେହିପରି ପ୍ରାଥମିକ ବିଦ୍ୟାଳୟ ବା ମାଧ୍ୟମିକ ବିଦ୍ୟାଳୟକୁ ୨ଟି ଲେଖାଏ ଏକାଡେମିକ କ୍ୟାଲେଣ୍ଡର ମିଳିବାକୁ ଥିବାବେଳେ ଉଭୟ ପ୍ରାଥମିକ ଓ ମାଧ୍ୟମିକ ବର୍ଗ ଥିବା ନୋଡାଲ ବିଦ୍ୟାଳୟଗୁଡିକୁ ୪ଟି ଲେଖାଏ କ୍ୟାଲେଣ୍ଡର ପ୍ରଦାନ କରାଯିବ। ପ୍ରଧାନଶିକ୍ଷକଙ୍କ କକ୍ଷରେ ଗୋଟିଏ କ୍ୟାଲେଣ୍ଡର ଓ ଷ୍ଟାଫ୍ କମନ୍ ରୁମ୍‌ରେ ଗୋଟିଏ କ୍ୟାଲେଣ୍ଡର ଲଗାଯିବା ବାଧ୍ୟତାମୂଳକ। ଉକ୍ତ କ୍ୟାଲେଣ୍ଡର ଆଧାରରେ ବିଦ୍ୟାଳୟଗୁଡ଼ିକ ନିଜ ବିଦ୍ୟାଳୟର ବାର୍ଷିକ କାର୍ଯ୍ୟପନ୍ଥା ସ୍ଥିର କରିବେ। ତେବେ ସମସ୍ତ ବିଦ୍ୟାଳୟରେ ଏକାଡେମିକ୍ କ୍ୟାଲେଣ୍ଡର ଓ ପିଲାଙ୍କୁ ଡାଏରୀ ପ୍ରଦାନ କାର୍ଯ୍ୟକ୍ରମକୁ ବିଇଓ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## କବି ଅନନ୍ତ ପଟ୍ଟନାୟକ ଲେଖାଦ୍ୱାରା ସମାଜକୁ ଆନ୍ଦୋଳିତ କରିଥିଲେ

ଭୁବନେଶ୍ୱର, ୧୨।୬ (ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ଅନନ୍ତ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ସୋମବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନନ୍ତ ପଟ୍ଟନାୟକ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ସେ ତାଙ୍କ ଲେଖା ଦ୍ୱାରା କେବଳ ସମାଜକୁ ପ୍ରଭାବିତ କରି ନ ଥିଲେ, ବରଂ ନାନା ପ୍ରସଙ୍ଗରେ ସମାଜକୁ ଆନ୍ଦୋଳିତ କରି ପାରିଥିଲେ ବୋଲି ସଂସ୍କୃତି ବିଭାଗ ନିର୍ଦ୍ଦେଶକ ମତ ଦେଇଥିଲେ।




ଜୟନ୍ତୀ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ଅନ୍ୟମାନେ।

କାର୍ଯ୍ୟକ୍ରମରେ ଡ. ରଣଜିତ୍ କୁମାର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଅନନ୍ତଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ସମାରୋହରେ ପୌରୋହିତ୍ୟ କରି ଅନନ୍ତ ପଟ୍ଟନାୟକ ଓଡ଼ିଆ ପ୍ରଗତିଶୀଳ ସାହିତ୍ୟର ଅନ୍ୟତମ ନିର୍ମାତା ଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଦି



@ ମନୀଷା



@ ହରେନ୍



@ ଅଂଶୁମାନ୍



@ ସର୍ବେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଓଟିଇଟି ପରୀକ୍ଷା ଉଚ୍ଛେଦ ସହ ଅନ୍ୟାନ୍ୟ ଦାବି ନେଇ ଅଲ୍ ଓଡ଼ିଶା ଏସ୍‌ସି ଏସ୍‌ଟି ଶିକ୍ଷକ କଲ୍ୟାଣ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।



**ପୁରୀ:** ରଥ ଦୁଆରବେଢାରେ ଲାଗୁଥିବା ନାଟଗୋଡ଼ରେ ଚିତ୍ରକର ସେବକମାନେ ଚିତ୍ର କରୁଛନ୍ତି।

**ରାମମନ୍ଦିର ତଳମହଲା ନିର୍ମାଣ ଅକ୍ଟୋବରରେ ଶେଷ ହେବ**

ଅଯୋଧ୍ୟାର ଭବ୍ୟ ରାମମନ୍ଦିର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ମହଲା ବିଶିଷ୍ଟ ଏହି ମନ୍ଦିରର ତଳ ମହଲା କାର୍ଯ୍ୟ ଅକ୍ଟୋବର ସୁଦ୍ଧା ଶେଷ ହେବ। ନିର୍ବାଚନ ବର୍ଷ ଆରମ୍ଭରେ ଅର୍ଥାତ୍ ମକର ସଂକ୍ରାନ୍ତିରେ ମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠା କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମନ୍ଦିର ଟ୍ରଷ୍ଟ ସଦସ୍ୟ ନୃପେନ୍ଦ୍ର ମିଶ୍ର ସୋମବାର ନିର୍ମାଣ ସ୍ଥିତି ସମୀକ୍ଷା କରିଥିଲେ। ମନ୍ଦିରର ଲମ୍ବ ୩୮୦ ଫୁଟ୍ ଓ ପ୍ରସ୍ଥ ୨୫୦ ଫୁଟ୍ ହୋଇଥିବାବେଳେ ଉଚ୍ଚତା ୧୬୧ ଫୁଟ୍ ହେବ। ଏଥିରେ ୩୯୨ ସ୍ତମ୍ଭ ରହିଛି।



## ସଂକ୍ଷେପରେ

### ପ୍ରୋଫାଇଲ୍‌ରେ ଔରଙ୍ଗଜେବଙ୍କ ଫଟୋ ରଖି ଯୁବକ ଗିରଫ

**ମୁମ୍ବାଇ, ୧୨।୬:** ମହାରାଷ୍ଟ୍ର ନଭି ମୁମ୍ବାଇର ଜଣେ ଯୁବକ ହ୍ୱାଟ୍ସଆପ୍ ପ୍ରୋଫାଇଲ୍ ଫଟୋରେ ମୋଗଲ ରାଜା ଔରଙ୍ଗଜେବଙ୍କ ଛବି ରଖିବାନେଇ ସ୍ଥାନୀୟ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ପ୍ରୋଫାଇଲ ଫଟୋକୁ ନେଇ ହିନ୍ଦୁ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯାଇଥିବାବେଳେ ଉକ୍ତ ଯୁବକଙ୍କ ବିରୋଧରେ ଥାନାରେ ଏତଲା ହୋଇଥିଲା। ଭାସିରୁ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଥିଲା। ଯୁବକଜଣକ ମୋବାଇଲ ସର୍ଭିସ୍ ପ୍ରୋଭାଇଡର ଭାବେ କାର୍ଯ୍ୟ କରନ୍ତି। ଯୁବକଙ୍କ ନାଁରେ ଏକ ନୋଟିସ୍ ଜାରି କରାଯିବା ପରେ ତାଙ୍କୁ ଛାଡ଼ିଦିଆଯାଇଛି।

### ଅମିତ୍ ଅଗ୍ରୱାଲ ୟୁଆଇଡିଏଆଇ ସିଇଓ, ସୁବୋଧ ସିଂ ଏନ୍‌ଟିଏ ଡିଜି

**ନୂଆଦିଲ୍ଲୀ, ୧୨।୬(ପି.ଟି.):** ବରିଷ୍ଠ ଆଇଏଏସ୍ ଅଫିସର ଅମିତ୍ ଅଗ୍ରୱାଲଙ୍କୁ ଭାରତର ବିଶିଷ୍ଟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ)ର ସିଇଓ ନିଯୁକ୍ତ କରାଯାଇଥିବାବେଳେ ସୁବୋଧ କୁମାର ସିଂଙ୍କୁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ମହାନିର୍ଦ୍ଦେଶକ (ଡିଜି) କରାଯାଇଛି।


ଅମିତ୍ ଅଗ୍ରୱାଲ

ଅଗ୍ରୱାଲ ୧୯୯୩ ଏବଂ ସିଂ ୧୯୯୭ ବ୍ୟାଚ୍‌ର ଛତିଶଗଡ଼ କ୍ୟାଡର ଆଇଏଏସ୍ ଅଫିସର। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଥିବା ଅଗ୍ରୱାଲଙ୍କୁ ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି, ଯାହା ଭାରତ ସରକାରଙ୍କ ଅତିରିକ୍ତ ସଚିବ ପାହ୍ୟାର। ସେହିପରି ଖାଦ୍ୟ ଓ ସାଧାରଣ ଯୋଗାଣ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଥିବା ସିଂଙ୍କୁ ଏନ୍‌ଟିଏ ଡିଜି ଭାବେ ନିଯୁକ୍ତି ଦିଆଯାଇଥିବା କାର୍ମିକ ମନ୍ତ୍ରଣାଳୟ ନିର୍ଦ୍ଦେଶନାମାରେ କୁହାଯାଇଛି।

### ନ୍ୟାୟ ଦାବିରେ ରାସ୍ତାକୁ ଓହ୍ଲାଇଲେ ମୃତକଙ୍କ ପରିବାର

**ରାଜୌରି/ଜମ୍ମୁ, ୧୨।୬:** ଜମ୍ମୁ-କଶ୍ମୀରର ରାଜୌରି ଜିଲା ଡାଙ୍ଗରି ଗ୍ରାମରେ ଗତ ଜାନୁଆରୀରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ୭ ନାଗରିକଙ୍କ ପରିବାର ଲୋକେ ନ୍ୟାୟ ଦାବିରେ ସୋମବାର ଜମ୍ମୁ-ପୁଞ୍ଛ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କ ସମେତ ଶତାଧିକ ସ୍ଥାନୀୟ ଲୋକ ମଧ ଏଥିରେ ସାମିଲ ହୋଇଛନ୍ତି। ଜାନୁୟାରୀ ୧ରେ ଡାଙ୍ଗରି ଗ୍ରାମରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପରଦିନ ଆଇଡି ବିସ୍ଫୋରଣରେ ୨ଜଣ ନିହତ ହୋଇଥିଲେ।

### ୟୁଟ୍ୟୁବରଙ୍କୁ ମାଡ଼ ମାରି ବ୍ୟବସାୟୀ ଗିରଫ

**ବେଙ୍ଗାଲୁରୁ, ୧୨।୬:** ବିଦେଶୀ ୟୁଟ୍ୟୁବରଙ୍କୁ ମାଡ଼ ମାରିବା ନେଇ ବେଙ୍ଗାଲୁରୁ ଚୋର ବଜାରର ଜଣେ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ଦୁଇମାସ ପୂର୍ବେ ଡଚ୍ ୟୁଟ୍ୟୁବର ପେଡ୍ରୋ ମୋଟା ଚୋର ବଜାରରେ ଭିଡିଓ ଶୁଟ୍ କରୁଥିଲେ। ସେ ସମୟରେ ନବାବ ହାୟଥ ସରିଫ ତାଙ୍କୁ ଭିଡିଓ କରିବାକୁ ମନା କରିଥିଲେ। ସେ ପେଡ୍ରୋଙ୍କ ହାତକୁ ଜୋରରେ ଧରିବା ସହ ତାଙ୍କୁ ଛାଡ଼ି ନ ଥିଲେ। ପେଡ୍ରୋଙ୍କ ବହୁ ଅନୁରୋଧ ସରିଫ ତାଙ୍କୁ ଛାଡ଼ି ଦେଇଥିଲେ। ଭିଡିଓ ସମ୍ପର୍କରେ ରବିବାର ବେଙ୍ଗାଲୁରୁ ପୋଲିସ ଜାଣିବା ପରେ ସରିଫଙ୍କୁ ଗିରଫ କରିଛି। ଘଟଣାର କିଛିଦିନ ପରେ ପେଡ୍ରୋ ଭାରତରୁ ଚାଲିଯାଇଥିବା ପୋଲିସ କହିଛି।


ୟୁକ୍ରେନ୍‌ର କାଖୋଭକା ଡ୍ୟାମ୍ ଧ୍ୱଂସ ଫଳରେ ଖେରସନ ପଡୋଶୀ ଅଞ୍ଚଳର ଘରଗୁଡ଼ିକ ବନ୍ୟାପାଣିରେ ବୁଡ଼ିରହିଥିବାବେଳେ ତୈଳ ଯୋଗୁ ପ୍ରଦୂଷିତ ହୋଇଛି। ଏହା ଦୀର୍ଘମିଆଦୀ ପରିବେଶ ବିପର୍ଯ୍ୟୟ ସୃଷ୍ଟି କରିବା ସହ ପାନୀୟ ଜଳ ଓ ଖାଦ୍ୟ ଯୋଗାଣ ପ୍ରଭାବିତ ହୋଇଛି।

## ୟୁନେସ୍କୋରେ ପୁଣି ଯୋଗଦେବ ଆମେରିକା

**ପ୍ୟାରିସ୍, ୧୨।୬**

ଜାତିସଂଘର ସାଂସ୍କୃତିକ ତଥା ବିଜ୍ଞାନଭିତ୍ତିକ ସଂସ୍ଥା ୟୁନେସ୍କୋରେ ଆମେରିକା ପୁନର୍ବାର ଯୋଗଦେବା ଲାଗି ଯୋଜନା କରୁଥିବା ସୋମବାର ଘୋଷଣା କରାଯାଇଛି। ଏଥିସହିତ ବକେୟା ଥିବା ୬୦୦ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଦେୟ ପୈଠ କରିବାକୁ ୱାଶିଂଟନ ନିଷ୍ପତ୍ତି ନେଇଛି। ୟୁନେସ୍କୋ ପାଲେଷ୍ଟାଇନ୍‌କୁ ଏହାର ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ୟୁନେସ୍କୋର ନୀତି ନିର୍ଦ୍ଧାରଣ ବିଶେଷ କରି ସାରା ବିଶ୍ୱରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ପ୍ରଯୁକ୍ତି ଶିକ୍ଷା ମାନ ନିର୍ଦ୍ଧାରଣରେ ଚାଇନା ଆମେରିକାର ସ୍ଥାନ ନେବା ପାଇଁ ଉଦ୍ୟମ କରୁଥିବାରୁ ୱାଶିଂଟନ ପୁନର୍ବାର ଫେରିବା ନିମନ୍ତେ ନିଷ୍ପତ୍ତି ନେଇଥିବା ଏହାର ଜଣେ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୧ରେ ପାଲେଷ୍ଟାଇନ୍‌କୁ ସଦସ୍ୟ ରାଷ୍ଟ୍ର ଭାବେ ସାମିଲ କରିବା ପାଇଁ ୟୁନେସ୍କୋ ନିଷ୍ପତ୍ତି ନେବା ପରେ ଆମେରିକା ଓ ଇସ୍ରାଏଲ୍ ଏହାକୁ ପାଣ୍ଠି ଯୋଗାଣ ବନ୍ଦ କରିଦେଇଥିଲେ। ୨୦୧୭ରେ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ୟୁନେସ୍କୋରୁ ଓହରିଯିବା ଲାଗି ନିଷ୍ପତ୍ତି ନେଇଥିଲେ।

# ଅଣୁଅସ୍ତ୍ର ବଢ଼ାଉଛି ଚାଇନା

**ନୂଆଦିଲ୍ଲୀ, ୧୨।୬**

ଚାଇନା ଏହାର ଆଣବିକ ସାମର୍ଥ୍ୟରେ ଦ୍ରୁତ ବୃଦ୍ଧି କରୁଥିବାରୁ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏକ ନୂଆ ରିପୋର୍ଟରେ ଆକଳନ ଅନୁଯାୟୀ ବର୍ଷକ ମଧ୍ୟରେ ବେଜିଂ ୬୦ ଅଣୁଅସ୍ତ୍ର ବଢ଼ାଇଛି, ଯାହାକି ବିଶ୍ୱରେ ସର୍ବାଧିକ ବୃଦ୍ଧି। ଷ୍ଟକହୋମ୍ ଇଣ୍ଟରନ୍ୟାଶନାଲ ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ଏସ୍ଆଇପିଆର୍ଆଇ) ପକ୍ଷରୁ ସୋମବାର ପ୍ରକାଶିତ ତଥ୍ୟ ଅନୁଯାୟୀ ଗତ ଜାନୁୟାରୀରେ ସାରା ବିଶ୍ୱରେ ଆଣବିକ ଅସ୍ତ୍ର ସଂଖ୍ୟା ୧୨,୫୦୦ ଥିଲା। ଏହା ପୂର୍ବବର୍ଷଠାରୁ ୧୯୮ କମ୍। ସେହି ମାସରେ ଚାଇନାର ଆଣବିକ ଅସ୍ତ୍ର ଭଣ୍ଡାର ୪୧୦ରେ ପହଞ୍ଚିଥିଲା। ଜାତୀୟ ସୁରକ୍ଷା ପାଇଁ ଆବଶ୍ୟକ ସର୍ବନିମ୍ନ ଆଣବିକ ଶକ୍ତି ହାସଲ କରିବା ବେଜିଂର ଲକ୍ଷ୍ୟ ବୋଲି ଘୋଷଣା କରିଥିଲା। ଏତେ ସଂଖ୍ୟାରେ ଅଣୁଅସ୍ତ୍ର ଗଚ୍ଛିତ ରଖିବା ଏହାର ଘୋଷଣାନାମାର ଉଲ୍ଲଂଘନ କରୁଥିବା ରିପୋର୍ଟରେ କୁହାଯାଇଛି। ଏସ୍ଆଇପିଆର୍ଆଇ ରିପୋର୍ଟ ଅନୁଯାୟୀ ଚାଇନା ଅଣୁଅସ୍ତ୍ର ପୂର୍ବବର୍ଷ ତୁଳନାରେ ୨୦୨୩ ଜାନୁୟାରୀରେ ୧୭ ପ୍ରତିଶତ ବଢ଼ିଛି। ଗତବର୍ଷ ବେଜିଂ ପାଖରେ ୩୫୦ ୱାର୍‌ହେଡ୍ ରହିଥିଲା।



### ଚିନ୍ତାରେ ବିଶ୍ୱ

ବିଶ୍ୱର ୯ଟି ଆଣବିକ ଶକ୍ତି ରାଷ୍ଟ୍ର ସେମାନଙ୍କ ଅସ୍ତ୍ରର ଆଧୁନିକୀକରଣ ଜାରି ରଖିଛନ୍ତି। ୨୦୩୦ ବେଳକୁ ଚାଇନାର ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ (ଆଇସିବିଏମ୍) ସଂଖ୍ୟା ଆମେରିକା କିମ୍ବା ରୁଷିଆ ସମକକ୍ଷ ହୋଇଯିବା ସମ୍ଭାବନା ରହିଛି। ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ବିଶ୍ୱର ସର୍ବବୃହତ ସୈନ୍ୟବାହିନୀ ହୋଇଥିବାବେଳେ ଏହାର ଅସ୍ତ୍ର ଆଧୁନିକୀକରଣ ପ୍ରକ୍ରିୟା ଜାରି ରହିଛି। ବିଶ୍ୱର ମୋଟ ୧୨,୫୧୨ ଆଣବିକ ଅସ୍ତ୍ର ମଧ୍ୟରୁ ୯,୫୭୬ ସମ୍ଭାବ୍ୟ ବ୍ୟବହାର ପାଇଁ ସାମରିକ ଭଣ୍ଡାରରେ ଗଚ୍ଛିତ ରହିଛି, ଯାହା ଗତବର୍ଷ ତୁଳନାରେ ୮୬ ଅଧିକ। ୩,୮୪୪ ୱାର୍‌ହେଡ୍ ମିଶାଇଲ ଏବଂ ଯୁଦ୍ଧବିମାନରେ ନିୟୋଜିତ ହୋଇଥିବାବେଳେ ୨,୦୦୦ଟି ହାଇ ଅପରେଶନ ଆଲର୍ଟରେ ରଖାଯାଇଛି। ସେଥିରୁ ଅଧିକାଂଶ ଆମେରିକା ଓ ରୁଷିଆର ଅଣୁଅସ୍ତ୍ର। ଅନ୍ୟ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ହେଲେ ବ୍ରିଟେନ୍, ଫ୍ରାନ୍ସ, ଭାରତ, ପାକିସ୍ତାନ, ଉତ୍ତର କୋରିଆ ଏବଂ ଇସ୍ରାଏଲ୍। ସାମରିକ ଭଣ୍ଡାରରେ ଥିବା ଅଣୁଅସ୍ତ୍ର ମଧ୍ୟରୁ ରୁଷିଆ ପାଖରେ ସର୍ବାଧିକ ୪,୪୮୯ଟି ରହିଥିବାବେଳେ ଆମେରିକା ନିକଟରେ ୩,୭୦୮ଟି ରହିଛି। ଚାଇନା ଭଣ୍ଡାରରେ ୪୧୦ଟି ୱାର୍‌ହେଡ୍ ଥିବାବେଳେ ଫ୍ରାନ୍ସ ପାଖରେ ୨୯୦, ବ୍ରିଟେନ ପାଖରେ ୨୨୫, ପାକିସ୍ତାନର ୧୭୦, ଭାରତର ୧୬୪, ଇସ୍ରାଏଲ୍ ନିକଟରେ ୯୦ ଓ ଉତ୍ତର କୋରିଆ ପାଖରେ ୩୦ଟି ଅଣୁଅସ୍ତ୍ର ରହିଛି।

### ଇଟାଲୀର ପୂର୍ବତନ ପ୍ରଧାନମନ୍ତ୍ରୀ ବେର୍ଲୁସ୍କୋନିଙ୍କ ପରଲୋକ


ସିଲ୍‌ଭିଓ ବେର୍ଲୁସ୍କୋନି

**ରୋମ୍, ୧୨।୬**

ଇଟାଲୀର ପୂର୍ବତନ ପ୍ରଧାନମନ୍ତ୍ରୀ ସିଲ୍‌ଭିଓ ବେର୍ଲୁସ୍କୋନିଙ୍କର ସୋମବାର ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ତାଙ୍କ ଦଳରେ ଯୌନ କେଳେଙ୍କାରୀ ଏବଂ ଦୁର୍ନୀତି ଅଭିଯୋଗ ସତ୍ତ୍ୱେ ସେ ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ରହିଥିଲେ। ଲୁକେମିଆରେ ପୀଡ଼ିତ ବିଲିଅନେୟାର ମିଡିଆ ମୋଗଲ ବେର୍ଲୁସ୍କୋନି ଗତ ଶୁକ୍ରବାର ଦ୍ୱିତୀୟ ଥର ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏଥିସହିତ ତାଙ୍କର ହୃଦ୍‌ରୋଗ, ପ୍ରୋଷ୍ଟେଟ୍ କ୍ୟାନ୍ସର ରହିଥିଲା। ୨୦୨୦ରେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବେର୍ଲୁସ୍କୋନି ୧୯୯୪ରୁ ୧୯୯୫, ୨୦୦୧ରୁ ୨୦୦୬, ୨୦୦୮ରୁ ୨୦୧୧ ଇଟାଲୀର ପ୍ରଧାନମନ୍ତ୍ରୀ ଥିଲେ। ସେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ କୌଣସି ମନ୍ତ୍ରୀ ପଦରେ ନ ଥିଲେ। ସେ ଫୋର୍ଜା ଇଟାଲିଆ ମେଣ୍ଟର ନେତା ଥିଲେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନିଙ୍କ ମେଣ୍ଟରେ ବେର୍ଲୁସ୍କୋନିଙ୍କ ଦଳ ସହଯୋଗୀ ରହିଛି। ତେବେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ବେର୍ଲୁସ୍କୋନିଙ୍କ ସୁସମ୍ପର୍କ ରହିଥିବାବେଳେ ମେଲୋନି ୟୁକ୍ରେନ୍‌ର ସମର୍ଥକ।

## 'ବିପର୍ଯ୍ୟୟ' ପାଇଁ ଗୁଜରାଟ ଉପକୂଳରୁ ଲୋକଙ୍କୁ ସ୍ଥାନାନ୍ତର



**ନୂଆଦିଲ୍ଲୀ, ୧୨।୬**

ସାମୁଦ୍ରିକ ବାତ୍ୟା 'ବିପର୍ଯ୍ୟୟ' ଆସନ୍ତା ୧୫ ତାରିଖରେ ଗୁଜରାଟର କଚ୍ଛ ଏବଂ ପାକିସ୍ତାନର କରାଚୀ ମଧ୍ୟବର୍ତ୍ତୀ ସ୍ଥାନରେ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ସତର୍କ କରାଇବା ପରେ ସୌରାଷ୍ଟ୍ର ଓ କଚ୍ଛ ଉପକୂଳର ତଳି ଅଞ୍ଚଳ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। 'ବିପର୍ଯ୍ୟୟ' ଭୀଷଣ ବାତ୍ୟାର ରୂପ ନେଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଚ୍ଚ ସ୍ତରୀୟ ବୈଠକରେ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ବିପଦପୂର୍ଣ୍ଣ ସ୍ଥାନରେ ଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବା ଲାଗି ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷୟକ୍ଷତି ତୁରନ୍ତ ଭରଣା ଲାଗି ପ୍ରସ୍ତୁତି ଏବଂ ସମସ୍ତ ଅତ୍ୟାବଶ୍ୟକ ସେବା ପରିଚାଳନା ସୁନିଶ୍ଚିତ କରିବା ଲାଗି ପ୍ରଧାନମନ୍ତ୍ରୀ ଅଫିସରମାନଙ୍କୁ ପରାମର୍ଶ ଦେଇଛନ୍ତି। ସୌରାଷ୍ଟ୍ର ଓ କଚ୍ଛ ଉପକୂଳର ଲୋକମାନଙ୍କ ପାଇଁ ବାତ୍ୟା ସତର୍କତା ଜାରି କରାଯାଇଛି। ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସାଙ୍ଗକୁ ପବନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୫୦ କିଲୋମିଟର ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ରବିବାର ରାଜ୍ୟ ଜରୁରୀ ଅପରେଶନ ସେଣ୍ଟରକୁ ଯାଇ ଉପକୂଳ ଜିଲାଗୁଡ଼ିକ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଗୁଜରାଟ, କେରଳ, କର୍ନାଟକ, ମହାରାଷ୍ଟ୍ର ଓ ଲାକ୍ଷାଦ୍ୱୀପର ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

**ସମୀକ୍ଷା ବୈଠକ କଲେ ପ୍ରଧାନମନ୍ତ୍ରୀ**

## ଶେଷ ଭାରତୀୟ ଖବରଦାତାଙ୍କୁ ଦେଶ ଛାଡ଼ିବାକୁ କହିଲା ଚାଇନା

**ବେଜିଂ, ୧୨।୬**

ଚାଇନାରେ ଥିବା ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ) ଖବରଦାତାଙ୍କୁ ଚଳିତ ମାସରେ ଦେଶ ଛାଡ଼ିବା ଲାଗି ବେଜିଂ କହିଛି। ଭାରତ ଓ ପଡ଼ୋଶୀ ରାଷ୍ଟ୍ର ଚାଇନା ମଧ୍ୟରେ ବିବାଦ ଥମୁ ନ ଥିବାବେଳେ ଉଭୟ ଦେଶ ଯେସାକୁ ତେସା ନୀତି ଆପଣାଇ ଉଭୟ ଦେଶରେ ଥିବା ଖବରଦାତାଙ୍କୁ ଦେଶରୁ ବାହାର କରିବାରେ ଲାଗିଛି। ତେବେ ଏ ସମ୍ପର୍କରେ ଉଭୟ ଦେଶର ବହିର୍ବ୍ୟାପାର ମନ୍ତ୍ରଣାଳୟ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଚଳିତ ବର୍ଷ ଭାରତ ପକ୍ଷରୁ ୪ ଜଣ ଖବରଦାତାଙ୍କୁ ଚାଇନା ପଠାଯାଇଥିଲା। ସପ୍ତାହନ୍ତରେ ହିନ୍ଦୁସ୍ତାନ ଟାଇମ୍ସର ଖବରଦାତା ଭାରତ ଚାଲିଆସିଥିବାବେଳେ 'ପ୍ରସାର ଭାରତୀ' ଏବଂ 'ଦ ହିନ୍ଦୁ'ର ଦୁଇ ଖବରଦାତାଙ୍କ ଭିଜା ରିନ୍ୟୁଆଲ ପାଇଁ ଗତ ଏପ୍ରିଲରେ ଚାଇନ ମନା କରିଥିଲା। ମେ'ରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ କହିଥିଲେ, ଭାରତରେ ଥିବା ଚାଇନା ଖବରଦାତା ଭିଜା ରିନ୍ୟୁଆଲ ଅପେକ୍ଷାରେ ଅଛନ୍ତି। ନିକଟରେ ଚାଇନାର ଦୁଇ ଖବରଦାତାଙ୍କ ଭିଜା ରିନ୍ୟୁଆଲ ଆବେଦନ ନୂଆଦିଲ୍ଲୀ ଖାରଜ କରିଥିବା କୁହାଯାଉଛି। ଚାଇନାରେ ଥିବା ଭାରତୀୟ ଖବରଦାତା ରିପୋର୍ଟିଂ ଲାଗି ସ୍ଥାନୀୟ ନାଗରିକଙ୍କୁ ସହାୟକ ଭାବେ ନିଯୁକ୍ତ କରିବା ପରେ ଭିଜାକୁ ନେଇ ଦୁଇ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା।

## ଲଟେରି ଟଙ୍କାକୁ ଆହତଙ୍କ ସହାୟତା ପାଇଁ ଦାନକଲେ ଓଡ଼ିଆ ଯୁବକ

**ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା**

**ଆବୁଧାବି, ୧୨।୬:** ଦୁବାଇର ଆବୁଧାବିରେ ଚାକିରି କରିଥିବା ଓଡ଼ିଆ ଯୁବକ ଜିତିଥିବା ଲଟେରି ଟଙ୍କାକୁ ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା ଆହତଙ୍କ ସହାୟତା ପାଇଁ ଦାନ କରି ଚର୍ଚ୍ଚାକୁ ଆସିଛନ୍ତି। ଓଡ଼ିଶା ସୋନପୁର ଜିଲା ଯଶପୁରର ସାହାଜାନ ମହମ୍ମଦ ଆବୁଧାବିର ଏକ ହୋଟେଲରେ ସେଫ୍ ଭାବେ କାର୍ଯ୍ୟ କରନ୍ତି। ଜୁନ୍ ୭ରେ ସେ ୨୦,୦୦୦ ଦିରହାନ (ପାଖାପାଖି ୪,୪୮,୮୮୫ ଟଙ୍କା)ର ଲଟେରି ଜିତିଥିଲେ। ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ଅନେକ ଲୋକ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ସୋନପୁରର ଅଛନ୍ତି। ସେମାନଙ୍କୁ ସାହାଯ୍ୟ କରିବା ଲାଗି ସାହାଜାନ ଜିତିଥିବା ଟଙ୍କାକୁ ଦାନ କରିଛନ୍ତି। ଜୁନ୍ ୨ ସନ୍ଧ୍ୟାରେ ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିଲା।

## ରାଜପଥ ଅବରୋଧ କଲେ ହରିୟାଣା ଚାଷୀ

**ନୂଆଦିଲ୍ଲୀ, ୧୨।୬(ପି.ଟି.)**

**ସୂର୍ଯ୍ୟମୁଖୀର ଏମ୍ଏସ୍‌ପି ବଢ଼ାଇବାକୁ ଦାବି**

ସୂର୍ଯ୍ୟମୁଖୀ ଫସଲରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପାଉ ନ ଥିବା ହରିୟାଣାର ଚାଷୀମାନେ ସୋମବାର ଦିଲ୍ଲୀକୁ ଯାଇଥିବା ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି। ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟରଙ୍କ ସହାୟତା ଘୋଷଣାରେ ସେମାନେ ସନ୍ତୁଷ୍ଟ ନ ଥିବା କହିଛନ୍ତି। କୁରୁକ୍ଷେତ୍ର ଜିଲାର ପିପ୍‌ଲି ଗ୍ରାମରେ କୃଷକମାନଙ୍କ ମହାପଞ୍ଚାୟତ ବସି ୪୪ ନମ୍ବର ଜାତୀୟ ରାଜପଥ ଅବରୋଧ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଗହଳି ଏଡ଼ାଇବା ପାଇଁ ଗାଡ଼ିଗୁଡ଼ିକୁ ଦିଲ୍ଲୀ-ଚଣ୍ଡିଗଡ଼ ରୁଟ୍‌ରେ ଛଡ଼ାଯାଉଛି। ହରିୟାଣା ସମେତ ପଞ୍ଜାବ, ଉତ୍ତରପ୍ରଦେଶ ଓ ଅନ୍ୟ ପଡୋଶୀ ରାଜ୍ୟର ଚାଷୀମାନେ 'ଏମ୍ଏସ୍‌ପି ଦିଲାଇ, କିଷାନ ବଚାଓ' ମହାପଞ୍ଚାୟତରେ ଯୋଗଦେଇ ସେମାନଙ୍କ ଦାବି ପୂରଣ ଲାଗି ଚାପ ପକାଇଥିଲେ। ସୂର୍ଯ୍ୟମୁଖୀ କୁଇଣ୍ଟାଲ ୬,୪୦୦ ଟଙ୍କା ଏମ୍ଏସ୍‌ପିରେ ସରକାର କିଣିବାକୁ ସେମାନେ ଦାବି କରିଛନ୍ତି। ମହାପଞ୍ଚାୟତରେ କୃଷକ ନେତା ରାକେଶ ଟିକାଏତ୍, ରେସଲର ବଜରଙ୍ଗ ପୁନିଆ ପ୍ରମୁଖ ସାମିଲ ହୋଇଥିଲେ। ଭାରତୀୟ କିଷାନ ୟୁନିୟନ (ଚାରୁନି)ର ମୁଖ୍ୟ ଗୁର୍‌ନାମ ସିଂ ଚାରୁନିଙ୍କ ନେତୃତ୍ୱରେ ଚାଷୀମାନେ ଗତ ୬ ତାରିଖରେ ଶାହାବାଦଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ।




## ଭାରତରେ ହେବ ମିସ୍ ୱାର୍ଲ୍ଡ ପ୍ରତିଯୋଗିତା

**ନୂଆଦିଲ୍ଲୀ, ୧୨।୬**

**୨୭ ବର୍ଷ ପରେ ମିଳିଲା ଆୟୋଜନ ସୁଯୋଗ**

ଚଳିତବର୍ଷ ହେବାକୁଥିବା ମିସ୍ ୱାର୍ଲ୍ଡ ପ୍ରତିଯୋଗିତା ଦିଲ୍ଲୀରେ ଆୟୋଜିତ ହେବ। ମିସ୍ ୱାର୍ଲ୍ଡ ଅର୍ଗାନାଇଜର୍ସଙ୍କ ପକ୍ଷରୁ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଭାରତର ଐତିହ୍ୟ, ବିବିଧତାକୁ ପ୍ରୋତ୍ସାହିତ କରିବା ଏବଂ ମହିଳା ସଶକ୍ତୀକରଣ ନୀତିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଭାରତ ଶେଷଥର ପାଇଁ ୧୯୯୬ରେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ କରିଥିଲା। ପାଖାପାଖି ୨୭ ବର୍ଷ ପରେ ଏହି ବିରାଟ ସମାରୋହ ଆୟୋଜନ କରିବାର ସୁଯୋଗ ପୁଣି ଭାରତକୁ ମିଳିଛି। ମହିଳାଙ୍କ ଶାରୀରିକ ସୌନ୍ଦର୍ଯ୍ୟକୁ ବାଦ୍ ଦେଇ ସେମାନଙ୍କ ବୁଦ୍ଧିମତ୍ତା ଓ ବିଚାର ଶକ୍ତି ଲାଗି ସେମାନଙ୍କୁ ବିଶ୍ୱ ସୁନ୍ଦରୀ ମୁକୁଟ ପ୍ରଦାନ କରାଯାଇଥାଏ।

ଏହି ଅବସରରେ ମିସ୍ ୱାର୍ଲ୍ଡ ଅର୍ଗାନାଇଜେଶନ୍‌ର ସିଇଓ ମିସ୍ ଜୁଲିଆ ମୋର୍ଲେ କହିଛନ୍ତି, ଭାରତ ୭୧ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ହୋଷ୍ଟ କରିବ। ଭାରତ ସହିତ ତାଙ୍କର ଅନେକ ଅନୁଭୂତି ଜଡ଼ିତ ଥିବା ସେ କହିଛନ୍ତି। ଅନ୍ୟପକ୍ଷେ ପ୍ରତିଯୋଗିତା ଜରିଆରେ ବିଭିନ୍ନ ଦେଶ ନିଜ କଳା, ସଂସ୍କୃତି ସମ୍ପର୍କରେ ଅନ୍ୟ ଦେଶର ଦର୍ଶକଙ୍କ ନିକଟରେ ପହଞ୍ଚାଇପାରିବ ବୋଲି ମୋର୍ଲେ ପ୍ରତିକ୍ରିୟା ଦେଇଛନ୍ତି। ବଲିଉଡ୍‌ର ବହୁ ଜଣାଶୁଣା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍, ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଓ ଯୁକ୍ତା ମୁଖି ଫ୍ୟାଶନ୍ ଜଗତରେ ନିଜ ଛାପ ଛାଡ଼ିଯାଇଛନ୍ତି। ନଭେମ୍ବରରେ ଆୟୋଜିତ ହେବାକୁ ଥିବା ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ୨୦୨୨ ଫେମିନା ମିସ୍ ଇଣ୍ଡିଆ ବିଜୟିନୀ ସିନି ସେଟ୍ଟୀ ଭାଗନେବେ। ବିଶ୍ୱର ୧୩୦ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ଗୋଟିଏ ମାସ ଧରି ଚାଲିବ। ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ମୁକୁଟ ଭାରତରୁ ୬ଜଣ ଜିତିଛନ୍ତି। ସେମାନେ ହେଲେ ରୀତା ଫାରିଆ, ଐଶ୍ୱର୍ଯ୍ୟା ରାୟ, ଡାଏନା ହେଡେନ, ଯୁକ୍ତା ମୁଖି, ପ୍ରିୟଙ୍କା ଚୋପ୍ରା ଏବଂ ମାନୁସି ଚିଲାର।



ସୋମବାର କାଳବୈଶାଖୀ ପ୍ରଭାବରେ ବକ୍ସିବଜାରସ୍ଥିତ ଓଡ଼ିଶା ନାରୀ ସେବା ସଦନ ରାସ୍ତାପାର୍ଶ୍ୱରେ ଗଛ ଉପୁଡି ଏକ ପିକ୍ଅପ୍ ଭ୍ୟାନ୍ ଉପରେ ପଡିଛି।



ବର୍ଷା ପବନ ଯୋଗୁ ଅନ୍ଧାରରେ ବାଦାମବାଡ଼ି ଅଞ୍ଚଳ।



ଗଛ ପଡ଼ି ବକ୍ସିବଜାର ଗୋପବନ୍ଧୁ ପାର୍କ ପାଚେରି ଭାଙ୍ଗିଯାଇଛି।

# ରାସ୍ତାରେ ଗଛ ଉପୁଡିଲା, ବିଦ୍ୟୁତ୍ ତାର ଛିଣ୍ଡିଲା

## କଟକରେ କାଳବୈଶାଖୀ ତାଣ୍ଡବ

କଟକ ଅଫିସ, ୧୨।୬

କଟକ ସହରରେ ସୋମବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଖୁବ୍ ଜୋରରେ ପବନ ବହିବା ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଅନେକ ସ୍ଥାନରେ ଗଛ ଭାଙ୍ଗି ପଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ସୋମବାର ମଧ୍ୟାହ୍ନରେ ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିଲା। ରାତି ପ୍ରାୟ ୭ଟାରେ ହଠାତ୍ ଖୁବ୍‌ଜୋର୍‌ରେ ପବନ ବହିବା ସାଙ୍ଗକୁ ଘଡ଼ଘଡି ସହ ବର୍ଷା ହୋଇଥିଲା। ଝଡତୋଫାନରେ ସହରର ଅନେକ ସ୍ଥାନରେ ଗଛ ଉପୁଡି ପଡିଥିବା ଦେଖିବାକୁ ମିଳିଥିଲା। ଗଛ ଉପୁଡି ବକ୍ସିବଜାରସ୍ଥିତ ଗୋପବନ୍ଧୁ ପାର୍କ ପାଚେରି ଭାଙ୍ଗିଯାଇଛି। ସେହିପରି ବକ୍ସିବଜାରସ୍ଥିତ ଓଡ଼ିଶା ନାରୀ ସେବା ସଦନ ରାସ୍ତାପାର୍ଶ୍ୱରେ ଗଛ ଉପୁଡି ଏକ ପିକ୍ଅପ୍ ଭ୍ୟାନ୍ ଉପରେ ପଡିଛି। ମାତାମଠ ରିଂରୋଡ୍ ରାସ୍ତାରେ ଗଛ ପଡି ରହିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ଯୋବ୍ରା, ଗୋପାଳପୁର, ଲିଙ୍କ୍‌ରୋଡ, ହରିପୁର, ଦୋଳମୁଣ୍ଡାଇ ଭଳି ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡିଥିଲା। ଏଥିଯୋଗୁ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ପ୍ରଶାସନ ପକ୍ଷରୁ ରାସ୍ତାରୁ ଗଛଗୁଡିକ ସଫା କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



ମାତାମଠ ରିଂରୋଡ୍ ଅଞ୍ଚଳରେ ନଇଁ ପଡିଥିବା ବିଦ୍ୟୁତ୍ ଖୁଣ୍ଟ।



ମାତାମଠ ରିଂରୋଡ୍‌ରେ ଗଛ ପଡି ରାସ୍ତା ଅବରୋଧ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବୋଲଗଡ଼, ୧୨।୬(ଡି.ଏନ୍.ଏ.): ପୋଖରୀରେ ବୁଡ଼ିଯିବାରୁ ସୋମବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗଡ଼ଭିତର ପ୍ରଧାନ ସାହିର ସାବିତ୍ରୀ ଫତେସିଂ(୬୦)। ସୂଚନା ମୁତାବକ, ସୋମବାର ସକାଳେ ସାବିତ୍ରୀ ନିକଟସ୍ଥ ଘନିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ପୋଖରୀରେ ସେ ଭାସୁଥିବା ଦେଖି ଜଣେ ନାବାଳକ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସାବିତ୍ରୀଙ୍କୁ ପୋଖରୀରୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋଲଗଡ଼ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।




ବାହାନଗା ଟ୍ରେନ୍ ଦୁର୍ଘଟଣାର ସିବିଆଇ ତଦନ୍ତ ପ୍ରତ୍ୟାହାର ସହ ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପ୍ରତିନିଧି ଦଳ (ଏସ୍ଆଇଟି) ଦ୍ୱାରା ତଦନ୍ତ କରିବା, ରେଳମନ୍ତ୍ରୀଙ୍କ ଇସ୍ତଫା ସହ ବିଭିନ୍ନ ଦାବି ନେଇ ୧୨ଟି ଦଳ ପକ୍ଷରୁ ସୋମବାର ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ପୂର୍ବତନ ରେଳପଥ ମୁଖ୍ୟାଳୟ ରେଳ ସଦନ ସମ୍ମୁଖରେ ଦିଆଯାଇଥିବା ଗଣଧାରଣା।

## ୧୪ରେ ଲୋକକଳା ଦିବସ, ରଜ ମହୋତ୍ସବ

ଭୁବନେଶ୍ୱର, ୧୨।୬ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟର ଲୁପ୍ତପ୍ରାୟ କଳା ସଂସ୍କୃତିର ପୁନରୁଦ୍ଧାର ପ୍ରଚାର ପ୍ରସାର ଓ କଳାକାରଙ୍କୁ ପ୍ରୋତ୍ସାହନ ନିମନ୍ତେ ଜୁନ ୧୪କୁ ଲୋକକଳା ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ସଂସ୍କୃତି ଭବନ ପରିସରରେ ଲୋକକଳା ଦିବସ ଓ ରଜ ମହୋତ୍ସବ ପାଳନ କରାଯିବ। ଚଳିତବର୍ଷ ପ୍ରଥମଥର ପାଇଁ ଲୋକକଳା ଦିବସକୁ ରାଜ୍ୟବ୍ୟାପୀ ବ୍ଲକ, ଜିଲା, ନଗର ଏବଂ ରାଜ୍ୟସ୍ତରରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ଦିବସ ପାଳନ ପାଇଁ ସଭାସମିତି, ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଏବଂ ସାଂସ୍କୃତିକ ପଦଯାତ୍ରା ଇତ୍ୟାଦି କରାଯିବ। କାର୍ଯ୍ୟକ୍ରମର ଉଦ୍‌ଘାଟନ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା କରାଯିବ। ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଅନ୍ୟାନ୍ୟ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକସଙ୍ଗୀତ ଓ ଲୋକ ନାଟକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରଜ ପର୍ବ, ଦୋଳି ଖେଳ ଏବଂ ରଜ ପାନର ବ୍ୟବସ୍ଥା ରହିଛି। ରାଜ୍ୟ ସଂଗ୍ରହାଳୟଠାରେ ୩ଦିନ ବ୍ୟାପୀ ରଜ ମହୋତ୍ସବ ପାଳନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆସନ୍ତା ୧୪ତାରିଖରେ ସ୍ୱତନ୍ତ୍ର କବିତା ପାଠୋତ୍ସବ ମଧ୍ୟ ଆୟୋଜନ କରାଯିବ।

## ବ୍ଲକ ଅଧିକାରୀଙ୍କୁ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରାଯାଉ

କଟକ ସଦର, ୧୨।୬(ଡି.ଏନ୍.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକ ସଦର ବ୍ଲକର ଭାରପ୍ରାପ୍ତ ସହକାରୀ ନିର୍ବାହୀଯନ୍ତ୍ରୀ ବିକାଶ ଚନ୍ଦ୍ର ଭୂୟାଁଙ୍କ ଘରେ ସୋମବାର ଭିଜିଲାନ୍ସ ଚଢ଼ାଉ କରିଥିଲା। ଗତ ୪ ବର୍ଷ ଧରି ତାଙ୍କୁ ଯେଉଁମାନେ ରାଜନୈତିକ ସୁରକ୍ଷା ଦେଇଆସୁଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ସୋମବାର ୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଦାବି କରିଛନ୍ତି। ଉକ୍ତ ବ୍ଲକ କାର୍ଯ୍ୟାଳୟର ଅନ୍ୟ ଯନ୍ତ୍ରୀ, ଅଧିକାରୀ ଓ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ଦୁର୍ନୀତିର ମୂଳ ଚେରକୁ ଖୋଜିବା ପାଇଁ ସେଠୀ କହିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ବରିଷ୍ଠ ସହକାରୀ ଯନ୍ତ୍ରୀ କାର୍ଯ୍ୟ କରୁଥିଲେ ମଧ୍ୟ ପ୍ରଶାସନ କିପରି କନିଷ୍ଠ ସହକାରୀ ଯନ୍ତ୍ରୀଙ୍କୁ ସବୁ ଦାୟିତ୍ୱ ଦେଇଥିଲା ତାହାକୁ ନେଇ ସେଠୀ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, ମୁଁ ଏଠାକୁ ଆସିବା ପୂର୍ବରୁ ଭୂୟାଁ ଭାରପ୍ରାପ୍ତ ନିର୍ବାହୀଯନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ତେଣୁ ମୁଁ ଏହା ଉପରେ କିଛି କହିପାରିବି ନାହିଁ। ଏହି ସମ୍ମିଳନୀରେ ବନ ବିହାରୀ ମୁଦୁଲି, ମାନସ ରଞ୍ଜନ ପତି, ଅଶୋକ ମହାନ୍ତି, ଅନିଲ ମହାପାତ୍ର, ପଣ୍ଡିତ ସୁଧାଂଶୁ ଶେଖର ପଣ୍ଡା, କୃଷକ ନେତା ଦେବୀ ପ୍ରସାଦ ପତି ଓ ଗାନ୍ଧୀ ଗୁରୁ ଦାସ ଉପସ୍ଥିତ ଥିଲେ।

## ୩ ବନ୍ଧୁକ, ୧୨ ଗୁଳି ଜବତ: ୨ ଗିରଫ

ମଙ୍ଗୁଳି-ଜଗତପୁର, ୧୨।୬(ଡି.ଏନ୍.ଏ.)

ଜଗତପୁର ଥାନା ଅଧୀନ ସାତବାଟିଆ କେନାଲ ରୋଡ ନିକଟରୁ ୨ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡା ସଦର ଥାନା ଅଧୀନ ଚାନ୍ଦୋଳ ଗ୍ରାମର ବିଜୟ ନାୟକ(୪୭) ଓ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳ ଗ୍ରାମର ରାଜା ଓରଫ ଦିବ୍ୟରଞ୍ଜନ ସେଠୀ(୩୦)। ସେମାନଙ୍କ ନିକଟରୁ ୩ଟି ବନ୍ଧୁକ,୧୨ଟି ଗୁଳି, ଦୁଇଟି ମୋବାଇଲ ଓ ଏକ ସ୍କୁଟି(ନଂ.ଓଡ଼ି୦୫ଏଏଚ୍-୭୬୫୧) ଜବତ କରାଯାଇଥିବା ନେଇ ଜଗତପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଅତିରିକ୍ତ ଡିସିପି ଅନିଲ ମିଶ୍ର ସୂଚନା ଦେଇଛନ୍ତି।

ଅତିରିକ୍ତ ଡିସିପିଙ୍କ କହିବାନୁଯାୟୀ, ରବିବାର ସନ୍ଧ୍ୟାରେ ଅଭିଯୁକ୍ତ ଦ୍ୱୟ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ସାଙ୍ଗରେ ବନ୍ଧୁକ ନେଇ ଏକ ସ୍କୁଟିରେ କେନ୍ଦ୍ରାପଡାରୁ ଜଗତ୍‌ପୁର ଅଭିମୁଖେ ଆସୁଥିଲେ। ଖବରପାଇ ଜଗତପୁର ଥାନାଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କ ସହ ୭ ଜଣିଆ ପୋଲିସ ଟିମ୍ ସାତବାଟିଆ କେନାଲ ରୋଡ ନିକଟରେ ସ୍କୁଟିକୁ ଅଟକାଇ ଉଭୟଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ସେମାନଙ୍କ ନିକଟରୁ ବନ୍ଧୁକ ଓ ଗୁଳି ମିଳିଥିଲା। ପଚରାଉଚରା କରାଯିବାରୁ ସେମାନେ



ବନ୍ଧୁକ ରଖିବା ସମ୍ପର୍କିତ କାଗଜପତ୍ର ଦେଖାଇ ପାରି ନ ଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୮୧/୨୩)ରୁଜୁ କରିବା ସହ ଉଭୟଙ୍କୁ ଗିରଫ କରିଥିଲା। ଅଧିକ ତଦନ୍ତ ପରେ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ଜଣାପଡିବ। ପୂର୍ବରୁ ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ବିଜୟଙ୍କ ନାଁରେ କେନ୍ଦ୍ରାପଡ଼ା ଥାନାରେ ୨ଟି, ପାଟକୁରା ଓ ଚାଉଳିଆଗଞ୍ଜ ଥାନାରେ ଗୋଟିଏ ଲେଖାଏ ମାମଲା ରହିଛି। ସେହିପରି ରାଜାଙ୍କ ନାଁରେ ଜଗତପୁର ଥାନାରେ ଦୁଇଟି ଓ ଜଗତ୍‌ସିଂହପୁର ଥାନାରେ ଗୋଟିଏ ମାମଲା ରହିଛି। ଏହି ଖବରଦାତା ସମ୍ମିଳନୀରେ ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜୋନ୍-୫ ଏସିପି କୃଷ୍ଣ ସେଠି ଓ ଜଗତପୁର ଥାନାଧିକାରୀ ମେହେର ଉପସ୍ଥିତ ଥିଲେ।

## ପୂର୍ବଶତ୍ରୁତାରୁ ଦେଉଳିରେ ବୋମାମାଡ଼

ବେଗୁନିଆ, ୧୨।୬(ଡି.ଏନ୍.ଏ.)

- ୩ ଭାଇ ଆହତ, ଥାନାରେ ମାମଲା
- ପୂର୍ବରୁ ପ୍ରଦୀପଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ରବିବାର ରାତିରେ ପୂର୍ବଶତ୍ରୁତାରୁ ବୋମାମାଡ଼ ହୋଇଛି। ଏଥିରେ ଗୋଟିଏ ପରିବାରର ୩ଭାଇ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ମହେଶ୍ୱର ବଳିୟାରସିଂହ, ଦୈତାରୀ ଓ ଜୟକୃଷ୍ଣ। ସ୍ଥାନୀୟ ପରିଛଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ଅଢେଇ ମାସପରେ ଗ୍ରାମରେ ପୁଣି ଅଶାନ୍ତି ସୃଷ୍ଟି ହୋଇଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ମହେଶ୍ୱରଙ୍କ ଅଭିଯୋଗକ୍ରମେ ସୋମବାର ଥାନାରେ ଏକ ମାମଲା (ନଂ.୧୮୮/୨୩)ରୁଜୁ ହୋଇଛି। ଅନ୍ୟପକ୍ଷରେ ବଳିୟାରସିଂଙ୍କ ପରିବାରର କେତେଜଣ ସଦସ୍ୟ ଘରେ ପଶି ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ପାର୍ବତୀ ବେହେରାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା(ନଂ.୧୮୯/୨୩)ରୁଜୁ ହୋଇଛି।

ସୂଚନା ମୁତାବକ, ଉପରୋକ୍ତ ୩ ଭାଇ ରବିବାର ରାତିରେ ଘରେ ଶୋଇଥିବା ବେଳେ ହଠାତ୍ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ଫଳରେ ୩ ଭାଇ ଉଠିଯିବା ସହ କେହି ଜଣେ ଯୁବକ ଛାତ ଉପରେ ରହି ସେମାନଙ୍କ ଉପରକୁ ବୋମା ଫିଙ୍ଗୁଥିବା ଦେଖିଥିଲେ। ବୋମାମାଡ଼ରେ ୩ ଭାଇ ଆହତ ହୋଇଥିବା ବେଳେ ଯୁବକ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ କେତେଜଣ ଗ୍ରାମବାସୀ ପହଞ୍ଚି ୩ ଭାଇଙ୍କୁ ଚିକିତ୍ସା ପାଇଁ ପରିଛଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ସୂଚନାଥାଉ କି, ଗତ ମାର୍ଚ୍ଚ ୨୨ରେ ଗ୍ରାମର ପ୍ରଦୀପ ବଳିୟାରସିଂହ (୨୩) ଙ୍କୁ ନିକଟ ଏକ ନିଛାଟିଆ ପଡିଆକୁ ବଳପୂର୍ବକ ଟେକି ନେଇ ୧୦ରୁ ୧୫ ଜଣ ମହିଳା ଓ ପୁରୁଷ ସଂଘବଦ୍ଧ ଆକ୍ରମଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଗ୍ରାମରେ ଉତ୍ତେଜନା ଦେଖାଦେବା ସହ ଗାଡ଼ି ଓ ଘର ପୋଡ଼ି ଆଦି ବହୁ ଘଟଣା ଘଟିଥିଲା। ସେହିପରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସମର୍ଥକମାନେ ବେଗୁନିଆ ଥାନା ସମ୍ମୁଖରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଜିଲା ଓ ବ୍ଲକ ପ୍ରଶାସନ ପହଞ୍ଚି ସମସ୍ତ ଦାବିକୁ ୧୫ଦିନ ମଧ୍ୟରେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ହଟିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୮୪/୨୩) ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଏହି ଘଟଣାରେ ୫ରୁ ୬ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁନାହିଁ, ଫଳରେ ସେମାନେ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ଉପୁଜାଉଛନ୍ତି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ କହିଛନ୍ତି, ଘଟଣାର ସତ୍ୟତା ଉପରେ ତଦନ୍ତ କରାଯାଉଛି। ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

## 'ମାନବବାଦୀ ସ୍ରଷ୍ଟା ଥିଲେ ନନ୍ଦକିଶୋର'

କଟକ ଅଫିସ, ୧୨।୬

ଶିଶୁ ସାହିତ୍ୟିକ, ଗୀତିକବି ତଥା ଆଦର୍ଶ ଶିକ୍ଷକ ନନ୍ଦକିଶୋର ସାମଲ ଜଣେ ମାନବବାଦୀ ସ୍ରଷ୍ଟା ଥିଲେ। ତାଙ୍କ ସୃଷ୍ଟିରେ ପଲ୍ଲୀ ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ନନ୍ଦକିଶୋର ସାମଲ ସ୍ମୃତିନ୍ୟାସର ମିଳିତ ଆନୁକୂଲ୍ୟରେ କଟକ ଶ୍ରୀରାମଚନ୍ଦ୍ର ଭବନରେ ନନ୍ଦକିଶୋର ସାମଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଡ. ମହେଶ୍ୱର ମହାନ୍ତି ଏହାକୁ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ ଯୋଗଦେଇ କହିଥିଲେ, ନନ୍ଦକିଶୋରଙ୍କ ସୃଷ୍ଟି ସମ୍ଭାର ସରଳ ଓ ଶିଶୁ ଉପଯୋଗୀ ହୋଇଥିବାରୁ ତାହା ଲୋକପ୍ରିୟତା ଅର୍ଜନ କରିଛି। ମୁଖ୍ୟବକ୍ତା ଡ. ବିଜୟାନନ୍ଦ ସିଂହ ଜଣେ ଶିଶୁବତ୍ସଳ କବି ଭାବେ ନନ୍ଦକିଶୋରଙ୍କୁ ବର୍ଣ୍ଣନା କରି ପଲ୍ଲୀ ଜୀବନର ନିଛକ ରୂପକାର ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ସୁନାମଣି ରାଉତ ବିବରଣୀ ପାଠ, ଡ. ବୈଜୟନ୍ତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ଓ ଆଦର୍ଶ ଶିକ୍ଷକ ଭାଗବତ ପ୍ରଧାନଙ୍କୁ ନନ୍ଦକିଶୋର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଓ ସୁକୁମାର ସାମଲ ସ୍ୱରଚିତ କବିତା ପାଠ କରିଥିଲେ। ଆଦିତ୍ୟ ପ୍ରତାପ ଧଳଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ସିଂହଭୂମିର ସତ୍ୟପ୍ରକାଶ କର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ତପନ ସ୍ୱାଇଁଙ୍କ ଲିଖିତ ପୁସ୍ତକ 'ଗପ ହେଲେ ବି ସତ' ଉନ୍ମୋଚିତ ହୋଇଥିଲା। ସଂଯୁକ୍ତା ବେହେରା ଓ ଗୀତାଞ୍ଜଳି ପୃଷ୍ଟି ମାନପତ୍ର ପାଠ କରିଥିଲେ। ପ୍ରଦୀପ୍ତ କୁମାର ସାମଲ, ନଳିନୀପ୍ରଭା ନାୟକ ଓ ବିଜୟ କୁମାର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।




ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତି।

## ସଂକ୍ଷେପରେ

### ବିଦ୍ୟୁତ ଆଘାତରେ ବସ୍ ହେଲପର୍ ମୃତ

ପୁରୀ ଅଫିସ, ୧୨।୬: ପୁରୀ ବସ୍‌ଷ୍ଟାଣ୍ଡରେ ସୋମବାର ବିଦ୍ୟୁତ ଆଘାତରେ ଜଣେ ବସ୍ ହେଲ୍‌ପର୍‌ଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲା ମାହାଙ୍ଗା ଓଲକଣାର ମନୋଜ ରାଉତ (୩୨)। ସେ ଡଲ୍‌ଫିନ (ନଂ. ଓଡି ୦୫ ବିକେ ୭୧୬୫) ନାମକ ଏକ ବସ୍‌ରେ ହେଲ୍ପର ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ସୋମବାର ବସ୍‌ଷ୍ଟାଣ୍ଡରେ ମନୋଜ ଉକ୍ତ ବସ ଉପରେ ଚଢ଼ି ଯାତ୍ରୀଙ୍କ ଲଗେଜ ରଖୁଥିଲେ। ଏହି ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡ଼ିଥିଲେ। ବସ୍‌ଷ୍ଟାଣ୍ଡରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମନୋଜଙ୍କ ଅକାଳ ବିୟୋଗରେ ପୁରୀ ଜିଲା ବସ୍ କର୍ମଚାରୀ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

### ଟ୍ରକ୍ ଚାଳକଙ୍କ ମୃତଦେହ ଜବତ

ଖୁଣ୍ଟୁଣୀ,୧୨।୬(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ରମ୍ଭେଇ ଗ୍ରାମର ଏକ ଘରୁ ସୋମବାର ସକାଳେ ସୁଶାନ୍ତ ଦେହୁରୀ ନାମକ ଟ୍ରକ ଚାଳକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କ ଘର ଢେଙ୍କାନାଳ ସଦର ଥାନା ଅଧୀନ ଡାଇଁମାଳ ଗ୍ରାମରେ ହୋଇଥିବାବେଳେ ସେ ସ୍ତ୍ରୀ ଓ ୨ ପୁଅଙ୍କ ସହିତ ରମ୍ଭେଇ ଗ୍ରାମରେ ଘର ଭଡା ନେଇ ରହୁଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିକାଶ ସେଠୀଙ୍କ ସୂଚନା ଅନୁଯାୟୀ, ସୁଶାନ୍ତ ଟ୍ରକ ଚାଳକ ଭାବେ କାମ କରୁଥିଲେ। ରବିବାର ସକାଳେ ତାଙ୍କ ସ୍ତ୍ରୀ ଓ ପିଲାମାନେ କପିଳାସ ଯିବା ପାଇଁ ସୁଶାନ୍ତଙ୍କୁ ଡାକିଥିଲେ। ସେ ଯିବା ପାଇଁ ମନା କରିବା ସହ ପିଲାଙ୍କୁ ନେଇ ତମେ ଯାଅ, ମୁଁ ଘରେ ଅଛି ବୋଲି ସ୍ତ୍ରୀଙ୍କୁ କହିଥିଲେ। ପରେ ସ୍ତ୍ରୀ ଓ ପିଲାମାନେ ବୁଲିବାକୁ ଯାଇଥିଲେ। ରାତି ୯ଟାରେ ଫେରିବା ପରେ ଘରର କବାଟ ଭିତରୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ସୁଶାନ୍ତଙ୍କୁ ଡାକିଥିଲେ ମଧ ସେ କବାଟ ଖୋଲି ନ ଥିଲେ। ଫଳରେ ସେମାନେ କବାଟ ଭାଙ୍ଗିଦେବା ପରେ ସୁଶାନ୍ତ ଫ୍ୟାନ୍‌ରେ ଦଉଡି ସାହାଯ୍ୟରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଦଉଡି ଖୋଲି ମୃତଦେହକୁ ତଳେ ରଖିଥିଲେ। ଏ ନେଇ ସୁଶାନ୍ତଙ୍କ ସ୍ତ୍ରୀ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୩) ରୁଜୁ କରିଛି। ସୁଶାନ୍ତଙ୍କ ନିକଟରୁ ଏକ ହାତଲେଖା ଜବତ କରାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ସୁଶାନ୍ତ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଏତଲାରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସ୍‌ଆଇ ସେଠୀ କହିଛନ୍ତି।

# ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ: ଚାଳକଙ୍କୁ ପିଟିଲେ ଉତ୍ୟକ୍ତ ଲୋକେ

- ପୋଲିସ ଗାଡ଼ି ଭଙ୍ଗାରୁଜା
- ଟ୍ରକ୍ ଚାଳକ ସମେତ ମା'ବାପାଙ୍କୁ ମାଡ଼
- ଟାୟାର ଜାଳି ରାସ୍ତା ଅବରୋଧ

ବଡ଼ମ୍ବା,୧୨।୬(ଡି.ଏନ.ଏ.)

ବଡ଼ମ୍ବା ଥାନା ଅନ୍ତର୍ଗତ ଅମାନ୍ତିଆ ଗ୍ରାମ ଛକରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଅମାନ୍ତିଆ ଗ୍ରାମର ମେଘନାଦ ବେହେରା (୫୫)ଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଏହାପରେ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଛି।

ମେଘନାଦ କଟକ-ନରସିଂହପୁର ୬୫ନଂ. ରାଜ୍ୟ ରାଜପଥରେ ସାଇକେଲ୍‌ରେ ଯାଉଥିଲେ। ଏହି ସମୟରେ କଟକ ଅଭିମୁଖେ ଆସୁଥିବା ଏକ ୧୦ ଚକିଆ ଟ୍ରକ୍ ଅମାନ୍ତିଆ ଗ୍ରାମ ଛକରେ ଅନ୍ୟ ଏକ ଗାଡ଼ିକୁ ଓଭରଟେକ କରିବାକୁ ଯାଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମେଘନାଦ ଗୁରୁତର ହୋଇଥିଲେ। ତାଙ୍କୁ ଏକ ଘରୋଇ କାର୍ ଯୋଗେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉ ଥିବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ମୁଖ୍ୟ ରାସ୍ତା ଉପରେ କାଠ, ପଥର



ଉତ୍ୟକ୍ତ ଲୋକେ ମୁଖ୍ୟ ରାସ୍ତା ଉପରେ କାଠ, ପଥର ପକାଇ ଟାୟାର ଜାଳି ଅବରୋଧ କରିଛନ୍ତି।

ପକାଇ ଟାୟାର ଜାଳି ଅବରୋଧ କରିବା ସହ ଟ୍ରକ୍‌କୁ ଅଟକ ରଖି ବଡ଼ମ୍ବା ଥାନାକୁ ଖବର ଦେଇଥିଲେ। ଖବର ପାଇ ବଡ଼ମ୍ବା ଥାନା ଆଇଆଇସି ସ୍ନିଗ୍ଧାମୟୀ ବରାଳ ଓ ସହଯୋଗୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ। ସେମାନେ ଟ୍ରକ୍ ଚାଳକଙ୍କୁ ସାଙ୍ଗରେ ନେଉଥିବାବେଳେ ପରିସ୍ଥିତି ପୁନର୍ବାର ବିଗିଡ଼ି ଯାଇଥିଲା। ଏହାପରେ ପୋଲିସ ସହ ଉତ୍ୟକ୍ତ ଲୋକଙ୍କ ଧସ୍ତାଧସ୍ତି ହୋଇଥିଲା। ସ୍ଥାନୀୟ ଲୋକେ ଟ୍ରକ ଚାଳକଙ୍କ ସମେତ ସେଠାରେ ଉପସ୍ଥିତ ଥିବା ତାଙ୍କ ମା' ବାପାଙ୍କୁ ନିର୍ଦ୍ଧୁମ ମାଡ଼ ମାରିଥିଲେ। ଏପରିକି ଥାନା ଗାଡ଼ିକୁ ମଧ ଭଙ୍ଗାରୁଜା କରିଥିଲେ। ପରେ ବଡ଼ମ୍ବା ତହସିଲଦାର୍ ନୀଳକଣ୍ଠ ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ମାତ୍ର କୌଣସି ସୁଫଳ ମିଳି ନ ଥିଲା। ପରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ କୁମାର ଜେନା, ଗୋପାଳପୁର ପଞ୍ଚାୟତ ସରପଞ୍ଚ ରୁନୁ ଦାଶ, ଗୋପାଳପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବଟକୃଷ୍ଣ ଅତବୁଦ୍ଧି, ତହସିଲଦାର୍ ବେହେରା, ଥାନା ଅଧିକାରୀ ବରାଳ ପ୍ରମୁଖ ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ରେଡ୍‌କ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ୨ ଦିନ ମଧ୍ୟରେ ମୃତକଙ୍କ ପରିବାରକୁ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚ ଦାଶ ମୃତଦେହ ସଂସ୍କାର ପାଇଁ ତୁରନ୍ତ ୩ ହଜାର ଟଙ୍କା ପ୍ରଦାନ କରିବା ଲାଗି କହିଥିଲେ। ସମ୍ପୃକ୍ତ ଟ୍ରକ ମାଲିକ ମୃତକଙ୍କ ପରିବାରକୁ ଥାନା ସହାୟତାରେ କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଛି। ଏନେଇ ବଡ଼ମ୍ବା ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ବରାଳ କହିଛନ୍ତି।

## ଶିଶୁ ଶ୍ରମିକଙ୍କୁ କାମରୁ ନିବୃତ୍ତ କରିବା ଆବଶ୍ୟକ

ବାଙ୍କୀ,୧୨।୬(ସ୍ୱ.ପ୍ର):

ବାଙ୍କୀ ତାଲୁକ୍ ଆଇନ୍ ସେବା କମିଟି ପକ୍ଷରୁ ଏନ୍‌ଏସି ଅନ୍ତର୍ଗତ ଚକାପଦାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବପରିଷଦ ତତ୍ତ୍ୱାବଧାନରେ ଯୁବଭବନଠାରେ ସୋମବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ବାଙ୍କୀ ତାଲୁକଆଇନ ସେବାକମିଟି ଅଧକ୍ଷ ସାଧନଜିତ୍ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ,ଶିଶୁ ଶ୍ରମିକ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଫଳରେ ଶିଶୁମାନଙ୍କ ମାନସିକ ଓ ଶାରୀରିକ କ୍ଷତି ଘଟୁଛି। ଏନେଇ ସଚେତନତା ସୃଷ୍ଟି କରାଯିବା ସହ ଶିଶୁ ଶ୍ରମିକମାନଙ୍କୁ ବିଭିନ୍ନ କାମରୁ ନିବୃତ୍ତ କରିବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ଶିଶୁ ଶ୍ରମିକ ପ୍ରଥାକୁ କିପରି ବିଲୋପ କରାଯିବ ତାଉପରେ ଗୁରୁତ୍ୱାରୋପ କରିଥିଲେ। ଆଦର୍ଶ ଯୁବ ପରିଷଦର ଉପଦେଷ୍ଟା କବି ବଂଶୀଧର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ କଲେଜ ଅଧ୍ୟାପକ ଆଶିଷ କୁମାର ପାଢୀ ଯୋଗ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷୟକ୍ଷତି ସମ୍ବନ୍ଧୀୟ ତଥ୍ୟ ପୁନର୍ବିଚାର କରିବାକୁ ଦାବି



ଫସଲବୀମା କ୍ଷୟକ୍ଷତି ସମ୍ବନ୍ଧୀୟ ତଥ୍ୟ ପୁନର୍ବିଚାର କରିବାକୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଙ୍କୀ,୧୨।୬(ସ୍ୱ.ପ୍ର)

**ଉପଜିଲାପାଳଙ୍କୁ ଦାବିପତ୍ର**

ବାଙ୍କୀ ଉପଖଣ୍ଡର ୧୨ ପଞ୍ଚାୟତ ଅନ୍ତର୍ଗତ ସେବାସମବାୟ ସମିତିର ସଭାପତି ଓ ଚାଷୀମାନେ ୨୦।୫।୨୩ରେ କ୍ରପ୍‌କଟିଂ ରିପୋର୍ଟକୁ ଆଧାର କରି ପୁନର୍ବାର ରିପୋର୍ଟ ପ୍ରସ୍ତୁତ କରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିପୂରଣ ପାଇଁ ଦାବି କରିଥିଲେ। ଉପଜିଲାପାଳ ଏହାକୁ ଗୁରୁତ୍ୱର ସହ ନେଇ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷୟକ୍ଷତି ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗତ ୭।୬।୨୦୨୩ରେ ବିଭିନ୍ନ ପଞ୍ଚାୟତର ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମାର କ୍ଷତିପୂରଣ ଦିଆଯାଇଥିବା ବେଳେ ଅଭିଯୋଗ କରିଥିବା ୧୨ ପଞ୍ଚାୟତକୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳି ନ ଥିବା ଅଭିଯୋଗ ହୋଇଛି। ଏନେଇ କ୍ରପ୍‌କଟିଂ ଦଳର ମୂଳ ରିପୋର୍ଟକୁ ଆଧାର କରି ବିଭାଗୀୟ କ୍ଷେତ୍ର କର୍ମଚାରୀମାନଙ୍କ ବୈଠକ ଡକାଇ ଏହି ରିପୋର୍ଟକୁ ଉପଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ୧୪।୬।୨୩ ସୁଦ୍ଧା ପ୍ରେରଣ କରିବା ପାଇଁ ଦାବି ହୋଇଛି। ନଚେତ୍ ୧୨ ପଞ୍ଚାୟତର ଅନେକ ହଜାର ଚାଷୀ ୧୯।୬।୨୩ରେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇ ବାଙ୍କୀ-କଟକ, ବାଙ୍କୀ-ଖୋର୍ଦ୍ଧା, ବାଙ୍କୀ-କଳାପଥର ଆଦି ରାସ୍ତାକୁ ଅବରୋଧ କରିବେ। ଏଥିସହ ଆଇନର ଆଶ୍ରୟ ନେବାକୁ ବାଧ ହେବେ ବୋଲି ଗଡଜିତ ସେବାସମବାୟ ସମିତି ସଭାପତି ଗୌରୀଶଙ୍କର ନନ୍ଦ, ତାଳବସ୍ତ ସେବାସମବାୟ ସମିତି ସଭାପତି ଅକ୍ଷୟ କୁମାର ବେହେରା, ଅରାଚଣ୍ଡୀ ସେବାସମବାୟ ସମିତି ସଭାପତି ଜୟଦେବ ଜେନା, ପାଥପୁର ସେବାସମବାୟ ସମିତି ସଭାପତି ପବିତ୍ର କୁମାର ଜେନା, ଶିମିଳିପୁର ସେବାସମବାୟ ସମିତି ସଭାପତି ବିଭୂପ୍ରସାଦ ସାମଲ, ଭେଡାରାମଚନ୍ଦ୍ରପୁର ସେବା ସମବାୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି। ଏନେଇ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବହୁ ସେବାସମବାୟ ସମିତି ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ ବହୁଚାଷୀ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ନକଲ କଟକ ଜିଲାପାଳ, ମୁଖ୍ୟମନ୍ତ୍ରୀ, ବିଧାୟକ ଓ ବାଙ୍କୀ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ଶିବିର

ବଡ଼ମ୍ବା,୧୨।୬(ଡି.ଏନ.ଏ.)

ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ବଡ଼ମ୍ବା ତାଲୁକ ଆଇନସେବା କମିଟି ତରଫରୁ ବ୍ଲକ ଅନ୍ତର୍ଗତ ରଗଡ଼ିପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ୍ ସେବା କମିଟି ଅଧ୍ୟକ୍ଷା ତଥା ବଡ଼ମ୍ବା ଜେଏମ୍‌ଏଫସି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ବଡ଼ମ୍ବା ଓକିଲ ସଂଘ ସଦସ୍ୟ ଆଇନଜୀବୀ ନାରାୟଣ ଦାଶ, ସରୋଜ କୁମାର ବେଉରା, ସରକାରୀ ଓକିଲ ପ୍ରସନ୍ନ କୁମାର ମଲ୍ଲିକ, ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ପୃଷ୍ଟି, ସରପଞ୍ଚଙ୍କ ପ୍ରତିନିଧି କରୁଣାକର ରାଉତ, ସମିତି ସଭ୍ୟ ଭଗବାନ ବେହେରା, ପୂର୍ବତନ ସମିତି ସଭ୍ୟ ତଥା ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ଦିବସର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଆଇନସେବା କମିଟି ଅଧ୍ୟକ୍ଷା ତ୍ରିପାଠୀ ଶିଶୁ ଶ୍ରମିକ ପ୍ରଥାର ନିରାକରଣ, ଏହା ଉପରେ ଥିବା ଦଣ୍ଡ ବିଧାନ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କୁ ବୁଝାଇଥିଲେ। ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପ୍ରଧାନ ଧନ୍ୟବାଦ ଦେଇଥିଲେ। କୋର୍ଟ କର୍ମଚାରୀ ରଞ୍ଜିତ୍ କୁମାର ମାଝୀ, ବିନୟ କୁମାର ପତି ଏଥିରେ ସହାୟତା କରିଥିଲେ।

# ଡିସେମ୍ବର ସୁଦ୍ଧା ପ୍ରତ୍ୟେକ ଘରକୁ ମିଳିବ ବିଶୁଦ୍ଧ ପାନୀୟ ଜଳ

ବାଙ୍କୀ,୧୨।୬(ସ୍ୱ.ପ୍ର)

**ବସୁଧା ଯୋଜନା ଉପଦେଷ୍ଟାଙ୍କ ବାଙ୍କୀ ଗସ୍ତ**

ନଗର ଉନ୍ନୟନ ବିଭାଗ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ବାଙ୍କୀ ଏନ୍‌ଏସି ଅଞ୍ଚଳରେ ବସୁଧା ଯୋଜନାରେ ପ୍ରତ୍ୟେକ ଘରକୁ ୨୪ ଘଣ୍ଟିଆ ଜଳ ଯୋଗାଣ କରାଯିବ। ଏନେଇ ବସୁଧା ଯୋଜନାର ଉପଦେଷ୍ଟା କୁମାରୀ ଅପରୂପା ସୋମବାର ବାଙ୍କୀ ଗସ୍ତ କରିଛନ୍ତି। ସେ ମା'ଚର୍ଚ୍ଚିକାଙ୍କୁ ଦର୍ଶନ କରିବା ସହ ଏନ୍‌ଏସି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସମୀକ୍ଷା କରିଥିଲେ। ଏଥିରେ ନଗରପାଳ, ଉପନଗରପାଳ ଓ କାଉନସିଲରମାନେ ଯୋଗଦେଇଥିଲେ। ନଗରପାଳ ମାଣିକ ସାହୁ ବସୁଧା ଯୋଜନା ଉପଦେଷ୍ଟାଙ୍କୁ ପରିଷଦ ପକ୍ଷରୁ ସ୍ୱାଗତ କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠଯନ୍ତ୍ରୀ ୨୪ ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥାର ସମସ୍ତ ତଥ୍ୟ ଉପସ୍ଥାପନ କରି ଉପଦେଷ୍ଟାଙ୍କୁ ଅବଗତ କରାଇଥିଲେ। ଆଗାମୀ ଡିସେମ୍ବର ସୁଦ୍ଧା ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ, ରାଜ୍ୟ ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ ବୋଲି ଅପରୂପା କହିଥିଲେ। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁରୁଣା ପିଭିସି ପାଇପ୍ ଲାଇନ୍ ପରିବର୍ତ୍ତନ କରାଯାଇ ନୂତନ ଜିଆଇ ପାଇପ୍ ପକାଯିବା ସହ ଯେଉଁ ଅଞ୍ଚଳକୁ ପାଇପ୍ ବିଛା ଯାଇନାହିଁ ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ଉପଦେଷ୍ଟା ଅପରୂପା ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ କାଉନସିଲରମାନେ ସେମାନଙ୍କ ୱାର୍ଡର ଜଳଯୋଗାଣ ସମସ୍ୟା ସମ୍ପର୍କରେ ଉପଦେଷ୍ଟାଙ୍କୁ ଅବଗତ କରାଇଥିଲେ। ସମୀକ୍ଷା କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ପ୍ରସାଦ ଗିରି , ଉପନଗରପାଳ ସନ୍ତୋଷ କୁମାର ରଣା, ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ପୃଥିରାଜ ପଣ୍ଡା, ସହକାରୀ ଯନ୍ତ୍ରୀ ଦିଲୀପ୍ କୁମାର ପଟ୍ଟନାୟକ, କାଉନସିଲର ସନାତନ ବେହେରା, ପଠାଣୀ ବେହେରା, ଯାମିନିକାନ୍ତ ମହାପାତ୍ର, ରାଜେନ୍ଦ୍ର ମହାପାତ୍ର, ସଞ୍ଜୟ ପୃଷ୍ଟି, ସବିତା ନନ୍ଦ, ପ୍ରତିମା ରାଉତ, ଅଶାନ୍ତି ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ନଗରପାଳ ଓ ଉପନଗରପାଳଙ୍କ ସହ ଉପଦେଷ୍ଟା ଅପରୂପା ଜଳ ବିଶୋଧନାଗାର ପ୍ରକଳ୍ପ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

# ଦେଉଳିରେ ବୋମାମାଡ଼,୩ ଭାଇ ଆହତ

ବେଗୁନିଆ,୧୨।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ରବିବାର ରାତିରେ ପୂର୍ବଶତ୍ରୁତାରୁ ବୋମାମାଡ଼ ହୋଇଛି। ଏଥିରେ ଗୋଟିଏ ପରିବାରର ୩ଭାଇ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ମହେଶ୍ୱର ବଳିୟାରସିଂହ, ଦୈତାରୀ ଓ ଜୟକୃଷ୍ଣ। ସ୍ଥାନୀୟ ପରିଛଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ। ଅଢେଇ ମାସପରେ ଗ୍ରାମରେ ପୁଣି ଅଶାନ୍ତି ସୃଷ୍ଟି ହୋଇଛି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ମହେଶ୍ୱରଙ୍କ ଅଭିଯୋଗକ୍ରମେ ସୋମବାର ଥାନାରେ ଏକ ମାମଲା (ନଂ.୧୮୮/୨୩)ରୁଜୁ ହୋଇଛି। ଅନ୍ୟପକ୍ଷରେ ବଳିୟାରସିଂଙ୍କ ପରିବାରର କେତେଜଣ ସଦସ୍ୟ ଘରେ ପଶି ଆକ୍ରମଣ କରିବା ସହ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ପାର୍ବତୀ ବେହେରାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା(ନଂ.୧୮୯/୨୩)ରୁଜୁ ହୋଇଛି।

ସୂଚନା ମୁତାବକ, ଉପରୋକ୍ତ ୩ ଭାଇ ରବିବାର ରାତିରେ ଘରେ ଶୋଇଥିବା ବେଳେ ହଠାତ୍ ପ୍ରଚଣ୍ଡ ଶବ୍ଦ ଶୁଭିଥିଲା। ଫଳରେ ୩ ଭାଇ ଉଠିଯିବା ସହ କେହି ଜଣେ ଯୁବକ ଛାତ ଉପରେ ରହି ସେମାନଙ୍କ ଉପରକୁ ବୋମା ଫିଙ୍ଗୁଥିବା ଦେଖିଥିଲେ। ବୋମାମାଡ଼ରେ ୩ ଭାଇ ଆହତ ହୋଇଥିବା ବେଳେ ଯୁବକ ଜଣଙ୍କ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ କେତେଜଣ ଗ୍ରାମବାସୀ ପହଞ୍ଚି ୩ ଭାଇଙ୍କୁ ଚିକିତ୍ସା ପାଇଁ ପରିଛଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଥିଲେ।




ସମୀକ୍ଷା ବୈଠକରେ ବସୁଧା ଯୋଜନାର ଉପଦେଷ୍ଟା କୁମାରୀ ଅପରୂପାଙ୍କ ସହ ନଗରପାଳ, ଉପନଗରପାଳ ଓ ଅନ୍ୟମାନେ।

# ତେଜସ୍ୱିନୀଙ୍କ କବିତା ସଙ୍କଳନକୁ ଉନ୍ମୋଚନ କଲେ ରାଜ୍ୟପାଳ

ରଘୁନାଥପୁର,୧୨।୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସାଦେଇପୁର ଗ୍ରାମର ସୁଲେଖିକା ତଥା କବି ତେଜସ୍ୱିନୀ ପଣ୍ଡାଙ୍କ ରଚିତ ୨ କବିତା ସଙ୍କଳନ ସୋମବାର ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ରାଜଭବନରେ ତେଜସ୍ୱିନୀଙ୍କ କବିତା 'ହିମଚନ୍ଦନ ଓ ଫଗୁଣର ପତ୍ର'କୁ ରାଜ୍ୟପାଳ ଗଣେଶୀ ଲାଲ ଉନ୍ମୋଚନ କରିଥିଲେ। ଏହି ଅବସରରେ ତେଜସ୍ୱିନୀଙ୍କ ମା' ବାପା ଓ ଭାଇ ଉପସ୍ଥିତ ଥିଲେ। କବି ତେଜସ୍ୱିନୀଙ୍କ ପ୍ରତିଭାକୁ ରାଜ୍ୟପାଳ ପ୍ରଶଂସା କରିବା ସହ ନିଜ ପାଖରେ ରଖିଥିବା ଏକ କଲମକୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପୂର୍ବରୁ ତେଜସ୍ୱିନୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଦର୍ଶନ ଉପରେ ବହି ଲେଖି ଚର୍ଚ୍ଚିତ ହୋଇଥିଲେ। ଏହାଛଡା ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ପରିଷଦ ପକ୍ଷରୁ ସମ୍ମାନିତ ହୋଇଛନ୍ତି।



ତେଜସ୍ୱିନୀ ପଣ୍ଡାଙ୍କ କବିତା ସଙ୍କଳନକୁ ରାଜ୍ୟପାଳ ଉନ୍ମୋଚନ କରୁଛନ୍ତି।

# ପାରିବାରିକ କଳହରୁ ହତ୍ୟା: ୩ କୋର୍ଟ ଚାଲାଣ

ମାହାଙ୍ଗା,୧୨।୬(ସ୍ୱ.ପ୍ର.):

**କୁମ୍ଭାରଶାଳରେ ବୃଦ୍ଧଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ**

ମାହାଙ୍ଗା ଥାନା ଲଳିତଗିରି ପଞ୍ଚାୟତ ଅନ୍ତର୍ଗତ ଜେରକନ୍ଦ ଗ୍ରାମର ଏକ କୁମ୍ଭାରଶାଳରେ ଗତ ୪ ତାରିଖ ରାତିରେ ଭଦ୍ରେଶ୍ୱର ଥାନା ପାଇକରାପୁର ପଞ୍ଚାୟତ ମାଟିପାରିଲୋ ଗ୍ରାମର ଦିବାକର ବେହେରା(୬୧)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦିବାକରଙ୍କ ମଝିଆ ଭାଇ ବଳରାମ ବେହେରା, ବୋହୂ ଲକ୍ଷ୍ମୀପ୍ରିୟା ବେହେରା ଏବଂ ଶାଳକ ସୁଶାନ୍ତ ବେହେରା। ଅଭିଯୁକ୍ତମାନେ ହତ୍ୟାକାଣ୍ଡର ଡେମୋ ପୋଲିସକୁ ଦେଖାଇଛନ୍ତି। ଏନେଇ ସାଲେପୁର ଏସ୍‌ଡିପିଓ ବିମଳ ବାରିକ ସୋମବାର ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ପାରିବାରିକ କଳହ କାରଣରୁ




ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ, ପୋଲିସ ଅଧିକାରୀଙ୍କ ସହ ଅଭିଯୁକ୍ତମାନେ।

ଏହି ୩ ଅଭିଯୁକ୍ତ ଯୋଜନାବଦ୍ଧଭାବେ ଦିବାକରଙ୍କୁ ପଥରରେ ଛେଚି, ମୁଣ୍ଡକୁ ହାଣି ହତ୍ୟା କରିଥିଲେ ବୋଲି ବାରିକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ତଦନ୍ତକାରୀ ଅଧିକାରୀ ବିଜୟ କୁମାର ମଲିକ୍,ଏସ୍‌ଆଇ ଇପ୍ସିତା ପ୍ରିୟଦର୍ଶିନୀ, କୁମୁଡଜୟପୁର ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକ, ଏଏସ୍‌ଆଇ ଭୀଷ୍ମ ପ୍ରଧାନ ପମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଦିବାକରଙ୍କ ଘରଠାରୁ ୫୦୦ ମିଟର ଦୂରରେ ଥିବା ଜେରକନ୍ଦ ଗ୍ରାମର କ୍ଷେତ ମଧ୍ୟରେ ଏକ ବଗିଚାରେ ତାଙ୍କର ଏକ କୁମ୍ଭାରଶାଳ ରହିଛି। ସେଠାରେ ସେ ହାଣ୍ଡି, ମାଠିଆ ଆଦି ତିଆରି କରନ୍ତି। ସେଗୁଡ଼ିକୁ ବିକ୍ରି କରି ସେ ନିଜ ପରିବାର ପ୍ରତିପୋଷଣ କରନ୍ତି। ପ୍ରତିଦିନ ପରି ସେ ରବିବାର ରାତିରେ କୁମ୍ଭାରଶାଳକୁ ଶୋଇବାକୁ ଯାଇଥିଲେ। ସୋମବାର ସକାଳେ ଜଣେ ସମ୍ପର୍କୀୟ କୁମ୍ଭାରଶାଳକୁ ଯାଇଥିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦିବାକରଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ବଡପୁଅ କାଳନ୍ଦୀ ବେହେରାଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୭୮/୨୩) ରୁଜୁ କରାଯାଇଥିଲା।

# ‘ବିଧିବଦ୍ଧ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ’

## ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ପ୍ରସଙ୍ଗ

- ରିପୋର୍ଟ ଦେଖି ଆଶ୍ଚର୍ଯ୍ୟ ହେଲେ
- ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ

ଖୋର୍ଦ୍ଧା ଅଫିସ,୧୨।୬

ପୁରୀ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ଆୟୁର୍ବେଦ ଡାକ୍ତରୀ ପାଠ ପଢୁଥିବା ଖବର ‘ଧରିତ୍ରୀ’ରେ ପ୍ରକାଶ ପାଇବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିସହ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଗତ ଶନିବାର ଖୋର୍ଦ୍ଧା ସ୍ଥିତ ଡାକବଙ୍ଗଳାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ଆୟୁଷ ଓ ମହିଳା ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ.ମୁଞ୍ଜାପାରା ମହେନ୍ଦ୍ରଭାଇ କହିଥିଲେ ଯେ, ବିନା ଏନ୍‌ଇଇଟି ର୍‍ୟାଙ୍କ ଏବଂ ଓଜେଇଇ ଆଲର୍ଟ ନମ୍ବରରେ ଛାତ୍ରୀଛାତ୍ର ଆୟୁର୍ବେଦ କଲେଜରେ ନାମ ଲେଖାଇ ପାରିବେ ନାହିଁ। ଏହା ଏକ ଧର୍ତ୍ତବ୍ୟ ଅପରାଧ। ଏ ସମ୍ପର୍କିତ ଏକ ଅଭିଯୋଗ ଆୟୁଷ ମନ୍ତ୍ରଣାଳୟ ନିକଟକୁ ଆସିଥିବା ଜାଣିବାକୁ ପାଇଛି। ଏହି ଘଟଣାର ବିଧିବଦ୍ଧ ଯାଞ୍ଚ କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ପ୍ରକାଶ ଯେ, ୨୦୧୬-୧୭, ୨୦୧୭-୧୮ ଏବଂ ୨୦୨୦-୨୧ ବ୍ୟାଚରେ ବିନା ଯୋଗ୍ୟତାରେ ବାହାର କଲେଜ(କୌଣସି ଆୟୁର୍ବେଦ କଲେଜରେ ନାମଲେଖାଇ ନ ଥିବା ଛାତ୍ରୀଛାତ୍ର)ଙ୍କ ଠାରୁ ମୋଟା ଅଙ୍କ ନେଇ ସେମାନଙ୍କୁ ପାଠପଢ଼ା ସୁଯୋଗ ଦିଆଯାଇଛି। ସେଥିରୁ ୨୦୧୬ରେ ବିନା ଏନ୍‌ଇଇଟିରେ ଜଣେ ଛାତ୍ରୀ ପାସ କରିସାରିଛନ୍ତି। ୨୦୧୭ରେ ଦୁଇଜଣ ହାଉସ ସର୍ଜନ ଭାବେ କାର୍ଯ୍ୟ କରୁଛନ୍ତି। ଜୁନ ଶେଷ ସୁଦ୍ଧା ଉଭୟଙ୍କ ଏକ ବର୍ଷିଆ ହାଉସ ସର୍ଜନ ସରିବ।

୨୦୨୦-୨୧ ବ୍ୟାଚରେ ବିନା ଏନ୍‌ଇଇଟିରେ ଡାକ୍ତରୀ ପାଠ ପଢୁଥିବା ନେଇ ଆୟୁଷ ମନ୍ତ୍ରଣାଳୟ ନିକଟରେ ୨୦୨୨ ମସିହାରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଗତ ଜାନୁୟାରୀ ୧୦ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ୨୦୧୬-୧୭ ଏବଂ ୨୦୧୭-୧୮ ବ୍ୟାଚରେ ମଧ୍ୟ ଅନୁରୂପ ଭାବେ ୩ଜଣ ନାମଲେଖାଇଥିବା ନେଇ ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ପାଠପଢ଼ା ନେଇ ଧରିତ୍ରୀରେ ଗତ ମେ’ ୧ରେ ଖବର ପ୍ରକାଶ ପାଇଥିଲା। ଏହି ନାମଲେଖାରେ କେଲେଙ୍କାରୀ ସମ୍ପର୍କରେ ଅନ୍ୟ ଜଣେ ଅଭିଯୋଗକାରୀ ଗତ ମେ’ ୨ ତାରିଖରେ ତଥ୍ୟ ସମ୍ବଳିତ ୬୮ପୃଷ୍ଠାର ରିପୋର୍ଟ ଦାଖଲ କରିଥିଲେ। ତେବେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଏବଂ ଏନସିଆଇଏସଏମର ତଦନ୍ତରେ ଶିଥିଳତାକୁ ନେଇ ପୁଣି ଥରେ ଅଭିଯୋଗକାରୀ ମେ’ ୯ତାରିଖରେ ଆୟୁଷ ମନ୍ତ୍ରଣାଳୟ ସଚିବଙ୍କ ନିକଟରେ ଅଭିଯୋଗ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ କଲେଜ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ତଦନ୍ତ ନ ସରିବା ପର୍ଯ୍ୟନ୍ତ ଏହାର ଆଗାମୀ ନାମଲେଖା ପ୍ରକ୍ରିୟାକୁ ରଦ୍ଦ କରିବାକୁ ନିବେଦନ କରିଥିଲେ। ଆୟୁଷ ମନ୍ତ୍ରଣାଳୟ ଏହାକୁ ଗୁରୁତ୍ୱର ସହିତ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଏନସିଆଇଏସଏମକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତେବେ ୨୦୧୬/୨୦୧୭ ଏବଂ ୨୦୨୦ ବ୍ୟାଚରେ ନାମଲେଖାରେ ବ୍ୟାପକ ଅନିୟମିତତା ହୋଇଥିବା ଏବଂ ମୋଟା ଅଙ୍କ ନେଇ ବାହାର କଲେଜ ପିଲାଙ୍କୁ ସୁଯୋଗ ଦିଆଯାଇଛି। ଏ ସମ୍ପର୍କରେ ଧରିତ୍ରୀରେ ଏକାଧିକ ଖବର ପରିବେଷଣ କରାଯାଇଛି। ଏହି ନାମଲେଖା କେଲେଙ୍କାରୀ ସଂକ୍ରାନ୍ତରେ ଶନିବାର ଖୋର୍ଦ୍ଧାଠାରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ଡ.ମୁଞ୍ଜିପରା ମହେନ୍ଦ୍ର ଭାଇ ଆଶ୍ଚର୍ଯ୍ୟାନ୍ୱିତ ହେବା ସହ ଏହାର ବିଧିବଦ୍ଧ ଯାଞ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଥାଉ କି, ୨୦୨୦-୨୧ ବ୍ୟାଚରେ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଖାଲିଥିବା ସିଟ୍‌ରେ ଟ୍ରାନ୍ସଫର ବେସିସ୍‌ରେ ନାମଲେଖା ଲାଗି ୧୨ଜଣ ଆବେଦନ କରିଥିବା ନେଇ କଲେଜ କର୍ତ୍ତୃପକ୍ଷ ଆୟୁଷ ବିଭାଗକୁ ଚିଠି କରିଥିଲେ। କଲେଜ ଚିଠି ପ୍ରକାରେ ଆୟୁଷ ନିର୍ଦ୍ଦେଶକଙ୍କ ସମେତ ୫ଜଣକୁ ନେଇ ଗଠିତ ଟିମ୍ ୫ଜଣଙ୍କୁ ନାମଲେଖା ପାଇଁ ଅନୁମୋଦନ କରିଥିଲେ। ତେବେ ଆୟୁଷ ବିଭାଗ ପକ୍ଷରୁ ଆସିଥିବା ନାମଲେଖା ଅନୁମୋଦିତ ଚିଠିକୁ ନକଲ କରାଯାଇ ଏହି ବ୍ୟାଚରେ ୫ଜଣ ଛାତ୍ରୀଛାତ୍ର ପରିବର୍ତ୍ତେ ୭ଜଣଙ୍କୁ ନାମଲେଖା ସୁଯୋଗ ଦିଆଯାଇଥିଲା। ଏ ସଂକ୍ରାନ୍ତୀୟ ଖବର ଧରିତ୍ରୀରେ ଗତ ମେ’ ୧୦ତାରିଖରେ ପ୍ରକାଶ ପାଇଥିଲା। ନାମଲେଖାର ସୁଯୋଗ ପାଇଥିବା ୨ବିଦ୍ୟାର୍ଥୀ (ବିନା ଏନ୍‌ଇଇଟି ଷ୍ଟୁଡେଣ୍ଟ) ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଏସ୍‌ଏନ୍ ଏଓ୍ୱାଇ ଆଣ୍ଡ ଆର୍‌ଆଇ) ପାଇକମାଲ, ବରଗଡ ଜିଲା ଛାତ୍ରୀଛାତ୍ର ବୋଲି ଆୟୁଷ ବିଭାଗ ଚିଠିରେ ଉଲ୍ଲେଖ ରହିଥିଲା। ତେବେ ଏହି ଦୁଇଜଣ ୨୦୨୦-୨୧ ବ୍ୟାଚରେ ସମ୍ପୃକ୍ତ କଲେଜର ଛାତ୍ର ନୁହନ୍ତି ବୋଲି କଲେଜ ଅଧ୍ୟକ୍ଷା କ୍ଷୀରାବ୍ଧିତନୟା ରାଉତରାୟ ଖଣ୍ଡନ କରିଛନ୍ତି। ଏପରିକି ସମାନ୍ତରାଳ ଭାବେ ବିନା ଏନ୍‌ଇଇଟିରେ ୨୦୧୬-୧୭ ଏବଂ ୨୦୧୮-୧୯ରେ ମଧ୍ୟ ନାମ ଲେଖାଇଥିବା ବିଦ୍ୟାର୍ଥୀ ଉକ୍ତ କଲେଜର ଷ୍ଟୁଡେଣ୍ଟ ବୋଲି ଗୋପବନ୍ଧୁ ଆୟୁର୍ବେଦ କଲେଜ ପକ୍ଷରୁ ହସ୍ତଗତ ରିପୋର୍ଟରେ ଦର୍ଶାଯାଇଛି। ଏହାକୁ ମଧ୍ୟ ପାଇକମାଲ କଲେଜ ଅଧ୍ୟକ୍ଷା ରାଉତରାୟ ଖଣ୍ଡନ କରିଛନ୍ତି।

## ତିନିରଥର ବେଦି ନିର୍ମାଣ ଆରମ୍ଭ



ରୂପକାର ସେବକମାନେ ରଥ ପ୍ରଭାରେ ଖୋଦେଇ କରୁଛନ୍ତି ।

### ରଥଖଳାରୁ ...

ପୁରୀ ଅଫିସ, ୧୨।୬:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ମାତ୍ର ୭ଦିନ ଥିବାବେଳେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ‘ପ୍ରଭା’ ନିର୍ମାଣ ସରିବା ସହ ଆଗଆଣି ଏବଂ ପଛଆଣି ଦୁଇଟି ଲେଖାଏ ‘କତରା’ ଫିଟିଙ୍ଗ ହେବା ପରେ ସୋମବାର ‘ବେଦି’ ନିର୍ମାଣ ଆରମ୍ଭ ହୋଇଛି। ରଥ ଚାରିପାର୍ଶ୍ୱରେ ପଟା ବାଡ଼ିଆ ସହ ତିନିରଥର ଆଗଆଣି, ପଛଆଣି ଢମକ ମଝିରେ ପାଞ୍ଚୋଟି ଲେଖାଏ ‘ଜଗତପୃଷ୍ଠ ଶେଣି’ ପକାଯାଉଛି। ଏହି ବେଦିର ପରିସରକୁ ବୃଦ୍ଧି କରିବା ପାଇଁ ଜଗତପୃଷ୍ଠ ଶେଣୀ ଉଭୟ ପାର୍ଶ୍ୱର ଚାରିନାହାକା ଏବଂ ଚଉଦନାହାକାରେ ତିନୋଟି ଲେଖାଏ ‘ବାହୁଟ ଫାଳିଆ’ ସାତ, ଦେଢ଼ ସାଇଜର ଚଉପଟ ଫାଳି ପଟା ବାଡ଼ିଆଯାଇଛି। ଏହାପରେ ସମ୍ମୁଖ ଭାଗକୁ ଛାଡ଼ି ତିନି ପାର୍ଶ୍ୱରେ ‘ଗାଇଆଳ ମାଳ’ ପଟାବାଡ଼ିଆ ପରେ ବେଦି ନିର୍ମାଣ ପୂର୍ଣ୍ଣାଙ୍ଗ ହେବ। ତିନିରଥର ୨୦ଫୁଟର ଆଠକୋଣି ବିଶିଷ୍ଟ ଦୁଇଟି ଲେଖାଏ ‘ଘୋଡ଼ା ଈଶ’ ନିର୍ମାଣ ସରିଛି। ଏଥିସହ ତିନିରଥ ପାଇଁ ୪ଟି ଲେଖାଏ ‘ଧ୍ୱଜବତା’ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। (ଏହି ‘ଧ୍ୱଜ ବତା’ ଦୁଆରବେଢ଼ାକୁ ଟାଣି ଧରିବା ପାଇଁ ପ୍ରଥମ ଭୂଇଁ ଅଗ୍ରଭାଗ ଦ୍ୱିତୀୟ ଭୂଇଁ ଶେଣିରେ ସେଟିଙ୍ଗ ହେବ)

ସୋମବାର ତାଳଧ୍ୱଜ ରଥର ମୁଖ୍ୟ ରୂପକାର ସେବକ ପ୍ରଭାରେ ରୂପ ଖୋଦେଇ ପୂର୍ବରୁ ମାହାର୍ଦ୍ଦ ରଖି ଅନୁକୂଳ ପୂଜା କରିଥିଲେ। ପରେ ରୂପକାର ସେବକମାନେ ତିନିରଥର ପ୍ରଭା ଉପର ଭାଗରେ ରାହୁ ରୂପ ଚିତ୍ର ସହ ପ୍ରଭା ନିମ୍ନ ଭାଗ ଦୁଇ ପାର୍ଶ୍ୱରେ ମଗର ମୁଖ ଚିତ୍ର ଆଙ୍କି ରୂପ ଖୋଦେଇ ଆରମ୍ଭ କରିଛନ୍ତି। ଏଥିସହ ତିନି ରଥର ଆସୁଆରୀରେ ରୂପକାର ସେବକମାନେ ସିଂହ ବିରାଳ, ଗଜ ବିରାଳ, ନର ବିରଳ ରୂପ ଖୋଦେଇ ଜାରି ରଖିଛନ୍ତି। ଚିତ୍ରକାର ସେବକମାନେ ରଥ ପାର୍ଶ୍ୱ ଦେବଦେବୀଙ୍କ ରୂପରଙ୍ଗ ଚିତ୍ର ସହ ହଂସପଟା, କନ୍ୟା ପଟା, ଓଲଟ ଶୁଆ, ସଖୀ, ଇତ୍ୟାଦିର ରଙ୍ଗ କାର୍ଯ୍ୟ ସହ ଦୁଆରବେଢ଼ା ରୂପ ଚିତ୍ର ଏବଂ ରଥ ବାହ୍ୟ ପାର୍ଶ୍ୱ ଗୁଜ, ଚକ ଇତ୍ୟାଦିରେ ରଙ୍ଗ ଚିତ୍ର ଜାରି ରଖିଛନ୍ତି। ଦୋଳବେଦି କମାର ଶାଳରେ ଓଝା ସେବକମାନେ କଣ୍ଟା ନିର୍ମାଣ ସହ, ଚାର ବନ୍ଧା ପାଇଁ ଭୋଇସେବକମାନଙ୍କ ପାଇଁ କଟୁରି ନିର୍ମାଣ କରୁଛନ୍ତି। ଦରଜି ସେବକମାନେ ତିନିରଥର ବତା କନାରେ ଲେସ୍ ଫିଟିଂ ସହ ଦୁଆରବେଢ଼ା କନାରେ ସିଲଭର ଫୁଲ, ଲେସ୍ ସିଲାଇ କାର୍ଯ୍ୟ ଜାରି ରଖିଛନ୍ତି।

## ସଂକ୍ଷେପରେ

### ସୁପାରି ମଧ୍ୟସ୍ଥ ଗିରଫ, କାର୍ ଜବତ

**ବିବାଦୀୟ ଜମିରେ ଦୋକାନ ଭାଙ୍ଗି ଲୁଟ୍ ଘଟଣା**

ଭୁବନେଶ୍ୱର,୧୨।୬(ବ୍ୟୁରୋ): ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତି ଅଧରେ ଜେସିବି ଲଗାଇ ଦୋକାନ ଭାଙ୍ଗି ଲୁଟ୍ ଘଟଣାରେ ଫେରାର ଥିବା ଆଉ ଜଣେ ବାଉନ୍‌ସର ତଥା ସୁପାରୀ ମଧ୍ୟସ୍ଥଙ୍କୁ ନୟାପଲ୍ଲୀ ଥାନା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିଜେବି ନଗରରେ ରହୁଥିବା ପୁରୀ ଜିଲା ଗୋପ ଥାନା ଅଞ୍ଚଳର ବଳରାମ ବେହେରା ଓରଫ ଲୁଲୁ (୩୬)। ତାଙ୍କଠାରୁ ଗୋଟିଏ କାର୍ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବଳରାମ ଏହି ମାମଲାରେ ୩ ଲକ୍ଷ ଟଙ୍କା ନେବା ସହ ସୁପାରୀ ମଧ୍ୟସ୍ଥ ଭାବେ ରାଘବଙ୍କ ସହ ଯୋଗାଯୋଗ କରି ବାଉନ୍‌ସର ଠିକ କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ତାଙ୍କ ନାମରେ ନୟାପଲ୍ଲୀ ଥାନାରେ ଉପରୋକ୍ତ ମାମଲାକୁ ମିଶାଇ ମୋଟ ୪ ଗୋଟି ଆପରାଧିକ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ବାରମ୍ବାର ଆପରାଧିକ କାର୍ଯ୍ୟାକଳାପରେ ସମ୍ପୃକ୍ତ ରହୁଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ପଦକ୍ଷେପ ନିଆଯାଉଛି। ତେବେ ଏହି ମାମଲାରେ ବାଉନ୍‌ସର ଗ୍ୟାଙ୍ଗ୍ ରାଘବ ଜେନାଙ୍କ ସମେତ ମୋଟ ୨୫ଜଣ ଗିରଫ ହୋଇ ସାରିଲେଣି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ପ୍ରକାଶ ଯେ, ନୟାପଲ୍ଲୀ ଥାନା ନିକଟରେ ଥିବା ବିବାଦୀୟ ପ୍ଲଟ୍ ନଂ.୧୪୭୦ରେ ଥିବା ୨ଟି ଦୋକାନକୁ ଭାଙ୍ଗିବାକୁ ମାଲିକ ରଞ୍ଜିତ ଦାସପୁରିଆ ଅଭିଯୁକ୍ତଙ୍କୁ ସୁପାରି ଦେଇଥିଲେ। ଗତ ମାର୍ଚ୍ଚ ୨୪ରେ ରାଘବଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବାଉନ୍‌ସର ଆସି ଦୋକାନକୁ ଭାଙ୍ଗିଦେବା ସହ ସାମଗ୍ରୀ ଚୋରିକରି ନେଇଥିଲେ। ଏନେଇ ପୋଲିସ ୪ଟି ମାମଲା ରୁଜୁ କରିଥିଲା।



ସୁଦର୍ଶନ ବାଲୁକାକଳା ଅନୁଷ୍ଠାନ ପକ୍ଷରୁ ପୁରୀ ବେଳାଭୂମିରେ ଅନୁଷ୍ଠିତ ଶିବିରରେ ପିଲାମାନେ ବାଲୁକାକଳା ଶିଖୁଛନ୍ତି।

## ବାର୍‌ରେ ଗଣ୍ଡଗୋଳ, ୫ରୁ ଊର୍ଦ୍ଧ୍ୱ ଆହତ

ଭୁବନେଶ୍ୱର,୧୨।୬ (ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ଅଞ୍ଚଳରେ ଥିବା ଏକ ବାର୍‌ରେ ରବିବାର ବିଳମ୍ବିତ ରାତିରେ ଗଣ୍ଡଗୋଳ ହୋଇଛି। କାର୍ଯ୍ୟରତ ବାଉନ୍‌ସରମାନେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ସହ ତାଙ୍କ ପୁରୁଷ ବନ୍ଧୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସମ୍ପୃକ୍ତା ଯୁବତୀ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଛନ୍ତି। ଆହତ ଯୁବକ ସ୍ଥାନୀୟ ଅଞ୍ଚଳରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷେ ବାର୍ ପକ୍ଷରୁ ମଧ୍ୟ ଥାନାରେ ଉକ୍ତ ଯୁବତୀଙ୍କ ବନ୍ଧୁଙ୍କ ନାମରେ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। ଏହି ଘଟଣାରେ ଉଭୟ ଗୋଷ୍ଠୀର ୫ରୁ ଅଧିକ ଆହତ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ଚନ୍ଦ୍ରଶେଖରପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

## ଶିଶୁ ଶ୍ରମିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ




ସମାରୋହରେ ମଞ୍ଚାସୀନ ବିଚାରପତି ଓ ଅନ୍ୟ ଅତିଥିଗଣ।

ନିମାପଡ଼ା,୧୨।୬(ଡି.ଏନ୍.ଏ.)

ନିମାପଡ଼ା କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ସୋମବାର ବିଶ୍ୱ ଶିଶୁ ଶ୍ରମିକ ନିରୋଧୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଭାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ) ଲୋକନାଥ ସାହୁ, ଜେଏମ୍‌ଏଫ୍‌ସି- ୧ ମିଲନ ତାଣ୍ଡି, ସରକାରୀ ଆଇନଜୀବୀ ପ୍ରବୋଧ ପରିଡ଼ା, ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିଶୁ ଶ୍ରମିକଙ୍କ ସୁରକ୍ଷା ପାଇଁ ପ୍ରଚଳିତ ଆଇନର ବିଭିନ୍ନ ଦିଗ, ଆଇନକୁ କଡ଼ାକଡ଼ି ଭାବେ ପାଳନ, ଲୋକମାନେ ଶିଶୁଙ୍କୁ ଶିଶୁ ଶ୍ରମିକର ବ୍ୟବସ୍ଥାରୁ ନିବୃତ୍ତ ରଖିବା ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୪ ଦଫା ଦାବି ନେଇ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଅନଶନ

ପିପିଲି,୧୨।୬(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଯାହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଠିକ୍ ଏହି ସମୟରେ ପିପିଲି ବିଦ୍ୟୁତ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ ଭଳି ଅନେକ ସମସ୍ୟା ଜନସାଧାରଣଙ୍କୁ କଷ୍ଟ ଦେଉଛି। ତେଣୁ ପିପିଲିରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଡେଲାଙ୍ଗ ପିପିଲି ଜନ କଲ୍ୟାଣ ମଞ୍ଚ ପକ୍ଷରୁ ପିପିଲିସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ସୋମବାର ଆମରଣ ଅନଶନରେ ବସି ରହିଛନ୍ତି। ମଞ୍ଚର ଆବାହକ ରାଧାମୋହନଙ୍କ ନେତୃତ୍ୱରେ ଉପଦେଷ୍ଟା ଜନ୍ମେଜୟ ଜେନା, ସୁଜିତ୍ ପରିଡା, ଅରୁଣ ବାରିକ, ରବି ସ୍ୱାଇଁ, ସୁରେଶ ମହାରଣା, କିଶୋର ଜେନା,




ଅନଶନରେ ବସିଥିବା ଜନ କଲ୍ୟାଣ ମଞ୍ଚର କର୍ମକର୍ତ୍ତା ଏବଂ ଅନ୍ୟମାନେ।

ମହେଶ୍ୱର ଜେନା, ବାପି ବେହେରା, ରାଜା ସ୍ୱାଇଁ, ସୁକାନ୍ତ ସ୍ୱାଇଁଙ୍କ ସମେତ ୫୦ରୁ ଅଧିକ ସମର୍ଥକ ଅନଶନରେ ବସିଛନ୍ତି। ୪ଦଫା ଦାବିରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ଯାଏ ମଞ୍ଚ ପକ୍ଷରୁ ଅନଶନ ଚାଲୁ ରହିବା ପାଇଁ ଡାକରା ଦିଆଯାଇଛି। ୪ଦଫା ଦାବିରେ ପିପିଲିରେ ଅଘୋଷିତ ବିଦ୍ୟୁତ କାଟ ବନ୍ଦ, ଦିଘାଳଠାରୁ ଆସୁଥିବା ୩୩କେଭି ଲାଇନକୁ ପିପିଲି ପାଇଁ ଅସୁବିଧା ହେଉଥିବାରୁ ଦୁର୍ଗାଦାସପୁର ଠଣଠଣା ଗ୍ରୀଡ୍‌ରୁ ପିପିଲିକୁ ବିଦ୍ୟୁତ ସଂଯୋଗ କରାଯାଉ। ପିପିଲି ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ଓ ଜେଇମାନେ ପିପିଲିରେ ରହୁ ନ ଥିବାରୁ ଅଭିଯୋଗ ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସେମାନେ ପିପିଲିର ସରକାରୀ ବାସଭବନରେ ରୁହନ୍ତୁ। କମ୍ପାନୀର କର୍ମଚାରୀମାନେ ମନଇଚ୍ଛା ଫାଇନ କାଟିବାରୁ ବରତି ରହିବା ଆଦି ଦାବି ରହିଛି।

ଖବରପାଇ ତହସିଲଦାର ପୁନମ ମହାପାତ୍ର, ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ପିପିଲି ବିଦ୍ୟୁତ୍ ବିଭାଗର ଏସ୍‌ଡିଓ ବିପିନି କୁମାର ସାହୁ ଓ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଅନଶନକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ସହିତ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ। ଆନ୍ଦୋଳନକାରୀଙ୍କ ସର୍ତ୍ତ ପୂରଣ ନହେବା ଯାଏ ଅନଶନରେ ବସିବେ ବୋଲି ଆବାହକ ରାଧାମୋହନ କହିଛନ୍ତି।

## ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ ଜେଲ

ନିମାପଡ଼ା,୧୨।୬(ଡି.ଏନ୍.ଏ.)

ନିମାପଡ଼ାର ଅତିରିକ୍ତ ଜିଲା ଦୌରାଜଜ୍ ଲୋକନାଥ ସାହୁ ସୋମବାର ଏକ ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ନିମାପଡ଼ା ଥାନା କେସ ନଂ. ୩୯/୧୨, ଜିଆର୍ କେସ ନଂ. ୧୨୭/୧୭, କୋର୍ଟରେ ଏସ୍‌ଟି କେସ୍ ନଂ. ୪୭/୧୭, ଦଫା ୩୦୪ରେ ଉକ୍ତ ଥାନା ମଣିଜଙ୍ଗ ଗ୍ରାମର କୈଳାସ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି।

ସୂଚନା ମୁତାବକ, ୨୦୧୭ ଫେବୃୟାରୀ ୨ରେ ମଣିଜଙ୍ଗପାଟଣା ଗ୍ରାମର କୈଳାସ ମୁଗ କିଆରିରେ ଗୋରୁ ଚରାଇ ଫସଲ ନଷ୍ଟ କରିଥିଲେ। ଏହାକୁ କେନ୍ଦ୍ର କରି କୈଳାସ ଏବଂ ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ କୈଳାସ ଓ ତାଙ୍କ ପୁଅ ମିଶି ଦୁର୍ଯ୍ୟୋଧନଙ୍କ ମୁଣ୍ଡକୁ ଏକ କାଠ ଫାଳିଆରେ ଅତର୍କିତ ଆକ୍ରମଣ କରିଥିଲେ। ସେହିବର୍ଷ ଫେବୃୟାରୀ ୨୪ରେ ଦୁର୍ଯ୍ୟୋଧନଙ୍କ କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ଭାଇ କାହ୍ନୁଚରଣ ବେହେରା ସେତେବେଳେ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏଥିରେ କୈଳାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନ୍‌ରେ ଆସିଥିଲେ ମଧ୍ୟ କୋର୍ଟରେ ମାମଲା ଚାଲିଥିଲା। ଏନେଇ କୋର୍ଟ ସୋମବାର ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ରାୟପ୍ରକାଶ ବେଳେ ଅଭିଯୁକ୍ତ କୋର୍ଟରେ ହାଜର ଥିଲେ। ଏହାପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି।

## ‘ଶିକ୍ଷାରେ ସାମାଜିକ ସମତା ଦିଗରେ ଜାତୀୟ ଶିକ୍ଷାନୀତି ବାଧକ ହେବ’

ପୁରୀ ଅଫିସ, ୧୨।୬:

ବିଗତ ଛଅ ଦଶନ୍ଧି ମଧ୍ୟରେ ଶିକ୍ଷା କ୍ଷେତ୍ରରେ ସାମାଜିକ ସମତା ଓ ନ୍ୟାୟ ପାଇଁ ହେଉଥିବା ଲଢେଇକୁ ଆଗକୁ ନେବାରେ ଜାତୀୟ ଶିକ୍ଷାନୀତି ମୁଖ୍ୟ ପ୍ରତିବନ୍ଧକ ଭାବେ ଛିଡ଼ା ହେବ ବୋଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ପ୍ରଫେସର ରାଜୀବ ରାୟ ମତ ରଖିଛନ୍ତି। ୟୁଥ୍ ହଷ୍ଟେଲରେ ସୋମବାର ପ୍ରଗତିଶୀଳ ଶିକ୍ଷକ ଫୋରମ୍ ପକ୍ଷରୁ ‘ସ୍ୱାଧୀନତାର ୭୫ ବର୍ଷ ପ୍ରେକ୍ଷାପଟରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଏହାର ପ୍ରଭାବ’ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ପ୍ରଫେସର ରାୟ କହିଲେ ଯେ, ଜାତିଗତ ବୈଷମ୍ୟ, ପଶ୍ଚାତପଦତା ଦୃଷ୍ଟିରୁ ବିଭିନ୍ନ ସାମାଜିକ ବର୍ଗ ଏବଂ ଅଞ୍ଚଳର ବିକାଶ ଦିଗରେ ଶିକ୍ଷା ହେଉଛି ଏକ ପ୍ରମୁଖ ସାଧନ। ଶିକ୍ଷା ନୀତି ଓ ଯୋଜନା ସାମାଜିକ ନ୍ୟାୟ ଓ ସମତା ହାସଲ ଦିଗରେ କାର୍ଯକାରୀ ନ ହେଲେ ଦେଶରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷାରେ କର୍ପୋରେଟ ସ୍ୱାର୍ଥ ସାଧନ କରିବ ଓ ଗରିବ ବର୍ଗର ଛାତ୍ରୀଛାତ୍ରଙ୍କୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ କରିବ। ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ ବଢିଥିଲେ ମଧ୍ୟ କ୍ରମାଗତ ଭାବେ ଶିକ୍ଷା ପାଇଁ ବ୍ୟୟ ବରାଦ ହ୍ରାସ ପାଇବାରେ ଲାଗିଛି। ଗ୍ରାମାଞ୍ଚଳ ଓ ପଛୁଆ ଅଞ୍ଚଳରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଢାଞ୍ଚାଗତ ବିକାଶ ନିମ୍ନ ସ୍ତରରେ ଥିବାବେଳେ ଜାତୀୟ ଶିକ୍ଷାନୀତି ସୁପାରିସ ଆଧାରରେ ମାନ୍ୟତା ନିର୍ଦ୍ଧାରଣ ହେଲେ ତୁଳନାତ୍ମକ ଭାବେ ଉନ୍ନତ ଅନୁଷ୍ଠାନଗୁଡ଼ିକରେ ନାମଲେଖା ହାର ବଢ଼ିବ। ଗ୍ରାମାଞ୍ଚଳ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ କେବଳ ଦୟନୀୟ ସ୍ଥିତିକୁ ଠେଲି ହୋଇଯିବ ନାହିଁ ବରଂ ଆର୍ଥିକ ଭାବେ ଦୁର୍ବଳ ସ୍ଥିତିରେ ଥିବା ଗ୍ରାମାଞ୍ଚଳ ପିଲାଙ୍କ ଉଚ୍ଚଶିକ୍ଷାରେ ଡୋର ବନ୍ଧା ହେବ। ଘରୋଇ ଏବଂ ବ୍ୟବସାୟିକ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟର କୌଣସି ସମୟରେ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଶିକ୍ଷକଙ୍କ ବିକଳ୍ପ ହୋଇପାରିବ ନାହିଁ ବୋଲି ପ୍ରଫେସର ରାୟ ମତ ଦେଇଛନ୍ତି। ଏହି ଅଧିବେଶନରେ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଶିକ୍ଷକ ନେତା କିଶୋର ଚନ୍ଦ୍ର ପରମଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନ୍ୟ ଏକ ଅଧିବେଶନରେ ଆଲୋଚକ ଭାବେ ଯୋଗଦେଇ ପ୍ରାଧ୍ୟାପକ ଜେନା କହିଲେ ଯେ, ବ୍ୟାପକ ବିଚାର ବିମର୍ଷ ଓ ସଂସଦର ବିନା ଅନୁମୋଦନରେ ଗୃହୀତ ଜାତୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକ ଅଗଣତାନ୍ତ୍ରିକ ଏବଂ ଅସାମ୍ବିଧାନିକ ପଦକ୍ଷେପ। ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ଦଳିଲରେ ୧୦ ବର୍ଷ ପୂର୍ବେ ପ୍ରଣୀତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ଉପରେ ପଦେ ହେଲେ ଉଲ୍ଲେଖ ନାହିଁ କି ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇନାହିଁ। ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ମୌଳିକ ଅଧିକାର ଦେବା ସହ ମାଗଣା ଓ ବାଧ୍ୟତାମୂଳକ ବିଦ୍ୟାଳୟ ଶିକ୍ଷାକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କଲେ ହିଁ ଦେଶର ସମସ୍ତ ନାଗରିକ ସର୍ବନିମ୍ନ ସାଧାରଣ ଶିକ୍ଷା ପାଇପାରିବେ ବୋଲି ସେ କହିଛନ୍ତି। ଗରିବ ଓ ପଛୁଆ ବର୍ଗର ପିଲାଙ୍କୁ ସାର୍ବଜନୀନ ଶିକ୍ଷାରୁ ବଞ୍ଚିତ କରିବା ପାଇଁ ଜାତୀୟ ଶିକ୍ଷା ନୀତିରେ ଷଷ୍ଠଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ପାଇଁ ଗୁରୁତ୍ୱ ପ୍ରଦାନ ଏକ ଶଠତା। ଅନ୍‌ଲାଇନ ଶିକ୍ଷା ଓ ମୁକ୍ତ ବିଦ୍ୟାଳୟ କେବେ ବି ଆନୁଷ୍ଠାନିକ ଶିକ୍ଷାର ବିକଳ୍ପ ନୁହେଁ। ଶିକ୍ଷାର ବ୍ୟବସାୟୀକରଣ ଓ ଘରୋଇକରଣ ଉପରେ ଆକ୍ରମଣାତ୍ମକ ଢଙ୍ଗରେ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଉଦ୍‌ଯାପନ ଅଧିବେଶନରେ ଶିକ୍ଷକ ନେତା ପ୍ରକାଶ ଚନ୍ଦ୍ର ମହାନ୍ତି, ଅକ୍ଷୟ କୁମାର ମିଶ୍ର, ଶଙ୍କର ସୁବୁଦ୍ଧି, ସୁକାନ୍ତ କୁମାର ବେହେରା, ଅଶୋକ କୁମାର ମହାନ୍ତି ଓ ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ବସ୍ ହେଲ୍ପର ମୃତ

ପୁରୀ ଅଫିସ, ୧୨।୬: ପୁରୀ ବସ୍‌ଷ୍ଟାଣ୍ଡରେ ସୋମବାର ବିଦ୍ୟୁତ ଆଘାତରେ ଜଣେ ବସ୍ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଟକ ଜିଲା ମାହାଙ୍ଗା ଓଲକଣାର ମନୋଜ ରାଉତ (୩୨)। ସେ ଡଲ୍‌ଫିନ (ନଂ. ଓଡି ୦୫ ବିକେ ୭୧୬୫) ନାମକ ଏକ ବସ୍‌ରେ ହେଲ୍ପର ଭାବେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ସୋମବାର ବସ୍‌ଷ୍ଟାଣ୍ଡରେ ମନୋଜ ଉକ୍ତ ବସ ଉପରେ ଚଢି ଯାତ୍ରୀଙ୍କ ଲଗେଜ ରଖୁଥିଲେ। ଏହି ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳକୁ ଛିଟିକି ପଡ଼ିଥିଲେ। ବସ୍‌ଷ୍ଟାଣ୍ଡରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମନୋଜଙ୍କ ଅକାଳ ବିୟୋଗରେ ପୁରୀ ଜିଲା ବସ୍ କର୍ମଚାରୀ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

### ବିଜ୍ଞାନରେ ପ୍ରଜ୍ଞା ପ୍ରିୟମ୍ବଦା, କଳାରେ ସୁଶ୍ରୀ ସଙ୍ଗୀତା କଲେଜ ଟପ୍ପର

କୋଣାର୍କ,୧୨।୬(ଡି.ଏନ୍.ଏ.)- ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଗତ ସପ୍ତାହରେ ପ୍ରକାଶ ପାଇଛି। ଏହି ପରୀକ୍ଷାରେ କୋଣାର୍କ ଭଗବତୀ ମହାବିଦ୍ୟାଳୟର +୨ କଳାରେ ୨୧୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୩ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି +୨ ବିଜ୍ଞାନ ପରୀକ୍ଷାରେ ୨୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୪ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ପାସ୍ ହାର ୯୦.୧୬ ପ୍ରତିଶତ ଏବଂ ବିଜ୍ଞାନରେ ୮୮.୬୬ ପ୍ରତିଶତ ହୋଇଥିବାବେଳେ ବାଣିଜ୍ୟରେ ୧୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମାତ୍ର ୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। +୨ କଳାରେ କୋଣାର୍କ ନିକଟ ଗୁଣ୍ଡି ଗ୍ରାମର ସୁଶ୍ରୀ ସଙ୍ଗୀତା ସେନାପତି ୫୪୧ ନମ୍ବର ରଖି କଲେଜରେ ଏବଂ ଗୋପ ବ୍ଲକରେ ପ୍ରଥମ ହୋଇଛନ୍ତି। ଏଥିସହ ସେ ପୁରୀ ଜିଲାରେ ଦ୍ୱିତୀୟ ସ୍ଥାନ ଏବଂ ରାଜ୍ୟରେ ୨୧ତମ ସ୍ଥାନରେ ରହିଛନ୍ତି। +୨ ବିଜ୍ଞାନରେ ଗୁଣ୍ଡି ଗ୍ରାମର ଛାତ୍ରୀ ପ୍ରଜ୍ଞା ପ୍ରିୟମ୍ବଦା ମହାପାତ୍ର ୫୩୨ ରଖି କୋଣାର୍କ କଲେଜରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ସଫଳତା ପାଇଁ କୃତୀ ଛାତ୍ରୀଛାତ୍ରଙ୍କ ସମେତ କଲେଜର ଅଧ୍ୟକ୍ଷ ଅବତାର ମିଶ୍ର ଏବଂ କଲେଜର ସମସ୍ତ ଅଧାପିକା, ଅଧାପକଙ୍କୁ କୋଣାର୍କର ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ସଂଗଠନ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି।

### ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

#### ବିନା ଯୋଗ୍ୟତାରେ ଡାକ୍ତରୀ ଡିଗ୍ରୀ ପ୍ରସଙ୍ଗ

ଖୋର୍ଦ୍ଧା ଅଫିସ,୧୨।୬: ପୁରୀ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜରେ ବିନା ଯୋଗ୍ୟତାରେ ଆୟୁର୍ବେଦ ଡାକ୍ତରୀ ପାଠ ପଢୁଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିସହ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ନ୍ୟାଶନାଲ କମିଶନ ଫର ଇଣ୍ଡିଆନ ସିଷ୍ଟମ ଅଫ ମେଡିସିନ(ଏନ୍‌ସିଆଇଏସ୍‌ଏମ୍)କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଗତ ଶନିବାର ଖୋର୍ଦ୍ଧା ସ୍ଥିତ ଡାକବଙ୍ଗଳାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ଆୟୁଷ ଓ ମହିଳା ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ.ମୁଞ୍ଜାପାରା ମହେନ୍ଦ୍ରଭାଇ କହିଥିଲେ ଯେ, ବିନା ଏନ୍‌ଇଇଟି ର୍‍ୟାଙ୍କ ଏବଂ ଓଜେଇଇ ଆଲର୍ଟ ନମ୍ବରରେ ଛାତ୍ରୀଛାତ୍ର ଆୟୁର୍ବେଦ କଲେଜରେ ନାମ ଲେଖାଇ ପାରିବେ ନାହିଁ। ଏହା ଏକ ଧର୍ତ୍ତବ୍ୟ ଅପରାଧ। ଏ ସମ୍ପର୍କିତ ଏକ ଅଭିଯୋଗ ଆୟୁଷ ମନ୍ତ୍ରଣାଳୟ ନିକଟକୁ ଆସିଥିବା ଜାଣିବାକୁ ପାଇଛି। ଏହି ଘଟଣାର ବିଧିବଦ୍ଧ ଯାଞ୍ଚ କରାଯିବ। ଅଭିଯୋଗ ପ୍ରମାଣିତ ହେଲେ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବେଦପୁର ପଞ୍ଚାୟତରେ ପିଇବା ପାଣି ସମସ୍ୟା

ଗୋପ,୧୨।୬(ଡି.ଏନ୍.ଏ.)



ପାଣି ପାଇଁ ଲୋକେ ବାଲ୍‌ଟି ରଖିଛନ୍ତି ।

ରାଜ୍ୟରେ ଏବେ ପ୍ରଚଣ୍ଡ ରୌଦ୍ରତାପ ହେଉଥିବା ବେଳେ ଘରୁ ବାହାରିବା କଷ୍ଟକର ହେଉଛି। ଏଭଳି ସମୟରେ ପୁରୀ ଜିଲା ଗୋପ ବ୍ଲକ ବେଦପୁର ପଞ୍ଚାୟତରେ ପିଇବା ପାଣି ଠିକ୍ ଭାବେ ମିଳୁ ନ ଥିବାରୁ ପାଣି ସମୟକୁ ଅପେକ୍ଷା କରି ଡହ ଡହ ଖରାରେ ଲୋକମାନେ ପାଣି ନେଉଥିବା ଭଳି ଅଭିଯୋଗ ହୋଇଛି। ପିଇବା ପାଣି ଠିକ୍ ଭାବେ ଆସୁ ନ ଥିବା ନେଇ ବିଭାଗୀୟ ଅଧିକାରୀ, ପ୍ରଶାସନକୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ପିଇବା ପାଣି ପାଣି ପହଞ୍ଚିବା ଲାଗି ସରକାରଙ୍କ ପକ୍ଷରୁ ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ବାସ୍ତବରେ ଏହି ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟ କରୁ ନାହିଁ। ବେଦପୁର ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପିଇବା ପାଣି ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ତାହା କାର୍ଯ୍ୟ କରୁ ନାହିଁ। ଫଳରେ ଗୋପ ଜଳ ପରିମଳ ବିଭାଗ ପକ୍ଷରୁ ଏହି ପ୍ରକଳ୍ପକୁ ବସୁଧା ଯୋଜନାରେ ସାମିଲ କରାଯାଇ ରିଟେଣ୍ଡର କରାଯାଇଥିଲା। ହେଲେ ଟେଣ୍ଡର ନେଇଥିବା ଠିକାଦାର ଏପର୍ଯ୍ୟନ୍ତ ଏହି କାର୍ଯ୍ୟ କରିପାରିନାହିଁ। ଯେଉଁଥିପାଇଁ ପାଣି ଠିକ୍ ଭାବେ ଆସୁ ନ ଥିବାରୁ ପଞ୍ଚାୟତବାସୀ ପିଇବା ପାଣି ପାଇପାରୁ ନାହାନ୍ତି। ଠିକାଦାରଜଣଙ୍କ ଷ୍ଟାଣ୍ଡ ପୋଷ୍ଟ ନ କରିବା ଫଳରେ ପିଇବା ପାଣି ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିପାରି ନାହିଁ। ଅପରପକ୍ଷେ ପିଇବା ପାଣିକୁ ଜଳ ପରିମଳ ବିଭାଗ ପକ୍ଷରୁ ଖରାବେଳେ ଛଡାଯିବାରୁ ପାଣି ନେବାକୁ ଲୋକଙ୍କ ମଧ୍ୟରେ ଠେଲାପେଲା ହେଉଛନ୍ତି। ସୋମବାର ମଧ୍ୟାହ୍ନରେ ପିଇବା ପାଣି ଆସିବା ଯୋଗୁ ବେଦପୁର ପଞ୍ଚାୟତର ବେଦପୁର ଗ୍ରାମବାସୀ ଦ୍ୱିପ୍ରହର ଖରାରେ ପାଣି ନେଉଥିଲେ। ପିଇବା ପାଣି ସମସ୍ୟା ପ୍ରତି ପ୍ରଞ୍ଚାୟତରେ ଥିବାବେଳେ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମାଧାନର ବାଟ ବାହାର କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ଜଳ ପରିମଳ ବିଭାଗ ଯନ୍ତ୍ରୀ ଗୋପିବଲ୍ଲଭ ପାଣିଗ୍ରାହୀ କହିଛନ୍ତି, କିଛି ଜାଗାରେ ପାଇପ୍ କାର୍ଯ୍ୟ ଚାଲୁଥିବାରୁ ୧/୨ଥର ପାଣି ଛଡ଼ାଯାଉଛି। ଆଗକୁ ଏହାକୁ ଅଧିକ ବଢ଼ାଯିବା ସହ ପାଣିର ଅଭାବକୁ ତୁରନ୍ତ ଦୂର କରାଯିବ ବୋଲି କହିଛନ୍ତି।

# ବିଜେଡିରେ ମିଶିଲେ ଭାଜପା କର୍ମୀ



ମିଶ୍ରଣ ପର୍ବରେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଏବଂ ଅନ୍ୟମାନେ ।

ପୁରୀ ଅଫିସ, ୧୨।୬:

ବିଜୁ ଜନତା ଦଳ (ବିଜେଡି) ପୁରୀ ଜିଲା କାର୍ଯ୍ୟାଳୟ ପରିସରରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ସଭାପତିତ୍ୱ କରିଥିଲେ। ପୌରପାଳିକାର ପ୍ରାକ୍ତନ ପୌରାଧ୍ୟକ୍ଷ ଏ.ବିଶ୍ୱନାଥ ରାଓଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗଦାନ କରିଛନ୍ତି। ସେମାନେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ତଥା ବିକାଶବାଦୀ ଚିନ୍ତାଧାରାରେ ଅନୁପାଣିତ ହୋଇ ଏବଂ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ପୂର୍ବତନ ଅବସରପ୍ରାପ୍ତ କୃଷି ଉପନିର୍ଦ୍ଦେଶକ ପ୍ରସନ୍ନ କୁମାର ସାମନ୍ତରାୟ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏହା ପୁରୀ ବିଜେଡିକୁ ଅଧିକ ସୁସଙ୍ଗଠିତ କରିବ ବୋଲି ମହାନ୍ତି ଆଶା ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ପୁରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିବାକର ପାତ୍ର, ବିଜେଡ଼ି ବ୍ଲକ ସଭାପତି ପ୍ରକାଶ ମିଶ୍ର, ଜିଲା ବିଜେଡି ଉପସଭାପତି ଭକ୍ତ ଚରଣ ଦାସ, ଜିଲା ବିଜେଡି ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ଜିଲା ବିଜେଡି ସାଧାରଣ ସମ୍ପାଦକ ନାରାୟଣ ପଟ୍ଟନାୟକ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନିଲ ମହାନ୍ତି, ଜିଲା ବିଜେଡି ସମ୍ପାଦକ ରାଧାରମଣ ସ୍ୱାଇଁ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରମେଶ ନାରାୟଣ ପ୍ରହରାଜ, ନଗର ବିଜେଡି ମହିଳା ସଭାନେତ୍ରୀ ବିନୋଦିନୀ ଦାସ, ନଗର ବିଜେଡି ଯୁବ ସଭାପତି ସୁଧାଂଶୁ ଶେଖର ମହାନ୍ତି, ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥଙ୍କ ସମେତ ଦଳର ବହୁ ନେତା ଉପସ୍ଥିତ ଥିଲେ।

# ଅଭିରାମ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୦ତମ ଜୟନ୍ତୀ



ଉତ୍ସବରେ ଅତିଥିମାନେ ବିଦ୍ୟାଳୟର ସ୍ମରଣିକା 'ଅଭିମତ'କୁ ଲୋକାର୍ପଣ କରୁଛନ୍ତି ।

କଣାସ,୧୩।୬(ସ୍ୱ.ପ୍ର.)

କଣାସ ବ୍ଲକ ଆଳିବାଡ଼ ପଞ୍ଚାୟତରେ ଥିବା ଅଭିରାମ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୦ତମ ଜୟନ୍ତୀ ମହାସମାରୋହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଲ ମହାପାତ୍ର ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ୍ ଘୋଷ, ପୁରାତନ ଛାତ୍ର ସଂସଦ ସଭାପତି ଚକ୍ରଧର ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ଦାସରାୟ ଓ ଅଭିରାମ ପରମହଂସ ଆଶ୍ରମର ପ୍ରମୁଖ ସାଧୁ ବନବିହାରୀ ଦାସ ମହାରାଜ ପ୍ରମୁଖ ଯୋଗଦେଇଥିଲେ। ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚ ବିଦ୍ୟାଳୟର ଦିବଂଗତ ପ୍ରତିଷ୍ଠାତା, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଦ୍ୟାଳୟର ସ୍ମରଣିକା 'ଅଭିମତ'କୁ ମୁଖ୍ୟଅତିଥି ଲୋକାର୍ପଣ କରିଥିଲେ। ମୁଖ୍ୟଅତିଥି ମାରାଣ୍ଡି ସଭାରେ ଉପସ୍ଥିତ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ପାଠପଢା ପ୍ରତି ଧ୍ୟାନଦେବା ସହ ଉତ୍ତମ ନାଗରିକ ଭାବେ ନିଜକୁ ଗଢିତୋଳି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ୫୦ତମ ଜୟନ୍ତୀର ସ୍ମୃତିସ୍ତମ୍ଭ ଅନାବରଣ କରିଥିଲେ। ପ୍ରଭାତରୁ ଭଗବତୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଆୟୋଜକଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ଏହି ବିଦ୍ୟାଳୟ ପ୍ରତିଷ୍ଠା ବେଳକୁ ଏ ଅଞ୍ଚଳରେ କୌଣସି ଉଚ୍ଚ ବିଦ୍ୟାଳୟ ନ ଥିଲା, ଫଳରେ ସ୍ଥାନୀୟ ପିଲା ଉଚ୍ଚଶିକ୍ଷା ନିମନ୍ତେ ପୁରୀ, ନିରାକାରପୁର ଏବଂ ଖୋର୍ଦ୍ଧା ଉପରେ ନିର୍ଭର କରୁଥିଲେ। ଏହି ବିଦ୍ୟାଳୟ ପ୍ରତିଷ୍ଠା ଲାଭ କରିବା ଫଳରେ ଆଖପାଖର ୨୦ଖଣ୍ଡ ଗାଁ'ର ପିଲା ଉଚ୍ଚଶିକ୍ଷା ଲାଭ କରିବାରେ ସଫଳ ହୋଇଥିଲେ। ଏହି ଉପଲକ୍ଷେ ଯେଉଁ ବ୍ୟକ୍ତିମାନେ ନିଜର ନିଷ୍ଠା ଏବଂ ଚେଷ୍ଟା ଫଳରେ ବିଦ୍ୟାଳୟକୁ ପ୍ରତିଷ୍ଠା କରିଥିଲେ ସେମାନଙ୍କୁ ପ୍ରମାଣପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ରଥଯାତ୍ରା ନିମନ୍ତେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

କୋଣାର୍କ,୧୨।୬(ଡି.ଏନ୍.ଏ.)

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରେ ଶ୍ରୀଜୀଉଙ୍କ ପବିତ୍ର ରଥଯାତ୍ରା ନିମନ୍ତେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ବୋର୍ଡ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ବୋର୍ଡର ମୁଖ୍ୟ ଟ୍ରଷ୍ଟି ଇଂ. ଅମରେଶ୍ୱର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀଙ୍କ ସମେତ ସ୍ଥାନୀୟ ପୋଲିସ, ଟାଟା ପାୱାର, ୱାଟ୍‌କୋ, ଜଳ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ପୂର୍ତ୍ତ ବିଭାଗ, ଅଗ୍ନିଶମ ବାହିନୀ, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ରଥଯାତ୍ରାର ନୀତିକାନ୍ତି ବିଷୟରେ ଅବଗତ ହେବା ସହିତ ବିଭିନ୍ନ ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ବୋର୍ଡର ସଦସ୍ୟ, ଗୁଣ୍ଡିଚା ମନ୍ଦିର ସଭାପତି ବଟକୃଷ୍ଣ ବାହିନୀପତି, ମାଉସୀ ମା' ମନ୍ଦିର ସଭାପତି ଅମରେଶ୍ୱର କାଣ୍ଡିଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ଥିଲେ। ବୋର୍ଡ ପରିଚାଳକ ନିରଞ୍ଜନ ବାରିକ ବୈଠକରେ ସଂଯୋଜନା କରିଥିଲେ।

# ରଥଯାତ୍ରାରେ ସେବା ଯୋଗାଇବ ସେଣ୍ଟ୍ ଜନ୍ ଆମ୍ବୁଲାନ୍ସ

ପୁରୀ ଅଫିସ, ୧୨।୬:

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସେଣ୍ଟ ଜନ୍ ଆମ୍ବୁଲାନ୍ସ ପୁରୀ ଜିଲା ପକ୍ଷରୁ ଭକ୍ତଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ଓ ଜଳସେବା ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ତଥା ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆମ୍ବୁଲାନ୍ସର ତିନିଦିନିଆ ଆଶୁ ଚିକିତ୍ସା ପ୍ରଶିକ୍ଷଣ ଶିବିରକୁ ସୋମବାର ଜିଲାପାଳ ବର୍ମା ଉଦ୍‌ଘାଟନ କରିଛନ୍ତି। ରଥଯାତ୍ରା ଗ୍ରୀନ କରିଡରରେ ସେଣ୍ଟ ଜନ୍‌ର ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଦକ୍ଷତା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ବଦ୍ରି ମିଶ୍ରଙ୍କ ସଭାପତିତ୍ୱ ଏବଂ ଜିଲା ଯୁଗ୍ମ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ମୁଖ୍ୟବକ୍ତା ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର ଯୋଗଦେଇ କହିଥିଲେ, ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀମାନେ ଅଚେତ ଓ ଆହତ ଭକ୍ତଗଣଙ୍କ ଜୀବନ ସୁରକ୍ଷା ପାଇଁ ସେବା ସମର୍ପଣ ଭାବନା ସହ ଆଗେଇ ଆସିବା ଉଚିତ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜଳସେଚନ ବିଭାଗର ଇଞ୍ଜିନିୟର ତଥା ଜଳକ୍ରୀଡ଼ାବିତ୍ ରତ୍ନାକର ଦଳାଇ, ଜଳଯୋଗାଣ ବିଭାଗର ଇଞ୍ଜିନିୟର ଭବାନୀ ମହାନ୍ତି, ଏଡିଏମ୍‌ଓ ପ୍ରଣୟ ପ୍ରକାଶ ଦାସ, ଜିଲା ଜରୁରୀକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ର, ଚିକିତ୍ସା ଅଧିକାରୀ ବିରଜା ଶଙ୍କର ରଥ, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ଜୟଶଙ୍କର ଜୋଶୀ, ଡାକ୍ତର ଦେବ ଦାସ, ହୋଟେଲ ଆସୋସିଏଶନ୍ କର୍ମକର୍ତ୍ତା ରାଜକିଶୋର ପାତ୍ର, ବିଭୁପ୍ରସାଦ ସାହୁ, ଗୌରହରି ପ୍ରଧାନ, ଚକ୍ରଧର ମହାପାତ୍ର, ମନୋଜ ରଥ ଯୋଗଦେଇ ଫାଷ୍ଟ ଏଡ୍ ଟ୍ରେନିଂର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ପରେ ପ୍ରଶିକ୍ଷକ ବିକାଶ ପ୍ରସାଦ, ପବିତ୍ର ପ୍ରଧାନ, ଅମିତ୍ ଦାସ, ନମିତା ପଟ୍ଟନାୟକ ଓ ଜୟନ୍ତୀ ମହାପାତ୍ର ୯୬ ଜଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରିଥିଲେ। ଚଳିତ ବର୍ଷ ରଥଯାତ୍ରାଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତଙ୍କୁ ସେଣ୍ଟ ଜନ୍ ଆମ୍ବୁଲାନ୍ସର ସ୍ୱେଚ୍ଛାସେବୀମାନେ ସେବା ଯୋଗାଇଦେବେ। ଏଥିସହ ରଥଯାତ୍ରା ସମୟରେ ବଡ଼ଦାଣ୍ଡରେ ଆମ୍ବୁଲାନ୍ସ କିପରି ଯାତାୟତ କରିବ ସେ ନେଇ ଗ୍ରୀନ କରିଡର ପାଇଁ ମଧ ପ୍ରଶିକ୍ଷଣ ଦିଆଯାଇଛି। ରଥଯାତ୍ରା ସମୟରେ ଅଘଟଣ ରୋକିବା, ଅସୁରକ୍ଷିତ କୋଠାରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା, ବିଶେଷକରି ଗୁଣ୍ଡିଚା ମନ୍ଦିର ନିକଟ ବଡ଼ଦାଣ୍ଡରେ ପ୍ରତିଦିନ ଜନସେବା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ମିଶନ ଓଡ଼ିଶା, ରୋଟାରି କ୍ଲବ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଜିଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶାଶ୍ୱତ ମହାନ୍ତି, ଦେବରାଜ ସାହୁ, କେଦାରନାଥ ମହାପାତ୍ର, ଲାଲା ଅନନ୍ତ ସିଂ, ରଶ୍ମିତା ଦାସମହାପାତ୍ର, ଦିଲ୍ଲୀପ ନନ୍ଦ, ପ୍ରିୟଙ୍କା ମହାପାତ୍ର, ଜି.ବାପି, ଅଜୟ ପ୍ରଧାନ, ରମାକାନ୍ତ ଜେନା, ବିଶ୍ୱଜିତ ଲେଙ୍କା, ପ୍ରୟାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଆଜିଠୁ ସମର ଥିଏଟର ଫେଷ୍ଟିଭାଲ

ପୁରୀ ଅଫିସ,୧୨।୬

**ଦିଲ୍ଲୀ ପରେ ପ୍ରଥମଥର ଓଡ଼ିଶାର ୩ ଜିଲାରେ ହେଉଛି**

ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ରଙ୍ଗଶାଳା ଦ୍ୱାରା ଓଡ଼ିଶାରେ ୧୪ଦିବସୀୟ ସମର ଥିଏଟର ଫେଷ୍ଟିଭାଲ ଆୟୋଜକ କରାଯାଉଛି। ଏହାର ପ୍ରଥମ ପର୍ଯ୍ୟାୟ ପାରାଦୀପ ଏବଂ ରାଉରକେଲାରେ ଶେଷ ହେବା ସହିତ ଏବେ ପୁରୀରେ ଆୟୋଜିତ ହେବାକୁ ଯାଉଛି। ଏ ନେଇ ଅନୁଷ୍ଠାନ ପକ୍ଷରୁ ସୋମବାର ଚକ୍ରତୀର୍ଥ ରୋଡସ୍ଥିତ ବିଚ୍ ରିସୋର୍ଟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖବରଦାତା ସମ୍ମିଳନୀରେ ରଙ୍ଗଶାଳାର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ, ବଳରାଜ ତ୍ରିପାଠୀ, ରାଜେଶ ସିଂହ,ଅଜୟ କୁମାର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଂସ୍କୃତ ମନ୍ତ୍ରାଳୟ ଭାରତ ସରକାରଙ୍କର ସ୍ୱାୟତ୍ତ ସଂସ୍ଥା ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ଯାହାକି ଖାଲି ଦେଶରେ ନୁହେଁ ସାରା ବିଶ୍ୱରେ ରଙ୍ଗମଞ୍ଚ ପାଇଁ ଏକ ସ୍ଥାପିତ ସଂସ୍ଥା ଅଟେ। ରଙ୍ଗଶାଳା ବିଭାଗ ଦ୍ୱାରା ଏହି ସମର ଥିଏଟର ଫେଷ୍ଟିଭାଲ ଓଡ଼ିଶାରେ ଆୟୋଜନ କରାଯାଉଛି। ଏଇଟା ପ୍ରଥମଥର ପାଇଁ ଦିଲ୍ଲୀରୁ ବାହାରି ଗୋଟେ ରାଜ୍ୟର ୩ଟି ପ୍ରମୁଖ ସହରରେ ଆୟୋଜନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ ଜୁନରୁ ୫ ପାରାଦୀପରେ, ୭ରୁ ୧୧ ଜୁନ ରାଉରକେଲା ନାଟକ ପ୍ରଦର୍ଶିତ ହୋଇଥିବା ବେଳେ ଆସନ୍ତା ୧୩ରୁ ୧୬ ଜୁନ ପର୍ଯ୍ୟନ୍ତ ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି। ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟା ୭ଟା ୩୦ରେ ନାଟକ ପ୍ରଦର୍ଶିତ ହେବ। ୪ଦିନରେ ୪ଟି ନାଟକ ପ୍ରଦର୍ଶିତ ହେବ। ପ୍ରଥମ ସନ୍ଧ୍ୟାରେ ବିଜୟ ଦାନ ବେଥାଙ୍କ ରଚିତ ଅଜୟ କୁମାରଙ୍କ ନିର୍ଦ୍ଦେଶିତ ନାଟକ 'ମାହିରେ ମେ କେସେ କହୁଁ' ମଞ୍ଚସ୍ଥ ହେବ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ଧରମ ବିର୍ ଭାରତଙ୍କ ରଚିତ ରାମ ଗୋପାଳ ବଜାଜଙ୍କ ନିର୍ଦ୍ଦେଶିତ ନାଟକ 'ଅନ୍ଧା ଯୁଗ' ମଞ୍ଚସ୍ଥ ହେବ। ତୃତୀୟ ସନ୍ଧ୍ୟାରେ ନାଟକ 'ବାୟେନ୍' ମଞ୍ଚସ୍ଥ ହେବ। ଯାହାକୁ ରଚନା କରିଛନ୍ତି ମହେଶ୍ୱତା ଦେବୀ ଓ ନିର୍ଦ୍ଦେଶନା ଦେଇଛନ୍ତି ଉଷା ଗାଙ୍ଗୁଲି। ସେହିପରି ଶେଷ ଦିନରେ 'ତାଜ୍ ମେହେଲେ କା ଟେଣ୍ଡର' ମଞ୍ଚସ୍ଥ ହେବ। ଯାହାକୁ ରଚନା କରିଛନ୍ତି ଅଜୟ ଶୁକ୍ଳା ଓ ନିର୍ଦ୍ଦେଶନା ଚିତ୍ତରଞ୍ଜନ ତ୍ରିପାଠୀ ଦେଇଛନ୍ତି। ତେବେ ନାଟକ ଦେଖିବା ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ତେଣୁ ନାଟକ ପ୍ରେମୀ ଅନ୍ନପୂର୍ଣ୍ଣାକୁ ଯାଇ ନାଟକ ଦେଖିବାକୁ ଖବରଦାତା ସମ୍ମିଳନୀରେ ଆୟୋଜକମାନେ କହିଛନ୍ତି।

# ଶିଶୁ, କିଶୋର ଶ୍ରମିକ ଆଇନ ସଚେତନତା ଶୋଭାଯାତ୍ରା

ପୁରୀ ଅଫିସ, ୧୨।୬:

ପୁରୀ ଜିଲାସ୍ତରୀୟ ଶିଶୁ ଓ କିଶୋର ଶ୍ରମିକ ଆଇନ ସଚେତନତା ଶୋଭାଯାତ୍ରାକୁ ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଜିଲା ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ଯିବା ସହ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଶିଶୁ ଶ୍ରମିକ ପ୍ରତିହତ ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷକରି ଶିଶୁ ଅଧିକାର ସମେତ ଆଇନରେ ଥିବା ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିଭିଜନାଲ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲ୍ଡ ଲାଇନର କର୍ମକର୍ତ୍ତା ଏବଂ ହାପିନେସ୍ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ସାମିଲ ଥିଲେ।




ସହର ପରିକ୍ରମା ପାଇଁ ବାହାରିଥିବା ଶୋଭାଯାତ୍ରା ।

# ଉଦ୍ୟମିତା ମାଧ୍ୟମରେ ସ୍ୱାବଲମ୍ବୀ ହେଉଛନ୍ତି ଯୁବପିଢ଼ି

ପୁରୀ ଅଫିସ, ୧୨।୬:




କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିମାନେ ।

ଉଦ୍ୟମିତା ମାଧ୍ୟମରେ ଯୁବତୀଯୁବକ କିପରି ସ୍ୱାବଲମ୍ବୀ ହେବା ସହ ଭାରତ ଆତ୍ମନିର୍ଭରଶୀଳ ହେବ ସେନେଇ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଣ୍ଟ୍ରେପ୍ରିନ୍ୟୁଅରଶିପ୍ ପକ୍ଷରୁ ଏକ ଆଲୋଚନାଚକ୍ର ସୋମବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର, ସାମାଜିକ ଅନୁଷ୍ଠାନ ସମ୍ପର୍କ ଏବଂ ସିଦ୍ଧ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଏହାକୁ ମିଳିତ ଭାବେ ଆୟୋଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ପ୍ରଧାନମନ୍ତ୍ରୀ କିପରି ଆତ୍ମନିର୍ଭର ଭାରତ ପାଇଁ ନୂତନ ନୀତି ଆପଣାଇବା ସହ ଯୁବକମାନେ ଏଥିରୁ ଲାଭବାନ ହୋଇ ସ୍ୱାବଲମ୍ବୀ ହେଉଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଜି-୨୦ର ଚତୁର୍ଥ ଏଜୁକେଶନ ୱାର୍କିଂ ଗ୍ରୁପ୍ ମିଟିଂ ଦ୍ୱାରା ଜନଭାଗିଦାରୀକୁ ଗୁରୁତ୍ୱ ଦିଆଯାଇ ଏହି ସବୁ କାର୍ଯ୍ୟକ୍ରମ କରିବା ମୂଳ ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ଭାରତ ଏବେ ବିଶ୍ୱଗୁରୁ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା କ୍ରୀଡ଼ା ଅଧିକାରୀ ରବୀନ୍ଦ୍ରନାଥ ସେନାପତି ଯୋଗଦେଇ କ୍ରୀଡ଼ାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମିଲେଟ୍ ମିଶନ ଉପରେ ବିପଣନ ଅଧିକାରୀ ଆୟୁଷକାନ୍ତ ମହାପାତ୍ର ଗୁରୁତ୍ୱାରୋପ କରିଥିଲେ। ସିଦ୍ଧ ରିସର୍ଚ୍ଚ ସେଣ୍ଟର, ପୁରୀ ଉଦ୍ୟମିତ୍ ପ୍ରକଳ୍ପର ନିର୍ଦ୍ଦେଶକ ରତ୍ନାକର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ପରିବେଶ ଦିବସରେ ହୋଇଥିବା ଚିତ୍ରାଙ୍କନ ଓ ଚେସ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ରାଙ୍କନରେ ସବ୍‌ଜୁନିୟର ବର୍ଗରେ ମଦର୍ସ ପବ୍ଲିକ ସ୍କୁଲ୍‌ର ଅଭ୍ୟର୍ଥନା ବରାଳ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଅଭ୍ୟର୍ଥନା ମହାରଣା ଦ୍ୱିତୀୟ ଓ ମଦର୍ସ ପବ୍ଲିକ ସ୍କୁଲର ଭାଗ୍ୟଶ୍ରୀ ପଲ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ଜୁନିୟର୍ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୟାଶା ପଟ୍ଟନାୟକ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟ ଶ୍ରଦ୍ଧାସ୍ୱରୂପ ନନ୍ଦ ଦ୍ୱିତୀୟ ଓ ଜାଭିୟର ସ୍କୁଲର ଉଦିପ୍ତା ଉପାସନା ତୃତୀୟ ସ୍ଥାନ ହାସଲ କରିଥିଲେ। ସିନିୟର ବର୍ଗରେ ଓଡ଼ିଶା କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ଶୁଭମ କୁମାର ଜେନା ପ୍ରଥମ, ମିଲନ ମିଶ୍ର ଦ୍ୱିତୀୟ ଓ ପୂଜାରାଣୀ ଗିରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ଉଦ୍ୟମିତ ପ୍ରକଳ୍ପର ବରିଷ୍ଠ ଉପଦେଷ୍ଟା କାଳୀପ୍ରସାଦ ରଥ ସହଯୋଗ କରିଥିଲେ। ନେହେରୁ ଯୁବକେନ୍ଦ୍ରର ଯୁବ ଅଧିକାରୀ ଜୟଶଙ୍କର ଯୋଶୀ ଧନ୍ୟବାଦ ଦେଇଥିଲେ।




ଅରୁନ୍ଧତୀ ହିରୋ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ହିରୋର ସେବା ଓ ସୁବିଧା ସହିତ ଗ୍ରାହକଙ୍କ ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ହିରୋ ମୋଟକର୍ପର ସିଇଓ ନିରଞ୍ଜନ ଗୁପ୍ତା, ସିଜିଓ ରଣଜିବୀଜ ସିଂହ, ଏନ୍‌ଏସ୍‌ଏଚ୍ ଆଶୁତୋଷ ବର୍ମା, ଏନ୍‌ଏସ୍‌ଏଚ୍ ମନୀଷ ଶ୍ରୀବାସ୍ତବଙ୍କ ସମେତ ଅରୁନ୍ଧତୀ ହିରୋର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଆଇଆଇଏଫ୍‌ଏଲ୍ ବଣ୍ଡ ଉପରେ ୯% ପର୍ଯ୍ୟନ୍ତ ସୁଧ

ଭୁବନେଶ୍ୱର,୧୨।୬

ଦେଶର ପ୍ରମୁଖ ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ ଆଇଆଇଏଫ୍‌ଏଲ୍ ଫାଇନାନ୍ସ ସର୍ବୋଚ୍ଚ ସ୍ତରର ସୁରକ୍ଷା ସହିତ ବଣ୍ଡ ଇସ୍ୟୁ ଉପରେ ୯% ପର୍ଯ୍ୟନ୍ତ ସୁଧ ପ୍ରଦାନ କରୁଛି। ଏପରିକି ସୁରକ୍ଷିତ ବଣ୍ଡଗୁଡିକର ପବ୍ଲିକ୍ ଇସ୍ୟୁ ନିକଟରେ ଖୋଲିଥିବା ବେଳେ ବ୍ୟବସାୟିକ ଅଭିବୃଦ୍ଧି ଓ ପୁଞ୍ଜି ବୃଦ୍ଧି ଉଦ୍ଦେଶ୍ୟ ପାଇଁ ଏହା ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ହାସଲ କରିବ। ଏହି ବଣ୍ଡ ଇସ୍ୟୁ ୨୦୨୩ ଜୁନ୍ ୨୨ରେ କିମ୍ବା ଚାହିଦା ଉପରେ ଆଧାର କରି ତାହା ପୂର୍ବରୁ ବନ୍ଦ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଆଇଆଇଏଫ୍‌ଏଲ୍ ଫାଇନାନ୍ସର ଗ୍ରୁପ୍ ସିଏଫ୍‌ଓ କପିଶ ଜୈନ୍ କହିଛନ୍ତି, ଭାରତରେ ଆଇଆଇଏଫ୍‌ଏଲ୍‌ର ୪୦୦୦ରୁ ଅଧିକ ଶାଖାର ଏକ ମଜଭୁତ ଉପସ୍ଥିତି ଏବଂ ବିବିଧ ରିଟେଲ୍ ପୋର୍ଟଫୋଲିଓ ମାଧ୍ୟମରେ ଅଣସଂରକ୍ଷିତ ଲୋକଙ୍କର ଋଣ ଆବଶ୍ୟକତାକୁ ପୂରଣ କରୁଛି।

## ଗୁଣାତ୍ମକ ସେବାକୁ ଗୁରୁତ୍ୱାରୋପ




ଭୁବନେଶ୍ୱର,୧୨।୬

ଦେଶର ପ୍ରମୁଖ ହୋମିଓପାଥି କ୍ଲିନିକ ଡ଼.ବାର୍ତ୍ତାର ଏକ୍ସକ୍ଲୁସିଭ ସେଣ୍ଟର ଭୁବନେଶ୍ୱରର ଅଶୋକ ନଗରଠାରେ ସୋମବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତା ଅଖିଳ ମୋହନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏ ସମ୍ପର୍କରେ ଡ଼. ବାର୍ତ୍ତାର ରିଜିଓନାଲ ମେଣ୍ଟର ଡା. ତୁଷାର ମିତ୍ତଲ କହିଛନ୍ତି, ବର୍ତ୍ତମାନ ସମୟରେ ଲୋକ ହୋମିଓପାଥି ଉପରେ ଅନେକ ଭରସା କରୁଛନ୍ତି। ଏପରିକି ହୋମିଓପାଥି ଦ୍ୱାରା ରୋଗର ନିରାକରଣ ହୋଇପାରୁଛି। ସେହିଭଳି ରୋଗୀଙ୍କର ଭରସା ଓ ବିଶ୍ୱାସ ବଞ୍ଚାଇ ରଖିବା ପାଇଁ ଗୁଣାତ୍ମକ ସେବା ଓ ସୁବିଧା ସହିତ ଆବଶ୍ୟକ ଚିକିତ୍ସାକୁ ଆମେ ବେଶ ଗୁରୁତ୍ୱ ଦେଇଥାଉ। ସେହିପରି ଡା. ବୈଶାଳୀ କାମତ ଆମେ ସବୁବେଳେ ରୋଗୀଙ୍କ ଆବଶ୍ୟକତାକୁ କେନ୍ଦ୍ରରେ ରଖି ଆଶୁ ଚିକିତ୍ସା ସହ ଉପଯୁକ୍ତ ପରାମର୍ଶ ପ୍ରଦାନ କରିଥାଉ।

## ଦି ଗୁଡ୍ ଷ୍ଟଫଙ୍କୁ ଅଧିଗ୍ରହଣ କଲା ଡିଏସ୍ ଗ୍ରୁପ

ଭୁବନେଶ୍ୱର,୧୨।୬

ମଲ୍ଟି ବିଜ୍‌ନେସ କର୍ପୋରେଶନ ଏବଂ ଏକ ଅଗ୍ରଣୀ ଏଫ୍‌ଏମ୍‌ସିଜି କନ୍‌ଗ୍ଲୋମିରେଟ ଭାବେ ଜଣାଶୁଣା ଧରମପାଲ ସତ୍ୟପାଲ ଗ୍ରୁପ (ଡିଏସ୍ ଗ୍ରୁପ) ନିକଟରେ ଦି ଗୁଡ୍ ଷ୍ଟଫ୍ ପ୍ରାଇଭେଟ ଲିମିଟେଡ ଏବଂ ତା'ର ଲୁଭିଟ ଚକୋଲେଟ ଏବଂ କନ୍‌ଫେକ୍ସନାରିକୁ ଅଧିଗ୍ରହଣ କରିଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ ଦି ଗୁଡ୍ ଷ୍ଟଫ ପ୍ରାଇଭେଟ ଲିମିଟେଡ (ପୂର୍ବରୁ ଗ୍ଲୋବାଲ ସିପି ପିଭି ଲିମିଟେଡ ନାମରେ ଜଣାଶୁଣା) କନ୍‌ଫେକ୍ସନାରି ଏବଂ ଲୁଭିଟ ଚକୋଲେଟ ବ୍ରାଣ୍ଡର ମାଲିକ ଭାବେ ଜଣାଶୁଣା। ଯାହାକି ପୂର୍ବରୁ ଏହା ଗୋଲ୍ଡମ୍ୟାନ୍ ସାକ୍ସ ଏବଂ ମିତସୁଇ ଭେଞ୍ଚର୍ସର ମାଲିକାନାରେ ଥିଲା। ଏପରିକି ଡିଏସ ଗ୍ରୁପର ଏହି ଅଧିଗ୍ରହଣ ବିଶେଷ କରି କନ୍‌ଫେକ୍ସନାରି ପୋର୍ଟଫୋଲିଓକୁ ବଞ୍ଚାଇବା ଏବଂ ମଜଭୁତ କରିବା ପାଇଁ ଏକ ବିଧିବଦ୍ଧ ରଣନୀତିକ ପଦକ୍ଷେପ ବୋଲି କୁହାଯାଉଛି। ବିଶେଷ କରି ୨୦୧୨ ରେ ଡିଏସ୍ ଗ୍ରୁପ୍ କନ୍‌ଫେକ୍ସନାରି ବ୍ୟବସାୟରେ ପ୍ରବେଶ କରିଥିଲା ଏବଂ ପାସ୍‌ପାସ୍, ପଲ୍ସ, ଟିଙ୍ଗଲେସ୍, ରଜନୀଗନ୍ଧା ସିଲଭର ମୋତି, ମ୍ୟାଜେ ଭଳି ଲୋକପ୍ରିୟ ଅଣ ଚକୋଲେଟ୍ ବ୍ରାଣ୍ଡର ଏକ ବୃହତ ସମାବେଶ ଏବଂ ଭାରତ ବଜାରରେ ଏହାର ପ୍ରଥମ ଶୁଭାରମ୍ଭ (ଲଞ୍ଚ) ପାଇଁ ବିଳାସପୂର୍ଣ୍ଣ ସ୍ୱିସ୍ ଚକୋଲେଟ୍ ବ୍ରାଣ୍ଡ ଲେଡେରାଚ୍ ସହିତ ସହଭାଗିତା କରିଥିଲା।

ଏ ସମ୍ପର୍କରେ ଡିଏସ୍ ଗ୍ରୁପ୍ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଡିଏସ୍ ଗ୍ରୁପ୍ ଦୀର୍ଘ ବର୍ଷ ଧରି କନ୍‌ଫେକ୍ସନାରି ସେଗମେଣ୍ଟରେ ନିଜର ଉପସ୍ଥିତ ବୃଦ୍ଧି ଉପରେ ଧ୍ୟାନ ଦେଉଛି। ଏପରିକି ଲୁଭିଟକୁ ଅଧିଗ୍ରହଣ କରିବା ଆମର କନ୍‌ଫେକ୍ସନାରି ବୃଦ୍ଧି ଏବଂ ଆମର ପାଦଚିହ୍ନ ସହିତ ଚକୋଲେଟ୍ ସେଗମେଣ୍ଟରେ ପ୍ରବେଶ କରିବା ପାଇଁ ଏକ ରଣନୀତିକ ନିଷ୍ପତ୍ତି। ବିଶେଷ କରି ଏହା ଆମକୁ ଆମର ଉତ୍ପାଦ ପୋର୍ଟଫୋଲିଓ ବିସ୍ତାର କରିବାକୁ ସକ୍ଷମ କରିବ।

## ବଜାରରେ ହୋଣ୍ଡାର ନ୍ୟୁ-୨୦୨୩ ଡିଓ

ଭୁବନେଶ୍ୱର,୧୨।୬

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡାର ନ୍ୟୁ-୨୦୨୩ ଡିଓକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି ଓବିଡି୨ ନିୟମ ପାଳନ କରୁଥିବା ହୋଣ୍ଡାର ନୂଆ ୨୦୨୩ ଡିଓର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁସୁମୁ ଓଟାନି କହିଛନ୍ତି, ଓବିଡି୨ ନିୟମ ପାଳନ କରୁଥିବା ସମ୍ପୂର୍ଣ୍ଣ ନୂଆ୨୦୨୩ ଡିଓର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲ୍‌ସ ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ନୂଆ ୨୦୨୩ ଡିଓରେ ସ୍ପୋର୍ଟି ଆକର୍ଷଣୀୟ ଡିଜାଇନ୍ ଓ ହୋଣ୍ଡା ସ୍ମାର୍ଟ କିଭଳି ଉନ୍ନତ ପ୍ରଯୁକ୍ତି ସହିତ କୌତୁକ ସନ୍ଧାନରେ ଥିବା ଗ୍ରାହକଙ୍କ ମଧ୍ୟରେ ନୂଆ ରୋମାଞ୍ଚ ସୃଷ୍ଟି କରିବ। ସେହିଭଳି କମ୍ପାନୀ ପକ୍ଷରୁ ୧୦ ବର୍ଷର (୩ବର୍ଷ ସାଧାରଣ+୭ ବର୍ଷର ବର୍ଦ୍ଧିତ ୱାରେଣ୍ଟି ବିକଳ୍ପ) ୱାରେଣ୍ଟି ସୁବିଧା ପ୍ରଦାନ କରାଯାଉଛି। ଏପରିକି ୨୦୨୩ଡିଓ ଷ୍ଟାଣ୍ଡାର୍ଡ, ଡିଲକ୍ସ ଓ ସ୍ମାର୍ଟ ଭଳି ୩ଟି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା ବେଳେ ତାହାର ମୂଲ୍ୟ ଯଥାକ୍ରମେ ୭୦,୨୧୧ ଟଙ୍କା, ୭୪,୨୧୨ ଟଙ୍କା ଓ ୮୮,୭୧୨ ଟଙ୍କା ରହିଛି। ସେହିପରି ଏହାର ଷ୍ଟାଣ୍ଡାର୍ଡ ଭର୍ସନ ସ୍ପୋର୍ଟସ୍ ରେଡ୍୨, ଜାଜି ବ୍ଲୁ ମେଟାଲିକ୍, ମାଟ୍ ଆକ୍ସିସ୍ ଗ୍ରେ ମେଟାଲିକ ରଙ୍ଗରେ ଉପଲବ୍ଧ ହେଉଥିବାବେଳେ ଡିଲକ୍ସ ମଡେଲ୍ ଡାଜେଲ୍ ୟେଲୋ ମେଟାଲିକ୍, ମ୍ୟାଟ୍ ଆକ୍ସିସ୍ ଗ୍ରେ ମେଟାଲିକ୍, ମ୍ୟାଟ୍ ସାଙ୍ଗ୍ରିଆ ରେଡ୍ ମେଟାଲିକ ରଙ୍ଗ ଏବଂ ସ୍ମାର୍ଟ ଭାରିଆଣ୍ଟ ପର୍ଲ ଇଗ୍ନେଅସ ବ୍ଲାକ୍, ମ୍ୟାଟ୍ ସାଙ୍ଗ୍ରିଆ ରେଡ୍ ମେଟାଲିକ୍ ଓ ମ୍ୟାଟ୍ ଡାର୍କ ବ୍ଲୁ ମେଟାଲିକ୍ ରଙ୍ଗରେ ଉପଲବ୍ଧ ରହିଛି।




## ଓଡ଼ିଶା ସିଏମ୍‌ଆର୍‌ଏଫ୍ ସହ ପେଟିଏମ୍‌ର ସହଭାଗିତା

ଭୁବନେଶ୍ୱର,୧୨।୬

ଦେଶର ପ୍ରମୁଖ ଦେୟ ଏବଂ ଆର୍ଥିକ ସେବାପ୍ରଦାନକାରୀ ସଂସ୍ଥା ତଥା କ୍ୟୁଆର ଏବଂ ମୋବାଇଲ୍ ପେମେଣ୍ଟର ଅଗ୍ରଣୀ କମ୍ପାନୀ ପେଟିଏମ ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ (ସିଏମ୍‌ଆର୍‌ଏଫ୍) ସହ ସହଭାଗିତା କରିଥିବା ଜଣାପଡିଛି। ବିଶେଷ କରି ୨୦୨୩ ଜୁନ ୨ରେ ବାଲେଶ୍ୱର ବାହାନଗାଠାରେ ଘଟି ଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାର ପୀଡ଼ିତଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପେଟିଏମ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ୟୁନିଟ ପେଟିଏମ୍ ଫାଉଣ୍ଡେଶନ୍ ପକ୍ଷରୁ ଏକ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଏପରିକି ବାଲେଶ୍ୱର ରେଳ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଉକ୍ତ ପାଣ୍ଠି ସଂଗ୍ରହ ଲାଗି ଓଡ଼ିଶା ସିଏମଆରଏଫ ସହିତ ଉକ୍ତ ସହଭାଗିତା (ଅଂଶୀଦାର) ସ୍ଥାପନ ହୋଇଛି। ଅପରପକ୍ଷରେ ପୀଡ଼ିତାଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ବ୍ୟବହାରକାରୀଙ୍କଠାରୁ ଉଠାଯାଇଥିବା ପ୍ରତ୍ୟେକ ଟଙ୍କା ଲାଗି ପେଟିଏମ୍ ଫାଉଣ୍ଡେଶନ୍ ସମୁଦାୟ ଉପଭୋକ୍ତା ଦାନ ସହିତ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରେ ୨ଗୁଣ ରାଶି ଯୋଗଦାନ କରିବ। ସେହିଭଳି ଏହି ପାଣ୍ଠି ସଂଗ୍ରହ ଅଭିଯାନ ପେଟିଏମ୍ ଆପରେ ଉପଲବ୍ଧ ହେବ। ଯେଉଁଠାରେ ଉପଭୋକ୍ତାମାନେ ପେଟିଏମ୍ ୱାଲେଟ୍, ପେଟିଏମ୍ ୟୁପିଆଇ, ପେଟିଏମ୍ ପୋଷ୍ଟପେଡ୍, ନେଟ୍ ବ୍ୟାଙ୍କିଙ୍ଗ୍, ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ମାଧ୍ୟମରେ ମଧ୍ୟ ଓଡ଼ିଶାର ସିଏମଆରଏଫ (ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି) କୁ ଦାନ କରି ପାରିବେ ବୋଲି ପେଟିଏମ୍ ଫାଉଣ୍ଡେଶନର ମୁଖପାତ୍ର ମତବ୍ୟକ୍ତ କରିଛନ୍ତି। ଉକ୍ତ ପାଣ୍ଠିରେ ଯେ କୌଣସି ଅବଦାନ ଆୟକର ଅଧିନିୟମ, ୧୯୬୧ର ଧାରା ୮୦ (ଏ) ଅନୁଯାୟୀ ୧୦୦% ଆୟକର ଛାଡ ପାଇଁ ଯୋଗ୍ୟ ଅଟେ।

ଫୁର୍‌ସତ୍

# ଅନ୍ଧବିଶ୍ୱାସକୁ ନା

ଅନ୍ତର୍ଜାତୀୟ ଆଲବିନିଜମ୍ ସଚେତନତା ଦିବସ



ସମାଜରେ ବହୁ କୁସଂସ୍କାର ତଥା ଅନ୍ଧବିଶ୍ୱାସ ପ୍ରଚଳିତ। ଆଫ୍ରିକା ଭଳି କେତେକ ଅଞ୍ଚଳରେ ଆଲବିନିଜମ୍ ସମସ୍ୟା ଥିବା ବ୍ୟକ୍ତିବିଶେଷ ନିର୍ଯାତନାର ଶିକାର ହୋଇଥାନ୍ତି। ଏଭଳି ବ୍ୟକ୍ତି ବିଶେଷଙ୍କୁ ଘରେ ରଖିଲେ ଶୁଭଦୃଷ୍ଟି ପଡ଼ିଥାଏ ବୋଲି କେତେକଙ୍କର ଅନ୍ଧବିଶ୍ୱାସ ରହିଛି। ସେହିପରି କେତେକେ ଏଭଳି ଲୋକଙ୍କ ବିଭିନ୍ନ ଅଙ୍ଗ ଘରେ ରଖିବାକୁ ଶୁଭ ବୋଲି ଭାବିଥାନ୍ତି। ତେଣୁ ଆଲବିନିଜମ୍ ଲୋକଙ୍କ ପ୍ରତି ହେଉଥିବା ନିର୍ଯାତନା ନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ୟମ ହୋଇଥିଲା। ଅନ୍ତର୍ଜାତୀୟ ଆଲବିନିଜମ୍ ସଚେତନତା ଦିବସ (ଆଇଏଏଡି) ପ୍ରତିବର୍ଷ ଜୁନ୍ ୧୩ରେ ସାରା ବିଶ୍ୱରେ ଆଲବିନିଜମ୍ ଥିବା ବ୍ୟକ୍ତିଙ୍କ ମାନବିକ ଅଧିକାର ସୁରକ୍ଷା ପାଇଁ ପାଳନ କରାଯାଇଥାଏ। ୨୦୦୦ ଦଶକ ମଧ୍ୟଭାଗରେ, ରିପୋର୍ଟଗୁଡିକ ସର୍ବସାଧାରଣରେ ଆଲବିନିଜମ୍‌ଙ୍କ ପ୍ରତି ବଢୁଥିବା ହିଂସାତ୍ମକ ଆକ୍ରମଣ ତଥା ତାଞ୍ଜାନିଆରେ ଆଲବିନିଜମ୍ ସମସ୍ୟା ଥିବା ଲୋକଙ୍କୁ ହତ୍ୟା କରାଯିବା ଭଳି ଘଟଣା ଘଟିଥିଲା।

ଅନେକ ରିପୋର୍ଟରେ ଅଭିଯୁକ୍ତମାନେ ଅଭିଯୋଗ କରିଥିଲେ ଆଲବିନିଜମ୍ ଥିବା ବ୍ୟକ୍ତିଙ୍କ ଶରୀରରେ ଯାଦୁ ଶକ୍ତି ରହିଛି। ସେମାନଙ୍କୁ ଅବା ସେମାନଙ୍କ ଅଙ୍ଗ ଘରେ ରଖିଲେ ଲୋକେ ଭାଗ୍ୟଶାଳୀ ହେବା ସହ ଅଲୌକିକ ଶକ୍ତର ଅଧିକାରୀ ହୋଇଥାନ୍ତି। ୨୦୧୫ ପର୍ଯ୍ୟନ୍ତ ଅପରାଧୀମାନେ ୭୦ରୁ ଅଧିକ ଆଲବିନିଜମ୍‌ଙ୍କୁ ହତ୍ୟା କରିଥିଲେ ଏବଂ ଅନେକଙ୍କର ଅଙ୍ଗ କାଟିନେଇଥିଲେ। ଏହାର ଜବାବରେ ତାଞ୍ଜାନିଆ ଆଲବିନିଜମ୍ ସୋସାଇଟି (ଟିଏଏସ୍) ଏବଂ ଅନ୍ୟାନ୍ୟ ଏନ୍‌ଜିଓ ଆଲବିନିଜମ୍‌ଙ୍କ ଅଧିକାର ପାଇଁ ପ୍ରଚାର ଆରମ୍ଭ କରିଥିଲେ। ୪ ମେ ୨୦୦୬ରେ ଟିଏଏସ୍ ପ୍ରଥମ ଥର ପାଇଁ ଜାତୀୟ ଆଲବିନୋ ଦିବସ ପାଳନ କରିଥିଲା। ଏହା ୨୦୦୯ ଠାରୁ ଜାତୀୟ ଆଲବିନୋ ଦିବସ ଭାବେ ପାଳିତ ହୋଇଥିଲା ଏବଂ ଶେଷରେ ଏହାକୁ ଜାତୀୟ ଆଲବିନିଜମ୍ ଡେ କୁହାଯାଇଥିଲା।

ଅନ୍ତର୍ଜାତୀୟ ସ୍ତରରେ କାନାଡାର ଏନ୍‌ଜିଓ ଅଣ୍ଡର ଦି ସେମ୍ ସନ୍(ୟୁଟିଏସ୍‌ଏସ୍) ମିଳିତ ଜାତିସଂଘରେ ସୋମାଲିଆର ମିଶନର ରାଷ୍ଟ୍ରଦୂତ ୟୁସୁଫ ମହମ୍ମଦ ଇସ୍ମାଇଲ ବାରି-ବାରି ଅଧିକାରର ସୁରକ୍ଷା ତଥା ସୁରକ୍ଷା ପାଇଁ ଏକ ସଂକଳ୍ପ ପାରିତ କରିବାକୁ ଉଦ୍ୟମ କରିଥିଲେ। ଆଲବିନିଜମ୍ ଥିବା ବ୍ୟକ୍ତିମାନଙ୍କର ମାନବିକ ଅଧିକାର ପରିଷଦ ପକ୍ଷରୁ ୧୩ ଜୁନ୍ ୨୦୧୩ରେ ଆଲବିନିଜମ୍ ଉପରେ ପ୍ରଥମ ପ୍ରସ୍ତାବ ଗ୍ରହଣ କରିଥିଲା। ପରେ ୨୬ ଜୁନ୍ ୨୦୧୪ର ୨୬/୧୦ ରିଜୋଲ୍ୟୁଶନରେ ମାନବ ଅଧିକାର ପରିଷଦ ୧୩ ଜୁନ୍‌କୁ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଅନ୍ତର୍ଜାତୀୟ ଆଲବିନିଜମ୍ ସଚେତନତା ଦିବସ ଭାବରେ ଘୋଷଣା କରିବାକୁ ପରାମର୍ଶ ଦେଇଥିଲା। ଜାତିସଂଘର ସାଧାରଣ ସଭା ୧୮ ଡିସେମ୍ବର ୨୦୧୪ରେ ୬୯/୧୭୦ ରିଜୋଲ୍ୟୁଶନ ଗ୍ରହଣ କରିଥିଲା, ଯାହା ୨୦୧୫ ଜୁନ୍ ୧୩ରୁ ଅନ୍ତର୍ଜାତୀୟ ଆଲବିନିଜମ୍ ସଚେତନତା ଦିବସ ଭାବରେ ଘୋଷଣା କରାଯାଇଥିଲା।

ଏହି ଦିବସ ତାଞ୍ଜାନିଆ, ଆର୍ଜେଣ୍ଟିନା, ସେନେଗାଲ, ଫିଜି, ଫ୍ରାନ୍ସ, ବ୍ରିଟେନ ଏବଂ ନାମ୍ବିଆ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ । ମିଳିତ ଜାତିସଂଘ ଦ୍ୱାରା ଆଲବିନିଜମ୍ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଜଣେ ଆଲବିନିଜମ୍ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଭେଦଭାବ ବିରୋଧରେ ମୁକାବିଲା କରିବା ପାଇଁ ଏହି ଦିନକୁ ଉତ୍ସର୍ଗ କରାଯାଇଥିଲା। ପ୍ରତିବର୍ଷ ଏହି ଦିବସ ଏକ ଥିମ୍ ଉପରେ ପର୍ଯ୍ୟବସିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବିଷୟବସ୍ତୁ ହେଉଛି 'ଅନ୍ତର୍ଭୁକ୍ତୀକରଣ ହେଉଛି ଶକ୍ତି'( ଇନ୍‌କ୍ଲୁଜନ୍ ଇଜ୍ ଷ୍ଟ୍ରେନ୍ଥ)।

# ପ୍ରଯୋଜନା କରିବେ କ୍ରିତି



ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍‌ଙ୍କ ଫିଲ୍ମ 'ଆଦିପୁରୁଷ' ଆସନ୍ତା ୧୬ ତାରିଖରେ ରିଲିଜ୍ ହେବାକୁ ଯାଉଛି ; ଯେଉଁଥିରେ ତାଙ୍କୁ ଅଭିନେତା ପ୍ରଭାସ, ସୈଫ ଅଲି ଖାନ୍‌ଙ୍କ ସହ ଦେଖିବାକୁ ମିଳିବ। ତେବେ କ୍ରିତିଙ୍କ ପାଖରେ ଓଟିଟି ପ୍ରୋଜେକ୍ଟ ମଧ୍ୟ ରହିଛି। ସେ ଓଟିଟି ପ୍ରୋଜେକ୍ଟରେ ଅଭିନୟ କରିବା ସହ ଏହାକୁ ପ୍ରଯୋଜନା ମଧ୍ୟ କରିବେ ବୋଲି ଜଣାପଡ଼ିଛି। କ୍ରିତି ଏକ ସାକ୍ଷାତ୍‌କାରରେ କହିଛନ୍ତି, ଅଭିନୟ ବ୍ୟତୀତ ସେ ଚଳଚ୍ଚିତ୍ର ନିର୍ମାଣ, ପ୍ରଡକ୍ସନ ପାଇଁ ବହୁତ ଆଗ୍ରହୀ ଅଛନ୍ତି। ଯେତେବେଳେ ସେ ଡିଜିଟାଲ ଚଳଚ୍ଚିତ୍ରର ସ୍କ୍ରିପ୍ଟ ଶୁଣିଲେ, ସେତେବେଳେ ସେ ଏହି ଚଳଚ୍ଚିତ୍ରରେ ଅଭିନୟ ସହିତ ଏହାର ପ୍ରଡକ୍ସନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ସେ କଠିନ ପରିଶ୍ରମ କରିବାକୁ ପସନ୍ଦ କରନ୍ତି। ବର୍ତ୍ତମାନ ତାଙ୍କ ସ୍ଥିତିକୁ ନେଇ ସେ ଖୁସି ଅଛନ୍ତି, ହେଲେ ଆଗକୁ ଆହୁରି କିଛି ନୂଆ କରିବାକୁ ଚାହୁଁଥିବା ସେ କହିଛନ୍ତି। ତେବେ ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି। ସେଥିପାଇଁ ସେ ବ୍ୟସ୍ତ ରହିଛନ୍ତି। କ୍ରିତି ୨୦୧୪ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିବାବେଳେ ଏହା ମଧ୍ୟରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇସାରିଲେଣି। ଫିଲ୍ମ ବ୍ୟତୀତ କ୍ରିତି ମ୍ୟୁଜିକ୍ ଭିଡିଓରେ ମଧ୍ୟ କାମ କରୁଛନ୍ତି।

## ୧୦ ଟନ୍ ଟ୍ରକ୍ ଟାଣି ଦିବ୍ୟାଙ୍ଗଙ୍କ ରେକର୍ଡ

**ଇଂଲଣ୍ଡ:** ନିଜ ମନୋବଳ ଦୃଢ଼ ଥିଲେ, ଅସମ୍ଭବ କାମ ମଧ୍ୟ ସମ୍ଭବ ହୋଇପାରେ। ଜଣେ ଦିବ୍ୟାଙ୍ଗ ଏହାକୁ ପ୍ରମାଣ କରିଦେଇଛନ୍ତି। ଚିପେନହାମ୍‌ର ୩୬ ବର୍ଷୀୟ ଡେଭ୍ ୱାଲ୍‌ସ ହ୍ୱିଲ ଚେୟାରରେ ବସି ୧୦ ଟନର ଟ୍ରକ୍‌କୁ ଟାଣି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ତାଙ୍କ ପୂର୍ବ ରେକର୍ଡଠାରୁ ଏହା ୫ ଗୁଣ ଅଧିକ ଥିଲା। ରିପୋର୍ଟ ମୁତାବକ, ଡେଭ୍‌ଙ୍କୁ ମଲ୍ଟିପଲ ସ୍କେରୋସିସ୍ ହୋଇଥିବା ୨୦୧୪ରେ ଜାଣିବାକୁ ପାଇଥିଲେ। ଏହା ଫଳରେ ତାଙ୍କ ଅଣ୍ଟାଠାରୁ ଶରୀରର ତଳ ଭାଗ କାମ କରିବା ବନ୍ଦ କରିଦେଇଥିଲା। ତାଙ୍କୁ ଏଥିପାଇଁ ହ୍ୱିଲ ଚେୟାରର ସାହାରା ନେବାକୁ ପଡ଼ିଲା। ସେ ଆଉ କୌଣସି ଖେଳ ଖେଳି ପାରିଲେନି। ଏସବୁ ପାଇଁ ସେ ଡିପ୍ରେଶନକୁ ଚାଲିଗଲେ। ୨୦୧୭ ବେଳକୁ ସେ ଦିବ୍ୟାଙ୍ଗମାନଙ୍କ ଅନେକ ଖେଳ ଦେଖିବାକୁ ଲାଗିଲେ। ଏହା ପରେ ତାଙ୍କ ମନୋବଳ ଦୃଢ଼ ହେବାକୁ ଲାଗିଲା। ସେ ଆଉ ଅଟକିଲେନି। ତାଙ୍କର ଜଣେ ସାଙ୍ଗଠାରୁ ସେ ଟ୍ରେନିଂ ନେବାକୁ ଲାଗିଲେ। ସେ ଟ୍ରକ୍‌କୁ ଟାଣିପାରିବେନି ବୋଲି ଦିନେ ତାଙ୍କ ସାଙ୍ଗ କହିଲେ। ଡେଭ୍ ତାଙ୍କୁ ଭୁଲ୍ ପ୍ରମାଣିତ କରିବାକୁ ହ୍ୱିଲ ଚେୟାରରେ ବସି ୧୦ ଟନ୍ ଟ୍ରକ୍ ଟାଣିଲେ ଏବଂ ଗିନିଜ୍ ବୁକ୍‌ରେ ନିଜ ନାମ ଲେଖାଇଲେ। ହେଲେ ସେ ୧୭ ଟନ୍ ଟ୍ରକ ଟାଣିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଅଧିକ ଟନ୍ ବାଲା ଟ୍ରକ ଟାଣିବାକୁ ଦିଆଗଲାନି।




## ମା'ଙ୍କ ସ୍ମୃତିରେ ନିର୍ମାଣ କଲେ ତାଜମହଲ

ଚେନ୍ନାଇ: ଲୋକେ ନିଜ ଭଲ ପାଇବାକୁ ଅମର ରଖିବାକୁ ବହୁତ କିଛି କରିଥା'ନ୍ତି। ଯେପରି ମୋଗଲର ବାଦ୍‌ଶାହା ଶାହାଜାହାନ୍ ତାଙ୍କ ପ୍ରିୟ ସ୍ତ୍ରୀ ମମ୍‌ତାଜ୍‌ଙ୍କ ସ୍ମୃତିରେ ତାଜମହଲ ତିଆରି କରିଥିଲେ, ଯାହା ଏବେ ବିଶ୍ୱଦରବାରରେ ପ୍ରସିଦ୍ଧି ଲାଭ କରିଛି। ନିକଟରେ ଜଣେ ବ୍ୟକ୍ତି ତାଜମହଲର ପ୍ରତିକୃତି ନିର୍ମାଣ କରିଛନ୍ତି, ହେଲେ ସେ ଏହା ତାଙ୍କ ମା'ଙ୍କ ପାଇଁ କରିଛନ୍ତି। ଏପରି ଘଟଣା ତାମିଲନାଡୁର ତିରୁଭରୁର୍ ଜିଲାରେ ଘଟିଛି। ଅମୃଦିନ୍ ଶୈଖ୍ ଦଉଡ୍ ତାଙ୍କ ମା'ଙ୍କ ସ୍ମୃତିକୁ ଜୀବିତ ରଖିବାକୁ ଏକ ଅବିକଳ ତାଜମହଲ ପ୍ରସ୍ତୁତ କରିଛନ୍ତି। ଏହି ପ୍ରତିକୃତି ତାଜମହଲର ଦୃଶ୍ୟ ଦେଖି ଲୋକେ ଚକିତ ହୋଇଯାଇଛନ୍ତି। ରିପୋର୍ଟ ମୁତାବକ, ଅମୃଦିନ୍‌ଙ୍କ ମା' ଜେଲାନି ବିବିଙ୍କ ଦେହାନ୍ତ ୨୦୨୦ରେ ହୋଇଥିଲା। ଏହା ପୂର୍ବରୁ ଏକ କାର୍ ଦୁର୍ଘଟଣାରେ ୧୯୮୯ରେ ସେ ତାଙ୍କ ବାପାଙ୍କୁ ହରାଇଥିଲେ। ତା' ପରଠାରୁ ମା' ଜେଲାନିଙ୍କ ପାଇଁ ୫ ପିଲାଙ୍କର ଲାଳନପାଳନ ସହଜ ନ ଥିଲା। ସେତେବେଳେ ସେ ଅନ୍ୟତ୍ର ବିବାହ ନ କରିବାକୁ ନିଷ୍ପତ୍ତି ନେଇଥିଲେ।



ପରିବାରର ସୁରକ୍ଷା ପାଇଁ ତାଙ୍କ ଅବଦାନ ବେଶ୍ ମହତ୍ତ୍ୱପୂର୍ଣ୍ଣ ଥିଲା। ସେ ଉଭୟ ମା'-ବାପାଙ୍କ ଦାୟିତ୍ୱ ତୁଲାଉଥିଲେ। ମା'ଙ୍କ ଏପରି ଭଲପାଇବା ଓ କୃତଜ୍ଞତାର ପ୍ରତୀକ ସ୍ୱରୂପ ଅମୃଦିନ୍ ଏକ ସ୍ମାରକୀ ନିର୍ମାଣ କରିବାକୁ ପରିବାର ସହ ଆଲୋଚନା କଲେ। ମା' ଜେଲାନିଙ୍କ ମୃତ୍ୟୁ ପରେ ଅମୃଦିନ୍ ମା'ଙ୍କୁ କବର ନ ଦେଇ ନିଜ ଜାଗାରେ ପୋତି ଦେଇଥିଲେ। ପରେ ତାଙ୍କ ସ୍ମୃତିରେ ଏକ ସ୍ମାରକୀ ଭାବେ ଡ୍ରିମ୍ ବିଲ୍ଡର ସାହାଯ୍ୟରେ ସେ ଏକ ପ୍ରତିକୃତି ତାଜମହଲ ନିର୍ମାଣ କଲେ। ଏଥିସହ ସେ ସ୍ଥାନୀୟ ମୁସଲମାନ୍‌ମାନଙ୍କ ପାଇଁ ନମାଜ ପଢ଼ିବାର ଏକ ସ୍ଥାନ ନିର୍ମାଣ କଲେ। ଖୁବ୍‌ଶୀଘ୍ର ସେ ସେଠାରେ ଏକ ଭୋଜନା ବ୍ୟବସ୍ଥା କରିବାକୁ ଲକ୍ଷ୍ୟ ରଖିଥିବାବେଳେ ସବୁ ଧର୍ମ ଓ ବର୍ଗର ଲୋକେ ଏଠାକୁ ଆସିପାରିବେ ବୋଲି ଅମୃଦିନ୍ କହିଛନ୍ତି।

# ଲେହେଙ୍ଗା କିଣିବା ଆଗରୁ...

**ବିବାହ କିମ୍ବା ଅନ୍ୟ ପାର୍ଟିରେ ଆପଣ ଲେହେଙ୍ଗା ପିନ୍ଧିବାକୁ ଯାଉଛନ୍ତି କି! ଯଦି ନିଜ ପାଇଁ ଲେହେଙ୍ଗା କିଣିବାକୁ ଯାଉଥାନ୍ତି ତେବେ ଜାଣି ରଖନ୍ତୁ କିଛି ଟିପ୍ସ...**

❖ବିବାହ ଦିନ ପାର୍ଟିରେ ପିନ୍ଧିବାକୁ ଅଧିକ କାମଥିବା ଲେହେଙ୍ଗା ପିନ୍ଧାହୁଏ, କିନ୍ତୁ ବିବାହ ପୂର୍ବରୁ ହଳଦୀ, ମେହେନ୍ଦୀ ଆଦିରେ ପିନ୍ଧିବା ପାଇଁ ହାଲ୍‌କା ରଙ୍ଗର ଲେହେଙ୍ଗା କିଣନ୍ତୁ। ଏସବୁ ରଙ୍ଗର ଲେହେଙ୍ଗା ପ୍ରାୟ ସବୁ ସ୍ଥାନରେ ବେଶ୍ ସହଜରେ ଓ କମ୍ ଖର୍ଚ୍ଚରେ ମିଳି ଯାଇଥାଏ।

❖ସେଲିବ୍ରିଟି ଲୁକ୍ ଦେଉଥିବା ଭଳି ଲେହେଙ୍ଗା କିଣିବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ। ନିଜ ପସନ୍ଦ ହିସାବରେ ଲେହେଙ୍ଗା କିଣନ୍ତୁ। ସେଲିବ୍ରିଟି ଲୁକ୍ କଥା ଚିନ୍ତାକଲେ ହୁଏତ ନିଜର ପସନ୍ଦ ହୋଇ ନ ପାରେ କିମ୍ବା ବଜେଟ ମଧ୍ୟ ବହୁତ ଅଧିକ ହୋଇପାରେ।

❖ଲେହେଙ୍ଗା ପସନ୍ଦ କରି ସାରିବା ପରେ ତା'ର ରଙ୍ଗ ଠିକ୍ ଅଛି କି ନାହିଁ ପରୀକ୍ଷା କରି ଦେଖି ନିଅନ୍ତୁ। ବେଳେବେଳେ ଦୋକାନ ଭିତରେ ବିଭିନ୍ନ ପ୍ରକାର ଲାଇଟ୍‌ରେ ପ୍ରକୃତ ରଙ୍ଗ ଜଣା ପଡ଼ି ନ ଥାଏ। ତେଣୁ କିଛି ସମୟ ପାଇଁ ଟିକେ ଦୋକାନ ବାହାରକୁ ଆଣି ଲେହେଙ୍ଗାର ରଙ୍ଗ ପରଖି ନିଅନ୍ତୁ।

❖ଅଧିକ କାମ ଥିବା ଲେହେଙ୍ଗା ପିନ୍ଧିବାକୁ ବେଶ୍ ସୁନ୍ଦର ଲାଗେ। କିନ୍ତୁ କୌଣସି ଉତ୍ସବରେ ଅଧିକ ସମୟ ରହିବାକୁ ଥିଲେ ସିମ୍ପଲ ଲେହେଙ୍ଗା ପିନ୍ଧନ୍ତୁ। କାରଣ ହେଭି କାମଥିବା ଲେହେଙ୍ଗା ପିନ୍ଧି ବେଶି ସମୟ ରହିଲେ ଆପଣ ଆରାମ ଅନୁଭବ କରି ପାରିବେନି।



# ବଢ଼ାନ୍ତୁ ପିଲାଙ୍କ ଏକାଗ୍ରତା

**କିଛି ପିଲାଙ୍କର ଏକାଗ୍ରତା ଖୁବ୍ କମ୍ ଥାଏ। ତେଣୁ ସେମାନେ ବାରମ୍ବାର ପଢ଼ିଲେ ବି ଭୁଲିଯାନ୍ତି। ଏଭଳି ପିଲାଙ୍କର ପାଠ ପ୍ରତି ଆଗ୍ରହ ସୃଷ୍ଟିକରିବାକୁ ଜାଣିରଖନ୍ତୁ କିଛି ଟିପ୍ସ...**

➤ପିଲା ପାଠ ପଢ଼ିବା ସମୟରେ ଅନ୍ୟ କୌଣସି ଧ୍ୟାନ ଆକର୍ଷଣ କରୁଥିବା ସାମଗ୍ରୀକୁ ଦୂରେଇ ରଖନ୍ତୁ। ଅର୍ଥାତ୍ ଟିଭି, ଫୋନ୍ କିମ୍ବା ଅନ୍ୟ କୌଣସି ପ୍ରକାର ଖେଳନାକୁ ପାଠ ପଢ଼ିବା ସମୟରେ ସେମାନଙ୍କ ପାଖରେ ରଖନ୍ତୁ ନାହିଁ।

➤ପାଠ ପଢ଼ିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରନ୍ତୁ। ସାଧାରଣତଃ ପିଲାଙ୍କର ଶରୀର ଏକ ନିର୍ଦ୍ଦିଷ୍ଟ ସମୟରେ ହିଁ ଅଧିକ ଆକ୍ଟିଭ ରହିଥାଏ। ତେଣୁ ସେହି ସମୟରେ ପାଠ ପଢ଼ିଲେ ଏକାଗ୍ରତା ବୃଦ୍ଧି ପାଇଥାଏ ଓ ସେମାନେ ପାଠପଢ଼ାରେ ଫୋକସ୍ କରିପାରନ୍ତି।

➤ପିଲା ପଢୁଥିବା ସ୍ଥାନକୁ ଶାନ୍ତିପୂର୍ଣ୍ଣ ରଖନ୍ତୁ। କୌଣସି ପ୍ରକାର ପାଟିତୁଣ୍ଡ ଅବା ଅନ୍ୟ ଶବ୍ଦ ସୃଷ୍ଟି କରନ୍ତୁ ନାହିଁ। ଫଳରେ ପିଲା ଏକାଗ୍ର ଚିତ୍ତରେ ପାଠ ପଢ଼ିପାରିବେ।

➤ପିଲାଙ୍କ ମନକୁ ଏକାଗ୍ର କରିବା ନିମନ୍ତେ ବିଭିନ୍ନ ପ୍ରକାର ସାର୍ପ ମାଇଣ୍ଡ ଗେମ୍ ଖେଳିବାକୁ ଦିଅନ୍ତୁ। ବାକ୍ୟ ତିଆରି କରିବା ଭଳି ବିଭିନ୍ନ ପ୍ରକାରର ଖେଳ କିମ୍ବା ପଜଲ୍ ସମାଧାନ କରିବା ଭଳି ଖେଳ ପିଲାଙ୍କ ମସ୍ତିଷ୍କକୁ ଆକ୍ଟିଭ କରିଥାଏ।



## ବିବାହ ପରେ
# ପ୍ରଥମ ରଜ

**ଆଦ୍ୟ ଆଷାଢ଼ର ପହିଲି ସ୍ପର୍ଶ ଯେମିତି ଧରଣୀ ରାଣୀର ତୃଷ୍ଣା ମେଣ୍ଟାଏ, ସେମିତି ଭିଜା ମାଟିର ବାସ୍ନାରେ ଆନମନା ହୁଏ ମନ। ବାହାଘର ପରେ ଆପଣାର ମଣିଷ ପାଖରେ ନୂଆବୋହୂର ପହିଲି ରଜର ଆକର୍ଷଣ ବି ବେଶ୍ ନିଆରା। ରଜର ପହିଲି ପରଶ କେବଳ ଦେହକୁ ନୁହେଁ, ମନକୁ ବି ଶିହରାଇ ଦିଏ। ପାଦର ଅଳତା ରଙ୍ଗ ଗାଢ଼କରେ ହୃଦୟର ଭାବକୁ, ମନ ଝୁମିଯାଏ କେଉଁ ଏକ ଅଜଣା ଭାବନାର ଦୋଳିରେ...**



ରଜ ମଉଜ ପାଇଁ କୁଆଁରୀଟିଏ ଯେମିତି ସଜ ହୁଏ ଠିକ୍ ସେମିତି ଉଲ୍ଲସିତ ମନରେ ସ୍ୱାଗତକରେ ନୂଆ ବୋହୂଟିଏ। କୁଆଁରୀ ସଂଜ୍ଞାକୁ ହରାଇ ନୂଆବୋହୂ ପାଲଟିବା ପରେ ରଜ ପାଳିବାର ଅନୁଭୂତି ତା' ପାଇଁ ଅଲଗା ନିଶ୍ଚିତ। ଗୋଟିଏ ପଟେ କୁଆଁରୀ ବେଳର ଅନୁଭବ, ଖୁସିମଜାର ସ୍ମୃତି ଆଉ ଅନ୍ୟପଟେ ଶାଶୁଘରେ ଧୀରେ ଧୀରେ ଆପଣାର ହେଉଥିବା ପରିବେଶ। ଯା'ଭିତରେ ତାଳମେଳ ରକ୍ଷାକରି ରଜ ପାଳିବାକୁ ସଜ ହୋଇଥାଏ ସେ। ନିଜ ଖୁସି ସାଙ୍ଗେ ଅନ୍ୟର ଖୁସିକୁ ବେଶି ଗୁରୁତ୍ୱ ଦେଇ ତା'ରି ଭିତରୁ ସାଉଁଟିନିଏ ହସଖୁସିର ପରିବେଶକୁ। ପହିଲି ରଜର ପହିଲି ପୁଲକରେ ମଉଜ କରିବାକୁ ସାଙ୍ଗସାଥୀ ବଦଳରେ ସେ ନଣନ୍ଦ, ଦିଅର ଓ ବନ୍ଧୁବାନ୍ଧବଙ୍କୁ ଆପଣାଇ ନିଏ। ସେମାନଙ୍କ ସହ ନିଜ ଖୁସିକୁ ବାଣ୍ଟି ରଜର ମଉଜକୁ ଢେର ଅଧିକ ଗୁଣ ବଢ଼ାଇ ଦେଇଥାଏ। ।

## ଏମାନେ କ'ଣ କହନ୍ତି

**ଏଥରର ରଜ ସବୁଠୁ ସ୍ପେଶାଲ:** ପର୍ବ ଭିତରେ ରଜା ହେଉଛି ରଜ। ପିଲାଦିନୁ ହିଁ ଏହି ପର୍ବକୁ ନେଇ ମନରେ ଢେର୍ ଉତ୍କଣ୍ଠା ରହିଆସିଛି। ନୂଆ ଡ୍ରେସ୍ ପିନ୍ଧି, ପୋଡ଼ପିଠା ଖାଇବା ହେଉ ଅବା ସଜବାଜ ହୋଇ ସାଙ୍ଗସାଥୀଙ୍କ ସହ ଦୋଳି ଖେଳିବାରେ ଏକ ଭିନ୍ନ ଆନନ୍ଦ ଥାଏ। ହେଲେ ଏଥରର ରଜ ମୋ ପାଇଁ ସବୁଠୁ ସ୍ପେଶାଲ। କାରଣ ବିବାହ ପରେ ଶାଶୁଘରେ ଏଥର ପ୍ରଥମ ରଜ ପାଳିବି। ଏକ ଯୌଥ ପରିବାରରେ ସାନବୋହୂ ହୋଇଥିବାରୁ ପରିବାରର ସବୁ ସଦସ୍ୟଙ୍କ ଗହଣରେ ରଜ ପାଳିବାର ଅନୁଭୂତି ନିଶ୍ଚୟ ନିଆରା ହେବ। ନଣନ୍ଦମାନେ ଓ ଭଣଜାଭାଣିଜୀ ବୁଲିଆସିବେ ଏବଂ ରଜ ୩ ଦିନ ମଧ୍ୟରୁ ଗୋଟିଏ ଦିନ ସଭିଏଁ ମିଶି ବାହାରକୁ ବୁଲିଯିବାର ବି ପ୍ଲାନିଂ ଅଛି। ତେବେ ବିବାହ ପରେ ପ୍ରଥମ ଥର ପହିଲି ରଜରେ ମା' ଓ ସାନଭାଇ ଆସିବେ ବୋଲି ବେଶ୍ ଏକ୍ସାଇଟେଡ୍ ଅଛି।

*–ଜୟଶ୍ରୀ ସେନାପତି, କର୍ମଜୀବୀ, ଫୁଲନଖରା, କଟକ*



**ନୂଆ ନୂଆ ଲାଗୁଛି:** ରଜ ପାଳିବାର ସେଇ ଆକର୍ଷଣ ଏବେ ବି ସେମିତି ଅଛି। ହେଲେ ଏଇ ମାତ୍ର କିଛି ଦିନ ହେବ ବିବାହ ହୋଇସାରିଛି ବୋଲି ଟିକେ ଅଲଗା ଅଲଗା ଲାଗୁଛି। ଶାଶୁଘରେ ସବୁ ନୂଆ ନୂଆ ଲାଗୁଛି। ଏଠି ରଜ ପାଇଁ ସେମିତି କିଛି ପ୍ଲାନିଂ କରିନି। କିନ୍ତୁ ରଜରେ ମୋ ଶାଶୁଘରକୁ କେତେକ ବନ୍ଧୁବାନ୍ଧବ ଆସିବେ। ସେମାନଙ୍କ ସହ ସମୟ କଟାଇବି। ଏହାବାଦ ଘରୁ ରଜ ପାଇଁ ଭାର ବି ଆସିଛି। ତେଣୁ ନୂଆ ଲୁଗା ପିନ୍ଧି ଏଠି ନିଜେ ସଜବାଜ ହେବା ସହ ସମସ୍ତଙ୍କୁ ବି ସଜବାଜ କରିଦେବି। ତା' ଛଡ଼ା ଶେଷ ରଜରେ ଆମ ଘରକୁ ବୁଲିବାକୁ ଯିବି। ବାହାଘର ପରେ ଏତେ ଶୀଘ୍ର ରଜ ଆସିଛି ଯେ ସବୁ ପ୍ଲାନିଂ ଆପେ ଆପେ ହେଇ ଯାଉଛି।

**–ପ୍ରିୟଦର୍ଶିନୀ ଜେନା,** କର୍ମଜୀବୀ, ଭୁବନେଶ୍ୱର



**ପ୍ଲାନିଂ ନାହିଁ:** ବାହାଘର ସରିବାର ଦିନ କେଇଟା ପରେ ରଜ ଆସିଛି। ତେଣୁ ରଜ ପାଳିବା ପାଇଁ ସେମିତି ବିଶେଷ କିଛି ପ୍ଲାନିଂ କରିବାକୁ ପଡ଼ିନି। ନୂଆବୋହୂ ଭାବେ ଯେମିତି ରଜ ପାଳିବାକୁ ହୁଏ ଶାଶୁଘରେ ସେମିତି ଢଙ୍ଗରେ ରଜ ପାଳିବି। ରଜ ତ ସବୁଆଡ଼େ ସେଇ ଏକା ଢଙ୍ଗରେ ପାଳନ ହୁଏ। ଘରୁ ତ ରଜ ପାଇଁ ନୂଆ ଲୁଗାପଟା ଓ ଭାର ଆସିଛି। ଏଠି ବିଭିନ୍ନ ପ୍ରକାର ପିଠା ଓ ଖିରି ତିଆରି କରିବି ବୋଲି ପ୍ରସ୍ତୁତି କରିଛି। ନୂଆ ଏକ ପରିବେଶରେ ରଜର ଆକର୍ଷଣ ଅଲଗା ଅଲଗା ଲାଗୁଛି। ସାହି ପଡ଼ିଶା ବନ୍ଧୁବାନ୍ଧବ ସମସ୍ତେ ଏଠିକି ଆସିବେ। ସେମାନଙ୍କ ଗହଳିରେ ମୋର ଏଥର ରଜ ବେଶ୍ ଖୁସିରେ କଟିଯିବ। ତା'ଛଡ଼ା ସମସ୍ତେ ମିଶି ଦୋଳି ଖେଳିବା ପାଇଁ ବାଡ଼ିରେ ଥିବା ଗଛରେ ଦୋଳି ବି ଲଗାହେଇଛି। ଯାହା ହେଲେ ବି ରଜରେ ଖିଆପିଆ, ଦୋଳିଖେଳର ମଜା ତ ଅଲଗା। ତା'ଛଡ଼ା ରଜରେ ସମସ୍ତେ ମିଶି ପାର୍କ ବୁଲିବାକୁ ଯିବାର ଯୋଜନା ହୋଇଛି ବୋଲି ନଣନ୍ଦ କହୁଥିଲେ।

**–ମନୀଷା ପଟ୍ଟନାୟକ,** ଗୃହିଣୀ, ଗୁଆଳିପୁର, ଜଗତ୍‌ସିଂହପୁର



**ବିଚ୍ ବୁଲିବାର ପ୍ଲାନିଂ ଅଛି:** ପୁରୀର ଝିଅ ହୋଇଥିବାରୁ ପ୍ରତିବର୍ଷ ରଜ ଅବସରରେ ସାଙ୍ଗମାନଙ୍କ ସହ ମିଶି ବିଚ୍ ବୁଲିବାକୁ ଯାଏ। କେବେକେବେ ମାର୍କଣ୍ଡେଶ୍ୱର ସାହିରେ ହେଉଥିବା ରଜ ଫେଷ୍ଟିଭାଲକୁ ଯାଇ ସେଠି ଦୋଳି ଖେଳିବା ସାଙ୍ଗକୁ ରଜ ପାନ ଖାଇବାର ମଜା ବି ନିଏ। ଘରେ ବୋଉ ହାତ ତିଆରି ବିଭିନ୍ନ ପ୍ରକାରର ପିଠା ଖାଇ ରଜ ତିନିଦିନ କେମିତି ଆନନ୍ଦରେ କଟିଯାଏ ଆଦୌ ଜଣାପଡେନି। କିନ୍ତୁ ଏବର୍ଷର ରଜ ମୋ ପାଇଁ ଟିକେ ଖାସ୍। କାରଣ ଏଥର ବାହାଘର ପରେ ଶାଶୁଘରେ ମୋର ପହିଲି ରଜ। ସୌଭାଗ୍ୟକୁ ଶାଶୁଘର ବି ମୋର ପୁରୀରେ। ତେଣୁ ରଜରେ ଶାଶୁଘର ଲୋକଙ୍କ ସାଙ୍ଗେ ସମୁଦ୍ରକୂଳ ବୁଲିଯିବାକୁ ପ୍ଲାନିଂ କରିଛି। ଗୋଟେ ଦିନ ବାପଘରକୁ ବୁଲିଯିବାର ବି ଯୋଜନା ରହିଛି। ତା'ସହିତ ରଜରେ କିଛି ସ୍ପେଶାଲ୍ ଖାଦ୍ୟ ତିଆରି କରି ସମସ୍ତଙ୍କୁ ଖାଇବାକୁ ଦେବି ବୋଲି ମନେ ମନେ ଭାବିଛି।

**–ଗୌରୀମଣି ମହାନ୍ତି,** ଗୃହିଣୀ, ଚକ୍ରତୀର୍ଥ ରୋଡ, ପୁରୀ









## ସୌନ୍ଦର୍ଯ୍ୟ

# ଅରେଞ୍ଜ ଫେସ୍ ପ୍ୟାକ୍

**ମୁହଁର ସମସ୍ତ ଦାଗ, ବ୍ରଣ ସମସ୍ୟା ଦୂରକରି ତ୍ୱଚାକୁ ଉଜ୍ଜ୍ୱଳ କରିବା ପାଇଁ ବ୍ୟବହାର କରନ୍ତୁ ଘରେ ତିଆରି ହୋଇ ପାରୁଥିବା ଅରେଞ୍ଜ ଫେସ୍‌ପ୍ୟାକ୍...**

➤ବେସନ ସହିତ କମଳା ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଏହି ଫେସ୍ ପ୍ୟାକ୍ ତିଆରି କରିବା ନିମନ୍ତେ ୨ ଚାମଚ କମଳା ରସରେ ୧ ଚାମଚ ବେସନ ଓ ୧ ଚାମଚ ଗୋଲାପ ଜଳ ଭଲଭାବେ ମିଶାନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଏହାକୁ ମୁହଁରେ ଲଗାନ୍ତୁ। ଏହାପରେ ଧୀରେ ଧୀରେ ମସାଜ୍ କରି ଧୋଇଦିଅନ୍ତୁ। ଅଧିକ ସମୟ ଖରାରେ ରହି ସ୍କିନ୍ ଟାନିଂ ହୋଇଥିଲେ ଏହି ଫେସ୍ ପ୍ୟାକ୍ ବେଶ୍ ଫାଇଦା ଆଣିଥାଏ।

➤ନଡ଼ିଆତେଲ ଓ କମଳା ଫେସ୍ ପ୍ୟାକ୍ ମଧ୍ୟ ମୁହଁର ଉଜ୍ଜ୍ୱଳତା ବଢ଼ାଇଥାଏ। ତ୍ୱଚା ଅତ୍ୟଧିକ ଶୁଷ୍କ ହୋଇଥିଲେ ଏହି ପ୍ୟାକ୍ ଅତ୍ୟନ୍ତ ଭଲ। ଏଥିପାଇଁ ୧ ଚାମଚ ନଡ଼ିଆ ତେଲରେ ୧ ଚାମଚ କମଳା ରସ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୧ ଘଣ୍ଟାରୁ ଅଧିକ ସମୟ ରଖିପାରିବେ। ସପ୍ତାହକୁ ୨ ଥର ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଶୁଷ୍କତା କମ୍ ହେବା ସହିତ ତ୍ୱଚା ସୁନ୍ଦର ଓ ମୁଲାୟମ ହେବ।

➤ସେହିପରି ହଳଦୀ ଓ କମଳା ଫେସ୍‌ପ୍ୟାକ୍ ମଧ୍ୟ ମୁହଁକୁ ସୁନ୍ଦର କରିଥାଏ। ଏହି ପ୍ୟାକ୍ ତିଆରି କରିବା ନିମନ୍ତେ କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ରଖନ୍ତୁ। ୧ ଚାମଚ କମଳା ଚୋପାର ଗୁଣ୍ଡ ସହ ୧ ଚାମଚ ଗୋଲାପ ଜଳ ଓ ଅଳ୍ପ ହଳଦୀ ନେଇ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟ ଅଧିକ ଗାଢ଼ ହୋଇଥିଲେ ସେଥିରେ ପାଣି ମିଶାଇ ପାରିବେ। ଏବେ ଏହି ମିଶ୍ରଣକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଧୋଇ ଦିଅନ୍ତୁ। ସପ୍ତାହକୁ ଅତିକମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାଇଲେ ମୁହଁରେ ଥିବା ସମସ୍ତ ଦାଗ, ଟାନିଂ ଓ ବ୍ରଣ ସମସ୍ୟା ଦୂରହୋଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

➤କମଳା ଚୋପାକୁ ଶୁଖାଇ ଗୁଣ୍ଡକରି ସେଥିରେ ସମାନ ମାତ୍ରାରେ ମୁଲତାନୀ ମାଟି ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ଅଧଘଣ୍ଟାରୁ ୪୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିହେବ। ଧୋଇବା ସମୟରେ ଗୋଲାକାରଭାବେ ମସାଜ୍ କରି ଏହାକୁ ଧୋଇଦିଅନ୍ତୁ। ତେବେ ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚା ସୁନ୍ଦର ଦେଖାଯିବ।





## ଖାଦ୍ୟରୁଚି

# ଆମ୍ବ ପେଡ଼ା

**ଆବଶ୍ୟକ ସାମଗ୍ରୀ–**
ଆମ୍ବରସ– ୩ ରୁ ୪ କପ, ମିଲ୍କ ପାଉଡର– ୩ରୁ ୪ କପ୍, କ୍ଷୀର – ୩ରୁ ୪ କପ୍, କାଜୁ ବାଦାମ– ୧୨ଟି, ଘିଅ– ୩ ଚାମଚ, ଚିନି– ଅଧା କପ୍‌ରୁ କମ୍, ଗୁଜୁରାତି ଗୁଣ୍ଡ– ଅଳ୍ପ, କେଶର– ଅଳ୍ପ, ସଜାଇବା ପାଇଁ– ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ କ୍ଷୀରରେ ବାଦାମକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହାପରେ କଡ଼େଇ ଚୁଲିରେ ବସାଇ ସେଥିରେ ଘିଅ ଗରମ କରନ୍ତୁ। ଏବେ ସେଥିରେ କ୍ଷୀର, ଚିନି ଓ ମିଲ୍କ ପାଉଡର ପକାନ୍ତୁ। ଏହି ମିଶ୍ରଣକୁ ବାରମ୍ବାର ଗୋଳାଇ ବହଳିଆ କରନ୍ତୁ। ବହଳିଆ ହୋଇଗଲା ପରେ ଏହାକୁ ତଳକୁ ଓହ୍ଲାଇ ଅନ୍ୟ ଏକ କଡ଼େଇ ବସାନ୍ତୁ। କଡ଼େଇରେ ପୁଣି ଥରେ ଘିଅ ଗରମ କରି ସେଥିରେ ଆମ୍ବରସ, ଗୁଜୁରାତି ଗୁଣ୍ଡ ଓ କେଶର ପକାଇ ଗୋଳାନ୍ତୁ। ଏବେ ଏଥିରେ ଆଗରୁ ରଖିଥିବା କ୍ଷୀର ଓ ମିଲ୍କ ପାଉଡରର ମିଶ୍ରଣକୁ ମିଶାନ୍ତୁ। ଲଗାତର ଏହାକୁ ଗୋଳାନ୍ତୁ ଏବଂ ମିଶ୍ରଣ ଅଧିକ ଗାଢ଼ ହୋଇଗଲେ ତାକୁ ଚୁଲିରୁ ଓହ୍ଲାଇ ଆଣନ୍ତୁ। ଥଣ୍ଡା ହୋଇଯିବା ପରେ ପେଡା ଭଳି ହାତରେ ତିଆରି କରି ଦିଅନ୍ତୁ ଏବଂ ପିସ୍ତା ପକାଇ ସଜାଇ ପରଷି ଦିଅନ୍ତୁ।



**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ବିଦ୍ୟୁଲତା
ପରିବାରବର୍ଗ


ସନ୍ତୋଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୋଦିଙ୍କୁ ଟାର୍ଗେଟ କଲେ ଓୱାଇସି

ନୂଆଦିଲ୍ଲୀ,୧୨।୬

ଔରଙ୍ଗଜେବ ଓ ଟିପୁ ସୁଲତାନଙ୍କୁ ନେଇ ପୁଣିଥରେ ରାଜନୀତି ଆରମ୍ଭ ହୋଇଯାଇଛି। ଏହାକୁ ନେଇ ଏଆଇଏମ୍ଆଇଏମ୍ ନେତା ତଥା ଏମପି ଅସଦୁଦ୍ଦିନ ଓୱାଇସି ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଓୱାଇସି କହିଛନ୍ତି, ଭାରତରେ ଇତିହାସ ପରିବର୍ତ୍ତନ ପାଇଁ ପ୍ରୟାସ କରାଯାଉଛି। ମୁଁ ମୋଗଲମାନଙ୍କୁ ଭଲ ପାଏ ନାହିଁ କିନ୍ତୁ ଇତିହାସ ବଦଳାଯାଉଛି। ଲାଗୁଛି ଯେପରି ଲାଲକିଲା ମୋଦିଙ୍କ ଦ୍ୱାରା ନିର୍ମିତ ହୋଇଛି। ଓୱାଇସି ଆହୁରି କହିଛନ୍ତି, ଯଦି ଆଜି ଟିପୁ ସୁଲତାନଙ୍କ ଛବି ଅଛି, ତେବେ ଆପଣଙ୍କ ବିରୋଧରେ ମାମଲା ଦାୟର ହେବ। ସମାନ ଟିପୁ ସୁଲତାନଙ୍କ ଚିତ୍ର ଭାରତର ସମ୍ବିଧାନରେ ଅଛି। ଔରଙ୍ଗଜେବଙ୍କ ବିଷୟରେ ଓୱାଇସି କହିଛନ୍ତି, ପ୍ରଥମେ ତାଙ୍କ ଫଟୋ ଯାଞ୍ଚ କରନ୍ତୁ। ୩୦୦ବର୍ଷ ପୂର୍ବେ ତାଙ୍କର ପରଲୋକ ହୋଇଥିଲା, ଆମେ କିପରି କହିପାରିବା ଏହା ତାଙ୍କର ଫଟୋ। ସେ କହିଛନ୍ତି, ବାବ୍ରି ବିରୋଧ ସମୟରେ ସେମାନେ ଆମକୁ ବାବରଙ୍କ ସନ୍ତାନ ବୋଲି କହୁଥିଲେ, ଆଜି ଆମକୁ ଔରଙ୍ଗବେଜଙ୍କ ସନ୍ତାନ ବୋଲି କୁହାଯାଉଛି।

# ମେଣ୍ଟ ଲାଗି ପ୍ରସ୍ତାବ ଆସିନାହିଁ: କୁମାରସ୍ୱାମୀ

ବେଙ୍ଗାଲୁରୁ,୧୨।୬

**ଭାଜପା - ଜେଡିଏସ୍ ମେଣ୍ଟକୁ ନେଇ ଚର୍ଚ୍ଚା**

ସମସ୍ତ ମୁଖ୍ୟ ରାଜନୈତିକ ଦଳ ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କଲେଣି। ଅପରପକ୍ଷରେ ସମସ୍ତ ବିରୋଧୀ ଦଳକୁ ଏକଜୁଟ କରିବା ପାଇଁ ଚେଷ୍ଟା ଚାଲିଛି। ତେବେ ଲୋକ ସଭା ନିର୍ବାଚନକୁ ନେଇ ଭାଜପା ଓ ଜେଡିଏସ୍ ମଧ୍ୟରେ ମେଣ୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ପ୍ରସଙ୍ଗରେ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍‌ଡି କୁମାରସ୍ୱାମୀ ସମୟ ଆସିଲେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ସୋମବାର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କହିଛନ୍ତି, ରାଜନୀତିରେ ଗୁଜବ ହେଉ କିମ୍ବା ବାସ୍ତବ, ଅନେକ କଥା ଏବଂ କଳ୍ପନାଜଳ୍ପନା ପ୍ରକାଶ ପାଇବା ସ୍ୱାଭାବିକ। କିନ୍ତୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ହିଁ ମେଣ୍ଟ ପ୍ରସଙ୍ଗର ଉତ୍ତର ମିଳିଯିବ। ଏଥିସହିତ ସେ ଆହୁରି କହିଛନ୍ତି, ଲୋକ ସଭା ନିର୍ବାଚନ ସମ୍ପର୍କିତ ମେଣ୍ଟ ଲାଗି କୌଣସି ପ୍ରସ୍ତାବ ଆସି ନାହିଁ କି ମୋର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଅପରପକ୍ଷରେ ଜେଡିଏସ୍ ଗତ ପାଞ୍ଚ ଦିନ ମଧ୍ୟରେ ପାର୍ଟି ଅଫିସରେ ଉଭୟ ବିଜେତା ତଥା ପରାଜୟ ବରଣ କରିଥିବା ପ୍ରାର୍ଥୀଙ୍କ ଜିଲାସ୍ତରୀୟ ବୈଠକ କରିଛି। ଆଉ ସେଥିରେ ସମସ୍ତେ ନିଶ୍ଚିତ କରିଛନ୍ତି ଯେ, ସେମାନେ ମୋ ସହିତ ଛିଡା ହେବେ ଏବଂ ଆନ୍ତରିକତାର ସହ ସହଯୋଗ କରିବେ ବୋଲି କୁମାରସ୍ୱାମୀ ସୂଚୀତ କରିଛନ୍ତି।


ମଧ୍ୟପ୍ରଦେଶର ଜବଲପୁରଠାରେ ସୋମବାର ଏକ ନିର୍ବାଚନୀସଭାରେ କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସହ ରାଜ୍ୟ କଂଗ୍ରେସ ସଭାପତି କମଲ ନାଥ ଓ ଦଳୀୟ ନେତୃବୃନ୍ଦ।

# ମଧ୍ୟପ୍ରଦେଶରେ କଂଗ୍ରେସର ନିର୍ବାଚନୀ ପ୍ରଚାର ଆରମ୍ଭ କଲେ ପ୍ରିୟଙ୍କା

ଜବଲପୁର, ୧୨।୬

- **ଶିବରାଜ ସରକାରରେ ୨୨୫ ଦୁର୍ନୀତି**
- **୩ ବର୍ଷରେ ୨୧ ଜଣଙ୍କୁ ମିଳିଛି ସରକାରୀ ନିଯୁକ୍ତି**

ଚଳିତ ବର୍ଷ ଶେଷ ସୁଦ୍ଧା ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସୋମବାର ସେଠାରେ ଦଳର ନିର୍ବାଚନୀ ବିଗୁଲ ଫୁଙ୍କିଛନ୍ତି। ଜବଲପୁରଠାରେ ପ୍ରିୟଙ୍କା ଏକ ରାଲିରେ ଉଦ୍‌ବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ସରକାର ଦୁର୍ନୀତିରେ ଲିପ୍ତ ରହିବା ସହ ନିଯୁକ୍ତି ଯୋଗାଇବାରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି। ବ୍ୟାପମ୍ ଦୁର୍ନୀତି ଏବଂ ରାଶନ ବଣ୍ଟନରେ ଦୁର୍ନୀତି ସହ ରାଜ୍ୟରେ ଭାଜପା ଶାସନ କାଳରେ ୨୨୫ଟି ଦୁର୍ନୀତି ହୋଇଥିବା ପ୍ରିୟଙ୍କା କହିଥିଲେ। ଗତ ୩ ବର୍ଷରେ ଶିବରାଜ ସରକାର ମାତ୍ର ୨୧ ଜଣଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରିଛନ୍ତି। ଏପରିକି ଏହି ସରକାର ଭଗବାନଙ୍କୁ ମଧ୍ୟ ଛାଡ଼ିନାହିଁ। ଗତ ମାସରେ ଉଜ୍ଜୟିନୀ ମହାକାଳ ଲୋକ କରିଡରରେ ୬ଟି ମୂର୍ତ୍ତିକୁ ନଷ୍ଟ କରିଦିଆଯାଇଥିଲା। ଏହି କରିଡରର ପ୍ରଥମ ପର୍ଯ୍ୟାୟ ଗତବର୍ଷ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ଭାଜପାର ଡବଲ ଇଞ୍ଜିନ ସରକାର ଦାବିକୁ କଟାକ୍ଷ କରି ପ୍ରିୟଙ୍କା କହିଥିଲେ, ବହୁ ଡବଲ ଓ ଟ୍ରିପଲ ଇଞ୍ଜିନ ସରକାର ଆମେ ଦେଖିଛୁ। ହିମାଚଳପ୍ରଦେଶ ଓ କର୍ନାଟକର ଜନସାଧାରଣ ନିର୍ବାଚନରେ ଏହାର ଠିକଣା ଜବାବ ଦେଇଥିବା କଂଗ୍ରେସ ନେତ୍ରୀ କହିଛନ୍ତି। ଭାଜପାରେ ଯୋଗଦେଇ କେନ୍ଦ୍ରରେ ମନ୍ତ୍ରୀ ହୋଇଥିବା ପୂର୍ବତନ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାଁ ନ ନେଇ ପ୍ରିୟଙ୍କା କହିଥିଲେ, ମଧ୍ୟପ୍ରଦେଶର କେତେଜଣ ନେତା କ୍ଷମତା ଲୋଭରେ ଦଳୀୟ ନୀତି ଆଦର୍ଶକୁ ବଳି ପକାଇଛନ୍ତି। ୨୦୨୦ ମାର୍ଚ୍ଚରେ ସିନ୍ଧିଆଙ୍କ ଅନୁଗତ ବିଧାୟକମାନେ ଦଳ ଛାଡ଼ିବାରୁ କମଳନାଥ ସରକାର ଭାଙ୍ଗିଯାଇଥିଲା ଏବଂ ଶିବରାଜ ଚୌହାନ କ୍ଷମତାକୁ ଫେରିଥିଲେ।

# ମନ୍ତ୍ରୀଙ୍କ ବାସଭବନ ଘେରିଲା ଛାତ୍ର କଂଗ୍ରେସ

**ଅଘୋଷିତ ବିଦ୍ୟୁତ୍ କାଟ୍**

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ସୋମବାର ଶତାଧିକ କର୍ମୀ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ବାସଭବନ ଆଗରେ ଏକତ୍ରିତ ହୋଇ ବାରମ୍ବାର ବିଦ୍ୟୁତ୍ କାଟ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ହାତରେ ଲଣ୍ଠନ ଓ ବିଞ୍ଚଣା ଧରି ଅଭିନବ ଉପାୟରେ ପ୍ରତିବାଦ ଜଣାଇଥିଲେ। ଶକ୍ତିମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବା ପାଇଁ ତାଙ୍କ ବାସଗୃହ ଆଡକୁ ଧସେଇ ପଶୁଥିବା ବେଳେ ପୋଲିସ ଛାତ୍ର କଂଗ୍ରେସ କର୍ମୀଙ୍କୁ ଅଟକାଇଥିଲା। ଏହି ସମୟରେ ପୋଲିସ ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

ଏହି ଅବସରରେ ନୱାଜ କହିଛନ୍ତି, ଶକ୍ତିମନ୍ତ୍ରୀ ଜଣେ ଜନପ୍ରତିନିଧି ହୋଇ ସାଧାରଣ ଜନତାଙ୍କ ସମସ୍ୟାକୁ ଉପେକ୍ଷା କରି ଟାଟା ପାୱାର କମ୍ପାନି ସପକ୍ଷରେ ଯୁକ୍ତି ବାଢୁଛନ୍ତି। ସତେଯେପରି ସେ ଟାଟା ପାୱାର କମ୍ପାନୀର ଜଣେ ସ୍ତାବକ। ବିଦ୍ୟୁତ୍ କାଟକୁ ଶକ୍ତିମନ୍ତ୍ରୀ ଅସ୍ୱୀକାର କରୁଛନ୍ତି। ଏହାକୁ ଟ୍ରିପ ହେଉଛି କହି ଉପଭୋକ୍ତାଙ୍କୁ ଭୁଆଁ ବୁଲାଉଛନ୍ତି। ଏବେ କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ହେଉଛି ବୋଲି ନୂଆ କାହାଣୀ ଲେଖୁଛନ୍ତି। ଛାତ୍ରମାନେ ପାଠ ପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ସରକାରଙ୍କ ସେଥିପ୍ରତି ନିଘା ନାହିଁ। ନିର୍ବାଚନ ପୂର୍ବରୁ ସବୁବେଳେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ପ୍ରତିଶ୍ରୁତି ବିଜେଡି ଦେଇଥାଏ।


ଶକ୍ତି ମନ୍ତ୍ରୀଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସ ବିକ୍ଷୋଭ।

**ଲଣ୍ଠନ, ବିଞ୍ଚଣା ଧରି କରିଲେ ଅଭିନବ ପ୍ରତିବାଦ**

ମାତ୍ର ନିର୍ବାଚନ ପରେ ଏହି ପ୍ରତିଶ୍ରୁତି ପାଣିର ଗାର ହୋଇଯାଏ। ଓଡ଼ିଶା ସରକାର ଗତ ୧୦ ବର୍ଷରେ ବିଦ୍ୟୁତ୍ ବ୍ୟବସ୍ଥାର ସୁଧାର ପାଇଁ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି କହୁଥିବା ସ୍ଥଳେ ଏଥିରେ ୨୦ ଟଙ୍କା ଖର୍ଚ୍ଚ ହେଲା ଭଳି ଉପଲବ୍ଧି ହେଉନାହିଁ। ଭୁବନେଶ୍ୱର ଓ କଟକରେ ଭୂତଳ ବିଦ୍ୟୁତୀକରଣ ବ୍ୟବସ୍ଥା ହେବା ନେଇ ଘୋଷଣା ହେଲା। ଉପଭୋକ୍ତାଙ୍କ ତଣ୍ଟି ଚିପି ଟାଟା ପାୱାର ରକ୍ତ ଶୋଷଣ କରୁଥିବାବେଳେ ଶକ୍ତିମନ୍ତ୍ରୀ, ଶକ୍ତି ସଚିବ, ଓଇଆରସି ନୀରବଦ୍ରଷ୍ଟା ସାଜିଛନ୍ତି। ତୁରନ୍ତ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ବିଦ୍ୟୁତ ବ୍ୟବସ୍ଥାର ସୁଧାର ଆଣିବା ସହ ଟାଟା କମ୍ପାନୀ ଉପରେ ଅଙ୍କୁଶ ଲଗାଇବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି।

# ଭାଜପାର ନବୀନ ନିବାସ ଘେରାଉ ଉଦ୍ୟମ

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

ଅସହ୍ୟ ଗରମ ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଯେତେ କଷ୍ଟ ଦେଇନାହିଁ, ଅଘୋଷିତ ବିଜୁଳି କାଟ୍ ଓ ବିଜୁଳି ବିଭ୍ରାଟ ତାଠାରୁ ଅଧିକ ନିର୍ଯାତନା ଦେଉଛି। ଗରମ ଭିତରେ ବିଦ୍ୟୁତ୍ କାଟ ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଇଛି। ଗ୍ରାମାଞ୍ଚଳରେ ପ୍ରତିଦିନ ୫ରୁ ୬ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ସହର ମଧ୍ୟରେ ଘନ ଘନ ବିଦ୍ୟୁତ୍ କାଟ ହେଉଛି। ସକାଳ ୫ ହେଉକି ରାତି ୨ଟା ରାଜଧାନୀରେ କେତେବେଳେ ବି ବିଦ୍ୟୁତ୍ କଟାଯିବାର ଭୟ ଲୋକଙ୍କୁ ଘାରୁଛି। ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ-ଭୋଲଟେଜ୍ ସମସ୍ୟା ବି ହନ୍ତସନ୍ତ କରୁଛି। ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଅଘୋଷିତ ବିଜୁଳି କାଟ୍ କାୟା ବିସ୍ତାର କରିସାରିଛି। ଏଭଳି ସମୟରେ ରାଜ୍ୟ ଶକ୍ତି ବିଭାଗ ମନ୍ତ୍ରୀ ପ୍ରତାପ ଦେବଙ୍କ ଅବାନ୍ତର ବକ୍ତବ୍ୟ ଓ ଆଚରଣ ସମସ୍ତଙ୍କୁ ଆଚମ୍ବିତ କରିଛି ବୋଲି ଭାଜପା ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ସୋମବାର ସନ୍ଧ୍ୟାରେ ଭାଜପା ନେତା ଓ କର୍ମୀମାନେ ମାଉସୀମା ଛକଠାରୁ ଅଭିନବ ଢଙ୍ଗରେ ଲଣ୍ଠନ ଜାଳି, ପୋଷ୍ଟର ଧରି ନବୀନ ନିବାସ ଘେରାଉ ଅଭିମୁଖେ ବାହାରିଥିଲେ। ଶିଶୁଭବନ ଛକଠାରେ ପୋଲିସ ଭାଜପା କର୍ମୀଙ୍କୁ ଅଟକାଇଥିବା ବେଳେ ସେଠାରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ୍ ସେଠାରୁ ବହୁ ଭାଜପା ନେତା, କର୍ମୀଙ୍କୁ ଉଠାଇ ନେଇଥିଲା। ଏହି ଅବସରରେ ଭାଜପା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି, ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ଯାଇ ଶକ୍ତିମନ୍ତ୍ରୀ ଗୋଟିଏ ପରେ ଗୋଟିଏ ଗାଲୁ ମାରିଚାଲିଛନ୍ତି। ରାଜ୍ୟ ସରକାରଙ୍କ ନୁହେଁ ବରଂ ବିତରଣ କମ୍ପାନୀର ପ୍ରବକ୍ତା ଭାବେ ସେ ମତବ୍ୟକ୍ତ କରୁଥିବା ବାବୁ କହିଛନ୍ତି।


ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ବିରୋଧକରି ନିବୀନ ନିବାସ ଘେରାଉ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**Classified Everyday**
**0674-2580101, 2549949**




SALE

Gharabari SC plot 2000 sqft. with 6ft. boundary wall at Rs.43,00,000/- at Dayanadi Bihar near Dayanadi Bridge, Lingipur. Contact : 9938115957 (Owner). D-0535

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft-3,60,000/-, ଛତାବର 1200sqft-3,00,000/- ନଖରା- 300/- 6371569855. D-74870

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-74694




Newly open health benefits SPA special offer @ 799 Jaydev Vihar. 8018429809. D-75117

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA positively health benefit with expert. Contact: 7749976301. D-74546

Relax, Refresh your Body, Mind at Saikrupa Spa with best therapies. 8984068077. D-0536

Spa full body Massage only best therapist Gents & ladies@699/- Bhubaneswar. Kajal-9337672475. D-0552

Asribada Panchakarma herbal SPA Kesharimall, Bhubaneswar. Contact : 8926173473. D-74695

**AFFIDAVIT**

By an affidavit sl No. 8, sworn before the Executive Magistrate, Puri on 15 February 2022, I Dhirendra Bhola, At/PO. Chhaitana, PS- Puri Sadar, Dist- Puri have changed my surname from Bhoi to Bhola. Henceforth I shall be known as Dhirendra Bhola for all future purposes. D-0571

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂରମାକାନ୍ତ ସାହୁ (ରମା)
ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୨୧।୧୧।୧୯୭୨
ତିରୋଧାନ: ୦୩।୦୬।୨୦୨୩
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଧର୍ମପତ୍ନୀ: କନକଲତା (କନ), କନ୍ୟା-ଜାମାତା: ଆଲିଶା-ଅରିଜିତ, କନ୍ୟା: ଅମିଶା।
ଧ-୭୩୭୭୦

## ରାଜ୍ୟ ଖବର

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କଲେ ଲକ୍ଷେ ୨୦ ହଜାର ୫୫୬ ଟଙ୍କା

ଭୁବନେଶ୍ୱର, ୧୨।୬(ବ୍ୟୁରୋ)

**ରେଳ ଦୁର୍ଘଟଣା ପ୍ରସଙ୍ଗ**

ବାଲେଶ୍ୱର ଜିଲା ଅନ୍ତର୍ଗତ ବାହାନଗା ଠାରେ ଘଟିଥିବା ରେଳ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସାହାଯ୍ୟାର୍ଥେ ସୋମବାର ଓଡ଼ିଶା ମୋଟର ଚାଳକ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ହଜାର ୫୫୫ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସଂଘର ସଭାପତି ବିରଞ୍ଚି ନାରାୟଣ କର ଏବଂ କୋଷାଧ୍ୟକ୍ଷ କବିରାଜ ସାହୁଙ୍କ ସମେତ ପ୍ରମୁଖ କର୍ମକର୍ତ୍ତା ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ସାକ୍ଷାତ କରି ଏହି ସହାୟତା ରାଶି ଚେକ୍ ଆକାରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସେହିପରି ସ୍ଥାନୀୟ ଶିରିପୁର ନିବାସୀ ସଦାଶିବ ରାୟ ଏବଂ ତାଙ୍କର ସ୍ତ୍ରୀ ମନୋରମା ରାୟ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧ ଲକ୍ଷ ୧ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଓଏମ୍‌ସି ସହ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିର ଚୁକ୍ତି

ଭୁବନେଶ୍ୱର,୧୨।୬(ବ୍ୟୁରୋ): ବଙ୍ଗୁର ଖଣିରୁ ବାହାରୁ ଥିବା ନିମ୍ନମାନର ଖଣିଜ ପଦାର୍ଥ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟସ୍ (ପିଜିଇ) ପୁନରୁଦ୍ଧାର ପାଇଁ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ସହିତ ଓଏମ୍‌ସି ଲିମିଟେଡ୍ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ, ପୁନରୁଦ୍ଧାର ପଦ୍ଧତି ପାଇଁ ଯେଉଁ ଟେକ୍ନୋଲୋଜିର ଆବଶ୍ୟକ ହେବ ତାହାର ବିକଶିତ କରାଯିବ। ଏହି ଅବସରରେ ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



**ପିଜିଇ ପୁନରୁଦ୍ଧାର ପାଇଁ ପଦକ୍ଷେପ**

ସୂଚନାଥାଉ କି, ପିଜିଇ ହେଉଛି ଭାରତର ସାମାଜିକ-ଅର୍ଥନୈତିକ ଆବଶ୍ୟକତାକୁ ପୂରଣ କରୁଥିବା ଏକ ଖଣିଜ ପଦାର୍ଥ। ଏହାକୁ ଅନନ୍ୟ ଭୌତିକ, ରାସାୟନିକ ଗୁଣ ଥିବା ଷ୍ଟ୍ରାଟେଜିକ୍ ଖଣିଜ ପଦାର୍ଥ ଭାବେ ବିବେଚନା କରାଯାଏ। ବିଶେଷକରି ଅଟୋମୋବାଇଲ ଶିଳ୍ପ, ରାସାୟନିକ ଏବଂ ପେଟ୍ରୋକେମିକାଲ ଶିଳ୍ପ, ଇଲେକ୍ଟ୍ରୋନିକ୍ସ, କାଚ, ଅଳଙ୍କାର, ଚିକିତ୍ସା ବିଜ୍ଞାନ ଆଦିରେ ବ୍ୟାପକ ପ୍ରୟୋଗ କରାଯାଇଥାଏ।

**୨୦ ବର୍ଷରୁ କମ୍ ଫୁଟବଲ୍ ବିଶ୍ୱକପ**

# ଉରୁଗୁଏକୁ ପ୍ରଥମ ଟାଇଟଲ୍

**ଲା ପ୍ଲାଟା (ଆର୍ଜେଣ୍ଟିନା), ୧୨।୬ (ପି.ଟି.)**

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଉରୁଗୁଏ। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲରେ ଇଟାଲୀକୁ ଦଳ ୧-୦ରେ ପରାସ୍ତ କରି ନିଜର ପ୍ରଥମ ଟାଇଟଲ୍ ହାସଲ କରିଛି। କ୍ରମାଗତ ୪ଟି ସଂସ୍କରଣରେ ୟୁରୋପୀୟ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ବେଳେ ଏହି ଧାରା ଭାଙ୍ଗିବାରେ ସଫଳ ହୋଇଛି ଉରୁଗୁଏ। ଦଳ ପକ୍ଷରୁ ୮୬ତମ ମିନିଟରେ ଲୁସିଆନୋ ରୋଡ୍ରିଗୁଏଜ୍ ବିଜୟ ସୂଚକ ଗୋଲ୍ ଦେଇଥିଲେ। ସେହିପରି ତୃତୀୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଇସ୍ରାଏଲ ୩-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ରବିବାର ୪୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ଉରୁଗୁଏ ଚମତ୍କାର ପ୍ରଦର୍ଶନ କରିଥିଲା। ଲା ପ୍ଲାଟାର ଡିଏଗୋ ମାରାଡୋନା ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଉପସ୍ଥିତ ଥିଲେ। ଚଳିତ ଟୁର୍ନାମେଣ୍ଟରେ ମାତ୍ର ୩ ଗୋଲ ବରଣ କରିଥିବା ଉରୁଗୁଏ ନିଜ ଡିଫେନ୍ସ ଉପରେ ନିର୍ଭର କରିଥିଲା। ଉରୁଗୁଏ ନିକଟରେ ୪ଥର ଗୋଲ ସ୍କୋର କରିବାର ସୁଯୋଗ ଆସିଥିଲେ ମଧ୍ୟ ଇଟାଲୀ ଗୋଲକିପର ସେବାଷ୍ଟିଆନୋ ଡେସପ୍ଲାଞ୍ଚେସ ଏହାକୁ ରୋକିବାରେ ସମର୍ଥ ହୋଇଥିଲେ। ରୋଡ୍ରିଗୁଏଜଙ୍କ ଏକ ଫ୍ରି କିକ୍, ଅଧିନାୟକ ଫାବ୍ରିସିଓ ଡିଆଜଙ୍କ ଦୁଇଟି ଦୂରଗାମୀ ଶଟ୍ ଓ ଆଣ୍ଡରସନ୍ ଡୁଆର୍ଟେଙ୍କ ହେଡରକୁ ରୋକିବାରେ ସମର୍ଥ ହୋଇଥିଲେ ଡେସପ୍ଲାଞ୍ଚେସ।

ରବିବାରର ମ୍ୟାଚ୍ ବେଶ୍ ରୋମାଞ୍ଚକର ରହିଥିଲା। ଉରୁଗୁଏ ପ୍ରାଧାନ୍ୟ ବିସ୍ତାର କରି ଖେଳି ଥିଲେ ହେଁ ଇଟାଲୀ ନିକଟରେ ମଧ୍ୟ ଗୋଲ ସ୍କୋର କରିବାର ସୁଯୋଗ ରହିଥିଲା। ତେବେ ଟୁର୍ନାମେଣ୍ଟର ସର୍ବାଧିକ ଗୋଲ ସ୍କୋରର ସିଜର କାସେଡାଇଙ୍କ ପ୍ରଦର୍ଶନ ଆଖିଦୃଶିଆ ରହି ନ ଥିଲା। ଦୁଇ ଦୁଇଥର ସ୍କୋର କରିବାର ସୁଯୋଗ ପାଇ କାସେଡାଇ ବିଫଳ ହେବା ସହିତ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିବା ଇଟାଲୀକୁ ନିରାଶ ହେବାକୁ ପଡିଥିଲା। ମ୍ୟାଚ୍‌ର ୮୬ ମିନିଟ ପର୍ଯ୍ୟନ୍ତ ଉଭୟ ଦଳ ପରସ୍ପରକୁ ଗୋଲ ଦେଇ ପାରି ନ ଥିଲେ। ୮୬ ତମ ମିନିଟରେ ଏକ ଚମତ୍କାର ହେଡର ଜରିଆରେ ଲୁସିଆନୋ ରୋଡ୍ରିଗୁଏଜ୍ ସ୍କୋର କରିବା ସହିତ ଉରୁଗୁଏ ଟ୍ରଫି ହାତେଇ ନେଇଥିଲା।

ଇସ୍ରାଏଲକୁ ତୃତୀୟ ସ୍ଥାନ: ପ୍ରଥମ ଥର ବିଶ୍ୱକପରେ ଅଂଶଗ୍ରହଣ କରିଥିବା ଇସ୍ରାଏଲ ୩-୧ରେ ଦକ୍ଷିଣ କୋରିଆକୁ

**ତୃତୀୟ ସ୍ଥାନରେ ଇସ୍ରାଏଲ**

ହରାଇ ତୃତୀୟ ସ୍ଥାନ ହାସଲ କରିଛି। ପ୍ରଥମାର୍ଦ୍ଧରେ ଦଳ ପକ୍ଷରୁ ରାନ୍ ବିନ୍ୟମିନ୍ ୧୯ ତମ ମିନିଟରେ ଏକ ଗୋଲ ଦେଇଥିଲେ। ଏହାର ୫ ମିନିଟ ପରେ କୋରିଆ ପକ୍ଷରୁ ସେଉଙ୍ଗ ଓନ୍ ଲି ପେନାଲ୍ଟି କର୍ନରରୁ ଗୋଲ୍ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ ଦେଇଥିଲା ଇସ୍ରାଏଲ। ଓମେର ସିନିୟର(୭୬) ଓ ଅନନ ଖାଲାଇଲି(୮୫) ମିନିଟରେ ଗୋଲ ଦେଇ ଇସ୍ରାଏଲକୁ ବିଜୟୀ କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଉରୁଗୁଏ ଦଳ।



ଗୋଲ୍ଡେନ୍ ବୁଟ୍ ବିଜୟୀ ସିଜର୍ କାସେଡାଇ।

## ପୁରସ୍କାର ତାଲିକା

ଗୋଲ୍ଡେନ୍ ବଲ୍: ସିଜର କାସେଡାଇ(ଇଟାଲୀ)
ଗୋଲ୍ଡେନ୍ ବୁଟ୍: ସିଜର୍ କାସେଡାଇ(୭ ଗୋଲ୍, ୨ ଆସିଷ୍ଟ)
ଗୋଲ୍ଡେନ୍ ଗ୍ଲୋଭ୍: ସେବାଷ୍ଟିଆନୋ ଡେସପ୍ଲାଞ୍ଚେସ (ଇଟାଲୀ)
ଫେୟାର ପ୍ଲେ ଆୱାର୍ଡ: ଯୁକ୍ତରାଷ୍ଟ୍ର ଆମେରିକା।

# ମହେଶ ମିତ୍ତଲ ରିଟର୍ନିଂ ଅଫିସର

**ନୂଆଦିଲ୍ଲୀ, ୧୨।୬ (ପି.ଟି.)**

ଆସନ୍ତା ଜୁଲାଇ ୪ ତାରିଖରେ ଭାରତୀୟ ରେସଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ନିର୍ବାଚନ କରିବାକୁ ନିଷ୍ପତ୍ତି ନେଇଛି ଭାରତୀୟ ଅଲିମ୍ପିକ୍ ମହାସଂଘ(ଆଇଓଏ)। ଏ ନେଇ ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମହେଶ ମିତ୍ତଲ କୁମାରଙ୍କୁ ରିଟର୍ନିଂ ଅଫିସର ଭାବରେ ନିଯୁକ୍ତ କରାଯାଇଛି। ଜୁନ୍ ୭ ତାରିଖରେ ଆନ୍ଦୋଳନରତ ରେସ୍‌ଲରଙ୍କ ସହିତ ଆଲୋଚନା ପରେ ଜୁନ୍ ୩୦ ମଧ୍ୟରେ ନିର୍ବାଚନ ପାଇଁ ଘୋଷଣା କରିଥିଲେ କେନ୍ଦ୍ର କ୍ରୀଡାମନ୍ତ୍ରୀ ଅନୁରାଗ ଠାକୁର। ତେବେ ଡବ୍ଲ୍ୟୁଏଫ୍ଆଇର ସ୍ୱତନ୍ତ୍ର ସାଧାରଣ ବୈଠକ ପୂର୍ବରୁ ଏକ ୨୧ ଦିନିଆ ନୋଟିସ୍‌ର ଆବଶ୍ୟକତା ଥିବାରୁ ନିର୍ବାଚନ ବିଳମ୍ବିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, କେବଳ ସ୍ୱତନ୍ତ୍ର ସାଧାରଣ ବୈଠକ କିମ୍ବା ଏଜିଏମ୍‌ରେ ହିଁ ନିର୍ବାଚନ କରାଯାଇଥାଏ। ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ପରିବାରର କୌଣସି ସଦସ୍ୟଙ୍କୁ ନିର୍ବାଚନରେ ଛିଡ଼ା ହେବାକୁ ଦିଆଯିବ ନାହିଁ ବୋଲି ଠାକୁର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଆଇଓଏର ସିଇଓ ରହିଥିବା କଲ୍ୟାଣ ଚୌବେ ଓ ଜଷ୍ଟିସ୍ ମିତ୍ତଲ କୁମାରଙ୍କ ମଧ୍ୟରେ ଆଲୋଚନା ହେବା ପରେ ତାଙ୍କ ନିଯୁକ୍ତି ସ୍ପଷ୍ଟ ହୋଇଛି। ଜୁଲାଇ ୪ ତାରିଖରେ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ ଡକାଯାଇଥିବାରୁ ଏହି ତାରିଖରେ ନିର୍ବାଚନ ହେବା ସ୍ପଷ୍ଟ ହୋଇଛି।

ଡବ୍ଲ୍ୟୁଏଫ୍ଆଇ ଅଧୀନରେ ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ୟୁନିଟ ରହିଛି। ପ୍ରତି ରାଜ୍ୟ

**ଜୁଲାଇ ୪ରେ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ**

ୟୁନିଟର ଦୁଇ ଜଣ ମନୋନୀତ ସଦସ୍ୟ ରହିଥାନ୍ତି। ଉଭୟ ସଦସ୍ୟଙ୍କ ନିକଟରେ ଗୋଟିଏ ଲେଖାଏ ଭୋଟଦାନ ଅଧିକାର ରହିଥାଏ। ସମୁଦାୟ ୫୦ ଭୋଟରେ ଆଗାମୀ ସଭାପତି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ତେବେ ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ନିକଟତମ ଲୋକ ପ୍ରତିଦ୍ୱନ୍ଦ୍ୱିତା କଲେ ପରିସ୍ଥିତି କ'ଣ ହେବ ତାହା ଦେଖିବାକୁ ବାକି ରହିଲା। ବ୍ରିଜ୍ ଭୂଷଣଙ୍କ ପୁଅ କରଣ ପୂର୍ବରୁ ଉପ ସଭାପତି ରହିଥିବା ବେଳେ ସେ ୟୁପି ରେସଲିଂ ସଂଘ ସହ ଜଡିତ ଅଛନ୍ତି। ଅନ୍ୟପକ୍ଷରେ ତାଙ୍କ ଜ୍ୱାଇଁ ବିହାର ରେସ୍‌ଲିଂ ସଂଘର ସଭାପତି ରହିଛନ୍ତି।

# ନମ୍ବର ୱାନ୍‌କୁ ଫେରିଲେ ଜୋକୋଭିଚ୍

**ପ୍ୟାରିସ, ୧୨।୬ (ଏପି):** ସର୍ବୀୟ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ରବିବାର ଫ୍ରେଞ୍ଚ ଓପନ୍ ଜିତିବା ସହ ଜଣେ ପୁରୁଷ ଖେଳାଳି ହିସାବରେ ସର୍ବାଧିକ ୨୩ଗ୍ରାଣ୍ଡସ୍ଲାମ ଜିତି ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହାଦ୍ୱାରା ସୋମବାର ପ୍ରକାଶିତ ଏଟିପି ର୍‍ୟାଙ୍କିଙ୍ଗ୍‌ରେ କାର୍ଲୋସ ଅଲ୍‌କାରାଜଙ୍କୁ ହଟାଇ ସେ ଏକ ନମ୍ବର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁରୁଷ ହେଉ ଅବା ମହିଳା ଟେନିସ ର୍‍ୟାଙ୍କିଙ୍ଗରେ ସବୁଠାରୁ ଅଧିକ ସପ୍ତାହ ନମ୍ବର ୱାନ ସ୍ଥାନରେ ରହିବା ରେକର୍ଡ ଜୋକୋଭିଚଙ୍କ ନାମରେ ରହିଛି। ଅନ୍ୟପକ୍ଷରେ ରୋଲାଣ୍ଡ ଗ୍ୟାରସଠାରେ ମହିଳା ସିଙ୍ଗଲ୍ସ ଚାମ୍ପିୟନ ଇଗା ସ୍ୱିଟେକ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗରେ ତାଙ୍କ ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ସେ ଏକ ବର୍ଷରୁ ଅଧିକ ସମୟ ଧରି ଶୀର୍ଷରେ ରହି ଆସିଛନ୍ତି। ତାଙ୍କୁ ନମ୍ବର ୨ ଆରିନା ସାବାଲେଙ୍କା ଅତିକ୍ରମ କରିପାରିଥାନ୍ତେ କିନ୍ତୁ ତାହା ପ୍ୟାରିସର ଫଳାଫଳ ଉପରେ ନିର୍ଭର କରୁଥିଲା। ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଖେଳିବା ପୂର୍ବରୁ ଜୋକୋଭିଚ୍ ର୍‍ୟାଙ୍କିଙ୍ଗ ତାଲିକାର ୩ୟ ସ୍ଥାନରେ ରହିଥିଲେ।

# ଭାରତ-ପାକିସ୍ତାନ ମ୍ୟାଚ୍ ଅକ୍ଟୋବର ୧୫ରେ

**ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍**

**ନୂଆଦିଲ୍ଲୀ, ୧୨।୬ (ପି.ଟି.)**

ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କାର୍ଯ୍ୟସୂଚୀ ଚିଠା ପ୍ରସ୍ତୁତ କରିଛି। ତଦନୁସାରେ ଭାରତ ଟୁର୍ନାମେଣ୍ଟରେ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୮ରେ ଚେନ୍ନାଇଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଏକ ସପ୍ତାହ ପରେ ଅକ୍ଟୋବର ୧୫ରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଅହମଦାବାଦଠାରେ ଭେଟିବ। ବିସିସିଆଇ ଏହାର କାର୍ଯ୍ୟସୂଚୀ ଚିଠା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ଦେଇଛି। ଆସନ୍ତା ସପ୍ତାହରେ ଚୂଡ଼ାନ୍ତ କାର୍ଯ୍ୟସୂଚୀ ପ୍ରକାଶ କରିବା ପୂର୍ବରୁ ଫିଡ୍‌ବ୍ୟାକ୍ ନେବା ପାଇଁ ଆଇସିସି ଏହାକୁ ଅଂଶଗ୍ରହଣକାରୀ ଦେଶଗୁଡ଼ିକ ନିକଟକୁ ପଠାଇବ। ପ୍ରାରମ୍ଭିକ ଚିଠା ଅନୁସାରେ ଟୁର୍ନାମେଣ୍ଟ ଅକ୍ଟୋବର ୫ରେ ଆରମ୍ଭ ହେବ। ସେଦିନ ଅହମଦାବାଦରେ ଚାମ୍ପିୟନ ଇଂଲଣ୍ଡ ଗତଥରର ରନର ଅପ୍ ନ୍ୟୁଜିଲାଣ୍ଡକୁ ଭେଟିବ। ଫାଇନାଲ ମ୍ୟାଚ ଅହମଦାବାଦରେ ନଭେମ୍ବର ୧୯ରେ ଖେଳାଯିବ। ସେମିଫାଇନାଲ ନଭେମ୍ବର ୧୫ ଓ ୧୬ରେ ଖେଳାଯିବ। ହେଲେ ଏଥିପାଇଁ ଭେନ୍ୟୁ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଶେଷ ଥର ପାଇଁ ନିଜ ମାଟିରେ ୨୦୧୧ରେ ଦିନିକିଆ ବିଶ୍ୱକପ୍ ଜିତିଥିବା ଭାରତ ଏହାର ଲିଗ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ କୋଲକାତା, ମୁମ୍ବାଇ, ନୂଆଦିଲ୍ଲୀ ଓ ବେଙ୍ଗାଲୁରୁ ସମେତ ୯ଟି ସହରରେ ଖେଳିବ। ଭାରତ ଅକ୍ଟୋବର ୧୫ରେ ପାକିସ୍ତାନକୁ ଭେଟିବ। ପାକିସ୍ତାନ ଏହାର ଲିଗ୍ ମ୍ୟାଚଗୁଡ଼ିକ ୫ଟି ସହରରେ ଖେଳିବ। ପାକିସ୍ତାନ ଦୁଇ କ୍ୱାଲିଫାୟର ଦଳ ବିପକ୍ଷରେ ଅକ୍ଟୋବର ୬ ଓ ୧୨ରେ ହାଇଦ୍ରାବାଦରେ ଖେଳିବ। ପରେ ଏହି ଦଳ ବେଙ୍ଗାଲୁରୁରେ ଅଷ୍ଟ୍ରେଲିଆ (ଅକ୍ଟୋବର ୨୦), ଆଫଗାନିସ୍ତାନ (ଅକ୍ଟୋବର ୨୩) ଓ ଦକ୍ଷିଣ ଆଫ୍ରିକା (ଅକ୍ଟୋବର ୨୭)କୁ ଚେନ୍ନାଇରେ ଏବଂ ବାଂଲାଦେଶକୁ କୋଲକାତା (ଅକ୍ଟୋବର ୩୧)ରେ, ନ୍ୟୁଜିଲାଣ୍ଡକୁ ବେଙ୍ଗାଲୁରୁ (ନଭେମ୍ବର ୫)ରେ ଏବଂ ଇଂଲଣ୍ଡକୁ କୋଲକାତା (ନଭେମ୍ବର ୧୨)ରେ ଭେଟିବ। କାର୍ଯ୍ୟସୂଚୀରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ମଧ୍ୟରେ ଅଷ୍ଟ୍ରେଲିଆ ଏହାର ଟ୍ରାନ୍ସ-ଟାସ୍‌ମାନ ପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡକୁ ଅକ୍ଟୋବର ୨୯ରେ ଧର୍ମଶାଳାଠାରେ ଏବଂ ନଭେମ୍ବର ୪ରେ ଅହମଦାବାଦଠାରେ ଇଂଲଣ୍ଡ ସହ ମୁକାବିଲା କରିବ। ଟୁର୍ନାମେଣ୍ଟରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ୮ଟି ଦଳ ଚୂଡ଼ାନ୍ତ ହୋଇସାରିଥିବା ବେଳେ ଅନ୍ୟ ଦୁଇଟି ଦଳ କ୍ୱାଲିଫାୟର୍ସ ଜରିଆରେ ମୁଖ୍ୟ ଟୁର୍ନାମେଣ୍ଟକୁ କ୍ୱାଲିଫାଏ କରିବେ।

### ଭାରତର ସମ୍ଭାବିତ କାର୍ଯ୍ୟସୂଚୀ

- ଭାରତ ବନାମ ଅଷ୍ଟ୍ରେଲିଆ, ଅକ୍ଟୋବର ୮, ଚେନ୍ନାଇ
- ଭାରତ ବନାମ ଆଫଗାନିସ୍ତାନ, ଅକ୍ଟୋବର ୧୧ ଦିଲ୍ଲୀ
- ଭାରତ ବନାମ ପାକିସ୍ତାନ, ଅକ୍ଟୋବର ୧୫, ଅହମଦାବାଦ
- ଭାରତ ବନାମ ବାଂଲାଦେଶ, ଅକ୍ଟୋବର ୧୯, ପୁଣେ
- ଭାରତ ବନାମ ନ୍ୟୁଜିଲାଣ୍ଡ, ଅକ୍ଟୋବର ୨୨, ଧର୍ମଶାଳା
- ଭାରତ ବନାମ ଇଂଲଣ୍ଡ, ଅକ୍ଟୋବର ୨୯, ଲକ୍ଷ୍ନୌ
- ଭାରତ ବନାମ କ୍ୱାଲିଫାୟର, ନଭେମ୍ବର ୨ ମୁମ୍ବାଇ
- ଭାରତ ବନାମ ଦକ୍ଷିଣ ଆଫ୍ରିକା, ନଭେମ୍ବର ୫, କୋଲକାତା
- ଭାରତ ବନାମ କ୍ୱାଲିଫାୟର ନଭେମ୍ବର ୧୧, ବେଙ୍ଗାଲୁରୁ





ଜିଏସ୍‌ଟି ଅଧୀନରେ କ୍ଷମା (ଆମ୍ନେଷ୍ଟି) ଯୋଜନା

୩୦ ଜୁନ୍, ୨୦୨୩

- ଜିଏସ୍‌ଟିଆର୍-୪ | ଜିଏସ୍‌ଟିଆର୍ -୯ | ଜିଏସ୍‌ଟିଆର୍-୧୦ | ରିଟର୍ନ ଫାଇଲ୍ ନ କରିଥିବା ଟିକସଦାତାଙ୍କ ପାଇଁ
- ରଦ୍ଦ ହୋଇଥିବା ପଞ୍ଜୀକରଣକୁ ପ୍ରତ୍ୟାହାର କରିବା ପାଇଁ
- ବିବେଚିତ ବେଷ୍ଟ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ପ୍ରତ୍ୟାହାର କରିବା ପାଇଁ

| ଜିଏସ୍‌ଟି କ୍ଷମା ଯୋଜନା | ଅଧିକ ସୂଚନା ପାଇଁ ଦୟାକରି ନିମ୍ନ ଅଧିସୂଚନା ଦେଖନ୍ତୁ |
|---|---|
| ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ତ୍ରୈମାସିକ କିମ୍ବା ୨୦୧୯-୨୦ରୁ ୨୦୨୧-୨୨ ପର୍ଯ୍ୟନ୍ତ ଆର୍ଥିକ ବର୍ଷ ପାଇଁ ଫର୍ମ ଜିଏସ୍‌ଟିଆର୍-୪ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବ ଶୁଳ୍କକୁ ନିମ୍ନ ଅନୁଯାୟୀ ହ୍ରାସ କରାଯାଇଛି<br>• Nil ରିଟର୍ନ ପାଇଁ ଶୂନ୍ୟ<br>• Nil ରିଟର୍ନ ବ୍ୟତୀତ ଅନ୍ୟଗୁଡ଼ିକ ପାଇଁ ₹ ୫୦୦/- (₹ ୨୫୦/- ସିଜିଏସ୍‌ଟି + ₹ ୨୫୦/- ଏସ୍‌ଜିଏସ୍‌ଟି), ଯଦି ରିଟର୍ନ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ। | ଅଧିସୂଚନା ସଂ. ୦୨/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଯେକୌଣସି ଆର୍ଥିକ ବର୍ଷ ପାଇଁ ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କର ସର୍ବାଧିକ ସୀମା ₹୨୦,୦୦୦/- (₹ ୧୦,୦୦୦/- ସିଜିଏସ୍‌ଟି + ₹୧୦,୦୦୦/- ଏସ୍‌ଜିଏସ୍‌ଟି) ନିର୍ଦ୍ଧାରିତ ହୋଇଛି, ଯଦି ରିଟର୍ନ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ। | ଅଧିସୂଚନା ସଂ. ୦୭/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ଫର୍ମ ଜିଏସ୍‌ଟିଆର୍-୧୦ରେ ଚୂଡ଼ାନ୍ତ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କକୁ ₹ ୧,୦୦୦/- (₹ ୫୦୦/- ସିଜିଏସ୍‌ଟି + ₹ ୫୦୦ ଏସ୍‌ଜିଏସ୍‌ଟି)କୁ ହ୍ରାସ କରାଯାଇଛି, ଯଦି ରିଟର୍ନ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ। | ଅଧିସୂଚନା ସଂ. ୦୮/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ଯେଉଁ ପଞ୍ଜୀକୃତ ବ୍ୟକ୍ତିମାନଙ୍କ ପଞ୍ଜୀକରଣକୁ ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୩୧।୧୨।୨୦୨୨ରିଖ କିମ୍ବା ତାହା ପୂର୍ବରୁ ରଦ୍ଦ କରିଦିଆଯାଇଥିଲା, ସେମାନେ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପଞ୍ଜୀକରଣ ରଦ୍ଦ କରାଯିବାର ପ୍ରଭାବୀ ତାରିଖ ପର୍ଯ୍ୟନ୍ତ ବିସ୍ତୃତ ସମସ୍ତ ରିଟର୍ନ ଦାଖଲ କରିବା ସହିତ ପୈଠଯୋଗ୍ୟ ଟିକସ, ସୁଧ, ଜରିମାନା ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ କରିବା ପରେ ପଞ୍ଜୀକରଣ ରଦ୍ଦକୁ ପ୍ରତ୍ୟାହାର କରିବା ପାଇଁ ଦରଖାସ୍ତ ଦାଖଲ କରିପାରିବେ। | ଅଧିସୂଚନା ସଂ. ୦୩/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ବୈଧ ଫର୍ମ ଜିଏସ୍‌ଟିଆର୍-୩ବି ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୨୮।୦୨।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଜାରି କରାଯାଇଥିବା ବେଷ୍ଟ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ଅପ୍ରଭାବୀ ବିବେଚନା କରାଯିବ, ଯଦି ଏଭଳି ରିଟର୍ନକୁ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପୈଠଯୋଗ୍ୟ ଟିକସର, ସୁଧ ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ ସହିତ ଦାଖଲ କରିଦିଆଯାଏ। | ଅଧିସୂଚନା ସଂ. ୦୬/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |

ଅଧିକ ସୂଚନା ପାଇଁ ଦୟାକରି ସ୍କାନ୍ କରନ୍ତୁ

ଏହି ସୁବର୍ଣ୍ଣ ସୁଯୋଗ ହରାନ୍ତୁ ନାହିଁ! ରିଟର୍ନ ଦାଖଲ କରି ଯୋଜନାର ଲାଭ ଉଠାଇବର ଶେଷ ତାରିଖ ପାଖେଇଆସୁଛି! ସମୟ ଥାଇ ଯୋଜନାର ଲାଭ ଉଠାନ୍ତୁ ଓ ଜଣେ ଅନୁପାଳକ ଟିକସଦାତା ହୁଅନ୍ତୁ।

cbc 15502/13/0004/2324

Central Board of Indirect Taxes and Customs
@cbic_india @cbicindia @cbicindia @CBIC INDIA @cbic www.cbic.gov.in

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୩/୨୦୨୩ Bhubaneswar, Tuesday, June 13/ 2023

# ଛେତ୍ରୀଙ୍କ ଗୋଲରେ ଭାରତ ଫାଇନାଲରେ

ଭୁବନେଶ୍ୱର, ୧୨।୬ (କ୍ରୀଡ଼ା ପ୍ରତିନିଧି)



ଭାନୁଆଟୁକୁ ପରାସ୍ତ କରିବା ପରେ ଖୁସି ମୁହୂର୍ତ୍ତରେ ଭାରତୀୟ ଫୁଟବଲ ଦଳର ଖେଳାଳି। (ଫଟୋ: ବିକାଶ ନାୟକ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଲିଗ୍ ମ୍ୟାଚରେ ଭାରତ ୧-୦ ଗୋଲରେ ଭାନୁଆଟୁକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଘରୋଇ ଦଳ ପକ୍ଷରୁ ଅଧିନାୟକ ସୁନୀଲ ଛେତ୍ରୀ ୮୦ତମ ମିନିଟରେ ଏକମାତ୍ର ବିଜୟ ସୂଚକ ଗୋଲଟି ସ୍କୋର କରିଥିଲେ। ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ସହିତ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଡବଲ୍ ପରାଜୟ ସହ ଭାନୁଆଟୁର ଚ୍ୟାଲେଞ୍ଜ ଶେଷ ହୋଇଛି। ଭାରତ ଏହାର ପ୍ରଥମ ମ୍ୟାଚରେ ମଙ୍ଗୋଲିଆକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଭାନୁଆଟୁ ୧-୩ ଗୋଲରେ ଲେବାନନଠାରୁ ହାରିଥିଲା। ଆସନ୍ତା ଗୁରୁବାର ଭାରତ ଏହାର ଶେଷ ଲିଗ୍ ମ୍ୟାଚରେ ଲେବାନନକୁ ଏବଂ ଭାନୁଆଟୁ ପ୍ରତିପକ୍ଷ ମଙ୍ଗୋଲିଆକୁ ଭେଟିବ। ମ୍ୟାଚ ଆରମ୍ଭରେ ପୂର୍ବତନ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ ସୁନୀଲ ଛେତ୍ରୀ ହିରୋ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ରଞ୍ଜିତ ପରିଡ଼ା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏସିଆରେ ୧୦ମ ଓ ଫିଫା ର୍ୟାଙ୍କିଙ୍ଗ୍‌ରେ ୧୦୧ତମ ସ୍ଥାନରେ ଥିବା ଭାରତକୁ ୧୬୪ ର୍ୟାଙ୍କ ପ୍ରାପ୍ତ ଭାନୁଆଟୁ ପୂରା ମ୍ୟାଚରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ମ୍ୟାଚ ଆରମ୍ଭରୁ ଉଭୟ ଦଳ ବଲ୍ ପୋଜେଶନ ପାଇଁ ଉଦ୍ୟମ କରିଥିଲେ। ମ୍ୟାଚର ୪ର୍ଥ ମିନିଟରେ ନନ୍ଦକୁମାର ସେକର କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ମଧ୍ୟ ପାଇଥିବା ଲଙ୍ଗ୍‌ପାସ୍‌କୁ ନିୟନ୍ତ୍ରଣ କରି ବକ୍ସ ନିକଟରେ ଥିବା ସୁନୀଲ ଛେତ୍ରୀଙ୍କ ନିକଟକୁ ପଠାଇ ଦେଇଥିଲେ। ମାତ୍ର ଛେତ୍ରୀଙ୍କ ଶଟ୍ ବିପକ୍ଷ ଦଳର ଡିଫେଣ୍ଡରଙ୍କ ଦ୍ୱାରା ଡିଫ୍ଲେକ୍ଟ ହୋଇ ଫେରି ଆସିଥିଲା। ୧୧ତମ ମିନିଟରେ ସେକର, ମହେଶ ସିଂ ନାଓରେମ୍ ଓ ଛେତ୍ରୀଙ୍କ ମିଳିତ ଉଦ୍ୟମକୁ ଭାନୁଆଟୁ ରକ୍ଷଣଭାଗ ସଫଳତାର ସହ ପ୍ରତିହତ କରିଥିଲା। ୧୬ତମ ମିନିଟରେ ଭାରତ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲେ ମଧ୍ୟ ଶୁଭାଶିଷ ବୋଷ ଦେଇଥିବା ପାସ୍‌କୁ ସେକର ଗୋଲରେ ପରିଣତ କରିପାରି ନ ଥିଲେ। ୧୮ତମ ମିନିଟରେ ଭାନୁଆଟୁ କାଉଣ୍ଟର ଆକ୍ରମଣ କରିଥିଲା। ମାତ୍ର ଆଲେକ୍ସ ସାନିଏଲ ଓ ମାଇକେଲ କୋଲୋନଙ୍କ ଉଦ୍ୟମକୁ ଭାରତୀୟ ଗୋଲକିପର ବ୍ୟର୍ଥ କରିଥିଲେ। ୨୭ତମ ମିନିଟରେ ସାମାନ୍ୟ ବର୍ଷା ହେବାରୁ କୁଲିଂ ବ୍ରେକ୍ ନିଆ ଯାଇଥିଲା। ୩୩ତମ ମିନିଟରେ ଭାରତ ପ୍ରଥମ ଥର ପାଇଁ ଟାର୍ଗେଟରେ ଶଟ୍ ମାରିଥିଲା। ଲିଷ୍ଟନ କୋଲାକୋଙ୍କଠାରୁ ବାମ ପଟରୁ ପାଇଥିବା ପାସକୁ ନିୟନ୍ତ୍ରଣକୁ ଆଣି ଛେତ୍ରୀ ଗୋଲପୋଷ୍ଟର ନିକଟତର ହୋଇଥିଲେ। ବିପକ୍ଷ ଦଳର ଗୋଲକିପର ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଗୋଲ ସେଭ୍ କରିବାରେ ସକ୍ଷମ ହୋଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଭାରତ ଆକ୍ରମଣାତ୍ମକ ଖେଳିଥିଲା। ୬୧ତମ ମିନିଟରେ ଭାରତପାଇଁ ସୁବର୍ଣ୍ଣ ସୁଯୋଗ ଆସିଥିଲା। ମହେସଙ୍କ କ୍ରସ୍ ଶଟ୍ ଭାନୁଆଟୁ ବକ୍ସକୁ ଆସିଥିଲା। ଭାନୁଆଟୁ ଗୋଲକିପର ମାସିଙ୍ଗ୍ କାଲୋଟାଙ୍ଗ୍ ଏହାକୁ ଠିକ୍‌ଭାବେ ଜଜ୍ କରିପାରି ନ ଥିଲେ। ମାତ୍ର ଦୁର୍ଭାଗ୍ୟଜନକଭାବେ ଛେତ୍ରୀଙ୍କ ହେଡ୍ ଶଟ୍ ଗୋଲପୋଷ୍ଟର ବାର୍ ନିକଟରେ ବାହାରେ ଚାଲି ଯାଇଥିଲା। କୋଚ୍ ଇଗର ଷ୍ଟିମାକ୍ ୬୨ତମ ମିନିଟରେ ୩ ଜଣ ଏବଂ ୬୪ତମ ମିନିଟରେ ଜଣେ ଖେଳାଳିଙ୍କୁ ସବ୍‌ଷ୍ଟିଚ୍ୟୁଟଭାବେ ନେଇଥିଲେ। ୮୦ତମ ମିନିଟରେ ଭାରତ ପାଇଁ ପ୍ରତୀକ୍ଷିତ ମୁହୂର୍ତ୍ତ ଆସିଥିଲା। ଅଧିନାୟକ ସୁନୀଲ ଛେତ୍ରୀ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ବାମପଟରୁ ଶୁଭାଶିଷ କ୍ରସ୍ ଶଟ୍ ଜରିଆରେ ବଲ୍‌କୁ ଭାନୁଆଟୁ ଗୋଲପୋଷ୍ଟରେ ପହଞ୍ଚାଇଥିଲେ। ଛେତ୍ରୀ ଏହାକୁ ନିୟନ୍ତ୍ରଣକୁ ଆଣି ଟପ୍ ରାଇଟ୍ କର୍ନରରେ ଗୋଲ କରିଥିଲେ। ଏହାପରେ ଭାରତୀୟ ଖେଳାଳିଙ୍କ ସେଲିବ୍ରେଶନ ଆରମ୍ଭ ହୋଇ ଯାଇଥିଲା ଏବଂ ଷ୍ଟାଡିୟମ ଭାରତ, ଭାରତ କୋଳାହଳରେ କମ୍ପି ଉଠିଥିଲା।

## ଗର୍ଭବତୀ ପତ୍ନୀଙ୍କୁ ଗୋଲ ଉତ୍ସର୍ଗ କଲେ ଛେତ୍ରୀ



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ଭାନୁଆଟୁ ବିପକ୍ଷରେ ଭାରତ ପକ୍ଷରୁ ୮୦ତମ ମିନିଟରେ ଗୋଲ ସ୍କୋର କରିଥିଲେ ଅଧିନାୟକ ସୁନୀଲ ଛେତ୍ରୀ। ଏହାପରେ ସେ ଏକ ନିଆରା ଢଙ୍ଗରେ ସେଲିବ୍ରେଶନ କରିଥିଲେ। ବଲ୍‌କୁ ନିଜ ଜର୍ସି ମଧ୍ୟରେ ଭର୍ତ୍ତିକରି ସେ ଷ୍ଟାଡିୟମରେ ଉପସ୍ଥିତଥିବା ନିଜ ଗର୍ଭବତୀ ପତ୍ନୀଙ୍କ ଉଦ୍ଦେଶ୍ୟରେ ଗୋଲକୁ ଉତ୍ସର୍ଗ କରିଥିଲେ। ରେଫରି ଏହାକୁ ବୁଝିପାରିଥିଲେ। ଛେତ୍ରୀଙ୍କ ସହିତ ହାତ ମିଳାଇ ବଲ୍ ନେଇଥିଲେ। ୮୫ତମ ମିନିଟରେ ଛେତ୍ରୀ ବାହାରକୁ ଯାଇଥିଲେ। ତାଙ୍କ ସ୍ଥାନରେ ସବ୍‌ଷ୍ଟିଚ୍ୟୁଟ ଭାବେ ରହିମ ଅଲୀ ପଡ଼ିଆ ମଧ୍ୟକୁ ଆସିଥିଲେ।

# ପଏଣ୍ଟ ଭାଗକଲେ ଲେବାନନ-ମଙ୍ଗୋଲିଆ

ଭୁବନେଶ୍ୱର, ୧୨।୬ (କ୍ରୀଡ଼ା ପ୍ରତିନିଧି)



ଲେବାନନ-ମଙ୍ଗୋଲିଆ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଚତୁଃରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ଲେବାନନ-ମଙ୍ଗୋଲିଆ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଫଳରେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ଭାଗ କରିଥିଲେ। ନିଜର ପ୍ରଥମ ମ୍ୟାଚରେ ଭାନୁଆଟୁକୁ ୩-୧ ଗୋଲରେ ହରାଇଥିବା ଲେବାନନ ୨ ମ୍ୟାଚରୁ ୪ ପଏଣ୍ଟ ସହିତ ଫାଇନାଲ ଦିଗରେ ଗୋଟିଏ ପାଦ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ପ୍ରଥମ ମ୍ୟାଚରେ ଭାରତ ନିକଟରୁ ୦-୨ରେ ହାରିଯାଇଥିବା ମଙ୍ଗୋଲିଆ ଏହି ମ୍ୟାଚରେ ପଏଣ୍ଟ ଖାତା ଖୋଲିଛି। ମଙ୍ଗୋଲିଆ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଗୁରୁବାର ଅପେକ୍ଷାକୃତ ଦୁର୍ବଳ ଭାନୁଆଟୁକୁ ଭେଟିବ। ତେଣୁ ଏହି ଦଳର ମଧ୍ୟ ଆଗକୁ ବଢ଼ିବା ସମ୍ଭାବନା ରହିଛି। କାରଣ ଲେବାନନ ଏହାର ଶେଷ ଲିଗ୍ ମ୍ୟାଚରେ ଶକ୍ତିଶାଳୀ ଭାରତକୁ ଭେଟିବ।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ**

ଘରୋଇ ପରିବେଶରେ ଭାରତ ଉତ୍ସାହୀ ପ୍ରଦର୍ଶନ କରୁଥିବାରୁ ଏହାକୁ ହରାଇବା ଲେବାନନ ପାଇଁ ସହଜ ହେବନାହିଁ। ଯଦି ଲେବାନନ ନିଜର ଶେଷ ମ୍ୟାଚରେ ହାରିଯାଏ ଏବଂ ମଙ୍ଗୋଲିଆ ବିଜୟୀ ହୁଏ ତେବେ ଉଭୟ ଦଳର ପଏଣ୍ଟ ସଂଖ୍ୟା ୪ରେ ପହଞ୍ଚିବ। ଏ କ୍ଷେତ୍ରରେ ଗୋଲ ବ୍ୟବଧାନ ନିର୍ଣ୍ଣାୟକ ହେବ। ଦୁଇ ଦଳ ୨ଟି ଲେଖାଏ ମ୍ୟାଚ ଖେଳି ସାରିଥିବାବେଳେ ଲେବାନନର ଗୋଲ ବ୍ୟବଧାନ +୨ ଓ ମଙ୍ଗୋଲିଆର-୨ ରହିଛି। ତେଣୁ ଫାଇନାଲ ଖେଳିବା ସମ୍ଭାବନା ସୃଷ୍ଟି କରିବାକୁ ହେଲେ ମଙ୍ଗୋଲିଆକୁ ଏହାର ଅନ୍ତିମ ମ୍ୟାଚରେ ଭାନୁଆଟୁ ବିପକ୍ଷରେ ବଡ଼ ବ୍ୟବଧାନରେ ଜିତିବାକୁ ପଡ଼ିବ।

# ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଶାର ଶୁଭମ୍

ଭୁବନେଶ୍ୱର, ୧୨।୬(ସ୍ପୋର୍ଟ୍ସ ବ୍ୟୁରୋ)



ଶୁଭମ୍ ମିଶ୍ର

ଜୁଲାଇ ମାସରେ ମାଳଦ୍ୱୀପରେ ଅନୁଷ୍ଠିତ ହେବାକୁ ଥିବା ଦକ୍ଷିଣ ଏସୀୟ ସୁନ୍ଦର ସ୍ୱାସ୍ଥ୍ୟ ଚାମ୍ପିୟନଶିପରେ ଭାରତର ପ୍ରତିନିଧିତ୍ୱ କରିବେ ଓଡ଼ିଆ ପୁଅ ଶୁଭମ୍ ମିଶ୍ର। ଜୁନ୍ ୩ ଓ ୪ ତାରିଖରେ ଗୋଆରେ ଅନୁଷ୍ଠିତ ଜାତୀୟ ଆଥଲେଟିକ୍ ଫିଜିକ୍ ଫର ବଡି ବିଲ୍ଡିଂ ଚୟନ ଶିବିରରେ ଯୋଗଦେଇ ତିନୋଟି ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି ଶୁଭମ। ଦକ୍ଷିଣ ଏସୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବ୍ୟତୀତ ନେପାଳରେ ହେବାକୁ ଥିବା ଏସିଆନ୍ ଚାମ୍ପିୟନଶିପ୍ ଓ କୋରିଆରେ ହେବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଆ ପୁଅଙ୍କ ଏହି କୃତିତ୍ୱ ପାଇଁ ଓଡ଼ିଶା ବଡି ବିଲ୍ଡିଂ ଫେଡେରେଶନ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ ମହାସୁଆର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ମାଇନିଂ କର୍ପୋରେଶନର ସହକାରୀ ପରିଚାଳକ ଭାବେ କାର୍ଯ୍ୟ କରୁଥିବା ଶୁଭମ୍ ୨୦୨୧ରେ ତାଶକେଣ୍ଟରେ ଅନୁଷ୍ଠିତ ସୁନ୍ଦର ସ୍ୱାସ୍ଥ୍ୟ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ଦକ୍ଷିଣ ଏସୀୟ ଚାମ୍ପିୟନଶିପରେ ସେ ସଫଳ ହେବା ନେଇ ଆଶାବାଦୀ ରହିଥିବା ବେଳେ ଅଭ୍ୟାସ ମଧ୍ୟ ଆରମ୍ଭ କରି ଦେଇଛନ୍ତି।

**ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**



ଓଡ଼ିଶା ଟି୨୦ କ୍ରିକେଟ ଲିଗ୍ ଉଦ୍‌ଘାଟନୀ ଅବସରରେ ଭେଙ୍କଟପତି ରାଜୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଲାୟନ୍ସ, ଚିତାସ୍ ଜିତିଲେ ପ୍ରଥମ ମ୍ୟାଚ୍

**ଭୁବନେଶ୍ୱର, ୧୨।୬ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଟି୨୦ କ୍ରିକେଟ ଲିଗ୍ ୨୦୨୩ କଟକ ସ୍ଥିତ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଛି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଭେଙ୍କଟପତି ରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ୍ରିମ୍ସ ଚେୟାରମ୍ୟାନ ପ୍ରମୋଦ ଚନ୍ଦ୍ର ରଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

**ଓଡ଼ିଶା ଟି୨୦ କ୍ରିକେଟ ଲିଗ୍ ଉଦ୍‌ଘାଟିତ**

ଅନ୍ୟ ମାନଙ୍କ ମଧ୍ୟରେ ଓସିଏ ସଦସ୍ୟ ଧୀରେନ୍ ପଲାଇ, ଆପେକ୍ସ କାଉନସିଲ୍ ସଦସ୍ୟ ରାକେଶ ମହାନ୍ତି ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ। ପ୍ରଥମ ଦିନରେ ଦୁଇଟି ମ୍ୟାଚ ଖେଳା ଯାଇଥିବା ବେଳେ ଓଡ଼ିଶା ଚିତାସ୍ ଓ ଓଡ଼ିଶା ଲାୟନ୍ସ ବିଜୟୀ ହୋଇଥିଲେ। ପ୍ରଥମ ମ୍ୟାଚରେ ଓଡ଼ିଶା ଲାୟନ୍ସ ୫୦ ରନ୍‌ରେ ଓଡ଼ିଶା ଟାଇଗର୍ସକୁ ପରାସ୍ତ କରିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଲାୟନ୍ସ ୨୦ ଓଭରରେ ୩ ଉଇକେଟ ହରାଇ ୧୫୮ ରନ୍ କରିଥିଲା। ରାମଚନ୍ଦ୍ର ବେହେରା ୪୮, ଅମିନ୍ ଖାନ୍ ୩୯* ଓ ରଞ୍ଜିତ ସିଂ ୩୬ ରନ୍ କରିଥିଲେ। ଜବାବରେ ଓଡ଼ିଶା ଟାଗର୍ସ ୧୯.୨ ଓଭରରେ ୧୦୮ ରନ୍‌ରେ ଅଲଆଉଟ ହୋଇଥିଲା। ଲାୟନ୍ସ ପକ୍ଷରୁ ପ୍ରଦୀପ୍ ପ୍ରଧାନ ୩ଟି ଉଇକେଟ ନେଇଥିଲେ। ପ୍ରଦୀପ ପ୍ରଧାନଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଗୋବିନ୍ଦ ପୋଦ୍ଦାର ୫୪ ବଲ୍‌ରୁ ୧୨୦ ରନ୍ ବଳରେ ଜାଗୁଆର୍ସ ୫ ଉଇକେଟରେ ୧୮୮ ରନ୍ କରିଥିଲା। ଜବାବରେ ଗୌରବ ଚୌଧାରୀଙ୍କ ୬୨ ବଲ ୧୧୦ ରନ୍ ବଳରେ ୪ ବଲ୍ ବାକି ଥାଇ ୭ ଉଇକେଟ ହରାଇ ଚିତାସ ମ୍ୟାଚ୍ ଜିତି ନେଇଥିଲେ। ଗୌରବଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରା ଯାଇଥିଲା।

# ବେସିକ୍, ଆଡ୍‌ଭାନ୍ସ ବର୍ଗରେ ହେବ ପ୍ରତିଯୋଗିତା

ଭୁବନେଶ୍ୱର, ୧୨।୬ (କ୍ରୀଡ଼ା ପ୍ରତିନିଧି)





ସୋମବାର ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି।

ଜେ. ଏମ. ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ୨ୟ କଳିଙ୍ଗ ଓପନ ସର୍ବଭାରତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଜୁନ ୧୬ରୁ ଆରମ୍ଭ ହେବାକୁ ଯାଉଛି। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତା ମୁଖ୍ୟତଃ ୨ଟି ବର୍ଗ ବେସିକ୍ ଓ ଆଡ୍‌ଭାନ୍ସ ବର୍ଗରେ ଆୟୋଜନ ହେବ। ୮, ୧୦ ଓ ୧୨ ବର୍ଷରୁ କମ୍ ବୟସର ପ୍ରତିଯୋଗୀମାନେ ବେସିକ୍ ବର୍ଗରେ ଅଂଶଗ୍ରହଣ କରିବେ। ଜିମ୍ନାଷ୍ଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଜିଏଫ୍‌ଆଇ) ନିୟମ ଅନୁସାରେ ବାଳିକା ବର୍ଗରେ ୧୦ ଓ ୧୨ ବର୍ଷରୁ କମ୍ ଏବଂ ବାଳକରେ ୧୨ ଓ ୧୪ ବର୍ଷରୁ କମ୍ ପ୍ରତିଯୋଗୀଙ୍କୁ ନେଇ ଆଡ୍‌ଭାନ୍ସ ବର୍ଗର ପ୍ରତିଯୋଗିତା ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ୧୫ରୁ ଊର୍ଦ୍ଧ୍ୱ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଇତିମଧ୍ୟରେ ୩୦୦ରୁ ଅଧିକ ପ୍ରତିଯୋଗୀ ନାମ ପଞ୍ଜୀକୃତ କରି ସାରିଥିବାରୁ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବା ଆଶା କରାଯାଉଛି। ପ୍ରତିଯୋଗିତା ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତା ପାଇଁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିବା ଜିମ୍ନାଷ୍ଟଙ୍କୁ ଯଥାକ୍ରମେ ୧୦୦୦୦, ୬୦୦୦ ଓ ୪୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜେ. ଏମ. ସ୍ପୋର୍ଟ୍ସ ଏକାଡେମୀ ଅଧକ୍ଷା ମିରାରାଣୀ ଦାସ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ପରିଚାଳନା ପାଇଁ ୩୦ ଅଫିସିଆଲ ନିୟୋଜିତ ହେବେ। ୬ ,୮,୧୦,୧୨ ଓ ୧୪ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେବ। ଖେଳାଳିଙ୍କ ପାଇଁ ଖାଦ୍ୟ, ରହିବା, ସୁରକ୍ଷା ବ୍ୟବସ୍ଥା, ଗମନାଗମନ ସହିତ ସାନିଟାଇଜ ବ୍ୟବସ୍ଥା ମଧ୍ୟ କରାଯାଇଛି। ଖେଳାଳିଙ୍କ ସହିତ ଆସିଥିବା ଅଭିଭାବକଙ୍କୁ ମଧ୍ୟ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ବାଳିକା ବର୍ଗରେ ୪ଟି ଓ ବାଳକ ବର୍ଗରେ ୬ ବିଭାଗରେ ପ୍ରତିଯୋଗିତା ହେବ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜେ. ଏମ୍. ସ୍ପୋର୍ଟସ୍ ଏକାଡେମୀ ସମ୍ପାଦକ ଯଶୋବନ୍ତ ଦାସ, ଆଇନଗତ ପରାମର୍ଶଦାତା ସୁବ୍ରତ ମହାପାତ୍ର, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ, ମୁଖ୍ୟ ପୃଷ୍ଠପୋଷକ ଅତିଶ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**କଳିଙ୍ଗ ଓପନ ସର୍ବଭାରତୀୟ ଜିମ୍ନାଷ୍ଟିକ୍ସ**

**ଜୁନ୍ ୧୬ରେ ଆରମ୍ଭ, ୧୮ରେ ଶେଷ**

**ପ୍ରତିଯୋଗିତାର ଇଭେଣ୍ଟ**

**ବାଳିକା:** ଫ୍ଲୋର ଏକ୍ସରସାଇଜ୍, ବାଲାସିଂ ବିମ୍, ଟେବୁଲ ଭଲ୍ଟ ଓ ଅନ୍‌ଇଭେନ୍ ବାର୍

**ବାଳକ:** ଫ୍ଲୋର ଏକ୍ସରସାଇଜ୍, ଟେବୁଲ ଭଲ୍ଟ, ରୋମାନ ରିଙ୍ଗ୍ସ, ପାରାଲାଲ ବାର୍, ହରାଇଜୋଣ୍ଟାଲ ବାର୍ ଓ ପୋମେଲ ହର୍ସ।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ